ISSN-0971-8397

# ଯୋଜନା

ଫେବୃୟାରୀ ୨୦୧୭ | ବିକାଶ ମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ସ୍ୱଳ୍ପନଗଦ ଅର୍ଥନୀତି

ବିମୁଦ୍ରୀକରଣ : ଏକ ସିଂହାବଲୋକନ
ଅରୁଣ ଜେଟ୍‌ଲୀ

ନଗଦ ଅର୍ଥନୀତିରୁ ସ୍ୱଳ୍ପନଗଦ ଅର୍ଥନୀତି
ପ୍ରଭାକର ସାହୁ ଓ ଅମୋଘ ଆରୋରା

ସ୍ୱଳ୍ପନଗଦ ଭିତ୍ତିକ ଅର୍ଥନୀତି: ସାଇବର ସୁରକ୍ଷା ପ୍ରସଙ୍ଗ
ବି.ଏମ୍. ମେହେନ୍ତେ

ନଗଦହୀନ ଗ୍ରାମ୍ୟ ଅର୍ଥନୀତି ସନ୍ଧାନରେ
ସମୀରା ସୌରଭ

ଫୋକସ୍
ବିମୁଦ୍ରାୟନ ଓ ନିର୍ବାଚନରେ କଳାଧନର ମୁକାବିଲା
ଏସ୍.ୱାଇ. କ୍ୟୁରେସି

ବିଶେଷ ପ୍ରବନ୍ଧ
ସ୍ୱଳ୍ପନଗଦ ଭିତ୍ତିକ ଅର୍ଥନୀତି : ଅନ୍ତରାଷ୍ଟ୍ରୀୟ ଓ ଭାରତୀୟ ପରିସ୍ଥିତି
ଅର୍ପିତା ମୁଖାର୍ଜୀ ଓ ତନୁ ଏମ୍. ଗୋୟାଲ



# ବିକାଶର ରୋଡ୍‌ମ୍ୟାପ୍

## ବିଶ୍ୱର ଦୀର୍ଘତମ ଏଲ୍‌ଇଡି ରାସ୍ତା ଆଲୋକୀକରଣ କାର୍ଯ୍ୟକ୍ରମ

ଏଲ୍‌ଇଡି ଲାଇଟ୍ ଦ୍ୱାରା ଜାତୀୟ ରାସ୍ତା ଆଲୋକୀକରଣ କାର୍ଯ୍ୟକ୍ରମ ବର୍ତ୍ତମାନ ଦକ୍ଷିଣ ଦିଲ୍ଲୀ ମହାନଗର ନିଗମ ଅଂଚଳରେ କାର୍ଯ୍ୟକାରୀ ହେଉଛି। ୨୦୧୭ ଜାନୁଆରୀ ୯ ତାରିଖରେ ଏହାକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହା ବିଶ୍ୱର ଦୀର୍ଘତମ ରାସ୍ତା ଆଲୋକୀକରଣ କାର୍ଯ୍ୟକ୍ରମ ଯେଉଁଥିରେ ସାଧାରଣ ଲାଇଟ୍ ସ୍ଥାନରେ ଏଲ୍‌ଇଡି ଲାଇଟ୍ ବ୍ୟବହାର କରାଯାଉଛି। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ପ୍ରକଳ୍ପ ଭାବେ କାର୍ଯ୍ୟ କରୁଥିବା ଏନର୍ଜି ଏଫିସିଏନ୍‌ସି ସର୍ଭିସେସ୍ ଲିମିଟେଡ୍ (ଇଇଏସ୍‌ଏଲ୍) ଦ୍ୱାରା ଏହି ଆଲୋକୀକରଣ କାର୍ଯ୍ୟ କରାଯାଉଛି।

ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ଆସାମ, ତ୍ରିପୁରା, ଝାଡଖଣ୍ଡ, ଛତିଶଗଡ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ, ଗୋଆ, ମହାରାଷ୍ଟ୍ର, ଗୁଜରାଟ ଏବଂ ରାଜସ୍ଥାନରେ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ଦେଶର ୧୫.୫୯ ଲକ୍ଷ ରାସ୍ତା ଆଲୋକକୁ ଏଲ୍‌ଇଡି ବଲ୍‌ବ ଦ୍ୱାରା ବଦଳାଯାଇ ସାରିଛି ଯାହାଦ୍ୱାରା ୫୧.୪୭ ମେଗାୱାଟ୍ ବିଦ୍ୟୁତ୍ ବ୍ୟବହାର ସ୍ଥାନରେ ୨୦.୬୬ କୋଟି କିଲୋୱାଟ୍ ବିଦ୍ୟୁତ୍ ସଂରକ୍ଷଣ କରାଯାଇପାରିଛି। ଏହାଦ୍ୱାରା ବାର୍ଷିକ ୧.୭୧ ଲକ୍ଷ ଟନ୍‌ର ସବୁଜଘର ଗ୍ୟାସ୍ ନିର୍ଗମନକୁ ହ୍ରାସ କରାଯାଇପାରିଛି। ଭାରତର ଶକ୍ତି ଦକ୍ଷତା ବଜାରକୁ ୧୨ ବିଲିୟନ୍ ଆମେରିକୀୟ ଡଲାର ଆକଳନ କରାଯାଇଛି। ତେବେ ନୂତନ ବ୍ୟବସାୟ ପ୍ରକ୍ରିୟା ଓ ବିଜୁଳି ବ୍ୟବହାର ପ୍ରକ୍ରିୟାରେ ପରିବର୍ତ୍ତନ ଆଣିପାରିଲେ ବର୍ତ୍ତମାନ ବ୍ୟବହାର ହେଉଥିବା ବିଜୁଳିର ୨୦ ପ୍ରତିଶତ ଶକ୍ତି ସଂରକ୍ଷଣ କରାଯାଇପାରିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ଆସନ୍ତା ୭ ବର୍ଷ ମଧ୍ୟରେ ହାରାହାରି ୧୩୫ କୋଟି ଟଙ୍କା ଏବଂ ଆଗକୁ ବାର୍ଷିକ ୫୦ କୋଟିରୁ ଅଧିକ ଟଙ୍କା ସଂଚୟ କରାଯାଇପାରିବ ବୋଲି ଆକଳନ କରାଯାଇଛି। ଏହି ଅର୍ଥକୁ ଦେଶର ସାମାଜିକ ବିକାଶ କ୍ଷେତ୍ରରେ ଖର୍ଚ୍ଚ କରାଯାଇପାରିବ ଏବଂ ଲୋକଙ୍କୁ ଏଥିପାଇଁ ଅଧିକ ମୂଲ୍ୟ ଦେବାକୁ ପଡିବ ନାହିଁ।

## ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ସ୍ଥାନଗୁଡିକରେ ରାସ୍ତା ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁମୋଦିତ

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତୀୟ ସଂସଦୀୟ କମିଟି ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲାଗୁଡିକରେ ସୁରକ୍ଷା ଦୃଷ୍ଟିକୋଣରୁ ଗ୍ରାମୀଣ ରାସ୍ତା ସଂଯୋଗୀକରଣରେ ଉନ୍ନତି ଆଣିବା ଲକ୍ଷ୍ୟରେ "ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ସ୍ଥାନଗୁଡିକରେ ରାସ୍ତା ସଂଯୋଗୀକରଣ କାର୍ଯ୍ୟକ୍ରମ"କୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ୪୪ଟି ଜିଲ୍ଲା ଏବଂ ଏହାର ଆଖପାଖ ଜିଲ୍ଲା ଯେଉଁଠାରେ ଗମନାଗମନ ଓ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ସେଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧିନରେ ରାସ୍ତା ନିର୍ମାଣ, କଲଭର୍ଟ, ଓ ଡ୍ରେନେଜ୍ ବ୍ୟବସ୍ଥା ଆଦି କରିବା ପାଇଁ କାର୍ଯ୍ୟ କରିବ। ଏହି ଯୋଜନାରେ ବର୍ଷତମାମ କାର୍ଯ୍ୟ କରିବା ଭଳି ସବୁଦିନିଆ ସଡକ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଅଧିନରେ ୧୧,୭୨୪.୫୩ କୋଟି ଟଙ୍କା ବ୍ୟୟରେ ଏହିସବୁ ଜିଲ୍ଲାଗୁଡିକରେ ୫,୪୧୧.୮୧ କି.ମି. ରାସ୍ତା ଏବଂ ୧୨୬ଟି ପୋଲ/ନାଳ ସଂଯୋଗୀକରଣ ବ୍ୟବସ୍ଥା କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ହାରରେ ପାଣ୍ଠି ଭାଗ କରାଯିବ। ତେବେ ୮ଟି ଉତ୍ତର ପୂର୍ବ ରାଜ୍ୟ ଏବଂ ୩ଟି ହିମାଳୟ ପାଦଦେଶ ରାଜ୍ୟ (ଜମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ)ରେ ଏହି ପାଣ୍ଠି ଭାଗିଦାରୀ ୯୦:୧୦ ହାରରେ କରାଯିବ। ଏହି ପ୍ରକଳ୍ପର ସମୟସୀମା ୨୦୧୬-୧୭ରୁ ୨୦୧୯-୨୦ ଚାରି ବର୍ଷ ଧାର୍ଯ୍ୟ କରାଯାଇଛି।

"ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳ ଗୁଡିକରେ ରାସ୍ତା ସଂଯୋଗୀକରଣ କାର୍ଯ୍ୟକ୍ରମ" ଗୃହ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ ହୋଇଥିବା ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ୩୫ଟି ଜିଲ୍ଲା ଯେଉଁଠାରେ ଦେଶର ୯୦% ଉଗ୍ରବାଦ ଜନିତ ହିଂସା ସଂଘଟିତ ହୋଇଥାଏ ଓ ଏହାର ଆଖପାଖ ୯ଟି ଜିଲ୍ଲା ଯେଉଁଠାରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ସେହିସବୁ ଅଂଚଳରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ଅଧିନରେ ସୁରକ୍ଷା ଦୃଷ୍ଟିକୋଣରୁ ସଙ୍ଗୀନ୍ ଅନ୍ୟ ଜିଲ୍ଲା ରାସ୍ତା, ଗାଁ ରାସ୍ତା ନିର୍ମାଣ ଏବଂ ବର୍ତ୍ତମାନ ରହିଥିବା ଜିଲ୍ଲା ମୁଖ୍ୟ ରାସ୍ତାଗୁଡିକର ମରାମତି କରାଯିବ। ଏହି ରାସ୍ତାଗୁଡିକରେ ସୁରକ୍ଷା ଦୃଷ୍ଟିରୁ ୧୦୦ ମିଟର ପର୍ଯ୍ୟନ୍ତ ପୋଲ ନିର୍ମାଣ ପାଇଁ ମଧ୍ୟ ଏହି ପ୍ରକଳ୍ପ ଅଧିନରେ ପାଣ୍ଠି ଯୋଗାଇ ଦିଆଯିବ।

# ଯୋଜନା

**ଚତୁର୍ବିଂଶ ବର୍ଷ: ପଞ୍ଚମ ସଂଖ୍ୟା : ଫେବୃଆରୀ ୨୦୧୭**

## ଏ ସଂଖ୍ୟାରେ...

| କ୍ର.ସଂ. | ସୃଷ୍ଟି | ଓ ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | | ୪ |
| ୨. | ବିମୁଦ୍ରୀକରଣ : ଏକ ସିଂହାବଲୋକନ | ଅରୁଣ ଜେଟ୍‌ଲୀ | ୫ |
| ୩. | ନଗଦହୀନ ଗ୍ରାମ୍ୟ ଅର୍ଥନୀତି ସନ୍ଧାନରେ | ସମୀରା ସୌରଭ | ୮ |
| ୪. | ସ୍ୱଚ୍ଛ ନଗଦ ଭିତ୍ତିକ ଅର୍ଥନୀତି : ଅନ୍ତରାଷ୍ଟ୍ରୀୟ ଓ ଭାରତୀୟ ପରିସ୍ଥିତି | ଅର୍ପିତା ମୁଖାର୍ଜୀ ଏବଂ ତନୁ ଏମ୍. ଗୋୟଲ | ୧୨ |
| ୫. | ନଗଦ ଅର୍ଥନୀତିରୁ ସ୍ୱଚ୍ଛ ନଗଦ ଅର୍ଥନୀତି | ପ୍ରଭାକର ସାହୁ, ଅମୋଘ ଆରୋରା | ୧୭ |
| ୬. | ବିମୁଦ୍ରାୟନ : ନିର୍ବାଚନରେ କଳାଧନର ମୁକାବିଲା | ଏସ୍.ୱାଇ. କ୍ୟୁରେଶି | ୨୨ |
| ୭. | ଭାରତରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଓ ସ୍ୱଚ୍ଛ ନଗଦ ଅର୍ଥନୀତି | ଜି. ରଘୁରାଜ | ୨୬ |
| ୮. | ଡିଜିଟାଲ ଅର୍ଥନୀତି ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ସମୃଦ୍ଧିକରଣ | ସଂଦୀପ ଦାସ | ୩୧ |
| ୯. | ଭ୍ରଷ୍ଟାଚାରମୁକ୍ତ ଅର୍ଥନୀତି ପାଇଁ ବିମୁଦ୍ରୀକରଣ | ଅରୁଣ କୁମାର ପଣ୍ଡା | ୩୪ |
| ୧୦. | ବିମୁଦ୍ରାୟନ : ସ୍ୱଚ୍ଛ ନଗଦ ଅର୍ଥନୀତି ଆଡ଼କୁ ପାଦେ | ଡି.ଏସ୍. ମଲ୍ଲିକ | ୩୭ |
| ୧୧. | ସ୍ୱଚ୍ଛ ନଗଦ ଭିତ୍ତିକ ଅର୍ଥନୀତି: ସାଇବର୍ ସୁରକ୍ଷା ପ୍ରସଙ୍ଗ | ଡକ୍ଟର ବି. ଏମ୍. ମେହତ୍ରେ | ୪୦ |
| ୧୨. | ନଗଦ ବିହୀନ ଅର୍ଥନୀତି ଓ କଳାଟଙ୍କା | ପ୍ରଫେସର ଦିବାକର ନାୟକ | ୪୪ |
| ୧୩. | ସ୍ୱଚ୍ଛ ନଗଦ ଭିତ୍ତିକ ଅର୍ଥନୀତି ଓ କଳାଧନ ଉପରେ ଏହାର ପ୍ରଭାବ | ଟିମ୍‌ସି ଜୟପୁରିଆ | ୪୬ |
| ୧୪. | ବିମୁଦ୍ରାୟନ, ନଗଦମୁକ୍ତ ଅର୍ଥନୀତି ଓ ବିକାଶ | ବି.କେ. ପଟ୍ଟନାୟକ | ୪୮ |
| ୧୫. | ଆପଣ ଜାଣନ୍ତି କି ? | | ୫୩ |

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଚ୍ଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

*Editor*
**YOJANA (ODIA)**
C/O : Assistant Director, (News)
Regional News Unit,
All India Radio,
Cantonment Road,
Cuttack-753001
Phone : 9437073438
Website :
www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

# ସମ୍ପାଦକୀୟ

**୨**୦୧୬ ନଭେମ୍ବର ୮ ତାରିଖ ରାତିରେ ଯେତେବେଳ ପ୍ରଧାନମନ୍ତ୍ରୀ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ କରାଯିବା ପ୍ରସଙ୍ଗ ଘୋଷଣା କଲେ ସମଗ୍ର ଦେଶ ଏହାକୁ ବିଶ୍ୱାସ କରିପାରି ନଥିଲା । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା କଳାଧନ, ଦୁର୍ନୀତି ଓ ନକଲି ମୁଦ୍ରା ପ୍ରଚଳନ ଉପରେ ରୋକ୍ ଲଗାଇବା । ସାମଗ୍ରୀର ଦର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବଜାରରୁ ୧୦୦ ଟଙ୍କିଆ ଓ ୫୦ ଟଙ୍କିଆ ନୋଟ୍ ଏକପ୍ରକାର ଉଭାନ ହୋଇଯାଇଥିବା ଦେଖିବାକୁ ମିଳୁଥିଲା । ଏବଂ ୧୦ ଟଙ୍କିଆ ନୋଟ୍‌କୁ ଯେଉଁ ଦୁଇଜଣ ବ୍ୟକ୍ତି ଗ୍ରହଣ କରିବେ ସେ କେବଳ ଭଗବାନ୍ ବା ଭିକାରୀ ହୋଇଥିବେ ବୋଲି କଟାକ୍ଷ କରାଯାଉଥିଲା ।

ଭାରତରେ ଆଗରୁ ଦୁଇଥର ବିମୁଦ୍ରୀକରଣ ପଦକ୍ଷେପ ହାତକୁ ନିଆଯାଇଛି । ପ୍ରଥମେ ଏହା ୧୯୪୬ ରେ କରାଯାଇଥିବାବେଳେ ଦ୍ୱିତୀୟଥର ୧୯୭୮ରେ କରାଯାଇଥିଲା । ଏହି ସମୟରେ ଭାରତୀୟ ଅର୍ଥନୀତି ସେତେଟା ସ୍ୱଚ୍ଛଳ ନଥିଲା । ସେତେବେଳେ ବିମୁଦ୍ରୀକରଣ କରାଯାଇଥିବା ଟଙ୍କାଗୁଡିକ ଖୁବ୍ ଉଚ୍ଚମୂଲ୍ୟର ଥିଲା ଏବଂ ଏଗୁଡିକୁ କେବଳ ଖୁବ୍ କମ୍ ଲୋକ ବ୍ୟବହାର କରୁଥିଲେ ଫଳରେ ସାଧାରଣ ଲୋକଙ୍କ ଉପରେ ଏହି ବିମୁଦ୍ରୀକରଣର ପ୍ରଭାବ ସେତେଟା ପଡିନଥିଲା । ମାତ୍ର ବର୍ତ୍ତମାନର ବିମୁଦ୍ରୀକରଣ ଘୋଷଣାର ବିଶେଷ ପ୍ରଭାବ ପଡିଛି । ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଜାରରେ ବହୁଳ ଭାବେ ପ୍ରଚଳିତ ହେଉଥିବାରୁ ଏହାର ବିମୁଦ୍ରୀକରଣ ଯୋଗୁଁ ଲୋକଙ୍କ ହାତ ଖାଲି ହୋଇଯାଇଥିଲା । ଦୈନନ୍ଦିନ ଅତ୍ୟାବଶ୍ୟକ ଜିନିଷ ଯେପରିକି ପାଉଁରୁଟି, କ୍ଷୀର, ଅଣ୍ଡା, ପନିପରିବା ଓ ଫଳ ଆଦି କିଣିବାକୁ ମଧ୍ୟ ଲୋକଙ୍କ ପାଖରେ ଟଙ୍କାର ଅଭାବ ଦେଖାଗଲା । ବିଭିନ୍ନ ଫି କିପରି ଜମା କରାଯିବ, ଦରମା କିପରି ଦିଆଯିବ ଆଦି ବିଷୟ ଲୋକଙ୍କ ଚିନ୍ତାର କାରଣ ହୋଇଗଲା । ଏଟିଏମ୍‌ରେ ଟଙ୍କା ଅଭାବ ଲୋକଙ୍କ ଅସୁବିଧାକୁ ଦ୍ୱିଗୁଣିତ କଲା । ପାଖରେ ଥିବା ନଗଦ ପୁରୁଣା ଟଙ୍କାକୁ ବ୍ୟାଙ୍କ୍‌ରେ ଜମାକରିବା, ପୁରୁଣା ନୋଟ୍ ବଦଳରେ ନୂଆ ନୋଟ୍ ଆଣିବା ଏବଂ ଏଟିଏମ୍‌ରୁ ଅଧିକ ପରିମାଣର ଟଙ୍କା ବାହାରିପାରୁନଥିବାରୁ ବ୍ୟାଙ୍କ୍‌ରୁ ଟଙ୍କା ଉଠାଣ ପାଇଁ ବ୍ୟାଙ୍କ୍ ଗୁଡିକରେ  ପ୍ରବଳ ଭିଡ଼ ପରିସ୍ଥିତି ଦେଖିବାକୁ ମିଳିଥିଲା । ଏତେସବୁ ଅସୁବିଧା ଭିତରେ ଯେଉଁଗୋଟିଏ କଥା ଲୋକଙ୍କୁ ସାନ୍ତ୍ୱନା ଦେଉଥିଲା ତାହା ହେଲା ବିମୁଦ୍ରୀକରଣ ନିଷ୍ପତ୍ତି ପଛରେ ଥିବା କାରଣ: ଦେଶକୁ କଳାଧନ ମୁକ୍ତ କରିବା ଏବଂ ଆତଙ୍କବାଦକୁ ଆର୍ଥିକ ପ୍ରୋତ୍ସାହନ ବନ୍ଦ କରିବା । ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଘୋଷଣା କରିଥିଲେ ଯେ ଏହି ପଦକ୍ଷେପ ଦୁର୍ନୀତି, କଳାଧନ ଓ ନକଲି ମୁଦ୍ରା ପ୍ରଚଳନକୁ ପ୍ରତିହତ କରିବା ନିମନ୍ତେ ସାଧାରଣ ନାଗରିକକୁ ସଶକ୍ତ କରିବ । କଳାଧନ ଅର୍ଥନୀତି ଏବଂ ଆତଙ୍କବାଦୀ ଅନୁଷ୍ଠାନଗୁଡ଼ିକୁ ଏହି କଳାଧନ ଆର୍ଥିକ ପ୍ରୋତ୍ସାହନ ଦେଉଥିବାରୁ ଏହାର ହିଂସ୍ର ଆଚରଣରେ ଅତିଷ୍ଠ ହୋଇପଡିଥିବା ସାଧାରଣ ଲୋକ ଏସବୁ କାର୍ଯ୍ୟକଳାପ ବନ୍ଦକରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଥିବାରୁ ବେଶ୍ ଆନନ୍ଦିତ ।

ସରକାର ନେଇଥିବା ଏହି ବିମୁଦ୍ରୀକରଣ ପଦକ୍ଷେପର ଅନ୍ୟ ଏକ ଲକ୍ଷ୍ୟ ହେଲା ନଗଦବିହୀନ ଅର୍ଥନୀତି ସୃଷ୍ଟି କରିବା । ନଗଦବିହୀନ କାରବାରରେ ସ୍ୱଚ୍ଛତା ରହିବ କାରଣ ସମସ୍ତ କାରବାର ଉପରେ ନଜର ରଖିହେବ ଏବଂ ଏହାକୁ ନିୟନ୍ତ୍ରଣ କରିହେବ । ଏହାଦ୍ୱାରା ସରକାର ଆଦଙ୍କବାଦୀ ଅନୁଷ୍ଠାନ ଓ ଅନ୍ୟ ଦେଶଦ୍ରୋହୀ କାର୍ଯ୍ୟକଳାପ ପାଇଁ ଦିଆଯାଉଥିବା ଅର୍ଥ ଉପରେ ନଜର ରଖିପାରିବେ । ସେହିପରି ଲୋକମାନେ ସେମାନଙ୍କ କଷ୍ଟାର୍ଜିତ ଧନ ବ୍ୟାଙ୍କ୍‌ରେ ରଖିବେ ଏବଂ ଏହା ସରକାରଙ୍କ ଜ୍ଞାତସାରରେ ରହିବ ଫଳରେ ସରକାର ଏହି ଟଙ୍କାକୁ ଋଣ ଆକାରରେ ପ୍ରଦାନ କରିପାରିବେ ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରିପାରିବେ । ତେବେ ଯେଉଁ ଦେଶରେ ଜନସଂଖ୍ୟାର ଏକ ବୃହତ୍ତ ଭାଗ ଅପାଠୁଆ ଏବଂ ଯାହାର ଗ୍ରାମାଂଚଳରେ ଡିଜିଟାଲ୍ ନେଣଦେଣ ପାଇଁ ଆବଶ୍ୟକୀୟ ଭିତ୍ତିଭୂମୀ ନାହିଁ ସେଠାରେ ଏକ ସମ୍ପୂର୍ଣ୍ଣ ନଗଦ କାରବାର ବିହୀନ ଅର୍ଥନୀତି ତିଆରି କରିବା ସମ୍ଭବ ନୁହେଁ । ତେଣୁ, ବର୍ତ୍ତମାନ ସ୍ୱଳ୍ପ ନଗଦ ଭିତ୍ତିକ ଅର୍ଥନୀତି ପ୍ରଚଳନ କରିବା ପାଇଁ ଉଦ୍ୟମ କରାଯାଉଛି । ଯେଉଁଠାରେ ସମସ୍ତ କାରବାରର କିଛିଅଂଶ ନଗଦ ଭିତ୍ତିରେ ହେବ ଏବଂ ଆଉ କିଛି ଅଂଶ କାରବାର ଡିଜିଟାଲ୍ ମାଧ୍ୟମରେ ହେବ । ଡିଜିଟାଲ୍ ମାଧ୍ୟମରେ ପଇଠ କରୁଥିବା ଲୋକ ଏବଂ ଯେଉଁମାନେ ଡିଜିଟାଲ୍ ପଇଠ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସୁବିଧା ଉପଲବ୍ଧ କରାଇଛନ୍ତି ସେମାନଙ୍କ ପାଇଁ ସରକାର ରିହାତି ବ୍ୟବସ୍ଥା କରିଛନ୍ତି ।

ସ୍ୱଳ୍ପ ନଗଦ ଭିତ୍ତିକ କାରବାରର ସବୁଠାରୁ ବଡ ସମସ୍ୟା ହେଲା ସାଇବର୍ ଅପରାଧ । ଡିଜିଟାଲ ମାଧ୍ୟମ ନଗଦ ଟଙ୍କା ପାଖରେ ରଖି ଯିବାଆସିବାର ସମସ୍ୟାକୁ ଦୂର କରୁଥିବାବେଳେ ଏହା ସାଇବର୍ ସୁରକ୍ଷାଜନିତ ବିପଦକୁ ବଢାଇଦେଇଥାଏ । ତେବେ ସାଇବର୍ ଅପରାଧ ରୋକିବା ପାଇଁ ବିଭିନ୍ନ ସମାଧାନର ପନ୍ଥା ମଧ୍ୟ ରହିଛି । ସବୁ ସମୟରେ କେବଳ ପ୍ରଯୁକ୍ତି ବିଦ୍ୟାର ଭୁଲ୍ ନୁହେଁ ବରଂ ଅନେକ ସମୟରେ ବ୍ୟବହାରକାରୀର ଅସାବଧାନତା ଯୋଗୁଁ ସାଇବର୍ ସୁରକ୍ଷାଜନିତ ସମସ୍ୟା ଉପୁଜିଥାଏ । ତେଣୁ ସାଇବର୍ ସୁରକ୍ଷା ନେଇ କଡା ନିୟମ ଲାଗୁ କରିବା ସହ ସାଇବର୍ ସୁରକ୍ଷାଜନିତ ଅସୁବିଧାକୁ ଏଡାଇବା ପାଇଁ ଲୋକମାନେ କି କି ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।

ଅର୍ଥନୀତିର ଡିଜିଟାଇଜେସନ୍ ବିଭିନ୍ନ ଦେଶରେ ଲାଗୁ କରାଯାଇଛି । ତେବେ ଏଥିରେ କେତେକ ଦେଶ ସଫଳ ହୋଇଥିବାବେଳେ ଆଉ କେତେକ ଦେଶ ସେତେଟା ସଫଳ ହୋଇନାହାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ସଫଳ ଦେଶ ଭାବେ ସ୍ୱିଡେନ୍ ନଗଦ କାରବାର ବିହୀନ ଅର୍ଥନୀତିକୁ ଆପଣେଇ ନେଇଛି । ଏହା ଭାରତରେ କେତେ ସଫଳ ହେବ ତାହା ଏହାର ଅପାଠୁଆ ଓ ଅଧାପାଠୁଆ ଲୋକଙ୍କ ମଧ୍ୟରେ କେତେ ସଚେତନତା ସୃଷ୍ଟି କରାଯାଇପାରୁଛି ତାହା ଉପରେ ନିର୍ଭର କରେ । ବିଶେଷକରି ଗ୍ରାମାଂଚଳ ଲୋକେ ଯେଉଁମାନଙ୍କ ପାଖରେ ଖୁବ୍ କମ୍ ବା ବିଲକୁଲ୍ ମଧ୍ୟ ଇଣ୍ଟରନେଟ୍ ସୁବିଧା ପହଂଚିପାରିନାହିଁ ସେମାନେ କିଭଳି ଡିଜିଟାଲ୍ ପଇଠ ବ୍ୟବସ୍ଥାକୁ ଗ୍ରହଣ କରିପାରିବେ ତାହା ଉପରେ ଏହାର ସଫଳତା ନିର୍ଭର କରେ । ସାଇବର୍ ସୁରକ୍ଷା ପ୍ରସଙ୍ଗରେ ସରକାର ଦୃଢ ନୀତି ଲାଗୁ କଲେ ଏବଂ ଲୋକଙ୍କୁ ସଚେତନ କରାଇବା ପାଇଁ କାର୍ଯ୍ୟକ୍ରମମାନ ଆୟୋଜନ କଲେ ଭାରତ ମଧ୍ୟ ବିଶ୍ୱ ଡିଜିଟାଲ୍ ଅର୍ଥନୀତି କ୍ଷେତ୍ରରେ ଏକ ସଫଳ ଦେଶ ଭାବେ ମୁଣ୍ଡ ଟେକିପାରିବ ବୋଲି ଅନୁମାନ କରାଯାଏ ।

# ବିମୁଦ୍ରୀକରଣ ପ୍ରଭାବ

**ଅରୁଣ ଜେଟ୍‌ଲୀ**

କଷ୍ଟ ଓ ଅସୁବିଧାର ସମୟ ଶେଷ ହେବାକୁ ଯାଉଛି। ଅର୍ଥନୈତିକ କାରବାର ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ବିକାଶମୂଳକ କାର୍ଯ୍ୟ ପାଇଁ ଟଙ୍କା ଋଣ ଦେବାକୁ ବ୍ୟାଙ୍କ୍‌ଗୁଡିକ ନିକଟରେ ବର୍ତ୍ତମାନ ଅଧିକ ପରିମାଣର ଅର୍ଥ ମହଜୁଦ ଅଛି। ଏହି ଅର୍ଥ ବ୍ୟାଙ୍କ୍‌ଗୁଡିକରେ ନିମ୍ନ ମୂଲ୍ୟର ଡିପୋଜିଟ୍ ଭାବେ ଜମା ହୋଇଥିବାରୁ ଏହା ନିଶ୍ଚିତଭାବେ ସୁଧହାର କମାଇବାରେ ସହାୟକ ହେବ। ଏହିସବୁ ଘଟଣା ବର୍ତ୍ତମାନସୁଦ୍ଧା ଘଟିଚାଲିଛି। କୋଟି କୋଟି ମୂଲ୍ୟର ନଗଦ ଟଙ୍କା ଯାହା ବଜାରରେ ଥିଲା ବର୍ତ୍ତମାନ ତାହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମାଧ୍ୟମରେ ଗଚ୍ଛିତ ରହିଛି। ଫଳରେ କେବଳ ଯେ ଏଭଳି ଟଙ୍କାର ପ୍ରକୃତ ମାଲିକଙ୍କ ପରିଚୟ ପ୍ରକାଶକୁ ଆସିଛି ତା' ନୁହେଁ, ବରଂ ଏହି ଟଙ୍କାର ମାଲିକମାନେ ଟିକସଭୁକ୍ତ ହେବାପରେ ସେମାନେ ଏହି ଟଙ୍କା ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିପାରିବେ।

**ପ୍ର**ଧାନମନ୍ତ୍ରୀ ଉଚ୍ଚମୂଲ୍ୟଯୁକ୍ତ ଟଙ୍କାର ବୈଧତା ରଦ୍ଦ କରିବା ଘୋଷଣା କରିବାର ଦୁଇମାସ ବିତିଗଲାଣି। ଏହି ଘୋଷଣା ପରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ଗୁଡିକର ବିମୁଦ୍ରୀକରଣ କରାଯାଇଛି। ଯେତେବେଳେ କୌଣସି ଦେଶର ୮୬% ମୁଦ୍ରା (ଯାହା ଏହାର ସକଳ ଘରୋଇ ଉତ୍ପାଦର ୧୨.୨%)କୁ ବଜାରରୁ ଉଠାଇ ନିଆଯାଏ ଏବଂ ଏହା ସ୍ଥାନରେ ନୂଆ ନୋଟ୍ ପ୍ରଚଳନ କରାଯାଏ ସେତେବେଳେ ଏହି ନିଷ୍ପତ୍ତିର ପ୍ରଭାବ ନିଶ୍ଚିତ ରୂପେ ପଡିବ। ବର୍ତ୍ତମାନ ପୁନଃମୁଦ୍ରୀକରଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ବିମୁଦ୍ରୀକରଣ ନେଇ ନିଆଯାଇଥିବା ନିଷ୍ପତ୍ତି ଓ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ଯଥାର୍ଥ ହେବ।

**୧.କଳାଧନ ବିରୁଦ୍ଧରେ ପଦକ୍ଷେପ:** ବର୍ତ୍ତମାନର ସରକାର ପ୍ରଥମ ଦିନରୁ ହିଁ ସ୍ପଷ୍ଟ କରିଥିଲେ ଯେ ତାଙ୍କ ସରକାର ଛାୟା ଅର୍ଥନୀତି ଓ କଳାଧନ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବେ। ଏହାର ପ୍ରଥମ ନିଷ୍ପତ୍ତି ଥିଲା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରିବା। ବ୍ରିସ୍‌ବେନ୍‌ଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ତଥ୍ୟ ଆଦାନପ୍ରଦାନ ନେଇ ଅନ୍ତର୍ଜାତୀୟ ସହଯୋଗ ପାଇଁ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ଆମେରିକା ସମର୍ଥନ କରିଥିଲା। ଏନେଇ ଭାରତ ସରକାର ସ୍ୱିଜରଲାଣ୍ଡ୍ ସରକାରଙ୍କ ସହ ଚୁକ୍ତି କରିଛନ୍ତି ଯାହା ୨୦୧୯ ମସିହାରୁ କାର୍ଯ୍ୟକାରୀ ହେବ। ଏହି ଚୁକ୍ତି ଅନୁସାରେ ସୁଇଜରଲାଣ୍ଡରେ ଥିବା ଭାରତୀୟ ନାଗରିକଙ୍କ ସମ୍ପତ୍ତି ସମ୍ପର୍କରେ ସୁଇଜରଲାଣ୍ଡ ସରକାର ସମସ୍ତ ତଥ୍ୟ ଯୋଗାଇଦେବେ ଏବଂ ଭାରତରେ ଥିବା ସୁଇଜରଲାଣ୍ଡ୍ ନାଗରିକଙ୍କ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଭାରତ ସରକାର ସୁଇଜରଲାଣ୍ଡ୍ ସରକାରଙ୍କୁ ଯୋଗାଇଦେବେ। ୧୯୯୬ ମସିହାରେ ମରିସସ୍ ସହ ହୋଇଥିବା ଦ୍ୱୈତ ଟିକସ ପରିହାର ଚୁକ୍ତି ଉପରେ ଆଲୋଚନା ଚାଲିଛି । ସିଙ୍ଗାପୁର ଓ ସାଇପ୍ରସ୍ ସହ ମଧ୍ୟ ସମାନ ଧରଣର ପ୍ରୟାସ କରାଯାଉଛି। କଳାଧନ ସମ୍ପର୍କିତ ଆଇନ୍ ଦ୍ୱାରା ଭାରତ ବାହାରେ ଥିବା ଅବୈଧ ସମ୍ପତ୍ତି ଉପରେ ୬୦% ଟିକସ ଓ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବିଧାନର ବାଟ ଫିଟିଛି ।

ଆୟ-ଘୋଷଣା ଯୋଜନା ୨୦୧୬କୁ ବହୁମାତ୍ରାରେ ସଫଳତା ମିଳିଛି। ଏହାଦ୍ୱାରା ୪୫% ଟିକସ ଆଦାୟ ହୋଇପାରିଛି। ଦୁଇଲକ୍ଷରୁ ଅଧିକ ଟଙ୍କାର କାରବାର ସମୟରେ ପାନ୍‌କାର୍ଡ ବାଧ୍ୟତାମୂଳକ କରାଯିବା ପରେ କଳାଧନ ଖର୍ଚ୍ଚ କରିବା ଉପରେ ପ୍ରତିବନ୍ଧକ ଲଗାଯାଇପାରିଛି। ବେନାମୀ ଆଇନ୍ ୧୯୮୮ ମସିହାରେ ସ୍ୱୀକୃତ ହୋଇଥିଲେ ମଧ୍ୟ ଏହାକୁ ଆଜିପର୍ଯ୍ୟନ୍ତ ଲାଗୁ କରାଯାଇନଥିଲା। ବର୍ତ୍ତମାନ ଏହାକୁ ସଂଶୋଧନ କରାଯାଇ ଲାଗୁ କରାଯାଇଛି। ଚଳିତ ବର୍ଷ ଲାଗୁ ହେବାକୁ ଥିବା ସାମଗ୍ରୀ ଓ ସେବା କର (ଜିଏସଟି) ପରୋକ୍ଷ କର ବ୍ୟବସ୍ଥାକୁ ଅପେକ୍ଷାକୃତ ଉନ୍ନତ କରିବା ସହ ଏହା ଏକ ଦକ୍ଷ ଆଇନ୍ ହୋଇଥିବାରୁ ଟିକସ ଫାଙ୍କିକୁ ଏଡାଇପାରିବ। ଏହିସବୁ କାରଣରୁ ଉଚ୍ଚ ମୂଲ୍ୟ ଟଙ୍କାର ବିମୁଦ୍ରୀକରଣ ଏକ ବଡ ପଦକ୍ଷେପ ଥିଲା।

**୨.ନୂତନ ସାଧାରଣ ବ୍ୟବସ୍ଥା :** ଦେଶର ସମୁଦାୟ ୧୨୫ କୋଟି ଜନସଂଖ୍ୟାରୁ ୨୦୧୫-୧୬ ମସିହାରେ ମାତ୍ର ୩.୭ କୋଟି କରଦାତା ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯୯ ଲକ୍ଷ କରଦାତା ସେମାନଙ୍କର ଆୟ ୨.୫ ଲକ୍ଷ

ଟଙ୍କାରୁ କମ୍ ବୋଲି ଦର୍ଶାଇଛନ୍ତି ଏବଂ କୌଣସି ଟିକସ ଦେଇନାହାନ୍ତି। ସେହିପରି ୧.୯୫ କୋଟି କରଦାତା ସେମାନଙ୍କର ଆୟ ୫ କୋଟିରୁ କମ୍ ଦର୍ଶାଇଛନ୍ତି ଏବଂ ୫୨ ଲକ୍ଷ ସେମାନଙ୍କର ଆୟ ୫ରୁ ୧୦ଲକ୍ଷ ଟଙ୍କା ମଧ୍ୟରେ ବୋଲି ଘୋଷଣା କରିଛନ୍ତି। ତେବେ କେବଳ ୨୪ ଲକ୍ଷ କରଦାତା ସେମାନଙ୍କର ଆୟ ୧୦ଲକ୍ଷ ଟଙ୍କାରୁ ଅଧିକ ବୋଲି ଘୋଷଣା କରିଛନ୍ତି। ଏଥିରୁ ଜଣାପଡେ ଯେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କର କ୍ଷେତ୍ରରେ ଭାରତ ସବୁଠାରୁ ଅଧିକ ଟିକସ ଖିଲାପକାରୀ ରାଷ୍ଟ୍ର ଭାବେ ପରିଗଣିତ ହେଉଛି।

ଏହା ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ, ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଖର୍ଚ୍ଚ ସାଲିସ କରିବାକୁ ପଡୁଛି। ଗତ ୭ ଦଶନ୍ଧି ଧରି "ସାଧାରଣ'' ଭାରତୀୟ ସମସ୍ତ କାରବାରର କିଛି ଭାଗ ନଗଦ ମାଧ୍ୟମରେ ଓ କିଛି ଭାଗ ଚେକ୍ ମାଧ୍ୟମରେ କରିଥାଆନ୍ତି। ବ୍ୟବସାୟିକ କ୍ଷେତ୍ରରେ "ପକ୍କା" ଓ "କଚ୍ଚା' ଆକାଉଣ୍ଟ ଥିବା ସମସ୍ତେ ଜାଣନ୍ତି। ଟିକସ ଫାଙ୍କିକୁ ଆମ ଦେଶରେ ଲୋକେ ଅନୈତିକ ବା ନୀତିବିରୁଦ୍ଧ ବୋଲି ବିବେଚନା କରନ୍ତି ନାହିଁ। ଏହାକୁ ଏକ ଗତାନୁଗତିକ ଧାରା ବୋଲି ସମସ୍ତେ ଧରି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ସମାଜରେ ଏକ ନୂତନ ସାଧାରଣ ବ୍ୟବସ୍ଥା ସୃଷ୍ଟି କରିବା ଆଶା କରାଯାଏ। ଭାରତରେ ଓ ଭାରତୀୟମାନଙ୍କ ଖର୍ଚ୍ଚ କରିବା ଶୈଳୀରେ ପରିବର୍ତ୍ତନ ଆଣିବା ଏହାର ଲକ୍ଷ୍ୟ। ଏହି ନିଉତ୍ତି ନିଶ୍ଚିତ ଭାବେ ବାଧା ସୃଷ୍ଟି କରିବ କାରଣ ସମସ୍ତ ପ୍ରକାର ପରିବର୍ତ୍ତନ ବାଧା ସୃଷ୍ଟିକାରୀ ହୋଇଥାଏ। ଏହା ପଶ୍ଚାତ୍‌ଗାମୀ ଗତାନୁଗତିକ ଧାରାକୁ ବଦଳାଇ ଦେଇଥାଏ। ଏହି ବିମୁଦ୍ରୀକରଣ ପଦକ୍ଷେପ ସାଧୁତା ପାଇଁ ସାବାସୀ ଓ ଅସାଧୁମାନଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା କରିଛି।

**୩.ନଗଦ କାରବାରର ପ୍ରତିକୂଳ ପ୍ରଭାବ:** କାଗଜ ମୁଦ୍ରା ହେଉଛି ଶୂନ୍ୟ ସୁଧଧାରୀ ଧାରକ ବଣ୍ଡ୍। ଏହାସହ କାହାର ନାମ ବା ଇତିହାସ ଯୋଡାଯାଇନଥାଏ। ଟଙ୍କାର ବ୍ୟବହାର ଥିଲେ ବା ନଥିଲେ ଅପରାଧ ଘଟିପାରେ ମାତ୍ର ଅଧିକ ମାତ୍ରାରେ ଟଙ୍କା ବିନିମୟ ହେଉଛି ଅପରାଧିକ ଜଗତର ଏକ ଲକ୍ଷଣ। ଏହା ଟିକସ ଖିଲାପକାରୀମାନଙ୍କୁ ସୁଯୋଗ ଦେବା ସହ ଗରିବ ଓ ଅଭାବଗ୍ରସ୍ତଙ୍କ ବିରୋଧରେ ଯାଇଥାଏ। ହାୱାଲା ମାଧ୍ୟମରେ ଟିକସଫାଙ୍କି ଦ୍ୱାରା ବହୁ କଳାଟଙ୍କା ଠୁଳ କରାଯାଏ । ନଗଦ ଟଙ୍କା ଦ୍ୱାରା କୌଣସି କାରବାରର ତଥ୍ୟ ପ୍ରଘଟ ହୋଇ ନଥାଏ । ଲାଂଚ, ଦୁର୍ନୀତି, ନକଲି ଟଙ୍କା ଓ ଆତଙ୍କବାଦ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବାର ମାଧ୍ୟମ ମଧ୍ୟ ଏହି ନଗଦ ଟଙ୍କା ପାଲଟିଥାଏ। ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମୃଦ୍ଧ ନୈତିକ ଓ ବିକାଶଶୀଳ ସମାଜ ଅତ୍ୟଧିକ ନଗଦ କାରବାର କରିବା ବଦଳରେ ବ୍ୟାଙ୍କିଙ୍ଗ ଓ ଡିଜିଟାଲ୍ କାରବାର ଆଡକୁ ଅଗ୍ରସର ହେଉଛନ୍ତି। କାଗଜ ନୋଟ୍ ବହୁ ଦୁର୍ନୀତି ପାଇଁ ବାଟ ଖୋଲିଥାଏ। ଯେତେବେଳେ ସରକାର ଟିକସ ଖିଲାପକାରୀଙ୍କଠାରୁ ଅଧିକ ଟିକସ ନେବାରେ ସକ୍ଷମ ହେବେ ସେତେବେଳେ ଅନ୍ୟମାନଙ୍କଠାରୁ କମ୍ ଟିକସ ନେବା ପରିସ୍ଥିତିରେ ପହଂଚିବେ। ନଗଦ ଟଙ୍କାର ବ୍ୟବହାର ସୀମିତ କଲେ ଏହା ଅପରାଧ ଓ ଆତଙ୍କବାଦ ଦୂର କରିବାରେ ସକ୍ଷମ ହୋଇନପାରେ ମାତ୍ର ଏହା ଏସବୁ ଅପରାଧମୂଳକ କାର୍ଯ୍ୟକଳାପ ପ୍ରତି ଏକ ଶକ୍ତ ଧକ୍କା ପହଂଚାଇପାରିବ ନିଶ୍ଚୟ । ବିଭିନ୍ନ ଦେଶର ଅଭିଜ୍ଞତାରୁ ଜଣାଯାଏ ଯେ ସ୍ୱୟଂ ସରକାର କାଗଜ ନୋଟ୍‌ର ପରିମାଣ ହ୍ରାସ କରିବା ପାଇଁ ପଦକ୍ଷେପ ନନେବା ପର୍ଯ୍ୟନ୍ତ ନଗଦ ଟଙ୍କାର ଭଣ୍ଡାର ଆପଣାଛାଏଁ ଉଭେଇ ଯାଏ ନାହିଁ ।

**ନଗଦ ଟଙ୍କା ଦ୍ୱାରା କୌଣସି କାରବାରର ତଥ୍ୟ ପ୍ରଘଟ ହୋଇ ନଥାଏ । ଲାଂଚ, ଦୁର୍ନୀତି, ନକଲି ଟଙ୍କା ଓ ଆତଙ୍କବାଦ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବାର ମାଧ୍ୟମ ମଧ୍ୟ ଏହି ନଗଦ ଟଙ୍କା ପାଲଟିଥାଏ। ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମୃଦ୍ଧ ନୈତିକ ଓ ବିକାଶଶୀଳ ସମାଜ ଅତ୍ୟଧିକ ନଗଦ କାରବାର କରିବା ବଦଳରେ ବ୍ୟାଙ୍କିଙ୍ଗ ଓ ଡିଜିଟାଲ୍ କାରବାର ଆଡକୁ ଅଗ୍ରସର ହେଉଛନ୍ତି। କାଗଜ ନୋଟ୍ ବହୁ ଦୁର୍ନୀତି ପାଇଁ ବାଟ ଖୋଲିଥାଏ। ଯେତେବେଳେ ସରକାର ଟିକସ ଖିଲାପକାରୀଙ୍କଠାରୁ ଅଧିକ ଟିକସ ନେବାରେ ସକ୍ଷମ ହେବେ ସେତେବେଳେ ଅନ୍ୟମାନଙ୍କଠାରୁ କମ୍ ଟିକସ ନେବା ପରିସ୍ଥିତିରେ ପହଂଚିବେ। ନଗଦ ଟଙ୍କାର ବ୍ୟବହାର ସୀମିତ କଲେ ଏହା ଅପରାଧ ଓ ଆତଙ୍କବାଦ ଦୂର କରିବାରେ ସକ୍ଷମ ହୋଇନପାରେ ମାତ୍ର ଏହା ଏସବୁ ଅପରାଧମୂଳକ କାର୍ଯ୍ୟକଳାପ ପ୍ରତି ଏକ ଶକ୍ତ ଧକ୍କା ପହଂଚାଇପାରିବ ନିଶ୍ଚୟ ।**

**୪.ନିଷ୍ପତ୍ତିର ଗୁରୁତ୍ୱ:** ଉଚ୍ଚମୂଲ୍ୟ ଟଙ୍କାକୁ ବୀମୁଦ୍ରୀକରଣ କରିବା ଏବଂ ଏଗୁଡିକୁ ଅବୈଧ ଘୋଷଣା କରିବା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ନିଷ୍ପତ୍ତି ପାଇଁ ଉଭୟ ସାହସ ଓ ସାମର୍ଥ୍ୟ ଆବଶ୍ୟକ ଥିଲା। ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି। ଏଥିନିମନ୍ତେ କମ୍ ସମୟ ପାଇଁ ହେଉ ପଛେ ସମାଲୋଚନାର ଶିକାର ହେବାକୁ ପଡିଥିଲା ଏବଂ ବହୁ ଅସୁବିଧା ସୃଷ୍ଟି ହୋଇଥିଲା। ପୁନଃମୁଦ୍ରୀକରଣ ସମୟରେ ନଗଦ ଟଙ୍କାର ମାତ୍ରା ସୀମିତ ହୋଇଯିବା ଫଳରେ ଅର୍ଥନୈତିକ କାରବାର କମିଯିବା ସହ ଅର୍ଥନୀତି ଉପରେ ଏହାର କ୍ଷଣସ୍ଥାୟୀ ପ୍ରଭାବ ପଡିଛି। ଏହି ନିଷ୍ପତ୍ତିକୁ ଖୁବ୍ ସତର୍କତାର ସହ ଗୋପନୀୟ ରଖାଯାଇଥିଲା ଏବଂ ସମାନ ପରିମାଣର ଟଙ୍କା ଛପାଇବା, ଏହାକୁ ବ୍ୟାଙ୍କ୍, ପୋଷ୍ଟ୍ ଅଫିସ୍, ବ୍ୟାଙ୍କିଙ୍ଗ୍ ମିତ୍ର, ଓ ଏଟିଏମ୍ ମାଧ୍ୟମରେ ବିତରଣ କରାଯିବା ବ୍ୟବସ୍ଥା କରାଯାଇଥିଲା।

ଅଧିକ ପରିମାଣର ଉଚ୍ଚମୂଲ୍ୟଯୁକ୍ତ ଟଙ୍କା ବ୍ୟାଙ୍କ୍‌ରେ ଜମା ହେବା ଫଳରେ ଏହା ନୈତିକ ଟଙ୍କା ଭାବେ ଗଣାଯିବ ବୋଲି ଭାବିବା ଭୁଲ୍। କେବଳ ବ୍ୟାଙ୍କ୍‌ରେ ଜମା ହୋଇଗଲେ କଳାଧନ ଏହାର ରଙ୍ଗ ପରିବର୍ତ୍ତନ କରିପାରିବ ନାହିଁ। ପ୍ରତିବଦଳରେ ଏହା ବ୍ୟାଙ୍କ୍‌ରେ ଜମା ହେବା ଫଳରେ ଏହା ବେନାମୀ ନହୋଇ ଏହାର ପ୍ରକୃତ ମାଲିକ କିଏ ଜାଣିହେବ। ଏହାଦ୍ୱାରା ରାଜସ୍ୱ ବିଭାଗ

ଏହି ଟଙ୍କା ଉପରେ ଟିକସ ଲାଗୁ କରିପାରିବେ। ସଂଶୋଧିତ ଆୟକର ନିୟମ ଅନୁସାରେ କୌଣସି କ୍ଷେତ୍ରରେ ଯଦି କଳାଧନ ମହଜୁଦ୍‌କାରୀ ଏହାକୁ ସ୍ୱତଃପ୍ରବୃତ ଭାବେ ଘୋଷଣା କରନ୍ତି ବା ଏହା କୌଣସି ଉପାୟରେ ଧରାପଡେ ତେବେ ଏହା ଉପରେ ଅଧିକ ପରିମାଣର ଟିକସ ଲାଗୁ କରାଯିବା ସହ ଦଣ୍ଡବିଧାନ ପାଇଁ ମଧ୍ୟ ନିୟମ ଧାର୍ଯ୍ୟ କରାଯାଇଛି।

**୫.ବର୍ତ୍ତମାନର ପରିସ୍ଥିତି:** କଷ୍ଟ ଓ ଅସୁବିଧାର ସମୟ ଶେଷ ହେବାକୁ ଯାଉଛି। ଅର୍ଥନୈତିକ କାରବାର ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ବିକାଶମୂଳକ କାର୍ଯ୍ୟ ପାଇଁ ଟଙ୍କା ଋଣ ଦେବାକୁ ବ୍ୟାଙ୍କ୍‌ଗୁଡିକ ନିକଟରେ ବର୍ତ୍ତମାନ ଅଧିକ ପରିମାଣର ଅର୍ଥ ମହଜୁଦ ଅଛି। ଏହି ଅର୍ଥ ବ୍ୟାଙ୍କ୍‌ଗୁଡିକରେ ନିମ୍ନ ମୂଲ୍ୟର ଡିପୋଜିଟ୍ ଭାବେ ଜମା ହୋଇଥିବାରୁ ଏହା ନିଶ୍ଚିତଭାବେ ସୁଧହାର କମାଇବାରେ ସହାୟକ ହେବ। ଏହିସବୁ ଘଟଣା ବର୍ତ୍ତମାନସୁଦ୍ଧା ଘଟିଚାଲିଛି। କୋଟି କୋଟି ମୂଲ୍ୟର ନଗଦ ଟଙ୍କା ଯାହା ବଜାରରେ ଥିଲା ବର୍ତ୍ତମାନ ତାହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମାଧ୍ୟମରେ ଗଚ୍ଛିତ ରହିଛି। ଫଳରେ କେବଳ ଯେ ଏଭଳି ଟଙ୍କାର ପ୍ରକୃତ ମାଲିକଙ୍କ ପରିଚୟ ପ୍ରକାଶକୁ ଆସିଛି ତା' ନୁହେଁ, ବରଂ ଏହି ଟଙ୍କାର ମାଲିକମାନେ ଟିକସଭୁକ୍ତ ହେବାପରେ ସେମାନେ ଏହି ଟଙ୍କା ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିପାରିବେ । ବ୍ୟାଙ୍କ୍ କାରବାର ଓ ଅର୍ଥନୀତିର ଆକାର ଏବେ ନିଶ୍ଚିତଭାବେ ବୃଦ୍ଧି ପାଇବ। ଆଗକୁ ସକଳ ଘରୋଇ ଉତ୍ପାଦର କ୍ଷେତ୍ର ବିଶାଳ ଓ ସ୍ୱଚ୍ଛ ହେବ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ପରିମାଣର ଟଙ୍କା ପ୍ରବେଶ କରିବା ଓ ସରକାରଙ୍କ ଗୋଚରରେ ସମସ୍ତ କାରବାର ହେବା ଫଳରେ ଅଧିକ ଟିକସ (ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ) ଆଦାୟ ହୋଇ ପାରିବ । ଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଲାଭବାନ୍ ହେବେ। ଏହାଦ୍ୱାରା ଅର୍ଥନୀତି ଉଭୟ ନଗଦ ଓ ଉନ୍ନତ ଡିଜିଟାଲ୍ ମାଧ୍ୟମରେ କାରବାର ଦ୍ୱାରା ପରିଚାଳିତ ହେବ।

ଲେଖକ ହେଉଛନ୍ତି କେନ୍ଦ୍ର ବିତ୍ତ ମନ୍ତ୍ରୀ।

## ଇଣ୍ଡିଆନ ଅଏଲର ସ୍ମାର୍ଟ ଟର୍ମିନାଲରୁ ସର୍ବୋତ୍ତମ ସେବା ଉପଲବ୍ଧ

ଗ୍ରାହକମାନଙ୍କୁ ସୁବିଧା ସୁଯୋଗ ଏବଂ ଅଭିଯୋଗ ମୁକ୍ତ ସେବା ପ୍ରଦାନ କରିବା ନିମନ୍ତେ ଇଣ୍ଡିଆନ ଅଏଲର ସେବା ପ୍ରଦାନ ସ୍ଥଳରେ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ନ୍ୟୁନତମ ମାନବୀୟ ହସ୍ତକ୍ଷେପ ଦ୍ୱାରା ସର୍ବାଧିକ ନିର୍ଭୁଲ ସେବା ପ୍ରଦାନ ଲକ୍ଷ୍ୟରେ ସର୍ବଦା ଚେଷ୍ଟିତ । ଅକ୍ଟୋବର ୨୦୧୫ରେ ଏହାର ପ୍ରଥମ ସ୍ମାର୍ଟ ଟର୍ମିନାଲ କାର୍ଯ୍ୟକ୍ଷମହେବା ସହିତ, ଇଣ୍ଡିଆନ ଅଏଲ ଇତିମଧ୍ୟରେ (କୌଣସି ଏକକ କମ୍ପାନୀ ଦ୍ୱାରା ଦେଶର ସର୍ବୋଚ୍ଚ ସଂଖ୍ୟକ) ୪୦ଟି ସ୍ମାର୍ଟ ଟର୍ମିନାଲ ଚାଲୁ କରିଛନ୍ତି ଏବଂ ୨୦୧୮ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଅବଶିଷ୍ଟ ଷ୍ଟୋରେଜ ଟର୍ମିନାଲଗୁଡ଼ିକ ସ୍ମାର୍ଟ ଟର୍ମିନାଲରେ ପରିଣତ କରାଯିବ । ବର୍ତ୍ତମାନ ସୁଦ୍ଧା ଇଣ୍ଡିଆନ ଅଏଲର ଦେଶର ବିଭିନ୍ନ ପ୍ରାନ୍ତରରେ ଅବସ୍ଥିତ ୧୩୦ଟି ଷ୍ଟୋରେଜ ଟର୍ମିନାଲ ଏହାର ପିଓଏଲ୍ ଯୋଗାଣ ଏବଂ ବିତରଣ କ୍ଷେତ୍ରରେ ମେରୁଦଣ୍ଡ ସଦୃଶ । ଏହି ସ୍ମାର୍ଟ ଟର୍ମିନାଲ ଏପରି ଏକ ସ୍ଥାନ ଯେଉଁଠାରେ ଟ୍ୟାଙ୍କ-ଟ୍ରକର ଆଗମନଠାରୁ ଆରମ୍ଭ କରି ଭର୍ତ୍ତି ଏବଂ ପ୍ରସ୍ଥାନ ସ୍ୱୟଂକ୍ରିୟ ଅଟେ ।ଗୋଟିଏ କେନ୍ଦ୍ରୀୟ ସ୍ୱୟଂକ୍ରିୟ ପ୍ରଣାଳୀ ସମସ୍ତ ମୁଖ୍ୟ କାର୍ଯ୍ୟର ଯତ୍ନ ନେଇଥାଏ । ଯାହାଫଳରେ କର୍ମଚାରୀମାନେ ଜରୁରୀ ରକ୍ଷଣାବେକ୍ଷଣ, ନିରାପତ୍ତା ସମ୍ବନ୍ଧୀୟ ସହାୟତା ଏବଂ ଗ୍ରାହକମାନଙ୍କୁ ଗୁଣଗତଭାବେ ସହାୟତା ପ୍ରଦାନ କରିଥାଆନ୍ତି । ଇଣ୍ଡିଆନ ଅଏଲ ସଫଳତାପୂର୍ବକ ସ୍ୱୟଂକ୍ରିୟ ପ୍ରଯୁକ୍ତିର ଉପଯୋଗ ଦ୍ୱାରା, ମାନବୀୟ ହସ୍ତକ୍ଷେପ ବ୍ୟତିରେକ ୨୪ଘଣ୍ଟା ଟ୍ୟାଙ୍କ୍ ଲରି ଫିଲିଂ (ଟିଏଲ୍‌ଏଫ୍) କାର୍ଯ୍ୟ କରିଆସୁଅଛି ।

ଭାରତୀୟ ତୈଳ ଏବଂ ଗ୍ୟାସ୍ ଶିଳ୍ପ ନିମନ୍ତେ ସ୍ମାର୍ଟ ଟର୍ମିନାଲର ସଂଚାଳନ ଏକ ଅଭିନବ ପ୍ରୟାସ ଏବଂ ଏହାଦ୍ୱାରା ଷ୍ଟୋରେଜ୍ ଟର୍ମିନାଲ ଗୁଡ଼ିକର କାର୍ଯ୍ୟଧାରାରେ ସ୍ୱଚ୍ଛତା, ଦକ୍ଷତା ଏବଂ ପାରଦର୍ଶିତାର ଅଭିବୃଦ୍ଧି ଘଟିଅଛି । ସ୍ମାର୍ଟ ଟର୍ମିନାଲ ବ୍ୟବସ୍ଥା, ଇଣ୍ଡିଆନ ଅଏଲର ନିଜସ୍ୱ ଦକ୍ଷତା ଏବଂ ଆଭ୍ୟନ୍ତରୀଣ ସମ୍ପଦର ଉପଯୋଗ ଫଳରେ ସମ୍ଭବ ହୋଇଥିବା ଏକ ଔଦ୍ୟୋଗିକ ଶ୍ରେଷ୍ଠତା । ସମଗ୍ର ସଫ୍ଟୱୟାରଟି ନିଜସ୍ୱ ଜ୍ଞାନକୌଶଳ ଏବଂ ଏହାର ଏସ୍‌ଏପି ଓ ଏସ୍‌ଆଣ୍ଡିଡିମଡ୍ୟୁଲ ଉପଯୋଗରେ ନିର୍ମିତ, ଯାହା ଇଣ୍ଟେଲିଜେଣ୍ଟ ଡାଟା ରିପୋଟିଂ ସହିତ ଖର୍ଚ୍ଚ ଶାସ୍ତ୍ରୟକାରୀ ଅଟେ । ଏହି ବିକାଶ ଦ୍ୱାରା ନିଶ୍ଚିତ ହୋଇଛି ଯେ, ତଥ୍ୟ ବିଶ୍ଲେଷଣ ଦ୍ୱାରା ବୈଷୟିକ ଲକ୍ଷ୍ୟକୁ ମଧ୍ୟ ହାସଲ କରାଯାଇପାରିବ। ସର୍ବଶ୍ରେଷ୍ଠ ପ୍ରଯୁକ୍ତିର ଉପଯୋଗ ଦ୍ୱାରା ଇଣ୍ଡିଆନ ଅଏଲ ତାହାର ସମସ୍ତ ପିଓଏଲ୍ ଷ୍ଟୋରେଜ ସ୍ଥାନଗୁଡ଼ିକୁ ସ୍ୱୟଂଚାଳିତ କରିବା ସହିତ, ସମସ୍ତ ଚ୍ୟାନେଲ ପାର୍ଟନରମାନଙ୍କୁ ସୁବିଧା ପ୍ରଦାନ କରିବାକୁ ଚେଷ୍ଟିତ ।

# ନଗଦହୀନ ଗ୍ରାମ୍ୟ ଅର୍ଥନୀତି ସନ୍ଧାନରେ

**ସମୀରା ସୌରଭ**

ଭାରତର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଓ ଗ୍ରାମୀଣ। ଦେଶର ପ୍ରାୟ ୬୯ ଶତାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି। ଦେଶରେ ଅସଂଗଠିତ କ୍ଷେତ୍ରରେ ଅଧିକାଂଶ ଲୋକ କାମ କରି ଜୀବିକା ନିର୍ବାହ କରିଥାନ୍ତି। ଭାରତର ଅଣଆନୁଷ୍ଠାନିକ କ୍ଷେତ୍ର ମୋଟ୍ ଜାତୀୟ ଆୟ (ଜିଡିପି)କୁ ୨୦% ଅବଦାନ ଯୋଗାଏ। ଏହି କ୍ଷେତ୍ରରେ ଦେଶର ୮୦ ଶତାଂଶ ଲୋକ କାମ କରନ୍ତି। ଦେଶର ଗ୍ରାମାଞ୍ଚଳରେ ଦୁଇ ତୃତୀୟାଂଶ ବା ୮୭ କୋଟି ଲୋକ ବସବାସ କରୁଥିବାରୁ ନଗଦହୀନ ଅର୍ଥନୀତି ପ୍ରବର୍ତ୍ତନ କରିବା ନିଶ୍ଚିତ ସମୟ ସାପେକ୍ଷ। ଏହି ଲକ୍ଷ୍ୟ ହାସଲ ପାଇଁ ବହୁବର୍ଷ ଲାଗିବ। ହିସାବ କରାଯାଇଛି ଯେ ୨୦୨୦ସୁଦ୍ଧା ଦେଶର ଗ୍ରାମାଞ୍ଚଳର ଅର୍ଦ୍ଧେକ ଲୋକ ଇଣ୍ଟରନେଟ୍ ବ୍ୟବହାରର ସୁଯୋଗ ପାଇବେ।

**ଏ**କ ନଗଦମୁକ୍ତ ଅର୍ଥନୀତି ଗଠନର ସୂତ୍ର ହାସଲ କରିବା ପାଇଁ ବିଶ୍ୱବ୍ୟାପୀ ନୀତି ନିର୍ଦ୍ଧାରକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ସତ୍ତ୍ୱେ ଏବେ ମଧ୍ୟ ନଗଦ ଅର୍ଥ ହିଁ କାରବାରର ପ୍ରମୁଖ ମାଧ୍ୟମ ହୋଇରହିଛି। ଆର୍ଥିକ କାରବାରର ରେକର୍ଡ ବା ତଥ୍ୟ ସଂଗ୍ରହ କରିବାର ଅନେକ ସୁବିଧା ରହିଛି। ପ୍ରଥମତଃ ଏହା ଉପଯୁକ୍ତ ଟିକସ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ସରକାରଙ୍କୁ ସାହାଯ୍ୟ କରିପାରିବ। ଦ୍ୱିତୀୟରେ ଏହାଦ୍ୱାରା ବେଆଇନ୍ ଅର୍ଥକାରବାରକୁ ଠାବ କରିବା ସହ ଧରିହେବ ଏବଂ ଏହା ଏଭଳି ଅନୁଚିତ କାରବାରକୁ ନିୟନ୍ତ୍ରିତ କରିପାରିବ। ତୃତୀୟତଃ ଭାରତ ଭଳି ଦେଶରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ବିପୁଳ ଲୋକଙ୍କର ଆର୍ଥିକ ସ୍ଥିତି, ରୋଜଗାର ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଆକଳନ ସୁବିଧାଜନକ ହେବ। ଗୁରୁତ୍ୱପୂର୍ଣ୍ଣ ଓ ଶେଷ ଲାଭଟି ହେଲା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ହେଉଥିବା ଆର୍ଥିକ ଦୁର୍ନୀତି ଓ ତ୍ରୁଟି ବିଚ୍ୟୁତିକୁ ରୋକିବାରେ ଏହା ସହାୟକ ହେବ।

ନଗଦବିହୀନ କାରବାର କ୍ଷେତ୍ରରେ ସମସ୍ତ ନେଣଦେଣରେ ଡିଜିଟାଲ୍ ପ୍ରଭାବ ରହିବ। ଏହି ବ୍ୟବସ୍ଥାରେ ମୁଦ୍ରାରହିତ ମାଧ୍ୟମରେ କାରବାର ପାଇଁ କ୍ରେତାଙ୍କୁ ପ୍ରୋତ୍ସାହନ ମିଳିବ। ଏଥିରେ କ୍ରେତା ନଗଦ ନୋଟ୍ ନ'ନେଇ କ୍ରୟ ବା ଦେୟ ବାବଦରେ ତା'ର ମୂଲ୍ୟକୁ ବ୍ୟାଙ୍କରୁ ବ୍ୟାଙ୍କକୁ ବଦଳି କରିବାର ସୁଯୋଗ ପାଇବ। ବ୍ୟାଙ୍କ ଖାତାରୁ କ୍ରେତା ବା ଦାତାର ଅର୍ଥ ବିକ୍ରେତା ବା ଗ୍ରହିତାର ବ୍ୟାଙ୍କ ଖାତାକୁ ଗଲେ ଏଥିରେ ସ୍ୱଚ୍ଛତା ରହିବ। ଏଭଳି ବ୍ୟବସ୍ଥା ବୋଧହୁଏ ଦୁର୍ନୀତି ଓ କଳାଧନ ରୋକିବା ଦିଗରେ ସବୁଠୁ ପ୍ରଭାବଶାଳୀ ଓ ସଫଳ ମାଧ୍ୟମ। ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଆହୁରି ଅନେକ ସୁବିଧା ରହିଛି। ଏହାଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧିକ ଦକ୍ଷ ଓ ଦୁର୍ନୀତିମୁକ୍ତ ହୋଇପାରିବ। ୨୦୦୯ ମସିହାରେ ଯୋଜନା ଆୟୋଗ କରିଥିବା ଆକଳନ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଳ୍ପ ଆୟକାରୀ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସାମଗ୍ରୀ ବାବଦ ଅର୍ଥର ମାତ୍ର ୨୭ ଶତାଂଶ ସେମାନଙ୍କ ପାଖରେ ପହଞ୍ଚିଛି ଓ ଅବଶିଷ୍ଟ ବାଟମାରଣା ହେଉଛି। ତେଣୁ ନଗଦବିହୀନ ଅର୍ଥନୀତି ଗଠନ ଦିଗରେ ଡିଜିଟାଲ ଟ୍ରାନ୍‌ଜାକ୍‌ସନ ଶ୍ରେଷ୍ଠ ବ୍ୟବସ୍ଥା। ଇଲେକ୍‌ଟ୍ରୋନିକ୍ ମନୀ ଇନ୍‌ଷ୍ଟ୍ରୁମେଣ୍ଟ, ଆର୍ଥିକ ଭିତ୍ତିଭୂମିର ବିକାଶ ତଥା ଲୋକଙ୍କ ମଧ୍ୟରେ ଡିଜିଟାଲ ଟ୍ରାନ୍‌ଜାକ୍‌ସନ୍ କରିବାର ଅଭ୍ୟାସ ବୃଦ୍ଧି ପାଇଲେ ଏଭଳି ଏକ ଅର୍ଥନୀତି ହାସଲ କରିବା ସହଜ ହେବ। ସରକାରଙ୍କ ବିମୁଦ୍ରାୟନ ପଦକ୍ଷେପ ଦ୍ୱାରା ନଗଦହୀନ ଅର୍ଥନୀତି ଲାଭାନ୍ୱିତ ହେବ। ତେବେ ଏହି ଲକ୍ଷ୍ୟ ହାସଲ କ୍ଷେତ୍ରରେ କିଛି ପ୍ରତିବନ୍ଧକ ରହିଛି ଯାହା ସ୍ୱତନ୍ତ୍ର ବିଚାର ରଖେ। ତାହାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

ଭାରତ ଏବେ ବିଶ୍ୱର ଏକ ଅନ୍ୟତମ ଶକ୍ତିଶାଳୀ ଅର୍ଥନୀତି ଭାବେ ଆତ୍ମପ୍ରକାଶ କରୁଥିଲେ ହେଁ ଅନେକ ସମସ୍ୟା ଦେଇ ଗତି କରୁଛି। ଭାରତର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଓ ଗ୍ରାମୀଣ। ଦେଶର ପ୍ରାୟ ୬୯ ଶତାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି। ଦେଶରେ ଅସଂଗଠିତ କ୍ଷେତ୍ରରେ ଅଧିକାଂଶ ଲୋକ କାମ କରି ଜୀବିକା ନିର୍ବାହ କରିଥାନ୍ତି। ଭାରତର ଅଣଆନୁଷ୍ଠାନିକ କ୍ଷେତ୍ର ମୋଟ୍ ଜାତୀୟ ଆୟ (ଜିଡିପି)କୁ ୨୦% ଅବଦାନ ଯୋଗାଏ। ଏହି କ୍ଷେତ୍ରରେ ଦେଶର ୮୦ ଶତାଂଶ ଲୋକ କାମ କରନ୍ତି। ଦେଶର

ଗ୍ରାମାଞ୍ଚଳରେ ଦୁଇ ତୃତୀୟାଂଶ ବା ୮୭ କୋଟି ଲୋକ ବସବାସ କରୁଥିବାରୁ ନଗଦହୀନ ଅର୍ଥନୀତି ପ୍ରବର୍ତ୍ତନ କରିବା ନିଶ୍ଚିତ ସମୟ ସାପେକ୍ଷ। ଏହି ଲକ୍ଷ୍ୟ ହାସଲ ପାଇଁ ବହୁବର୍ଷ ଲାଗିବ। ହିସାବ କରାଯାଇଛି ଯେ ୨୦୨୦ସୁଦ୍ଧା ଦେଶର ଗ୍ରାମାଞ୍ଚଳର ଅର୍ଦ୍ଧେକ ଲୋକ ଇଣ୍ଟରନେଟ୍ ବ୍ୟବହାରର ସୁଯୋଗ ପାଇବେ। ଏବେ ଦେଶରେ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ୧୬୦ ନିୟୁତ। ସେମାନଙ୍କ ମଧ୍ୟରୁ ମାତ୍ର ୩୦ ଶତାଂଶଙ୍କ ପାଖରେ ଇଣ୍ଟନେଟ୍ ସୁବିଧା ରହିଛି। ଏବେ ମଧ୍ୟ ୯୦ ଶତାଂଶ ଗ୍ରାମାଞ୍ଚଳ ଲୋକ ଡିଜିଟାଲ କାରବାର ସମ୍ପର୍କରେ ଅଜ୍ଞ। ତେଣୁ ଗ୍ରାମାଞ୍ଚଳରେ ନଗଦବିହୀନ ଅର୍ଥନୀତି ପାଇଁ ଭିତ୍ତିଭୂମି ସୃଷ୍ଟି ହେଲେ ଏହି ଲକ୍ଷ୍ୟ ହାସଲ ସହଜ ହେବ।

ସରକାର ଗ୍ରାମାଞ୍ଚଳରେ ଲୋକଙ୍କ ପାଇଁ ଶୂନ୍ୟ ଜମାରେ ବ୍ୟାଙ୍କ ଖାତା ଖୋଲିବାର ପ୍ରୟାସ କରୁଛନ୍ତି। ମାତ୍ର ଅଧିକାଂଶ ଗ୍ରାମାଞ୍ଚଳରେ ବ୍ୟାଙ୍କ ସୁବିଧା ନାହିଁ। ୨୦୦୧ରେ ଭାରତରେ ଗ୍ରାମାଞ୍ଚଳର ଏକ ଲକ୍ଷ ଲୋକଙ୍କ ପାଇଁ ୫.୩ଟି ବ୍ୟାଙ୍କ ଶାଖା ଥିଲା। ଏବେ ସେହି ସଂଖ୍ୟା ବଢ଼ି ୭.୮ରେ ପହଞ୍ଚିଛି ବୋଲି ରିଜର୍ଭବ୍ୟାଙ୍କ ତଥ୍ୟରୁ ଜଣାପଡ଼େ।

**ପରୋକ୍ଷ ଲାଭ** : ନଗଦମୁକ୍ତ କାରବାର ଦ୍ୱାରା ତିନିଟି ପ୍ରମୁଖ ପରୋକ୍ଷ ଲାଭ ମିଳିପାରିବ। ସେଗୁଡ଼ିକ ହେଲା ୧) ଏହା ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ, ୨) ଏହାଦ୍ୱାରା ଅର୍ଥକାରବାରର ରେକର୍ଡ ରଖାଯାଇପାରିବ ଏବଂ ୩) ଆର୍ଥିକ କାରବାରରେ ହେଉଥିବା ଖର୍ଚ୍ଚ ହ୍ରାସ ପାଇବ। ଏହି ତିନିଟି ପରୋକ୍ଷ ଲାଭ ମଧ୍ୟରୁ ଭାରତ ପାଇଁ ପ୍ରଥମ ଦୁଇଟି ବିଶେଷ ଗୁରୁତ୍ୱବହନ କରେ। ତଥ୍ୟ ଅନୁସାରେ ଏବେ ଭାରତର ମୋଟ୍ ଜନସଂଖ୍ୟାର ଅର୍ଦ୍ଧାଧିକ ଆର୍ଥିକ ବ୍ୟବସ୍ଥା ସହ ସମ୍ପୃକ୍ତ ନୁହଁନ୍ତି। ଏକଶହ ବର୍ଗ କିଲୋମିଟର ଅଞ୍ଚଳରେ ତିନିଟିରୁ କମ୍ ବ୍ୟାଙ୍କ ଶାଖା ରହିଥିବାବେଳେ ଏକ ଲକ୍ଷ ଲୋକଙ୍କ ପାଇଁ ୭.୮ଟି ବ୍ୟାଙ୍କ ଶାଖା ଅଛି। ନିଜର ମନପସନ୍ଦର ବ୍ୟାଙ୍କ ଶାଖା ପାଇବାରେ ୪୫% ଗ୍ରାମାଞ୍ଚଳ, ୨୮ ଶତାଂଶ ସହରାଞ୍ଚଳ ଏବଂ ୩୮ ଶତାଂଶ ଗୃହକର୍ତ୍ତା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଦେଶରେ ମୋଟ୍ ଲୋକଶକ୍ତିର ୯୦ ଶତାଂଶରୁ ଅଧିକ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ସୁବିଧାରେ ବ୍ୟାଙ୍କ ସେବା ଯୋଗାଇ ଦିଆଯିବା ଆବଶ୍ୟକ। କେବଳ ବ୍ୟାଙ୍କ ଖାତା ଖୋଲି ଦେଲେ ଲୋକେ ଡିଜିଟାଲ ସାକ୍ଷର ହୋଇପାରିବ ନାହିଁ। ସେମାନଙ୍କୁ ନୂଆ ବ୍ୟବସ୍ଥା ସହ ଅଭ୍ୟସ୍ତ କରିବାକୁ ପଡ଼ିବ।

ଅଣଆନୁଷ୍ଠାନିକ କ୍ଷେତ୍ରରେ ଦେଶର ସର୍ବାଧିକ ଲୋକ କାମକରୁଥିବାରୁ ଏହି କ୍ଷେତ୍ରଟି ନଗଦ ଟଙ୍କାରେ ମୁଖ୍ୟତଃ ଚାଲେ। ତେଣୁ ଡିଜିଟାଲ ଓ ନଗଦମୁକ୍ତ ଆର୍ଥିକ ବ୍ୟବସ୍ଥା ପ୍ରବର୍ତ୍ତନ କଲେ ଏହି କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ସୁବିଧାରେ ତଥା ସହଜରେ ବ୍ୟାଙ୍କ ବ୍ୟବସ୍ଥା ମଧ୍ୟକୁ ଆଣିବାକୁ ପଡ଼ିବ। କ୍ୟାସ୍‌ଲେସ୍ ପେମେଣ୍ଟ, ପ୍ଲାଷ୍ଟିକ୍ ଟ୍ରାଞ୍ଜାକ୍‌ସନ, ଇ-ପେମେଣ୍ଟ ଆଦିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି ଓ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଏସବୁ ପଦକ୍ଷେପ ଏକ ନୂଆ ମୁଦ୍ରାମୁକ୍ତ ଭାରତୀୟ ଅର୍ଥନୀତି ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଭବିଷ୍ୟତର ବାସ୍ତବତାକୁ ଉପଲବ୍ଧି କରି ଏଭଳି ପଦକ୍ଷେପମାନ ଗ୍ରହଣ କରାଯିବା ଅବଶ୍ୟ ସ୍ୱାଗତଯୋଗ୍ୟ। ଏସବୁ ସତ୍ତ୍ୱେ ପ୍ରସଙ୍ଗ ହେଉଛି ଯେ ଦେଶର ଗ୍ରାମାଞ୍ଚଳରେ ସରକାର ଏହି ପଦକ୍ଷେପରେ କେତେଶୀଘ୍ର ସଫଳତା ପାଇବେ। ରିଜର୍ଭବ୍ୟାଙ୍କର ସୂଚନା ଅନୁସାରେ ୨୦୧୬ ଜୁଲାଇରେ ବ୍ୟାଙ୍କ ସମୂହ ଗ୍ରାହକଙ୍କୁ ୬୯୭.୨ ନିୟୁତ ଡେବିଟ୍ ଓ ୨୫.୯ ନିୟୁତ କ୍ରେଡିଟ୍‌କାର୍ଡ ନୂଆ କରି ପ୍ରଦାନ କରିଛନ୍ତି। ଏଥିରେ ପୁରୁଣା କାର୍ଡ ପରିବର୍ତ୍ତନ ଅନ୍ତର୍ଭୁକ୍ତ ହୋଇନାହିଁ। ତେବେ ଏହାକୁ ଏକ ଉତ୍ସାହଜନକ ସୂଚକାଙ୍କ ଭାବେ ଗ୍ରହଣ କରିବା ଠିକ୍ ହେବ ନାହିଁ। କାରଣ ଜଣେ ଜଣେ ଗ୍ରାହକଙ୍କ ନାମରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ରହିଛି ଏବଂ ସେଥିପାଇଁ ସେମାନେ କାର୍ଡ ପାଇଛନ୍ତି। ସହରାଞ୍ଚଳରେ ଏକାଧିକ କାର୍ଡଧାରୀଙ୍କ ସଂଖ୍ୟା ଅଧିକ। ଅବଶ୍ୟ ଗ୍ରାମାଞ୍ଚଳରେ ଏକାଧିକ କାର୍ଡଧାରୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ଏସବୁ କାର୍ଡ ମୁଖ୍ୟତଃ ଏଟିଏମ୍‌ରୁ ଟଙ୍କା ଉଠାଣ, ଅନ୍‌ଲାଇନ୍ ପେମେଣ୍ଟ ଓ ବିଭିନ୍ନ ପିଓଏସ୍‌ରେ ବ୍ୟବହୃତ ହେଉଛି। ଭାରତରେ ମାତ୍ର ୨୬% ଲୋକଙ୍କ ପାଖରେ ଇଣ୍ଟରନେଟ୍ ବ୍ୟବହାର ସୁବିଧା ଅଛି। ଏହାଛଡ଼ା ମାତ୍ର ୨୦୦ ନିୟୁତ ଲୋକ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଉପଯୋଗ କରୁଛନ୍ତି। ଗ୍ରାମାଞ୍ଚଳରେ ମାତ୍ର ୧୮% ଏଟିଏମ୍ ରହିଛି। ରିଜର୍ଭବ୍ୟାଙ୍କର ନିଜସ୍ୱ ସର୍ଭେ ଅନୁସାରେ ଅଧିକ ମହିଳା ଥିବା ରାଜ୍ୟ ଓ ଗ୍ରାମଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତି ବ୍ୟବସ୍ଥା ହାର ବହୁତ କମ୍।

ଗୁଗୁଲ୍ ଇଣ୍ଡିଆ ଓ ବୋଷ୍ଟନ କନ୍‌ସଲଟିଙ୍ଗ ଗ୍ରୁପ୍‌ର ତଥ୍ୟ ଅନୁସାରେ ଭାରତରେ ୨୦୧୬ରେ ୭୫ ଶତାଂଶ କାରବାର ନଗଦ ଅର୍ଥରେ ହୋଇଥିଲା। ଅପରପକ୍ଷରେ ଏହି ସମୟରେ ଆମେରିକା, ଜାପାନ, ଫ୍ରାନ୍ସ ଓ ଜର୍ମାନୀ ଭଳି ଉନ୍ନତ ଦେଶରେ ନଗଦ

**ଅଣଆନୁଷ୍ଠାନିକ କ୍ଷେତ୍ରରେ ଦେଶର ସର୍ବାଧିକ ଲୋକ କାମକରୁଥିବାରୁ ଏହି କ୍ଷେତ୍ରଟି ନଗଦ ଟଙ୍କାରେ ମୁଖ୍ୟତଃ ଚାଲେ। ତେଣୁ ଡିଜିଟାଲ ଓ ନଗଦମୁକ୍ତ ଆର୍ଥିକ ବ୍ୟବସ୍ଥା ପ୍ରବର୍ତ୍ତନ କଲେ ଏହି କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ସୁବିଧାରେ ତଥା ସହଜରେ ବ୍ୟାଙ୍କ ବ୍ୟବସ୍ଥା ମଧ୍ୟକୁ ଆଣିବାକୁ ପଡ଼ିବ। କ୍ୟାସ୍‌ଲେସ୍ ପେମେଣ୍ଟ, ପ୍ଲାଷ୍ଟିକ୍ ଟ୍ରାଞ୍ଜାକ୍‌ସନ, ଇ-ପେମେଣ୍ଟ ଆଦିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି ଓ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଏସବୁ ପଦକ୍ଷେପ ଏକ ନୂଆ ମୁଦ୍ରାମୁକ୍ତ ଭାରତୀୟ ଅର୍ଥନୀତି ପାଇଁ ଏକାନ୍ତ ଅପରିହାର୍ଯ୍ୟ। ଭବିଷ୍ୟତର ବାସ୍ତବତାକୁ ଉପଲବ୍ଧି କରି ଏଭଳି ପଦକ୍ଷେପମାନ ଗ୍ରହଣ କରାଯିବା ଅବଶ୍ୟ ସ୍ୱାଗତଯୋଗ୍ୟ।**

## ଗ୍ରାମାଞ୍ଚଳରେ ଘରୋଇ ବ୍ୟାଙ୍କର ପ୍ରସାର

| | ଆଇସିଆଇସିଆ | ଏଚ୍‌ଡିଏଫ୍‌ସି ବ୍ୟାଙ୍କ | ଆକ୍ସିସ୍ ବ୍ୟାଙ୍କ |
|---|---|---|---|
| ମୋଟ୍ ଶାଖା | ୩୭୫୩ | ୩୦୬୨ | ୨୪୦୨ |
| ଅଣବ୍ୟାଙ୍କ ଇଲାକା | ୪୪୮ | ୩୧୮ | ୪୩୮ |
| ଶାଖାର ଶତାଂଶ | ୧୧.୯ | ୧୦.୪ | ୧୮.୨ |
| ୨୦୧୪ ଆର୍ଥିକ ବର୍ଷରେ ମୋଟ ଶାଖା | ୬୫୩ | ୩୪୧ | ୪୫୫ |
| ୨୦୧୪ରେ ଖୋଲିଥିବା ଶାଖା | ୩୧୭ | ୨୩୦ | ୨୯୮ |
| ମୋଟ୍ ଶାଖାର ଶତାଂଶ | ୪୮.୫ | ୬୭.୪ | ୬୫.୫ |
| ଗ୍ରାମାଞ୍ଚଳ ଶାଖାର ମୋଟ୍ ସଂଖ୍ୟା | ୮୪୧ | ୬୭୪ | ୫୭୬ |
| ଅଣବ୍ୟାଙ୍କ ଇଲାକାରେ ଶତାଂଶ | ୫୩.୩ | ୪୭.୨ | ୭୬ |

**ସୂତ୍ର – ଇଡେଲୱେସ୍‌ରିସର୍ଚ୍ଚ**

କାରବାରର ହାର ଥିଲା ୨୦ ରୁ ୨୫ ଶତାଂଶ। ବିମୁଦ୍ରାୟନ ପରେ ମୋବାଇଲ୍ ବା ଇ-ୱାଲେଟ କମ୍ପାନୀଙ୍କ ବ୍ୟବସାୟ ଚାରିଗୁଣ ବୃଦ୍ଧି ପାଇଛି। ତେବେ ଦେଶରେ ଦ୍ରବ୍ୟ ଓ ସେବା ପାଇଁ ଅଧିକରୁ ଅଧିକ ନଗଦ କାରବାର ହେଉଥିବାରୁ ପିଓଏସ୍‌ର ପ୍ରସାର ଯଥେଷ୍ଟ ମନେ ହୁଏନା। କାରଣ କୋଟିକୋଟି ଲୋକଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ କିମ୍ବା ସେମାନେ ଅନ୍‌ଲାଇନ୍ ପେମେଣ୍ଟ ବିଷୟରେ ଅଜ୍ଞ। ତେଣୁ ସେମାନଙ୍କୁ ସହଜରେ ଓ ସୁବିଧାରେ ବେନଗଦି କାରବାର ପାଇଁ ସୁବିଧାସୁଯୋଗ ଓ ଜ୍ଞାନକୌଶଳ ଯୋଗାଇଦେବାର ଆବଶ୍ୟକତା ରହିଛି। ଏକ ହିସାବ ଅନୁସାରେ ୨୦୧୬ ଜୁଲାଇ ମାସରେ ଭାରତରେ ଏଟିଏମ୍ ଓ ପିଓଏସ୍‌ରେ ଡେବିଟ୍‌କାର୍ଡ ବ୍ୟବହାର କରାଯାଇ ୮୮୧ ନିୟୁତ ଥର ଅର୍ଥ କାରବାର ହୋଇଛି। ସେଥିମଧ୍ୟରୁ ୯୨ ଶତାଂଶ କ୍ଷେତ୍ରରେ ଏଟିଏମ୍‌ରୁ ଟଙ୍କା ଉଠାଯାଇଛି। ତେଣୁ ଏଟିଏମ୍ କାର୍ଡ ଭାରତରେ ମୁଖ୍ୟତଃ ଟଙ୍କା ଉଠାଣ ପାଇଁ ବ୍ୟବହୃତ ହେଉଛି। ଭାରତରେ ଚାଲିଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ସଫଳତା ଉପରେ ନଗଦବିହୀନ ଅର୍ଥନୀତିର ଭବିଷ୍ୟତ ବହୁ ପରିମାଣରେ ନିର୍ଭର କରେ। ଇଣ୍ଟରନେଟ୍ ସେବାର ପ୍ରସାର ଯେତେ ବ୍ୟାପକ ହେବ ଇ-ଟ୍ରାନ୍‌ଜାକ୍‌ସନ ପାଇଁ କ୍ଷେତ୍ର ସେତେ ସୁବିଧାଜନକ ଓ ପ୍ରସାରିତ ହେବ। କାର୍ଡ ବ୍ୟବହାର ଜନିତ ନେଣଦେଣ ଉପରେ ବ୍ୟାଙ୍କ ଅର୍ଥ ଆଦାୟ କରୁଥିବାରୁ ଏହା ମଧ୍ୟ ଏକ ପ୍ରତିବନ୍ଧକ ସାଜିଛି।

**ମୁଦ୍ରାମୁକ୍ତ ଗ୍ରାମ୍ୟ ଅର୍ଥନୀତିର ସମସ୍ୟା :**

**ନୋଟ୍ ବହୁଳ ଅର୍ଥନୀତି :** ଭାରତରେ ଅଧିକ ପରିମାଣର ନୋଟ୍ ପ୍ରଚଳିତ। ନୋଟ୍‌ର ପ୍ରଚଳନ ଦେଶର ମୋଟ୍ ଜାତୀୟ ଆୟର ପ୍ରାୟ ୧୩ ଶତାଂଶ।

**କାରବାର ମୁଖ୍ୟତଃ ନଗଦ ଟଙ୍କାରେ :** ଦେଶରେ ପ୍ରାୟ ୯୫ ଶତାଂଶ କାରବାର ନଗଦ ଟଙ୍କାରେ ହୁଏ। ବଡ଼ ଆକାରର ଅଣଆନୁଷ୍ଠାନିକ / ଅସଂଗଠିତ କ୍ଷେତ୍ରର କର୍ମଚାରୀ, ଶ୍ରମିକ ବେତନ ଓ ମଜୁରି ବାବଦରେ ଟଙ୍କା ବା ନୋଟ୍ ନେବାକୁ ପସନ୍ଦ କରନ୍ତି। ସେମାନେ ଡିଜିଟାଲ ସାକ୍ଷରତା ଲୋଡ଼ନ୍ତି ନାହିଁ।

**ଏଟିଏମ୍ ବ୍ୟବହାର :** ଲୋକେ ମୁଖ୍ୟତଃ ଟଙ୍କା ଉଠାଣ ପାଇଁ ଏଟିଏମ୍ ବ୍ୟବହାର କରନ୍ତି। ଏହାକୁ ସେମାନେ ଅନ୍ୟାନ୍ୟ ଦେୟ ପ୍ରଦାନ ପାଇଁ ବ୍ୟବହାର କରନ୍ତି ନାହିଁ। ଏପରିକି ୨୧କୋଟି ରୁପେ କାର୍ଡଧାରୀ ନିଜ କାର୍ଡକୁ ଟଙ୍କା ଉଠାଣ ପାଇଁ ବ୍ୟବହାର କରୁଛନ୍ତି। ସହରାଞ୍ଚଳରେ ଏକାଧିକ କାର୍ଡଧାରୀଙ୍କ ସଂଖ୍ୟା ଅଧିକ ଓ ଗ୍ରାମାଞ୍ଚଳରେ କମ୍।

**ସୀମିତ ପିଓଏସ୍ ସୁବିଧା :** ପଏଣ୍ଟ ଅଫ୍ ସେଲ୍ ମେସିନ୍ ବା ପିଓଏସ୍‌ର ପ୍ରସାର ସୀମିତ। ତେଣୁ ଲୋକେ ଏହାର ସୁବିଧା ଅଧିକରୁ ଅଧିକ ନେଇପାରୁନାହାନ୍ତି। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁସାରେ ୨୦୧୬ ଜୁଲାଇ ସୁଦ୍ଧା ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଦେଶରେ ୧.୪୪ ନିୟୁତ ପିଓଏସ୍ ଟର୍ମିନାଲ୍ ବସାଯାଇଛି।

**ଗ୍ରାମାଞ୍ଚଳରେ ମୋବାଇଲ ପ୍ରସାର ସୀମିତି:** ଦେଶର ଗ୍ରାମାଞ୍ଚଳରେ ଦୂର ସଂଚାର ବ୍ୟବସ୍ଥା ଦୁର୍ବଳ ଥିବାରୁ ମୋବାଇଲ ପ୍ରସାର ଆଶାଜନକ ନୁହେଁ। ମୋବାଇଲ ବ୍ୟାଙ୍କିଂ ପାଇଁ ଜରୁରୀ ୱାଇ-ଫାଇ, ଇଣ୍ଟରନେଟ୍ ଓ ସ୍ମାର୍ଟ ଫୋନ୍ ସୁବିଧାର ଅଭାବ ସହିତ ସ୍ୱଳ୍ପ ସାକ୍ଷରତା ହାର ଇ-ଟ୍ରାନ୍‌ଜାକ୍‌ସନ କ୍ଷେତ୍ରରେ ବାଧକ ହେଉଛି। ତେବେ ନିକଟ ଅତିତରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ବି.ଏଚ୍.ଆଇ.ଏଏମ୍ (ଭିମ୍) ମୋବାଇଲ୍ ଆପ୍ ଦ୍ୱାରା ମୋବାଇଲ୍ ଇଣ୍ଟରନେଟ୍ ନ'ଥାଇ ମଧ୍ୟ ୟୁ.ଏସ୍.ଏସ୍.ଡ଼ି ଜରିଆରେ ଅର୍ଥ ଆଦାନ ପ୍ରଦାନ କରିହେବ।

୨୦୧୪ର ରିପୋର୍ଟ ଅନୁସାରେ ଘରୋଇ ବ୍ୟାଙ୍କଗୁଡ଼ିକ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲି ନିଜର ସ୍ଥିତି ମଜବୁତ କରୁଛନ୍ତି। ଗ୍ରାମାଞ୍ଚଳରେ ଏସବୁ ବ୍ୟାଙ୍କର ୫୦ ରୁ ୬୦ ଭାଗ ନୂଆ ଶାଖା ଖୋଲିଛି। ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି

ଭଳି ପ୍ରମୁଖ ଘରୋଇ ବ୍ୟାଙ୍କ ଏ କ୍ଷେତ୍ରରେ ଆଗୁଆ ଅଛନ୍ତି। ବ୍ୟାଙ୍କ ନ ଥିବା ଅଞ୍ଚଳରେ ନୂଆ ନୂଆ ଶାଖା ଖୋଲି ସେବା ଯୋଗାଇ ଦେବାକୁ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱ ଦେଇଛି। ଅତିକମ୍‌ରେ ନୂଆ ଶାଖାର ୨୫ ଶତାଂଶ ଗ୍ରାମାଞ୍ଚଳରେ ଖୋଲିବାକୁ ବ୍ୟାଙ୍କ ସମୂହଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟାଙ୍କ ନିର୍ଦ୍ଧାରିତ ୨୫ ଶତାଂଶଠାରୁ ଅଧିକ ଶାଖା ଗ୍ରାମାଞ୍ଚଳରେ ଖୋଲିବ ସେହି ଶାଖାଗୁଡ଼ିକୁ ଏକ ବର୍ଷ ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବାକୁ ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି।

ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଆର୍ଥିକ ବଜାର ଏବେ ସହରାଞ୍ଚଳ ତୁଳନାରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ତାହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସମୂହ ଏସବୁ ଇଲାକାରେ ଅଧିକରୁ ଅଧିକ ଶାଖା ଖୋଲୁଛନ୍ତି। ଏସବୁ ଶାଖାରେ ଗ୍ରାହକଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ସୁବିଧା ଓ ସେବା ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି। ଲୋକଙ୍କୁ ଆର୍ଥିକ ଅନ୍ତର୍ନିବେଶ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତି ଓ ଜ୍ଞାନକୌଶଳ ଏବେ ବିଶେଷ ସହାୟକ ହୋଇଛି। ଏବେ ଭ୍ରାମ୍ୟମାଣ ବ୍ୟାଙ୍କ (ମୋବାଇଲ୍ ବ୍ୟାଙ୍କ) ଦ୍ୱାରା ଅଣବ୍ୟାଙ୍କ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉଛି। ଗୋଟିଏ ଗ୍ରାମାଞ୍ଚଳ ବ୍ୟାଙ୍କର ମାସିକ ପରିଚାଳନା ଖର୍ଚ୍ଚ ପ୍ରାୟ ୪ ଲକ୍ଷ। ୧-ଶ୍ରେଣୀର ସହରରେ ଏହି ଖର୍ଚ୍ଚ ୯ ଲକ୍ଷ । ୨୦୧୪ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଶାଖା ଖୋଲାଯାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ସେ ବର୍ଷ ୧୦୫୩ ଶାଖା ଖୋଲିଥିବାବେଳେ ସେଥିମଧ୍ୟରୁ ୫୭ ଶତାଂଶ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଖୋଲିଛି। ଗ୍ରାମାଞ୍ଚଳରେ ବ୍ୟାଙ୍କ ପାଇଁ ଅପେକ୍ଷାକୃତ ଶସ୍ତାରେ ଘର ମିଳେ। ତେବେ କର୍ମଚାରୀ ଓ ସେବା ପ୍ରଦାନ ବାବଦ ଖର୍ଚ୍ଚ ଅଧିକ ହେଉଥିଲେ ମଧ୍ୟ ତାହାକୁ ହ୍ରାସ କରି ବ୍ୟାଙ୍କମାନେ ଲାଭ କରିଥାନ୍ତି। ଯେହେତୁ ବ୍ୟାଙ୍କ ଗୁଡ଼ିକ ଖୋଲୁଥିବା ନୂତନ ଶାଖାର ୨୫ ପ୍ରତିଶତ ଗ୍ରାମାଞ୍ଚଳରେ ପ୍ରତିଷ୍ଠା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି ତେଣୁ ଗ୍ରାମାଞ୍ଚଳରେ ଶାଖା ଖୋଲିବାକୁ ବ୍ୟାଙ୍କ ଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

**ସମ୍ଭାବନା :** ବିମୁଦ୍ରାୟନ ଯୋଗୁଁ ମାତ୍ର କେଇ ଘଣ୍ଟା ମଧ୍ୟରେ ଯେତେବେଳେ ଦେଶର ୮୬ ଶତାଂଶ ଚଳନ୍ତି ନୋଟ୍ ଅଚଳ ହୋଇଗଲା ତାହାର ପ୍ରଭାବ ୧୩୦ କୋଟି ଲୋକଙ୍କ ଦୈନନ୍ଦିନ ଜୀବନରେ ପଡ଼ିବା ସ୍ୱାଭାବିକ। ଦେଶର ମୁଖ୍ୟ ଆର୍ଥିକ କାରବାର ଅଣଆନୁଷ୍ଠାନିକ କ୍ଷେତ୍ରରେ ହେଉଥିବାରୁ ବିମୁଦ୍ରାୟନର ପ୍ରଭାବ ତୀବ୍ର ହେବା ସ୍ୱାଭାବିକ। ତେବେ ସେ ଯା'ହେଉ କୃଷିକ୍ଷେତ୍ରରୁ ଆୟ ଏଯାଏ ଭାରତରେ ଟିକସମୁକ୍ତ ରହିଛି। ଚାଷୀଙ୍କ ଆୟ କରମୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କିଷାନ କ୍ରେଡିଟ୍ କାର୍ଡ ସରକାର ଯୋଗାଇଦେଇଛନ୍ତି। ଏହି କାର୍ଡରେ ଚାଷୀ ସୀମିତ ବ୍ୟାଙ୍କିଙ୍ଗ୍ ସୁବିଧା ପାଇଥାନ୍ତି। ତେବେ ଗ୍ରାମାଞ୍ଚଳ ଅର୍ଥନୀତି ଏବେ ମଧ୍ୟ ଦଲାଲ ଓ ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ରହିଥିବାରୁ ସେମାନେ ନଗଦ ଅର୍ଥ ଦେଇ ଚାଷୀଙ୍କଠାରୁ ଉତ୍ପାଦିତ ସାମଗ୍ରୀ କିଣନ୍ତି। ତେଣୁ କିଷାନ କାର୍ଡ ଥାଇ ମଧ୍ୟ ଚାଷୀ ତାହାର ଉପଯୋଗ କରିପାରନ୍ତି ନାହିଁ। ନଗଦ କାରବାର କରୁଥିବାରୁ ମହାଜନ ଚାଷୀଙ୍କୁ ଧାର୍ଯ୍ୟ ମୂଲ୍ୟ ନ'ଦେଇ ନିଜକୁ ସୁହାଉଥିବା ଦାମ୍ ଦେଇ ଜିନିଷ କିଣିଥାଏ। ନଗଦ ପରିବର୍ତ୍ତେ ଡିଜିଟାଲ ବ୍ୟବସ୍ଥାରେ ଏହି କ୍ରୟ ବିକ୍ରୟ ହେଲେ ଚାଷୀ ଲାଭବାନ ହୁଅନ୍ତେ ଓ ଠକାମିରେ ପଡ଼ନ୍ତେ ନାହିଁ।

ଜନଧନ ଆଧାର ମୋବାଇଲ୍ (ଜାମ୍) ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିପାରିବ। ଆଧାର ଏବେ ଦେଶର କୋଣଅନୁକୋଣରେ ପହଞ୍ଚିଗଲାଣି। ୨୦୦୯ରେ ଆରମ୍ଭ ହୋଇଥିବା ଆଧାର କାର୍ଡ ସାତ ବର୍ଷ ମଧ୍ୟରେ ଦେଶର ୮୮ ଭାଗ ଜନତାଙ୍କ ପାଖରେ ପହଞ୍ଚିପାରିଛି। ଏବେ ଦେଶରେ ଆଧାର କାର୍ଡଧାରୀଙ୍କ ସଂଖ୍ୟା ୧୦୭ କୋଟି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଲାଭ ଓ ଆର୍ଥିକ ରିଆତି ବାବଦ ଟଙ୍କା ସିଧାସଳଖ ଆଧାର ଜରିଆରେ ଲୋକଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଏହା ଲୋକଙ୍କ ଡିଜିଟାଲ ସଚେତନତା ବଢ଼ାଇବାରେ ସହାୟକ ହୋଇଛି।

**ନଗଦମୁକ୍ତ ଅର୍ଥନୀତିକୁ ସରକାରଙ୍କ ପ୍ରତ୍ୟେକ୍ଷ ଅବଦାନ:** ଦୈନନ୍ଦିନ ଜୀବନରେ ଏମିତି ଅନେକ କ୍ଷେତ୍ର ରହିଛି ଯେଉଁଠି ସରକାର ଓ ଜନତାଙ୍କ ମଧ୍ୟରେ ପ୍ରତ୍ୟେକ୍ଷ କାରବାର ହୁଏ। ତେଣୁ ସରକାରୀ ଦେୟ ପ୍ରଦାନ କ୍ଷେତ୍ରରେ ନଗଦ ପରିବର୍ତ୍ତେ ଡିଜିଟାଲ ପେମେଣ୍ଟ ପାଇଁ ସରକାର ପଦକ୍ଷେପ ନେଇ ଏହାକୁ ବାଧ୍ୟତାମୂଳକ କରିପାରିବେ। ତେବେ ପ୍ରଥମେ ଏହାକୁ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶୀଠାରୁ ଅଧିକ ପରିମାଣ ଉପରେ ଲାଗୁ କରିବାକୁ ପ୍ରୟାସ ଚାଲିଛି। ପାସପୋର୍ଟ, ଆୟ କର, ବିକ୍ରି କର, ଉତ୍ପାଦନ ଶୁଳ୍କ ଆଦି କ୍ଷେତ୍ରରେ ଡିଜିଟାଲ୍ ପେମେଣ୍ଟ ତ ଏକ ପ୍ରକାର ବାଧ୍ୟତାମୂଳକ ହୋଇସାରିଛି। ଘରୋଇ ଓ ଅସଂଗଠିତ କ୍ଷେତ୍ରରେ ଡିଜିଟାଲ ପେମେଣ୍ଟକୁ ସହଜ ଏବଂ ସୁବିଧାଜନକ କରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି। ନୂଆ ବ୍ୟବସ୍ଥାକୁ ଲୋକପ୍ରିୟ କରିବା ସହିତ ଏ ସମ୍ପର୍କରେ ବ୍ୟାପକ ଜନସଚେତନା ସୃଷ୍ଟି ପାଇଁ ସରକାର ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ବିଶେଷ କରି ଡିଜିଟାଲ ପେମେଣ୍ଟରେ କାରବାର ଜନିତ ଖର୍ଚ୍ଚ (ଚାର୍ଜ)କୁ ନେଇ ଲୋକେ କୁଣ୍ଠିତ ହେଉଛନ୍ତି। ଏ କ୍ଷେତ୍ରରେ ନୀତିଗତ ନିଷ୍ପତ୍ତି ନେଇ ସରକାର ଲୋକଙ୍କୁ ନ'ବାଧିଲା ଭଳି କିଛି ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଡିଜିଟାଲ କାରବାର ପାଇଁ ବ୍ୟବସ୍ଥାର ଉପଲବ୍ଧତା (ଆଭେଲେବିଲିଟି), ଗ୍ରହଣୀୟତା (ଆକ୍‌ସେପ୍ଟେବିଲିଟି), ପହଞ୍ଚ ବା ସୁଗମତା (ଆକ୍‌ସେସେବିଲିଟି), ସକ୍ଷମତା (ଆଫଡେବିଲିଟି) ଏବଂ ସଚେତନତା (ଆୱାରନେସ୍) ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଲକ୍ଷ୍ୟ ଭିତ୍ତିକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ଲୋକଙ୍କ ଆର୍ଥିକ ଦକ୍ଷତା ଓ ଅର୍ଥ ପରିଚାଳନା କୌଶଳ ବଢ଼ିପାରିବ। ଏହାଦ୍ୱାରା ଇଲେକ୍‌ଟ୍ରୋନିକ ପେମେଣ୍ଟ ବ୍ୟବସ୍ଥା ଆଦୃତ ହେବା ସହ ଭାରତରେ ନଗଦମୁକ୍ତ ଅର୍ଥନୀତି ଗଠନ ଲକ୍ଷ୍ୟ ସୁଗମ ହୋଇପାରିବ।

ଲେଖିକା ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟରେ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ।

# ସ୍ୱଳ୍ପ ନଗଦ ଭିତ୍ତିକ ଅର୍ଥନୀତି : ଅନ୍ତରାଷ୍ଟ୍ରୀୟ ଓ ଭାରତୀୟ ପରିସ୍ଥିତି

**ଅର୍ପିତା ମୁଖାର୍ଜୀ ଏବଂ ତନୁ ଏମ୍. ଗୋୟଲ୍**


ବିକାଶଶୀଳ ଦେଶଗୁଡିକ ମଧ୍ୟରେ କେନିଆ ଅସାଧୁ ଉପାୟ ରୋକିବା ଓ ଉଚିତ୍ ଟିକସ ଆଦାୟ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସରକାରୀ ସେବା ଯେପରିକି କାଉନ୍ସିଲ୍ ପାର୍କିଂ, ନିର୍ମାଣ ସଂକ୍ରାନ୍ତୀୟ ଅନୁମତି, ଜମିଜମା ମୂଲ୍ୟ, ଡ୍ରାଇଭିଂ ଲାଇସେନ୍ସ୍ ନବୀକରଣ, ପାସ୍‌ପୋର୍ଟ ଦେୟ ଆଦି କ୍ଷେତ୍ରରେ ଅନଲାଇନ୍ ପେମେଣ୍ଟ୍ ବ୍ୟବସ୍ଥା ଲାଗୁ କରିଛି। ବିଶ୍ୱ ବ୍ୟାଙ୍କ୍‌ର ଗ୍ଲୋବାଲ୍ ଫିନ୍‌ଡେକ୍ସ ରିପୋର୍ଟ ଅନୁସାରେ ୨୦୧୪ ମସିହାରେ କେନିଆର ୫୮% ପ୍ରାପ୍ତ ବୟସ୍କଙ୍କ ନିକଟରେ ମୋବାଇଲ୍ ମନି ଆକାଉଣ୍ଟ୍ ଥିଲା, ଯାହାକି ବିଶ୍ୱର ସର୍ବାଧିକ। ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ କେନିଆର ରିପୋର୍ଟ ଅନୁସାରେ ୨୦୧୫ ସୁଦ୍ଧା କେନିଆରେ ୩୧ ମିଲିୟନ୍ ମୋବାଇଲ୍ ମନି ଉପଭୋକ୍ତା ୧,୪୪,୦୦୦ ଏଜେଣ୍ଟଙ୍କ ଦ୍ୱାରା କାର୍ଯ୍ୟ କରୁଛନ୍ତି।

**ଦେ**ଶରେ ସବୁଠାରୁ ଉନ୍ନତ ଆର୍ଥିକ କାରବାର ବ୍ୟବସ୍ଥା ପ୍ରଚଳିତ କରାଇ ଭାରତକୁ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତିରେ ପରିଣତ କରିବା ପାଇଁ ୨୦୧୬ ଜୁନ୍ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ "ପେମେଣ୍ଟ୍ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମସ୍ ଇନ୍ ଇଣ୍ଡିଆ: ଭିଜନ୍ ୨୦୧୮" ଶୀର୍ଷକ ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏହାର ଲକ୍ଷ୍ୟ ସମାଜର ସବୁ ବର୍ଗର ଲୋକଙ୍କୁ ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଟଙ୍କା କାରବାର କରିବାକୁ ଉତ୍ସାହିତ କରିବା। ଏହାଦ୍ୱାରା ସବୁବର୍ଗର ଲୋକେ ଅର୍ଥନୀତିରେ ସାମିଲ୍ ହେବା ସହ ଏହା ଟିକସ ବେସ୍ ବଢାଇବା, କଳାଧନ ହ୍ରାସ କରିବା ଏବଂ ଆତଙ୍କବାଦ ଓ ନିର୍ବାଚନ ପାଇଁ ପାଣ୍ଠି ସଂଗ୍ରହ ହ୍ରାସ କରିବାରେ ସାହାଯ୍ୟ କରିବ। ଭାରତକୁ ନଗଦ କାରବାର ବିହୀନ ଦେଶରେ ପରିଣତ କରିବା ପାଇଁ ପ୍ରଥମେ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ସମାଜରେ ପରିଣତ କରିବା ପାଇଁ ଉଦ୍ୟମ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସ୍ୱିଡେନ୍, କେନିଆ ଏବଂ ବ୍ରାଜିଲ୍ ପରି ବହୁ ଦେଶରେ ବର୍ତ୍ତମାନ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ପ୍ରଚଳିତ। ସେହିସବୁ ଦେଶର ଅନୁଭବରୁ ଜଣାପଡୁଛି ଯେ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ପାଇଁ ସୁରକ୍ଷିତ ଅନଲାଇନ୍ କାରବାର, ଉତ୍ତମ ଭିତ୍ତିଭୂମି ଓ ଗ୍ରାହକକୈନ୍ଦ୍ରିକ ଉତ୍ସାହର ଆବଶ୍ୟକତା ରହିଛି।

**ଭାରତ ଓ ଅନ୍ୟ ଦେଶ ମଧ୍ୟରେ ତୁଳନା**

ଅନ୍ୟଦେଶ ସହ ତୁଳନା କଲେ ଜଣାଯାଏ ଯେ ବିଭିନ୍ନ ବିକଶିତ ଓ ବିକାଶଶୀଳ ଦେଶଗୁଡିକ ତୁଳନାରେ ଭାରତରେ ଅଧିକ ସଂଖ୍ୟକ ମୁଦ୍ରା କାରବାର ହୋଇଥାଏ। ୨୦୧୫ ମସିହାରେ ଭାରତୀୟ ଅର୍ଥନୀତିରେ କାରବାର ହେଇଥିବା ଟଙ୍କା ଭାରତର ମୋଟ ଘରୋଇ ଉତ୍ପାଦର ୧୨.୩ % ଥିବାବେଳେ ବ୍ରାଜିଲରେ ୩.୮%, ଦକ୍ଷିଣ କୋରିଆରେ ୫.୬% ଏବଂ ସ୍ୱିଡେନରେ ୧.୭% ରହିଥିଲା।

**ଚିତ୍ର ୧:**





**୨୦୧୧-୨୦୧୫ ମଧ୍ୟରେ କେତେକ ଦେଶଗୁଡିକରେ ସକଳ ଘରୋଇ ଉତ୍ପାଦନର ପ୍ରତିଶତ ଭାବରେ ହେଉଥିବା ନଗଦ କାରବାର।**

ସେହିପରି ୨୦୧୬ରେ ଭାରତରେ ୬୮% କାରବାର ନଗଦ ଅର୍ଥ ମାଧ୍ୟମରେ କରାଯାଇଛି ଯାହାକି ବିଶ୍ୱରେ ଇଣ୍ଡୋନେସିଆ ଓ ଋଷିଆ ପରେ ସର୍ବାଧିକ। ଥାଇଲାଣ୍ଡ, ବ୍ରାଜିଲ୍ ଓ ଚୀନ୍ ପରି ଅନ୍ୟ ବିକାଶଶୀଳ ଦେଶଗୁଡ଼ିରେ ବିଭିନ୍ନ କାରବାର ପାଇଁ ଭାରତ ତୁଳନାରେ ଖୁବ୍ କମ୍ ପରିମାଣର ନଗଦ ଅର୍ଥ ପଇଠ କରାଯାଉଛି। ଅନ୍ୟ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ଭାରତରେ କ୍ରେଡିଟ୍ କାର୍ଡ ବ୍ୟବହାର ମଧ୍ୟ ଖୁବ୍ କମ୍।

ସ୍ୱିଡେନ୍‌ରେ ବିଶ୍ୱର ସବୁଠାରୁ କମ୍ ପରିମାଣର ନଗଦ ଅର୍ଥ କାରବାର କରାଯାଉଛି। ଏଠାରେ ବସ୍ ଟିକେଟ୍ ଠାରୁ ଆରମ୍ଭ କରି ଦାତବ୍ୟ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଅର୍ଥ କାରବାର କରାଯାଉଛି। ଖୁଚୁରା ବ୍ୟବସାୟୀମାନେ ଟଙ୍କା ଓ ପଇସା ଉଭୟ ନନେବା ପାଇଁ ଆଇନଗତ ସ୍ୱୀକୃତି ପାଇଛନ୍ତି। ସାଧାରଣ ୟୁରୋପୀୟମାନଙ୍କ ତୁଳନାରେ ସ୍ୱିଡେନ୍‌ବାସୀ ତିନିଗୁଣା ଅଧିକ ଡେବିଟ୍ କାର୍ଡ ବ୍ୟବହାର କରିଥାନ୍ତି। ୨୦୧୬ ମସିହାରେ ସ୍ୱିଡେନ୍‌ରେ ପ୍ରଚଳିତ କେତେକ ମୁଦ୍ରା (୨୦, ୫୦ ଏବଂ ୧୦୦୦ କୋର୍ନା)କୁ ଅସିଦ୍ଧ କରାଯାଇଛି ଏବଂ ଜୁଲାଇ ୨୦୧୭ ସୁଦ୍ଧା ଅନ୍ୟ କେତେକ ମୁଦ୍ରାକୁ ମଧ୍ୟ ଅସିଦ୍ଧ କରାଯିବ ବୋଲି ଘୋଷଣା କରାଯାଇସାରିଛି।

ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ କେନିଆ ଅସାଧୁ ଉପାୟ ରୋକିବା ଓ ଉଚିତ୍ ଟିକସ ଆଦାୟ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସରକାରୀ ସେବା ଯେପରିକି କାଉନ୍‌ସିଲ୍ ପାର୍କିଂ, ନିର୍ମାଣ ସଂକ୍ରାନ୍ତୀୟ ଅନୁମତି, ଜମିଜମା ମୂଲ୍ୟ, ଡ୍ରାଇଭିଂ ଲାଇସେନ୍‌ସ୍ ନବୀକରଣ, ପାସ୍‌ପୋର୍ଟ ଦେୟ ଆଦି କ୍ଷେତ୍ରରେ ଅନଲାଇନ୍ ପେମେଣ୍ଟ୍ ବ୍ୟବସ୍ଥା ଲାଗୁ କରିଛି।

**ଚିତ୍ର ୨:**




**୨୦୧୧-୨୦୧୫ ମଧ୍ୟରେ କେତେକ ଦେଶରେ ଜନସଂଖ୍ୟା ଅନୁସାରେ କାର୍ଡଧାରୀଙ୍କ ସଂଖ୍ୟା**

ବିଶ୍ୱ ବ୍ୟାଙ୍କର ଗ୍ଲୋବାଲ୍ ଫିନ୍‌ଡେକ୍ସ ରିପୋର୍ଟ ଅନୁସାରେ ୨୦୧୪ ମସିହାରେ କେନିଆର ୫୮% ପ୍ରାପ୍ତ ବୟସ୍କଙ୍କ ନିକଟରେ ମୋବାଇଲ୍ ମନି ଆକାଉଣ୍ଟ୍ ଥିଲା, ଯାହାକି ବିଶ୍ୱର ସର୍ବାଧିକ। ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ କେନିଆର ରିପୋର୍ଟ ଅନୁସାରେ ୨୦୧୫ ସୁଦ୍ଧା କେନିଆରେ ୩୧ ମିଲିୟନ୍ ମୋବାଇଲ୍ ମନି ଉପଭୋକ୍ତା ୧,୪୪,୦୦୦ ଏଜେଣ୍ଟଙ୍କ ଦ୍ୱାରା କାର୍ଯ୍ୟ କରୁଛନ୍ତି। କ୍ରେଡିଟ୍ କାର୍ଡ ଓ ଇଣ୍ଟରନେଟ୍‌ର ବହୁଳ ଉପଯୋଗ ନକରି ମଧ୍ୟ ମୋବାଇଲ୍ ଟେକ୍ନୋଲୋଜି ଓ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ଦ୍ୱାରା ଅନ୍‌ଲାଇନ୍ ମାଧ୍ୟମରେ ଅର୍ଥ ପଇଠ କରିବାରେ କେନିଆ ଏକ ଉଦାହରଣ ସୃଷ୍ଟି କରିଛି।

**ଭିତ୍ତିଭୂମି ସୁବିଧା:** ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଅର୍ଥ କାରବାରକୁ ଗ୍ରହଣ କରିବା ବ୍ୟତୀତ ଅର୍ଥ ପଇଠ ଯନ୍ତ୍ରଗୁଡ଼ିକ ମଧ୍ୟ ସମାଜରେ ପ୍ରବେଶ କରିବା ଆବଶ୍ୟକ। ଯେପରିକି ଉଦାହରଣ ସ୍ୱରୂପ ଭାରତରେ ୨୦୧୫ ମସିହାରେ କେବଳ ଅର୍ଦ୍ଧେକ ଜନସଂଖ୍ୟାଙ୍କ ନିକଟରେ କାର୍ଡ ଉପଲବ୍ଧ ଥିଲା। ଏହା ତୁଳନାରେ ସ୍ୱିଡେନରେ ଜଣେ ବ୍ୟକ୍ତି ନିକଟରେ ହାରାହାରି ୨.୫ଟି କାର୍ଡ ରହିଥିଲାବେଳେ ବ୍ରାଜିଲରେ ଜଣଙ୍କ ନିକଟରେ ୫.୫ ଓ ଚୀନରେ ପ୍ରତି ବ୍ୟକ୍ତିଙ୍କ ନିକଟରେ ୪ଟି ଲେଖାଏଁ କାର୍ଡ ରହିଥିଲା।

ଅନ୍ୟ ଦେଶଗୁଡ଼ିକ ତୁଳନାରେ ଦକ୍ଷିଣ କୋରିଆବାସୀଙ୍କ ନିକଟରେ ସର୍ବାଧିକ କାର୍ଡ ରହିଛି। ଦକ୍ଷିଣ କୋରିଆ ଖୁବ୍‌ଶୀଘ୍ର ନଗଦ କାରବାର ବିହୀନ ରାଷ୍ଟ୍ର ଭାବେ ପରିଗଣିତ ହେବାକୁ ଯାଉଛି। ଦକ୍ଷିଣ କୋରିଆରେ ପ୍ଲାଷ୍ଟିକ୍ ମୁଦ୍ରା ବା କାର୍ଡ ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଯାଇ ସରକାର କାର୍ଡ ଦ୍ୱାରା ପଇଠ କରୁଥିବା ଉପଭୋକ୍ତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମୂଲ୍ୟଯୁକ୍ତ କର ସେବା ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଅନ୍ୟପକ୍ଷରେ ଭାରତରେ କାର୍ଡ ଦ୍ୱାରା ମୂଲ୍ୟ ପଇଠ କଲେ ବ୍ୟାଙ୍କ୍ ଚାର୍ଜ ହିସାବରେ କିଛି ଟଙ୍କା କଟିଯାଉଥିବାରୁ ଲୋକେ ନଗଦ ଟଙ୍କା ଆକାରରେ ପଇଠ କରିବାକୁ ପସନ୍ଦ କରିଥାନ୍ତି।

**ଟେବୁଲ୍ ୧: ୨୦୧୧-୨୦୧୫ ମଧ୍ୟରେ ବିଭିନ୍ନ ଦେଶରେ ପ୍ରତି ୧ ମିଲିୟନ୍ ଜନସଂଖ୍ୟାଙ୍କ ପାଇଁ ଥିବା ପିଓଏସ୍ ଟର୍ମିନାଲ୍ ସଂଖ୍ୟା**

| ଦେଶ | ୨୦୧୧ | ୨୦୧୨ | ୨୦୧୩ | ୨୦୧୪ | ୨୦୧୫ |
|---|---|---|---|---|---|
| ବ୍ରାଜିଲ୍ | ୧୭,୮୧୧ | ୨୦,୫୬୧ | ୨୨,୧୪୬ | ୨୪,୮୩୭ | ୨୫,୨୪୧ |
| ଚୀନ୍ | ୩,୫୯୨ | ୫,୨୭୦ | ୭,୮୧୪ | ୧୧,୬୫୦ | ୧୬,୬୦୨ |
| ଭାରତ | ୫୫୦ | ୬୯୫ | ୮୬୫ | ୮୮୯ | ୧,୦୮୦ |
| ସ୍ୱିଡେନ୍ | ୨୨,୧୬୭ | ୨୦,୮୩୭ | ୨୦,୮୩୭ | ୨୦,୩୦୪ | ୧୮,୬୬୦ |
| ୟୁକେ | ୨୧.୪୯୯ | ୨୫,୭୩୨ | ୨୫,୮୦୦ | ୨୬,୩୪୬ | ୩୦,୦୭୮ |

**୨୦୧୬ ଅଗଷ୍ଟ ମାସରେ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍‌ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ମୋବାଇଲ୍ ଫୋନ୍ ଆପ୍ଲିକେସନ୍ ମାଧ୍ୟମରେ କୌଣସି ଦୁଇଟି ବ୍ୟାଙ୍କ୍‌ର କାର୍ଡଧାରୀ ସେମାନଙ୍କ ମଧ୍ୟରେ ଟଙ୍କା ଆଦାନପ୍ରଦାନ କରିପାରିବେ। ଏହା ମାଧ୍ୟମରେ ପାଶବୁକ୍‌ଧାରୀ କୌଣସି ବ୍ୟକ୍ତିଙ୍କୁ ଟଙ୍କା ପଇଠ କରିବାକୁ ଚାହୁଁଥିଲେ କାର୍ଡର ସବିଶେଷ ବିବରଣୀ, ଅନ୍ୟ କୋଡ୍ ଓ ପାଶୱାର୍ଡ ନଦେଇ ମଧ୍ୟ ଟଙ୍କା ପଇଠ କରିପାରିବେ। ୨୦୧୬ ଡିସେମ୍ବରରେ ସରକାର ଏକ ଅର୍ଡିନାନସ୍ ପାଶ୍ କରିଛନ୍ତି ଯାହା ପାରିଶ୍ରମିକ ପ୍ରଦାନ ନିୟମର ବିଭାଗ ୬ରେ ପରିବର୍ତ୍ତନ ଆଣିଛି। ଏହାଦ୍ୱାରା ସରକାର କର୍ମଚାରୀମାନଙ୍କ ସମସ୍ତ ପାରିଶ୍ରମିକ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଇବା କିମ୍ବା ଚେକ୍ ମାଧ୍ୟମରେ ପ୍ରଦାନ କରି ସମସ୍ତ କାରବାରକୁ ନଗଦବିହୀନ କରିବା ପାଇଁ ନିୟମ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୧୯୬୦ ଦଶକରେ ସ୍ୱିଡେନ୍ ମଧ୍ୟ ନଗଦବିହୀନ ଦେଶଭାବେ ପରିଗଣିତ ହେବା ପାଇଁ ସମସ୍ତ ପାରିଶ୍ରମିକକୁ ଡିଜିଟାଲ୍ ଟ୍ରାନସଫର୍ ମାଧ୍ୟମରେ ପଇଠ କରିବା ଆରମ୍ଭ କରିଥିଲା।**

ବ୍ରାଜିଲ୍ ଓ ଚୀନ୍ ପରି ବିକାଶଶୀଳ ଦେଶରେ ପ୍ରତି ମିଲିୟନ୍ ଲୋକସଂଖ୍ୟାଙ୍କ ପାଇଁ ଆବଶ୍ୟକ ଥିବା ପଏଣ୍ଟ ଅଫ୍ ସେଲ୍ ଟର୍ମିନାଲ୍ ବା ପିଓଏସ୍ (ଜିନିଷ କିଣିବା ସ୍ଥାନଗୁଡ଼ିକରେ ନଗଦ କାରବାର ନକରି କ୍ରେଡିଟ୍ ବା ଡେବିଟ୍ କାର୍ଡ ମାଧ୍ୟମରେ ଟଙ୍କା ପଇଠ କରିବା ମେସିନ୍) ତୁଳନାରେ ଭାରତର ବିଶାଳ ଜନସଂଖ୍ୟା ଅନୁସାରେ ଆମ ଦେଶରେ ସବୁଠାରୁ କମ୍ ସଂଖ୍ୟକ ପିଓଏସ୍ ରହିଛି।

ଅନ୍ୟ ସ୍ୱଳ୍ପ ନଗଦ କାରବାର କରାଯାଉଥିବା ଦେଶଗୁଡ଼ିକରେ ଅର୍ଥ କାରବାର ପାଇଁ ଅନ୍ୟାନ୍ୟ ମାଧ୍ୟମ ଯେପରିକି ଇଲେକ୍‌ଟ୍ରୋନିକ୍ ମନି ଟର୍ମିନାଲ୍ ଏବଂ ମୋବାଇଲ୍ ମନି ପେମେଣ୍ଟ ସିଷ୍ଟମ୍‌ର ବ୍ୟବହାର କରାଯାଉଛି। ଭାରତରେ ଏସବୁ ଭିତ୍ତିଭୂମିର ବ୍ୟବହାର ସୀମିତ। ଭାରତରେ ୧.୨ ବିଲିୟନ୍ ଜନସଂଖ୍ୟା ମଧ୍ୟରୁ ୩୦ ଜୁନ୍ ୨୦୧୬ ସୁଦ୍ଧା ଏକ ବିଲିୟନ୍ ଓ୍ୟାରଲେସ୍ ଫୋନ୍ ଉପଭୋକ୍ତା ଅଛନ୍ତି। କେବଳ ୦.୫% ନଗଦ ବିହୀନ କାରବାର ମୋବାଇଲ୍ ଫୋନ୍ ବ୍ୟବହାର କରି ଇଲୋକଟ୍ରୋନିକ୍ ମନି ଟର୍ମିନାଲ୍ ମାଧ୍ୟମରେ କରାଯାଇଥାଏ। ଏହାର ଅନ୍ୟତମ କାରଣ ହେଲା ଅନ୍ୟ ଦେଶ ତୁଳନାରେ ଭାରତରେ ସ୍ମାର୍ଟ ଫୋନ୍ ଉପଭୋକ୍ତା ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଖୁବ୍ ନଗଣ୍ୟ। ୨୦୧୬ ମସିହାରେ ଭାରତରେ କେବଳ ୧୭% ଯୁବବର୍ଗଙ୍କ ନିକଟରେ ସ୍ମାର୍ଟ ଫୋନ୍ ଥିବାବେଳେ ଦକ୍ଷିଣ କୋରିଆରେ ୮୮% ଓ କେନିଆରେ ୨୬% ଯୁବବର୍ଗଙ୍କ ନିକଟରେ ସ୍ମାର୍ଟ ଫୋନ୍ ରହିଥିଲା। ସେହିପରି ୨୦୧୫ ମସିହାରେ ଭାରତରେ ୨୬% ଲୋକ ଇଣ୍ଟରନେଟ୍ ବ୍ୟବହାର କରୁଥିବାବେଳେ ବ୍ରାଜିଲରେ ୫୯.୦୮%, ଚୀନ୍‌ରେ ୫୦% ଏବଂ ଦକ୍ଷିଣ କୋରିଆ ଓ ସ୍ୱିଡେନ୍‌ରେ ପାଖାପାଖି ୯୦% ଲୋକ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ଅନୁରୂପ ଭାବେ ଭାରତରେ ପ୍ରତି ୧୦୦ ଜଣରେ ୧.୩୪ ଜଣ ସ୍ଥାୟୀ ବ୍ରଡବ୍ୟାଣ୍ଡ ବ୍ୟବହାର କରୁଥିବାବେଳେ ସ୍ୱିଡେନରେ ୩୬.୦୭ ଓ କୋରିଆରେ ୪୦.୨୫ ଜଣ ସ୍ଥାୟୀ ବ୍ରଡବ୍ୟାଣ୍ଡ ବ୍ୟବହାର କରିଥାନ୍ତି।

ତେଣୁ ସରକାରଙ୍କ ସ୍ୱଳ୍ପ ନଗଦ କାରବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ଭାରତର ବର୍ତ୍ତମାନର ଭିତ୍ତିଭୂମି, ବିଶେଷକରି ପ୍ରଯୁକ୍ତିଗତ ଭିତ୍ତିଭୂମିର ତ୍ୱରିତ ବିକାଶ ଆବଶ୍ୟକ। ଏଥିସହ ଅନ୍‌ଲାଇନ୍ କାରବାରକୁ ସୁରକ୍ଷିତ କରିବା ପାଇଁ ସଠିକ୍ ନିୟମ ପ୍ରଣୟନର ଆବଶ୍ୟକତା ରହିଛି।

**ବିଶ୍ୱ ଅନୁଭବରୁ ଶିକ୍ଷା ଓ ପଦକ୍ଷେପ**

କେନିଆ ଓ ନାଇରୋବି ପରି ଦେଶ ଯଦି ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ଆଡ଼କୁ ସଫଳତାର ସହ ଅଗ୍ରସର ହୋଇପାରୁଛନ୍ତି ତେବେ ଭାରତ ମଧ୍ୟ ପ୍ରଯୁକ୍ତିଗତ ନୂତନ ପେମେଣ୍ଟ ବ୍ୟବସ୍ଥା ଲାଗୁ କରି ଏଭଳି ଅର୍ଥନୀତିକୁ ଆପଣେଇ ପାରିବ। ଏହି ପରିପ୍ରେକ୍ଷୀରେ ମୋବାଇଲ୍ ପେମେଣ୍ଟ ଓ୍ୱାଲେଟ୍ ଏବଂ ଅନଲାଇନ୍ ଅର୍ଥ ଟ୍ରାନସଫର୍ ସୁବିଧା ଥିବା ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରିବା ଏକ ବିକଳ୍ପ। ଏହା କ୍ଷୁଦ୍ର ବ୍ୟବସାୟ ଓ ଅଣ କର୍ପୋରେଟ୍ କ୍ଷେତ୍ରରେ କାର୍ଯ୍ୟ କରିବ, ଯେଉଁମାନଙ୍କ ନିକଟରେ କାର୍ଡ ବ୍ୟବହାର କରାଯାଇପାରେ ନାହିଁ ବା ପିଓଏସ୍ ମେସିନ୍ ନଥାଏ। ଉଦାହରଣ ସ୍ୱରୂପ ସ୍ୱିଡେନ୍‌ରେ ଅଧିକାଂଶ ରାସ୍ତାକଡ଼ ବିକାଳି ଓ ଛୋଟ ବ୍ୟବସାୟୀମାନେ ପଇସା ନେବା ପାଇଁ ପେମେଟ୍ ଆପ୍ଲିକେସନ୍ ବା ଆଇଜେଟିଲ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପିଓଏସ୍ କାର୍ଡ ରିଡର୍ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ବ୍ୟବସାୟର ବିକ୍ରୀକ୍ଷେତ୍ରରେ ଏକ ସକରାତ୍ମକ ପ୍ରଭାବ ପଡୁଛି। ସେହିପରି ଆଫ୍ରିକା ମହାଦେଶର ସବୁଠାରୁ ଅଧିକ ମୋବାଇଲ୍ ମନି ବ୍ୟବହାରକାରୀ ରାଷ୍ଟ୍ର କେନିଆରେ ବିଭିନ୍ନ ଫି, ବିଲ୍ ଏପରିକି ଦରମା ମଧ୍ୟ ଏମ୍-ପେସା ମାଧ୍ୟମରେ ପଇଠ କରାଯାଉଛି। ଭାରତରେ ନଗଦବିହୀନ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ପେଟିଏମ୍, ସିସିଆଭେନ୍ୟୁ ଏବଂ ପେୟୁ ପରି ବିଭିନ୍ନ ପେମେଣ୍ଟ ବ୍ୟବସ୍ଥା ବ୍ୟବହାର କରିବା ପାଇଁ ଉତ୍ସାହିତ କରିବା ସହ ସହଯୋଗ କରିବା ଆବଶ୍ୟକ।

ହୋଲସେଲ୍ ଓ ପାଇକାରୀ ବ୍ୟବସାୟ କ୍ଷେତ୍ରରେ ହେଉଥିବା କାରବାର, ଅନୌପଚାରିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଜୁରୀ ଏବଂ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଜୁରୀ ପ୍ରଦାନ ଆଦି କ୍ଷେତ୍ରରେ ନଗଦ ଅର୍ଥ ପ୍ରଦାନ ଉପରେ ନଜର ରଖିବାକୁ ହେବ। ଟିକସ ଫାଙ୍କି ଏବଂ ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ଅର୍ଥ ପ୍ରଦାନ କରିବା ପାଇଁ ଏଭଳି ଅନୌପଚାରିକ କ୍ଷେତ୍ରରେ ଅର୍ଥ ପଇଠ ସାଧାରଣତଃ ନଗଦ ଆକାରରେ ହୋଇଥାଏ। ଏଭଳି ଅନୌପଚାରିକ କ୍ଷେତ୍ରକୁ ଔପଚାରିକ କ୍ଷେତ୍ରରେ ପରିଣତ କରିବା ତଥା ନଗଦ ବିହୀନ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୧୬ ଅଗଷ୍ଟ ମାସରେ ନ୍ୟାସନାଲ୍ ପେମେଣ୍ଟ

କର୍ପୋରେସନ୍ ଅଫ୍ ଇଣ୍ଡିଆ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ମୋବାଇଲ୍ ଫୋନ୍ ଆପ୍ଲିକେସନ୍ ମାଧ୍ୟମରେ କୌଣସି ଦୁଇଟି ବ୍ୟାଙ୍କ୍ର କାର୍ଡଧାରୀ ସେମାନଙ୍କ ମଧ୍ୟରେ ଟଙ୍କା ଆଦାନପ୍ରଦାନ କରିପାରିବେ। ଏହା ମାଧ୍ୟମରେ ପାଶବୁକ୍ଧାରୀ କୌଣସି ବ୍ୟକ୍ତିଙ୍କୁ ଟଙ୍କା ପଇଠ କରିବାକୁ ଚାହୁଁଥିଲେ କାର୍ଡର ସବିଶେଷ ବିବରଣୀ, ଅନ୍ୟ କୋଡ୍ ଓ ପାଶୱାର୍ଡ ନଦେଇ ମଧ୍ୟ ଟଙ୍କା ପଇଠ କରିପାରିବେ। ୨୦୧୬ ଡିସେମ୍ବରରେ ସରକାର ଏକ ଅର୍ଡିନାନସ୍ ପାଶ୍ କରିଛନ୍ତି ଯାହା ପାରିଶ୍ରମିକ ପ୍ରଦାନ ନିୟମର ବିଭାଗ ୬ରେ ପରିବର୍ତ୍ତନ ଆଣିଛି। ଏହାଦ୍ୱାରା ସରକାର କର୍ମଚାରୀମାନଙ୍କ ସମସ୍ତ ପାରିଶ୍ରମିକ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଇବା କିମ୍ବା ଚେକ୍ ମାଧ୍ୟମରେ ପ୍ରଦାନ କରି ସମସ୍ତ କାରବାରକୁ ନଗଦବିହୀନ କରିବା ପାଇଁ ନିୟମ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୧୯୬୦ ଦଶକରେ ସ୍ୱିଡେନ୍ ମଧ୍ୟ ନଗଦବିହୀନ ଦେଶଭାବେ ପରିଗଣିତ ହେବା ପାଇଁ ସମସ୍ତ ପାରିଶ୍ରମିକକୁ ଡିଜିଟାଲ୍ ଟ୍ରାନସଫର୍ ମାଧ୍ୟମରେ ପଇଠ କରିବା ଆରମ୍ଭ କରିଥିଲା।

ତେଲେଙ୍ଗାନାର ଇବ୍ରାହିମପୁର ଗାଁ ବ୍ୟାଙ୍କ୍ ଆକାଉଣ୍ଟ ବ୍ୟବହାର, କ୍ରେଡିଟ୍ କାର୍ଡ ଓ ପେମେଣ୍ଟ ଆପ୍ଲିକେସନ୍ଗୁଡିକର ବ୍ୟବହାର କରି ସମ୍ପୂର୍ଣ୍ଣ ନଗଦ କାରବାର ବିହୀନ ଗାଁ ଭାବେ ପରିଗଣିତ ହେଇଛି। ଅନ୍ୟ ଗାଁଗୁଡିକରେ ମଧ୍ୟ ଏଭଳି ସଫଳତା ପ୍ରତିଫଳିତ ହେବା ଆବଶ୍ୟକ। କେତେକ କ୍ଷେତ୍ରରେ ବ୍ୟାଙ୍କ୍ଗୁଡିକ କିଛି ନିର୍ଦ୍ଦିଷ୍ଟ ଅଂଚଳକୁ ଡିଜିଟାଲାଇଜ୍ କରିବାକୁ ଉଦ୍ୟମ କରୁଛନ୍ତି। ଉଦାହରଣସ୍ୱରୂପ ଗୁଜରାଟର ଅକୋଦରା ଗାଁ ୨୦୧୫ ମସିହାରେ ଏକ ଭାରତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଉଦ୍ୟମରେ ଡିଜିଟାଲାଇଜ୍ ହୋଇଥିଲା। ବ୍ୟାଙ୍କ୍ଟି ୱାୟାରଲେସ୍ ଇଣ୍ଟରନେଟ୍ ଏବଂ ପେମେଣ୍ଟଟର୍ମିନାଲ୍ ପରି ଭିତ୍ତିଭୂମିରେ ନିବେଶ କରି ଗାଁଲୋକଙ୍କ ନିକଟରେ ଆଧୁନିକ ବ୍ୟାଙ୍କିଙ୍ଗ୍ ସୁବିଧା ପହଂଚାଇବା ପାଇଁ ଉଦ୍ୟମ କରିଥିଲା।

**ଭାରତରେ ନଗଦବିହୀନ କାରବାର ପାଇଁ ନିଆଯାଉଥିବା ଅନ୍ୟ ପଦକ୍ଷେପଗୁଡିକ ମଧ୍ୟରେ ସର୍ବସାଧାରଣ ଗମନାଗମନ ସେବା ଯେପରିକି ମେଟ୍ରୋ ଟ୍ରେନ୍ଗୁଡିକରେ ଇଲେକଟ୍ରୋନିକ୍ ପେମେଣ୍ଟ ବ୍ୟବସ୍ଥା କରାଯିବାକୁ ଉଦ୍ୟମ କରାଯାଉଛି। ୨୦୧୭ ମସିହାରୁ ଦିଲ୍ଲୀ ମେଟ୍ରୋର କେତେକ ଷ୍ଟେସନ୍ଗୁଡିକରେ ନଗଦବିହୀନ କାରବାର କରାଯିବା ନିଷ୍ପତ୍ତି ନିଆଯାଇଛି।ସ୍ୱଚ୍ଛ ନଗଦ କାରବାର ବିଶିଷ୍ଟ ଅର୍ଥନୀତି ଆଡକୁ ଅଗ୍ରସର ହେବାକୁ ହେଲେ ସରକାର ଏହିସବୁ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ**

ଭାରତରେ ନଗଦବିହୀନ କାରବାର ପାଇଁ ନିଆଯାଉଥିବା ଅନ୍ୟ ପଦକ୍ଷେପଗୁଡିକ ମଧ୍ୟରେ ସର୍ବସାଧାରଣ ଗମନାଗମନ ସେବା ଯେପରିକି ମେଟ୍ରୋ ଟ୍ରେନ୍ଗୁଡିକରେ ଇଲେକଟ୍ରୋନିକ୍ ପେମେଣ୍ଟ ବ୍ୟବସ୍ଥା କରାଯିବାକୁ ଉଦ୍ୟମ କରାଯାଉଛି। ୨୦୧୭ ମସିହାରୁ ଦିଲ୍ଲୀ ମେଟ୍ରୋର କେତେକ ଷ୍ଟେସନ୍ଗୁଡିକରେ ନଗଦବିହୀନ କାରବାର କରାଯିବା ନିଷ୍ପତ୍ତି ନିଆଯାଇଛି। ସ୍ୱଚ୍ଛ ନଗଦ କାରବାର ବିଶିଷ୍ଟ ଅର୍ଥନୀତି ଆଡକୁ ଅଗ୍ରସର ହେବାକୁ ହେଲେ ସରକାର ଏହିସବୁ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ

● **ପେମେଣ୍ଟ୍ର ବିଭିନ୍ନ ମାଧ୍ୟମରେ ସମାନତା:** ନଗଦ ଟଙ୍କା ପଇଠ ତୁଳନାରେ କାର୍ଡ ଓ ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଟଙ୍କା ପଇଠ ମହଙ୍ଗା ହେବା ଉଚିତ୍ ନୁହେଁ। ଅଧିକାଂଶ ସମୟରେ ବ୍ୟାଙ୍କ୍ଗୁଡିକ ଅନ୍ଲାଇନ୍ ପେମେଣ୍ଟ କିମ୍ବା ଇଲେକ୍ଟ୍ରୋନିକ୍ ଟ୍ରାନ୍ସଫର୍ ସମୟରେ ବ୍ୟାଙ୍କ୍ ଚାର୍ଜ ବା ପ୍ରୋସେସିଂ ଫି କାଟି ନେଇଥାଆନ୍ତି। ଏହା ନଗଦ ବଦଳରେ ଅନଲାଇନ୍ ପେମେଣ୍ଟ୍ କରିବାକୁ ନିରୁତ୍ସାହିତ କରିଥାଏ କାରଣ ନଗଦ ଟଙ୍କା ପଇଠ ସମୟରେ କୌଣସି ଅତିରିକ୍ତ ଦେୟ ଦେବାକୁ ପଡିନଥାଏ।

● **ସୂଚନାର ସୁରକ୍ଷା:** ଇଲେକଟ୍ରୋନିକ୍ ମାଧ୍ୟମରେ ଟଙ୍କା ପଇଠ କହିଲେ ସମସ୍ତ କାରବାର ଓ ଉପଭୋକ୍ତା ସମ୍ପର୍କିତ ତଥ୍ୟ ରେକର୍ଡ କରାଯିବାକୁ ବୁଝାଏ। ଏହାଦ୍ୱାରା ବ୍ୟକ୍ତିର ଗୋପନୀୟତା ପ୍ରତି ବିପଦ ପହଂଚିଥାଏ। ଉଦାହରଣସ୍ୱରୂପ ସ୍ୱିଡେନ୍ରେ ପେମେଣ୍ଟ ବ୍ୟବସ୍ଥାର ଡିଜିଟାଇଜେସନ୍ ହେବାପରେ ବ୍ୟାଙ୍କ୍ ଡକାୟତି ଆଶାତୀତ ଭାବେ ହ୍ରାସ ପାଇଥିବାବେଳେ ଅନ୍ଲାଇନ୍ ମାଧ୍ୟମରେ ଠକାମି ବଢିଯାଇଥିଲା। ତେଣୁ ତଥ୍ୟର ସୁରକ୍ଷା ଓ ଗୋପନୀୟତା ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପ୍ରିପେଡ୍ ପେମେଣ୍ଟ ବ୍ୟବସ୍ଥା ଯେପରିକି ସ୍ମାର୍ଟ କାର୍ଡ ଆଦିର ପଲିସିଗୁଡିକ ସମ୍ପର୍କରେ ପୁନର୍ବିଚାର କରିବା ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ଅନ୍ଲାଇନ୍ ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ କାରବାରକୁ ବିପଦମୁକ୍ତ କରିବା ଓ ଫାଷ୍ଟ ଟ୍ରାକ୍ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

● **ଉନ୍ନତ ପ୍ରଯୁକ୍ତିଗତ ଭିତ୍ତିଭୂମି ସ୍ଥାପନ:** ନଗଦବିହୀନ ପେମେଣ୍ଟ କାରବାର ପେମେଣ୍ଟ୍ ଟର୍ମିନାଲଗୁଡିକର ସୁଲଭତା, ଗ୍ରହଣୀୟତା ଓ ବ୍ୟବହାର ଉପରେ ନିର୍ଭର କରିଥାଏ। ଭାରତରେ ବର୍ତ୍ତମାନ ଥିବା ଭିତ୍ତିଭୂମୀ ନଗଦବିହୀନ କାରବାର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଦେଶରେ ନଗଦବିହୀନ କାରବାର କରିବା ପାଇଁ ସରକାର ଭିତ୍ତିଭୂମୀ ସ୍ଥାପନ ସହ ଏଗୁଡିକର ବ୍ୟବହାର ସମ୍ପର୍କରେ ତାଲିମ୍ ଦେବା ଆବଶ୍ୟକ। ଏହା ସ୍ମାର୍ଟ ଫୋନ୍, ଇଣ୍ଟରନେଟ୍ ଓ ବ୍ରଡବ୍ୟାଣ୍ଡ ସଂଯୋଗ ବ୍ୟବହାରକୁ ସୂଚାଇଥାଏ। ଅଧିକାଂଶ ନଗଦବିହୀନ କାରବାର ବ୍ୟବସ୍ଥା ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭରଶୀଳ ତେଣୁ ଏହାର ବ୍ୟବହାର ପାଇଁ ଇଣ୍ଟରନେଟ୍ ସଂଯୋଗ ଅପରିହାର୍ଯ୍ୟ ।

● **ଟିକସ ହ୍ରାସ:** ସ୍ମାର୍ଟ ଫୋନ୍ ଓ ଟାବ୍ଲେଟ୍ ପରି ସୂଚନା ପ୍ରଯୁକ୍ତିଭିତ୍ତିକ ଯନ୍ତ୍ରଗୁଡିକ ଉପରେ ଟିକସ ହ୍ରାସ କରିବା ଜରୁରୀ। ଏହା ଲୋକଙ୍କୁ ଡିଜିଟାଲ୍ ମାଧ୍ୟମରେ ପେମେଣ୍ଟ କରିବାକୁ ଉତ୍ସାହିତ କରିବ। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ସାମଗ୍ରୀ ଓ ସେବା କର ବ୍ୟବସ୍ଥା ଦ୍ୱାରା ଇଲେକ୍ଟ୍ରୋନିକସ୍ ଉପରେ ୨୮% ସାମଗ୍ରୀ ଜିଏସ୍ଟି ଲାଗୁ ହେବାର ଆଶା

କରାଯାଏ। ଯାହାକି ଖୁବ୍ ଅଧିକ। ସ୍ମାର୍ଟଫୋନ୍‌ଗୁଡିକ କମ୍ ମୂଲ୍ୟରେ ଉପଲବ୍ଧ ହେବା ଆବଶ୍ୟକ। ବିଶ୍ୱର ସବୁଠାରୁ ଅଧିକ କର୍ପୋରେଟ୍ ଟାକ୍ସ ପ୍ରଦାନକାରୀ ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ୨୦୧୬ ମସିହାରେ ଭାରତ ଅନ୍ୟ କର ସହ ଘରୋଇ କମ୍ପାନୀଗୁଡିକ ଉପରେ ୩୦% ଓ ବିଦେଶୀ କମ୍ପାନୀଗୁଡିକ ଉପରେ ୪୦% କର୍ପୋରେଟ୍ ଟାକ୍ସ ଲାଗୁ କରିଥିଲା। ତେବେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀଗୁଡିକ ପାଇଁ ସ୍ୱିଡେନରେ ଏହା ୨୨% ଓ ଚୀନ୍‌ରେ ଏହା ୨୫% ରହିଥିଲା। ଅଧିକ ଟିକସ ଲାଗୁ ଟିକସ ଫାଙ୍କିବା ପାଇଁ ପ୍ରୋତ୍ସାହିତ କରେ।

- **ଦୃଢ ଇ-କମର୍ସ ପଲିସି:** ଦେଶରେ ଏକ ଦୃଢ ଇ-କମର୍ସ ପଲିସି କାର୍ଯ୍ୟକାରୀ ହେବା ଆବଶ୍ୟକ ଯାହା ନଗଦ ବିହୀନ କାରବାର କ୍ଷେତ୍ରରେ ଉପଭୋକ୍ତାମାନଙ୍କର ସୁରକ୍ଷାକୁ ଅଗ୍ରାଧିକାର ଦେବ।

ଶେଷରେ ଭାରତ ସରକାର ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି କ୍ଷେତ୍ରରେ ଅଗ୍ରସର ହେବା ପାଇଁ ସଠିକ୍ ପଦକ୍ଷେପମାନ ନେଇଛନ୍ତି। ଯଦିଓ ଅନ୍ୟ ଦେଶଗୁଡିକର ଅଭିଜ୍ଞତାରୁ ଜଣାଯାଏ ଯେ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ପାଇଁ ଭିତ୍ତିଭୂମି ଓ ସହାୟକ ଜ୍ଞାନକୌଶଳ ଆବଶ୍ୟକ। ଏକ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ଆଡକୁ ଅଗ୍ରସର ହେବା ପାଇଁ ଅର୍ଥନୈତିକ ପ୍ରତିଷ୍ଠାନ ଓ ବ୍ୟବସାୟଗୁଡିକୁ ଏକସଙ୍ଗେ କାର୍ଯ୍ୟ କରିବାକୁ ହେବ। ଦେଶରେ ଏକ ସରଳ ଓ ସ୍ୱଚ୍ଛ କର ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଆବଶ୍ୟକ ଏବଂ ୨୦୧୭-୧୮ କେନ୍ଦ୍ରୀୟ ବଜେଟ୍ ସରକାରଙ୍କ ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ସମ୍ପର୍କିତ ପଦକ୍ଷେପକୁ ଆଗକୁ ନେବାରେ ସହାୟକ ହେବ।

ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍‌ସ ଅନୁଷ୍ଠାନରେ ଅର୍ପିତା ମୁଖାର୍ଜୀ ଜଣେ ପ୍ରାଧ୍ୟାପିକା ଓ ତନୁ ଏମ୍. ଗୋୟଲ ଜଣେ ପରାମର୍ଶଦାତା ଭାବେ କାର୍ଯ୍ୟରତ।

## ରାଉରକେଲା ଉପକଣ୍ଠରେ ବ୍ରାହ୍ମଣୀ ସେତୁ ହେବ ୮ ଲେନ୍ ବିଶିଷ୍ଟ : ଧର୍ମେନ୍ଦ୍ର ପ୍ରଧାନ

ରାଉରକେଲାଠାରେ ବ୍ରାହ୍ମଣୀ ନଦୀ ଉପରେ ୨ ଲେନ୍ ବିଶିଷ୍ଟ ପୁରୁଣା ସେତୁର ଆବଶ୍ୟକୀୟ ମରାମତି ପୂର୍ବରୁ ଘୋଷଣା ହୋଇଥିବା ଅଧିକ ନୂଆ ୨ ଲେନ୍ ସହ ମୋଟରେ ୬ ଲେନ୍‌ର ନୂଆ ସେତୁ ନିର୍ମାଣ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ବିଭାଗ ମନ୍ତ୍ରୀ ଶ୍ରୀ ନୀତିନ ଗଡକରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ପରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରାଉରକେଲା ଉପକଣ୍ଠରେ ବ୍ରାହ୍ମଣୀ ନଦୀ ଉପରେ ୫୦ବର୍ଷର ପୁରୁଣା ୨ ଲେନ୍ ସେତୁକୁ କେନ୍ଦ୍ରୀୟ ସହାୟତାରେ ମରାମତି କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗକୁ ଦିଆଯାଇଛି । ବୀରମିତ୍ରପୁରରୁ ବାର୍‌କୋଟ୍ ପର୍ଯ୍ୟନ୍ତ ୨ ପ୍ୟାକେଜ୍‌ର ଜାତୀୟ ରାଜପଥ ନିର୍ମାଣରେ ବୈଷୟିକ କାରଣରୁ ବିଳମ୍ବ ହୋଇଥିଲା । ରାଜ୍ୟରେ ଘୋଷିତ ହୋଇଥିବା ସଡ଼କ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ଗଡକରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଥିବା ପ୍ରକାଶ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ସେତୁ ନିର୍ମାଣର ବିଳମ୍ବ କାରଣରୁ ଅଧିକ ଲାଭ ମିଳିଲା । ଗତ ଡିସେମ୍ବର ୨୬ ତାରିଖ ଦିନ ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଘୋଷଣା କରିଛନ୍ତି ଯେ ବ୍ରାହ୍ମଣୀ ନଦୀ ଉପରେ ଯିବା ଆସିବା ପାଇଁ ୪-୪ ମୋଟରେ ୮ ଲେନ୍ ସେତୁ ନିର୍ମିତ ହେବ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଶିଳ୍ପାୟନ ଓ ରାଉରକେଲାର ମହତ୍ୱକୁ ଧ୍ୟାନରେ ରଖି ଶ୍ରୀ ଗଡ଼କରୀ ଏହି ନିଷ୍ପତ୍ତି ନେଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟରେ ଘୋଷିତ ହୋଇଥିବା ଅନ୍ୟାନ୍ୟ ରାଜମାର୍ଗ ସହ ଉପକୂଳ ରାଜପଥ (କୋଷ୍ଟାଲ ହାଇୱେ)ର ପୂର୍ଣ୍ଣାଙ୍ଗ ସ୍ୱରୂପ ଉପରେ ଆଲୋଚନା କରାଗଲା । ବିଶେଷ ଭାବରେ କୋଷ୍ଟାଲ ହାଇୱେର ପୂର୍ଣ୍ଣାଙ୍ଗ ରୂପରେଖ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ଏହି ସମୀକ୍ଷା ବୈଠକରେ ସ୍ଥିର ହେଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ରାଜ୍ୟର ରାସ୍ତା ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।ଏହି ସମୀକ୍ଷା ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ମଧ୍ୟ ଉପସ୍ଥିତ ଥିଲେ।

# ନଗଦ ଅର୍ଥନୀତିରୁ ସ୍ୱଳ୍ପ ନଗଦ ଅର୍ଥନୀତି

**ପ୍ରଭାକର ସାହୁ, ଅମୋଘ ଆରୋରା**

ନଗଦମୁକ୍ତ ସମାଜ ଉଭୟ ସରକାର ଓ ଜନସାଧାରଣଙ୍କୁ ବିଭିନ୍ନ ସୁଯୋଗ ସୁବିଧା ଯୋଗାଏ । ଏହା ସହଜ ଏବଂ କାରବାର ପାଇଁ ସୁବିଧାଜନକ । ସ୍ୱଳ୍ପ ଆୟକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଏହି ବ୍ୟବସ୍ଥାରେ କାରବାର ଜନିତ ବ୍ୟୟ ଖୁବ୍ କମ୍ ପଡ଼େ । ଏଥିରେ ଟଙ୍କା ଚୋରିଚପଟର ଭୟ ପ୍ରାୟ ନାହିଁ । ଏହି ବ୍ୟବସ୍ଥା ଯୋଗୁଁ ବିପୁଳ ମୁଦ୍ରା ଛପା ଜନିତ ବିରାଟ ବ୍ୟୟ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିହେବ । ତା'ଛଡ଼ା ମଇଳା ଓ ଚିରାଫଟା ନୋଟ୍‌ର ବଦଳି ଏବଂ ପୁନଃ ମୁଦ୍ରଣ ଜନିତ ଖର୍ଚ୍ଚ ଯଥେଷ୍ଟ ରୋକି ହେବ । ୨୦୧୫ରେ ନୋଟ୍ ଖଇବାବଦରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ୨୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ନଗଦମୁକ୍ତ ଅର୍ଥନୀତିର ପ୍ରସାର ସହିତ ଟଙ୍କା ଛପା ଜନିତ ବିପୁଳ ଖର୍ଚ୍ଚକୁ ରୋକିହେବ ।

**ଉପକ୍ରମ :** ୨୦୧୬ ନଭେମ୍ବର ଆଠ ତାରିଖରେ ସରକାର ୫୦୦ ଓ ୧୦୦୦ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କଲେ । ସେତେବେଳେ ଏହି ଦୁଇ ବଡ଼ ଅଙ୍କର ନୋଟ୍‌ର ମୂଲ୍ୟ ଦେଶରେ ପ୍ରଚଳିତ ମୋଟ ନୋଟ୍‌ର ମୂଲ୍ୟର ୮୫ ଶତାଂଶ ଥିଲା । ଏହି ଦୁଇ ବଡ଼ ନୋଟ୍‌ର ବିମୁଦ୍ରାୟନ ପରେ ଦେଶରେ ମୁଦ୍ରା (ଅର୍ଥ) ସଂକଟ ସୃଷ୍ଟି ହେଲା । ଫଳରେ ଇଲେକଟ୍ରୋନିକ୍ ପେମେଣ୍ଟ ଓ ଟ୍ରାନ୍ସଫର ଭଳି ବିକଳ୍ପ ଦେଣନେଣ ବ୍ୟବସ୍ଥା ଗ୍ରହଣ କରିବାକୁ ସରକାର ବାଧ୍ୟ ହେଲେ । କଳାଧନ ଏବଂ ଆତଙ୍କବାଦ ସମସ୍ୟାର ମୁକାବିଲା ପାଇଁ ଏହି ବିମୁଦ୍ରାୟନ ପଦକ୍ଷେପ ମୁଖ୍ୟତଃ ଗ୍ରହଣ କରାଯାଇଥିଲେ ହେଁ ଘଟଣାକ୍ରମେ ଦେଶରେ ଏକ ନୋଟ୍ ବିହୀନ ଅର୍ଥନୀତି ପ୍ରବର୍ତ୍ତନର ଆବଶ୍ୟକତା ଉଦ୍‌ଭବ ହେଲା । ୨୦୧୬ ନଭେମ୍ବର ୨୭ରେ ପ୍ରଧାନମନ୍ତ୍ରୀ ତାଙ୍କ ମାସିକ 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ ଏକ ନଗଦ ବିହୀନ ସମାଜ ଗଠନର ସ୍ୱପ୍ନ କଥା କହିଲେ । ସେଥିରେ ସେ କହିଥିଲେ ଯେ ଶତପ୍ରତିଶତ ନଗଦ ବିହୀନ ଅର୍ଥନୀତି ଗଢ଼ିବା ସମ୍ଭବ ନୁହେଁ । ମାତ୍ର କମ୍ ନଗଦର ଏକ ଅର୍ଥନୀତି ଓ ସମାଜ ଗଠନ ପାଇଁ ପ୍ରୟାସ ଆରମ୍ଭ କରାଯାଇପାରିବ । ଏହା ହୋଇପାରିଲେ ନଗଦମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ପହଞ୍ଚିବାକୁ ବେଶୀ ଡେରି ଲାଗିବ ନାହିଁ ।

ଏହା ଅବଶ୍ୟ ସତ୍ୟ ଯେ ବିମୁଦ୍ରାୟନର କାହାଣୀ ସମୟକ୍ରମେ ବଦଳି ଯାଇଛି ଏବଂ ସରକାର ଦେଶରେ ନଗଦ ବିହୀନ ଅର୍ଥନୀତିର ମଞ୍ଜି ବୁଣିଛନ୍ତି । ୨୦୧୪ରେ ସରକାର ପ୍ରଥମ ଥର ପାଇଁ ଦେଶରେ ଜନଧନ ଯୋଜନା କାର୍ଯ୍ୟକାରୀ କଲେ । ୨୦୧୬ ଏପ୍ରିଲ ୨୦ ତାରିଖ ସୁଦ୍ଧା ଏହି ଯୋଜନାରେ ସାରାଦେଶରେ ପ୍ରାୟ ୨୨୦ ନିୟୁତ ଜମା ଖାତା ଖୋଲା ଯାଇଥିଲା । ୨୦୧୬ ଫେବୃୟାରୀରେ ଭାରତ ସରକାର କାର୍ଡ ଓ ଡିଜିଟାଲ ବ୍ୟବସ୍ଥାରେ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶାବଳୀକୁ ଅନୁମୋଦନ କଲେ । ଏହା ଅଣ ଆନୁଷ୍ଠାନିକ ନଗଦ ଅର୍ଥ ବହନକାରୀ (କ୍ୟାସ୍‌କ୍ୟାରୀ) ବ୍ୟବସ୍ଥାରୁ ଏକ ଆନୁଷ୍ଠାନିକ ନଗଦ ବିହୀନ ଅର୍ଥ କାରବାର ବ୍ୟବସ୍ଥାକୁ ଯିବା କ୍ଷେତ୍ରରେ ଥିଲା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ଫଳରେ ଦେଶର ଅର୍ଥ କାରବାର ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାର ଆନୁଷ୍ଠାନିକ ପ୍ରୟାସ ଆରମ୍ଭ ହେଲା । ନଗଦ କାରବାରକୁ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାରେ କରିବା ଦ୍ୱାରା ଦୁର୍ନୀତି ଓ କଳାଧନର ପ୍ରାବଲ୍ୟ ଅନେକାଂଶରେ ହ୍ରାସ ପାଇବ । ତେଣୁ ଇ-ବ୍ୟବସ୍ଥାରେ ଅଧିକରୁ ଅଧିକ କାରବାର ପାଇଁ ସାରା ଦେଶରେ ସହଜ ଓ ସୁଗମ ବ୍ୟାଙ୍କ ବ୍ୟବସ୍ଥାର ଗୁରୁତ୍ୱ ଅପରିହାର୍ଯ୍ୟ ହୋଇଛି ।

ଏକ ନଗଦ ବିହୀନ ଅର୍ଥନୀତି କ୍ରେଡିଟ୍ ଓ ଡେବିଟ୍ କାର୍ଡ ମାଧ୍ୟମରେ ମୁଖ୍ୟତଃ ଚାଲିଥାଏ । ନଗଦ ବଦଳରେ ଇଲେକ୍‌ଟ୍ରୋନିକ ଫଣ୍ଡ୍ ଟ୍ରାନ୍ସଫର କିମ୍ବା ଅନ୍‌ଲାଇନ୍ କିଣାବିକା ଏହାର ଅଂଶ ବିଶେଷ । ନଗଦ ଅର୍ଥରୁ ଡିଜିଟାଲ ଅର୍ଥକୁ ଯିବା ନଗଦ ବିହୀନ ଅର୍ତନୀତି ପ୍ରଚଳନ କ୍ଷେତ୍ରରେ ଏକ ବୈପ୍ଳବିକ ପଦକ୍ଷେପ । ଏହି ବ୍ୟବସ୍ଥାରେ କଳାଧନର ପ୍ରସାର ଉପରେ ଅଙ୍କୁଶ ଲାଗିଥାଏ ଏବଂ ନଗଦ ଅର୍ଥ ପ୍ରବାହ କ୍ଷେତ୍ରରେ ଅଧିକରୁ ଅଧିକ ସ୍ୱଚ୍ଛତା ଆସେ । ଜଣେ ବ୍ୟକ୍ତି କାର୍ଡ ସାହାଯ୍ୟରେ ନିଜର ଯାବତୀୟ ନେଣଦେଣ ଡିଜିଟାଲ ବ୍ୟବସ୍ଥାରେ

କରିବା ବେଳେ ତାହାର ବ୍ୟାଙ୍କ ଆକାଉଣ୍ଟ୍ ସହ ସଂଯୁକ୍ତ ହୁଏ। ଅର୍ଥ ଦେଣ କ୍ଷେତ୍ରରେ ଜମାରୁ ଟଙ୍କା କମେ ଏବଂ ଆୟ ବା ପ୍ରାପ୍ତି କ୍ଷେତ୍ରରେ ଜମାରେ ଟଙ୍କା ଯୋଗହୁଏ। ଆମେ ପକେଟରେ ରଖୁଥିବା ପର୍ସ ବା ୱାଲେଟ ଭଳି ଇ-ବ୍ୟବସ୍ଥାରେ ବ୍ୟାଙ୍କ ଆକାଉଣ୍ଟ ଏକ ୱାଲେଟ ହୋଇଯାଏ। ପ୍ରଥମଟିରେ ନୋଟ୍ ଜରିଆରେ କାରବାର ହେଉଥିବାବେଳେ ଦ୍ୱିତୀୟଟିରେ ନୋଟ୍ ପରିବର୍ତ୍ତେ  ସଂଖ୍ୟାର ଯୋଗ ବିଯୋଗ ହୋଇଥାଏ। ଏଥିରେ ନଗଦର ଆବଶ୍ୟକତା ପଡ଼େ ନାହିଁ। ନଗଦ ହୀନ କାରବାର କ୍ଷେତ୍ରରେ ଇଣ୍ଟରନେଟ୍ ବ୍ୟାଙ୍କିଂ ସହ ନୂତନ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ମଧ୍ୟ ଆଉ ଏକ ନୂଆ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି। ତେବେ ନଗଦ ବିହୀନ କାରବାର ପାଇଁ ଏବେ ଇ-ୱାଲେଟ୍ ସବୁଠୁ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ। ଏବେ ନୂଆ ନୂଆ ବ୍ୟବସ୍ଥାର ଦ୍ରୁତ ପ୍ରବର୍ତ୍ତନ ହେଉଛି। ଫଳରେ ଖୁବ୍ କମ୍ ଦିନରେ ଡେବିଟ୍ ଓ କ୍ରେଡିଟ୍ କାର୍ଡ ମଧ୍ୟ ଅନାବଶ୍ୟକ ହୋଇପଡ଼ିବ ବୋଲି କୁହାଯାଉଛି। ପ୍ରଯୁକ୍ତିର ବିକାଶ ଖୁବ୍ ଦ୍ରୁତ ଗତିରେ ଚାଲିଛି। ଗୋଟିଏ ସ୍ମାର୍ଟ ଫୋନ୍ ଜରିଆରେ କୋଡ୍ ବ୍ୟବହାର କରି ଜଣେ ଏଟିଏମ୍‌ରୁ ମଧ୍ୟ ସହଜରେ ନିଜ ଆକାଉଣ୍ଟରୁ ଅର୍ଥ ଉଠାଇପାରିବ ଏବଂ କାର୍ଡର ଆବଶ୍ୟକତା ପଡ଼ିବ ନାହିଁ।

**ମୁଦ୍ରାହୀନ ସମାଜର ସୁବିଧା ସୁଯୋଗ :** ଭାରତୀୟ ଅର୍ଥନୀତି ବିଶ୍ୱର ସବୁଠୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି ହୋଇଥିଲେ ହେଁ ଏହା କଳାଧନ, ଦୁର୍ନୀତି, ଆତଙ୍କବାଦ, ଅବୈଧ ସମ୍ପତ୍ତି ଆହରଣ ଆଦି ସମସ୍ୟାରେ ଆକ୍ରାନ୍ତ। କଳାଧନ ଓ ଦୁର୍ନୀତିର ମୁକାବିଲା ପାଇଁ ଭାରତରେ ହିସାବ ନିକାଶ ବା ଅଡିଟ୍ ଓ ପ୍ରବର୍ତ୍ତନ (ଧରପଗଡ଼) ତଥା ତଦନ୍ତ ଆଦି ବ୍ୟବସ୍ଥା ଅଛି। ମାତ୍ର ନଗଦବିହୀନ ଅର୍ଥନୀତିର ପରିକଳ୍ପନା ବିଭିନ୍ନ ଦୃଷ୍ଟିରୁ ଅଧିକ ସୁବିଧାଜନକ। ଏହାଦ୍ୱାରା ପ୍ରାୟ ଅଧିକାଂଶ କାରବାର ବା ଆର୍ଥିକ ନେଣଦେଣ ଏକ ଅନୁମୋଦିତ  ବ୍ୟବସ୍ଥା ମଧ୍ୟରେ ହେବ। ଏଥିରେ କୌଣସି ବ୍ୟତିକ୍ରମର ସମ୍ଭାବନା ନାହିଁ। ସାମାନ୍ୟ ତ୍ରୁଟି ବିଚ୍ୟୁତି ହେଲେ ଏହା ଧରାପଡ଼ିଯିବ ଏବଂ ପଇସା କୁଆଡ଼ୁ ଆସୁଛି ଓ କୁଆଡ଼େ ଯାଉଛି ସେ ସମସ୍ତ ତଥ୍ୟ ସହଜରେ ଜଣାପଡ଼ିବ। ଭାରତରେ ପ୍ରାୟ ୧୦ ରୁ ୧୫ ଶତାଂଶ ଲୋକ ଅଣ ନଗଦ କାରବାର କରିଥାନ୍ତି ଏବଂ ନଗଦ କାରବାର କରୁଥିବା ଲୋକଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ବହୁକମ୍। ବ୍ରାଜିଲ ଓ ଚୀନ୍ ଭଳି ଦେଶରେ ନଗଦ ଟଙ୍କା ବ୍ୟବହାର କରୁନଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୪୦ ଶତାଂଶ।

୨୦୧୪ରେ ଭାରତରେ ବ୍ୟାଙ୍କ ବ୍ୟବସ୍ଥା ବାହାରେ ଯେଉଁ ନୋଟ୍ କାରବାର ହେଉଥିଲା ତାହାର ଅନୁପାତ ସାମଗ୍ରିକ ଜାତୀୟ ଆୟ (ଜିଡିପି)ର ୧୧ ଦଶମିକ ଏକ ଶତାଂଶ। ଏହି ଅର୍ଥର ପରିମାଣ ରୁଷିଆ, ମେକ୍ସିକୋ ଏବଂ ବ୍ରାଜିଲ ଭଳି ଉଡଥାନମୁଖୀ ଅର୍ଥନୀତିଠାରୁ ଅଧିକ। ଏଥିରୁ ଭାରତର ନଗଦବିହୀନ ବଜାରର ସମ୍ଭାନାକୁ ଦେଖି ତାହାକୁ ଯଥାଶୀଘ୍ର ଅର୍ଥମୁକ୍ତ ବ୍ୟବସ୍ତାର ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ନଗଦମୁକ୍ତ ଅର୍ଥନୀତିକୁ ସଂପ୍ରସାରିତ ଓ ସୁବ୍ୟବସ୍ଥିତ କରିବା ପାଇଁ ସୁବିଧାଜନକ, ସହଜ, ସୁରକ୍ଷିତ ଏବଂ ଲୋକେ ସ୍ୱଳ୍ପ ଖର୍ଚ୍ଚରେ ବ୍ୟବହାର କରିପାରୁଥିବା ବ୍ୟବସ୍ଥା ପ୍ରଚଳନ କରିବାକୁ ପଡ଼ିବ। ସମଗ୍ର ବ୍ୟବସ୍ଥାଟିକୁ ଆର୍ଥିକ ସେବାକ୍ଷେତ୍ର, ବୀମା କ୍ଷେତ୍ର ସହ ଇ-ବ୍ୟବସ୍ଥାରେ ସଂଯୁକ୍ତ ରହିବାକୁ ହେବ। ଯେଉଁ ଅଞ୍ଚଳରେ ବ୍ୟାଙ୍କ ସୁବିଧା ନାହିଁ ସେ ଅଞ୍ଚଳର ଲୋକଙ୍କୁ ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ସେଥିପାଇଁ ବ୍ୟାଙ୍କରେ ଡିଜିଟାଲ ସୁବିଧାସୁଯୋଗକୁ ସମୃଦ୍ଧ କରିବା ସହ କାରବାରକୁ ସୁରକ୍ଷିତ କରିବା ଏକାନ୍ତ ଅପରିହାର୍ଯ୍ୟ।

ନଗଦମୁକ୍ତ ସମାଜ ଉଭୟ ସରକାର ଓ ଜନସାଧାରଣଙ୍କୁ ବିଭିନ୍ନ ସୁଯୋଗ ସୁବିଧା ଯୋଗାଏ। ଏହା ସହଜ ଏବଂ କାରବାର ପାଇଁ ସୁବିଧାଜନକ। ସ୍ୱଳ୍ପ ଆୟକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଏହି ବ୍ୟବସ୍ଥାରେ କାରବାର ଜନିତ ବ୍ୟୟ ଖୁବ୍ କମ୍ ପଡ଼େ। ଏଥିରେ ଟଙ୍କା ଚୋରିଚପଟର ଭୟ ପ୍ରାୟ ନାହିଁ। ଏହି ବ୍ୟବସ୍ଥା ଯୋଗୁଁ ବିପୁଳ ମୁଦ୍ରା ଛପା ଜନିତ ବିରାଟ ବ୍ୟୟ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିହେବ। ତା'ଛଡ଼ା ମଇଳା ଓ ଚିରାଫଟା ନୋଟ୍‌ର ବଦଳି ଏବଂ ପୁନଃ ମୁଦ୍ରଣ ଜନିତ ଖର୍ଚ୍ଚ ଯଥେଷ୍ଟ ରୋକି ହେବ। ୨୦୧୫ରେ ନୋଟ୍ ଖର୍ଚ୍ଚ ବାବଦରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ୨୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ନଗଦମୁକ୍ତ ଅର୍ଥନୀତିର ପ୍ରସାର ସହିତ ଟଙ୍କା ଛପା ଜନିତ ବିପୁଳ ଖର୍ଚ୍ଚକୁ ରୋକିହେବ।

ମୁଦ୍ରାମୁକ୍ତ ଅର୍ଥନୀତି ଅପରାଧ ନିୟନ୍ତ୍ରଣରେ ସହାୟକହେବ। ନିଶାଦ୍ରବ୍ୟ ଚୋରାକାରବାର, ବେଶ୍ୟାବୃତ୍ତି, ଆତଙ୍କବାଦ ସୃଷ୍ଟି ପାଇଁ ଅର୍ଥ ଯୋଗାଣ ତଥା ବେଆଇନ୍ ଅର୍ଥ କାରବାର ଭଳି ଅନେକ ସମାଜବିରୋଧୀ କାର୍ଯ୍ୟ ନିୟନ୍ତ୍ରଣ ହୋଇପାରିବ। ଏହି ଅର୍ଥ ବ୍ୟବସ୍ଥା ବ୍ୟାଙ୍କ ପାଇଁ ଅତି ଅନୁକୂଳ। ଡିଜିଟାଲ ବ୍ୟବସ୍ଥା ସହ ଲୋକେ ଥରେ ଅଭ୍ୟସ୍ତ ହୋଇଗଲେ ନଗଦ ଟଙ୍କାର ଚାହିଦା କମିଯିବ। ଫଳରେ ଟଙ୍କା ପାଖରେ ରଖିବା ବା ଲୁଚାଇ ରଖିବାର ପ୍ରବୃତ୍ତି କମିଯିବ। ଏହାଦ୍ୱାରା ବ୍ୟାଙ୍କ ଅବସ୍ଥାରେ ଅଧିକ ଅର୍ଥ ରହିବ ଏବଂ ସଞ୍ଚୟ ମଧ୍ୟ ବୃଦ୍ଧି ପାଇବ। ନଗଦହୀନ କାରବାରରେ ଦେଣନେଣ ସଂକ୍ରାନ୍ତ ସମସ୍ତ ତଥ୍ୟକୁ ତଦାରଖ କରିହେବ ଏବଂ ଏ କ୍ଷେତ୍ରରେ ସ୍ୱଚ୍ଛତା ରହିବ। ସରକାର ଚାହିଁଲେ ଏହି ସମସ୍ତ କାରବାରକୁ ତନଖି କରିପାରିବେ। ଏହାଦ୍ୱାରା ଟିକସ ଫାଙ୍କିକୁ ରୋକି ହେବ ଓ ରାଜସ୍ୱ ଆଦାୟ ବଢ଼ିବ। ଏହାମଧ୍ୟ କଳାଧନ ଠୁଳ ଉପରେ ନିୟନ୍ତ୍ରଣ ରଖିପାରିବ ଏବଂ ସମାନ୍ତରାଳ ଅର୍ଥନୀତିକୁ ରୋକି ପାରିବ।

ଗତ ଦୁଇ ମାସ ମଧ୍ୟରେ ଡିଜିଟାଲ ନେଣଦେଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଛୋଟବଡ଼ ବିଭିନ୍ନ ଦୋକାନରେ ସ୍ୱାଇପ୍ ମେସିନ୍ ବସିଛି ଓ କାର୍ଡ ବ୍ୟବହାର କରି ଲୋକେ ଜିନିଷପତ୍ର କିଣୁଛନ୍ତି। ଛୋଟ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଏହାଦ୍ୱାରା ଇ-କାରବାର ବଢ଼ିବା ସହିତ ତ୍ୱରିତ ଅସୁଲି ବ୍ୟବସ୍ଥା ସମ୍ଭବ ହୋଇଛି ଯାହା ଅର୍ଥନୀତି ପାଇଁ ଏକ ଭଲ ଖବର। ଏବେ ମୋବାଇଲ ୱାଲେଟର ପ୍ରଚଳନ ଯଥେଷ୍ଟ ବଢ଼ିଛି। ଏଥିରୁ ଜଣାପଡୁଛି ଖୁବ୍ କମ୍ ଦିନରେ ବହୁ ସଂଖ୍ୟକ ଭାରତୀୟ ନଗଦ ଟଙ୍କା କାରବାରରୁ ସିଧାସଳଖ

ମୋବାଇଲ ୱାଲେଟ ବ୍ୟବହାର କରିବାକୁ ଆଗେଇ ଆସିବେ। ମୋବିକ୍ୱିକ୍ ସଂସ୍ଥା କହିଛି ଯେ ୨୦୧୭ରେ ଏହା ଭାରତରେ ଦଶହଜାର କୋଟି ଡଲାର ମୂଲ୍ୟର ଇ-କାରବାର କରିବାକୁ ସାମର୍ଥ୍ୟ ରଖିଛି। ଏହି ଜ୍ଞାନ କୌଶଳ ସଂପୃକ୍ତ ସଂସ୍ଥା ଲକ୍ଷ ଲକ୍ଷ ବ୍ୟବସାୟୀଙ୍କୁ ଯୋଗାଇଦେବ।

ଭାରତ ଭଳି ଏକ ବିକାଶଶୀଳ ଅର୍ଥନୀତିରେ ନଗଦ ବିହୀନ କାରବାରର ଏକ ପ୍ରତିକୂଳ ଦିଗ ମଧ୍ୟ ରହିଛି। ଭାରତରେ ଗରିବ ଓ ଅଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ। ତେଣୁ ଏକ ସମ୍ପୂର୍ଣ୍ଣ ନଗଦମୁକ୍ତ କାରବାର ବ୍ୟବସ୍ଥା ଭାରତରେ ପ୍ରବର୍ତ୍ତନ କରିବା ବାସ୍ତବବାଦୀ ନୁହେଁ। ଯେଉଁମାନଙ୍କ ପାଖରେ ବ୍ୟାଙ୍କ ସୁବିଧା ନାହିଁ ବିଶେଷ କରି ଯେଉଁ ଲୋକମାନେ ଅଣଆନୁଷ୍ଠାନିକ ସମାଜରେ ବସବାସ କରନ୍ତି ସେମାନେ ବିମୁଦ୍ରାୟନ ପଦକ୍ଷେପ ଦ୍ୱାରା ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏକ ନଗଦ ବିହୀନ ଅର୍ଥନୀତିକୁ ଏଭଳି ସମୁଦାୟ ଗ୍ରହଣ କରିବାକୁ ନିଶ୍ଚିତ ସମୟ ଲାଗିବ। ପ୍ରାରମ୍ଭିକ ଅବସ୍ଥାରେ ସେମାନଙ୍କ ପାଇଁ ଏହା ଅସହଜ ହୋଇପାରେ; ମାତ୍ର ସମୟ କ୍ରମେ ସେମାନେ ନୂଆ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇପାରିବେ। ନଗଦ ଟଙ୍କାର ଅବସାନ କଥା ପରିକାହାଣୀ ପରି ଲାଗିପାରେ; ମାତ୍ର ସତକଥା ହେଲା ନଗଦ ନାରାୟଣ ଏବେ ପ୍ରସ୍ଥାନ ପଥର ଯାତ୍ରୀ।

**ସରକାରଙ୍କ ପଦକ୍ଷେପ :** ବିମୁଦ୍ରାୟନର ଠିକ୍ ପରେ ପରେ ସରକାର ନଗଦବିହୀନ ସମାଜ ଓ ଅର୍ଥନୀତି ଗଢ଼ିବା ପାଇଁ ବିଭିନ୍ନ ପଦକ୍ଷେପ ଆରମ୍ଭ କରିଛନ୍ତି। ଏଟିଏମ୍ ଆଗରେ ଲମ୍ବାଧାଡ଼ିରେ ଦୀର୍ଘ ସମୟ ଛିଡ଼ା ନ'ହୋଇ ଡିଜିଟାଲ ବ୍ୟବସ୍ଥାରେ ଟଙ୍କା ଦେଣନେଣ କିପରି ସୁବିଧାରେ କରାଯାଇପାରିବ ସେଥିପାଇଁ ଏକାଧିକ ବାଟ ମଧ୍ୟ ବାହାର କରିଛନ୍ତି। ଖାଉଟୀଙ୍କ ପାଇଁ ଭାଗ୍ୟବାନ ଗ୍ରାହକ ଯୋଜନା ଓ ବ୍ୟବସାୟୀଙ୍କ ପାଇଁ ଡିଜି ଧନ ବ୍ୟାପାର ଯୋଜନା ଆରମ୍ଭ ହୋଇଛି। ୨୦୧୬ ଡିସେମ୍ବର ୨୫ରେ ସରକାର ଏହି ଦୁଇ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏଭଳି ପ୍ରୋତ୍ସାହନ ଡିଜିଟାଲ ଇଣ୍ଡିଆ ଯୋଜନା ସହିତ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବାରେ ବିଶେଷ ଉପଯୋଗୀ ହେବ। ରୁପେ କାର୍ଡ, ଅନଷ୍ଟ୍ରକଚରଡ୍ ସପ୍ଲିମେଣ୍ଟାରୀ ସର୍ଭିସ ଡାଟା (ୟୁଏସ୍ଏସ୍ଡି) ୟୁପିଆଇ ଏବଂ ଆଧାର ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ଆଦି ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ବିଶେଷ। ବିତ୍ତୀୟ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମରେ ଲୋକଙ୍କୁ ନଗଦବିହୀନ ଅର୍ଥନୀତିକୁ ଆପଣେଇବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଲୋକଙ୍କୁ ଇ-କାରବାର ଓ ନଗଦ ବିହୀନ କାରବାର ସମ୍ପର୍କରେ ସଚେତନ କରାଇବା ଅଭିଯାନର ମୂଳ ଲକ୍ଷ୍ୟ। ଅର୍ଥ ପ୍ରେରଣ କ୍ଷେତ୍ରରେ ଡିଜିଟାଲ ମାର୍ଗ ଅବଲମ୍ବନ କରିବାକୁ ମାନବସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯିବା ସହିତ ବିଭିନ୍ନ ଉଚ୍ଚ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ କୌଣସି ଦେୟ ନଗଦରେ ନ ଦେଇ ଇଲେକ୍ଟ୍ରୋନିକ୍ସ ବା ଡିଜିଟାଲ ବ୍ୟବସ୍ଥାରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ କ୍ୟାସ୍‌ଲେସ୍ କ୍ୟାମ୍ପସ୍ ଏପରିକି ଦୋକାନ, କ୍ୟାଣ୍ଟିନ ଓ ସେବାର ବ୍ୟବସ୍ଥା କରାଯାଇଛି। ଏହି ପ୍ରକ୍ରିୟାରେ ସାମିଲ ହେବାକୁ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଆଦିଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଥିପାଇଁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଏକ ୱେବସାଇଟ୍ ଖୋଲିଛି ଏବଂ ଏହି ପ୍ରୟାସ ପ୍ରତି ଅଧିକରୁ ଅଧିକ ସମର୍ଥନ ମିଳୁଥିବା ଜଣାପଡ଼ିଛି।

**ଭିମ୍ (ଭାରତ ଇଣ୍ଟରଫେସ୍ ଫର ମନି) :** ପ୍ରଧାନମନ୍ତ୍ରୀ ୨୦୧୬ ଡିସେମ୍ବର ୩୦ରେ ନଗଦମୁକ୍ତ କାରବାର ପାଇଁ ଏକନୂଆ ଇ-ୱାଲେଟ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହାର ନାମ ରଖାଯାଇଚି ଭିମ୍। ଏହାଦ୍ୱାରା ସହଜରେ ଅନ୍‌ଲାଇନ୍ ପେମେଣ୍ଟ କରିହେବ। ଏହା ଆଧାର ଭିତ୍ତିକ ଏବଂ ନିଜର ବ୍ୟାଙ୍କ ଆକାଉଣ୍ଟରୁ ଏହା ମାଧ୍ୟମରେ ସମସ୍ତ ନେଣଦେଣ ସୁବିଧାରେ କରିହେବ। ତେବେ ଯେଉଁ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ୟୁପିଏ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ସେମାନେ କେବଳ ଏହାର ସୁବିଧା ନେଇପାରିବେ।

**ରୁପେ :** ରୁପେ ଏକ ଭାରତୀୟ ଡେବିଟ୍ ଓ କ୍ରେଡିଟ୍ କାର୍ଡ ଯାହା ଅନ୍ତର୍ଜାତିକ ଭିସା ବା ମାଷ୍ଟରକାର୍ଡ ସହିତ ସମାନ। ଭାରତୀୟ ଜାତୀୟ ଦେୟ ପ୍ରଦାନ ନିଗମ (ଏନ୍‌ପିସିଆଇ) ପକ୍ଷରୁ ପ୍ରବର୍ତ୍ତିତ ଏହି ରୁପେ କାର୍ଡ ଜନଧନ ଯୋଜନାରେ ବ୍ୟବହୃତ ହେଉଛି। ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ରୁପେ କାର୍ଡଧାରୀଙ୍କୁ ଏକ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁବିଧା ଯୋଗାଉଛନ୍ତି। ରୁପେ କାର୍ଡ ଏଟିଏମ୍, ପିଓଏସ୍ ଓ ଅନ୍‌ଲାଇନ୍ ବିକ୍ରି ବ୍ୟବସ୍ଥାରେ ବ୍ୟବହୃତ ହେଉଛି। ଏହା ବିଶ୍ୱର ସପ୍ତମ ଦେୟ ପ୍ରଦାନକାରୀ ବ୍ୟବସ୍ଥା। ଭାରତରେ କୋଟି କୋଟି ଲୋକଙ୍କର ରୁପେ କାର୍ଡ ରହିଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଳ୍ପ ଆୟକାରୀ ବର୍ଗର। ତେଣୁ ସେମାନେ ସହଜରେ ମୁଦ୍ରାହୀନ ଅର୍ଥନୀତିରେ ସାମିଲ ହେବା ସମ୍ଭବ ହୋଇଛି। ତେବେ ରୁପେକାର୍ଡର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କୁ ଆର୍ଥିକ ବ୍ୟବସ୍ଥାରେ ସଂପୃକ୍ତ କରିବା। ତେଣୁ

**ଭାରତର ଜନସଂଖ୍ୟା ୧୨୬ କୋଟି। ସାକ୍ଷରତା ହାର ୭୫ ଶତାଂଶ। ଭାରତରେ ନିରକ୍ଷରଙ୍କ ସଂଖ୍ୟା ସୁଇଡେନ୍‌ର ମୋଟ୍ ଜନସଂଖ୍ୟାର ପ୍ରାୟ ୩୦ଗୁଣ। ସୁଇଡେନ୍‌ର ମୁଣ୍ଡପିଛା ଆୟ ବିଶ୍ୱ ହାରାହାରିର ୪୩୫ ଶତାଂଶ ଥିବାବେଳେ ଭାରତରେ ତାହା ମାତ୍ର ୧୪ ଶତାଂଶ। ଭାରତରେ ଏକ ଭାଗ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି। ସୁଇଡେନ୍‌ରେ ସହରାଞ୍ଚଳରେ ୮୫.୫ ଶତାଂଶ ଲୋକ ରହନ୍ତି। ସେ ଦୃଷ୍ଟିରୁ ଏ କ୍ଷେତ୍ରରେ ଭାରତ ସୁଇଡେନ୍‌ର ସମକକ୍ଷ ହେବା ସହଜ ନୁହେଁ। ତଥାପି ଭାରତ ଭିମ୍ ଭଳି ନୂଆ ଆପ୍ ଓ ଜ୍ଞାନକୌଶଳ ଆପଣାଇ ମୁଦ୍ରାହୀନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଏ କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କ ଓ ବ୍ୟାବସାୟିକ ବ୍ୟାଙ୍କ ସମୂହ ଅଭିନବ କୌଶଳ ଓ ଟେକ୍‌ନୋଲୋଜି ଆଣି ଭାରତର ଉଦ୍ୟମକୁ ସଫଳ କରିବା ସହ ଡିଜିଟାଲ ଟ୍ରାନ୍‌ଜାକ୍ସନକୁ ନିରାପଦ ଓ ସହଜ କରିବାକୁ ଉଦ୍ୟମ କରିବା ଆବଶ୍ୟକ।**

ଏହି କାର୍ଡକୁ ଡିଜିଟାଲ ଅର୍ଥନୀତିର ଏକ ମାଧ୍ୟମ ଭାବେ ଗ୍ରହଣ କରିବା ପୂର୍ବରୁ ଏହାକୁ ଅନ୍ୟ ଷ୍ଟାଣ୍ଡାର୍ଡ ଡେବିଟ୍ / କ୍ରେଡିଟ୍ କାର୍ଡ ଭଳି ବିଶ୍ୱସ୍ତରୀୟ ଆର୍ଥିକ ସାମଗ୍ରୀର ମାନ୍ୟତା ଦେବାକୁ ପଡ଼ିବ।

**ଆଧାର ପେମେଣ୍ଟ ଆପ୍ସ :** ୨୦୧୬ ଡିସେମ୍ବର ୨୫ରେ ସରକାର ଆଧାର ପେମେଣ୍ଟ ଆପ୍ସ ପ୍ରବର୍ତ୍ତନ କରିଛନ୍ତି। ଏହା ବ୍ୟକ୍ତିର ଆଧାର କାର୍ଡକୁ ତାହାର ବ୍ୟାଙ୍କ ଅକାଉଣ୍ଟ ସହ ସଂଯୁକ୍ତ କରୁଛି। ଏହାକୁ କାର୍ଡଧାରୀର ବାୟୋମେଟ୍ରିକ୍ସ ସହିତ ଯୋଡ଼ାଯାଇଛି। ସେ ନିଜର ୟୁନିକ ଆଧାର ନମ୍ବରକୁ ଏହି କାର୍ଡରେ ବ୍ୟବହାର କରି କାରବାର ପାଇଁ ନିଜ ମନପସନ୍ଦର ବ୍ୟାଙ୍କ ବାଛିପାରିବ। ଏହାର ବିଶେଷତ୍ୱ ହେଲା ଫୋନ୍‌ର ସହାୟତା ନ'ନେଇ ଜଣେ ବ୍ୟକ୍ତି ଏହା ମାଧ୍ୟମରେ ନିଜର ଦେୟ ଦେଇପାରିବ।

**ଆନ୍ତର୍ଜାତିକ ଅନୁଭୂତି :** ବିଶ୍ୱର ଯେଉଁ ପାଞ୍ଚଟି ପ୍ରମୁଖ ନଗଦବିହୀନ ଅର୍ଥନୀତି ରହିଛି ସେଥିମଧ୍ୟରୁ ସୁଇଡେନ୍ ଅନ୍ୟତମ। ମୋବାଇଲ ବା ପ୍ଲାଷ୍ଟିକ୍ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ ବିନା ନଗଦରେ କିପରି ସହଜରେ କାରବାର କରିହେବ ସେଥିପାଇଁ ସୁଇଡେନ୍ ସମସ୍ତ ପ୍ରକାର ଡିଜିଟାଲ ବ୍ୟବସ୍ଥା ପ୍ରସ୍ତୁତ କରିଛି। ୨୦୨୦ ସୁଦ୍ଧା ଏହି ଦେଶ ସମ୍ପୂର୍ଣ୍ଣ ନଗଦ ମୁକ୍ତ ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି। ବସ ଯାତ୍ରା, ରାସ୍ତା କଡ଼ର ବିକ୍ରେତା ଏପରିକି ଚର୍ଚ୍ଚ ସେବାରେ ମଧ୍ୟ ଜଣେ ଯେପରି ଡିଜିଟାଲ ପେମେଣ୍ଟ କରିପାରିବ ସେଥିପାଇଁ ବ୍ୟବସ୍ଥା କରୁଛି। ୨୦୧୬ରେ ସେ ଦେଶରେ ମୋଟ ଅର୍ଥନୀତିର ମାତ୍ର ଦୁଇ ଶତାଂଶ କାରବାର ନଗଦ ବା ନୋଟ୍‌ରେ ହେଉଥିଲା। ୨୦୨୦ରେ ଏହା ୦.୫ ଶତାଂଶକୁ ଖସିଆସିବ ବୋଲି ଆଶା କରାଯାଉଛି। ଦେଶର ୧୬୦୦ ବ୍ୟାଙ୍କ ଶାଖା ମଧ୍ୟରୁ ପ୍ରାୟ ୯୦୦ ପାଖରେ ନୋଟ୍ ରଖୁ ନାହାନ୍ତି କିମ୍ବା ନୋଟ୍ ଜମା ଗ୍ରହଣ କରୁନାହାନ୍ତି। ଅନେକ ବ୍ୟାଙ୍କର ଏଟିଏମ୍ ନାହିଁ ଏବଂ ଗ୍ରାମାଞ୍ଚଳରୁ ମଧ୍ୟ ଏଟିଏମ୍ ସେବା ପ୍ରତ୍ୟାହାର କରିନିଆଯାଇଛି। ୨୦୦୯ରେ ସୁଇଡେନ ମୁଦ୍ରା କେନ୍‌ର ପ୍ରଚଳନ ଥିଲା ୧୦୬୦୦କୋଟି। ଏହି ନୋଟ୍ ସଂଖ୍ୟା ୨୦୧୬ରେ ୮,୦୦୦ କୋଟିକୁ ହ୍ରାସ ପାଇଛି।

ନଗଦରୁ ବେନଗଦ ବ୍ୟବସ୍ଥା ସମ୍ପର୍କରେ ଆମେ ଯେତେବେଳେ ଆଲୋଚନା କରୁ ସେତେବେଳେ ଟେକ୍‌ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହେ। ସୁଇଡେନ୍‌ର ପ୍ରାୟ ସବୁ ବ୍ୟାଙ୍କ କାରବାର କ୍ଷେତ୍ରରେ ମୋବାଇଲ ଆପ୍ସର ଉପଯୋଗ କରିଛନ୍ତି। ଏହି ଆପ୍ ସହାୟତାରେ ନୋଟ୍ ବଦଳରେ ଲୋକେ ସହଜରେ ଓ ସୁବିଧାରେ ନିଜର ଯାବତୀୟ କାରବାର ଓ ଆବଶ୍ୟକତା ପୂରଣ କରିପାରୁଛନ୍ତି। ଏବେ ସେଠାକାର ୧,୨୦,୦୦୦ଲୋକ ବ୍ୟାଙ୍କର ମୋବାଇଲ ଆପ୍ସ ବ୍ୟବହାର କରୁଛନ୍ତି। ୨୦୧୭ ଶେଷସୁଦ୍ଧା ଏହି ସଂଖ୍ୟା ୩୦ ଲକ୍ଷ୍ୟରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସେ ଦେଶର ଲୋକସଂଖ୍ୟା ୨୦୧୫ ଡିସେମ୍ବର ଶେଷ ସୁଦ୍ଧା ଥିଲା ପ୍ରାୟ ଏକ କୋଟି। ସାକ୍ଷରତା ହାର ପ୍ରାୟ ଶତପ୍ରତିଶତ। ସେ ଦୃଷ୍ଟିରୁ ସେଠାରେ ନଗଦ ବିହୀନ ଅର୍ଥନୀତି ପ୍ରଚଳନ ସହଜ ହୋଇଛି।

ଅନ୍ୟପକ୍ଷରେ ଦେଖିଲେ ଭାରତର ଜନସଂଖ୍ୟା ୧୨୬ କୋଟି। ସାକ୍ଷରତା ହାର ୭୫ ଶତାଂଶ। ଭାରତରେ ନିରକ୍ଷରଙ୍କ ସଂଖ୍ୟା ସୁଇଡେନ୍‌ର ମୋଟ୍ ଜନସଂଖ୍ୟାର ପ୍ରାୟ ୩୦ଗୁଣ। ସୁଇଡେନ୍‌ର ମୁଣ୍ଡପିଛା ଆୟ ବିଶ୍ୱ ହାରାହାରିର ୪୩୫ ଶତାଂଶ ଥିବାବେଳେ ଭାରତରେ ତାହା ମାତ୍ର ୧୪ ଶତାଂଶ। ଭାରତରେ ଏକ ଭାଗ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି। ସୁଇଡେନ୍‌ରେ ସହରାଞ୍ଚଳରେ ୮୫.୫ ଶତାଂଶ ଲୋକ ରହନ୍ତି। ସେ ଦୃଷ୍ଟିରୁ ଏ କ୍ଷେତ୍ରରେ ଭାରତ ସୁଇଡେନ୍‌ର ସମକକ୍ଷ ହେବା ସହଜ ନୁହେଁ। ତଥାପି ଭାରତ ଭିମ୍ ଭଳି ନୂଆ ଆପ୍ ଓ ଜ୍ଞାନକୌଶଳ ଆପଣାଇ ମୁଦ୍ରାହୀନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଏ କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କ ଓ ବ୍ୟାବସାୟିକ ବ୍ୟାଙ୍କ ସମୂହ ଅଭିନବ କୌଶଳ ଓ ଟେକ୍‌ନୋଲୋଜି ଆଣି ଭାରତର ଉଦ୍ୟମକୁ ସଫଳ କରିବା ସହ ଡିଜିଟାଲ ଟ୍ରାନ୍‌ଜାକ୍‌ସନକୁ ନିରାପଦ ଓ ସହଜ କରିବାକୁ ଉଦ୍ୟମ କରିବା ଆବଶ୍ୟକ। ଭାରତରେ ପ୍ରବର୍ତ୍ତିତ ଆରଟିଜିଏସ୍ (ରିୟଲ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ ସିଷ୍ଟମ) ଓ ନେସ୍‌ନାଲ ଇଲେକ୍‌ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର (ଏନ୍‌ଇଏଫ୍‌ଟି) କ୍ରମଶଃ ଲୋପକ୍ରିୟତା ହାସଲ କରୁଛି। ୨୦୧୩ ରୁ ୨୦୧୬ ମଧ୍ୟରେ ଏହି ବ୍ୟବସ୍ଥାରେ କାରବାର ଯଥେଷ୍ଟ ବଢ଼ିଛି। ଏହାଦ୍ୱାରା ମୋବାଇଲ ବ୍ୟାଙ୍କିଙ୍ଗ୍ କାରବାର ପ୍ରାୟ ସାତଗୁଣ ବଢ଼ିଥିବା ଜଣାପଡ଼ିଛି। ଇତିମଧ୍ୟରେ ଏଟିଏମ୍ ଓ ପିଓଏସ୍ ଟ୍ରାଂଜାକ୍‌ସନ୍ ଉଲ୍ଲେଖନୀୟ ଭାବେ ବଢ଼ିଛି। ବ୍ୟାଙ୍କ ସମୂହ ଅଧିକରୁ ଅଧିକ ଅଣନଗଦ କାରବାର କରୁଛନ୍ତି। ସରକାରୀ ଦେୟଗୁଡ଼ିକ ଡିଜିଟାଲ ପଥରେ କରାଯାଉଛି। ଇନ୍ଧନ ଗ୍ୟାସ ରିଆତି ଏବଂ ଏମ୍‌ନରେଗା ମଜୁରି ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯାଉଛି। ଏସବୁ ସତ୍ତ୍ୱେ ଭାରତରେ ନଗଦ କାରବାରର ପ୍ରାବଲ୍ୟ ବଳବତ୍ତର ରହିଛି ଏବଂ ପାଞ୍ଚ ଶତାଂଶରୁ କମ୍ ନେଣଦେଣ ଇ-ବ୍ୟବସ୍ଥାଦ୍ୱାରା କରାଯାଉଛି।

**ଭବିଷ୍ୟତର ଆହ୍ୱାନ :** ସ୍ୱଳ୍ପ ନଗଦ ବ୍ୟବହାର କରିବାକୁ ବିମୁଦ୍ରାୟନ ଲୋକଙ୍କୁ ଉତ୍ସାହିତ କରିଛି। ଏହା ସତ୍ତ୍ୱେ ଉଭୟ ସରକାର ଓ ଲୋକଙ୍କ ପାଖରେ ବଡ଼ ଆହ୍ୱାନ ରହିଛି। ନଗଦର ବିକଳ୍ପ ଭାବେ ଡିଜିଟାଲ ପଥରେ ଯିବା ଏକମାତ୍ର ବିକଳ୍ପ ଏ ନେଇ ଦ୍ୱିମତ ନାହିଁ। ତେବେ ଆବଶ୍ୟକ ମୌଳିକ ଭିତ୍ତିଭୂମି ଦ୍ୱାରା ବେନଗଦି ଅର୍ଥନୀତି ତିଆରି କରିବା ଏକ ପ୍ରକାର ଅସମ୍ଭବ। ଭାରତର ଗ୍ରାମାଞ୍ଚଳରେ ଷ୍ଟେଟ୍‌ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହର ଯେଉଁସବୁ ଏଟିଏମ୍ ରହିଛି ତାହା ଦେଶର ମୋଟ୍ ଏଟିଏମର ୨୦.୮ ଶତାଂଶ। ସେହିଭଳି ଘରୋଇ ବ୍ୟାଙ୍କଗୁଡ଼ିକର ଗ୍ରାମାଞ୍ଚଳରେ ମାତ୍ର ୮.୫ ଶତାଂଶ ଏଟିଏମ୍ ଅଛି। ତେଣୁ ଗ୍ରାମାଞ୍ଚଳରେ ସବୁଠି ଏଟିଏମ୍‌ଟିଏ ପାଇବା ସହଜ ନୁହେଁ। ସେହିଭଳି ଇ-ୱାଲେଟ୍ ଓ ମୋବାଇଲ ପେମେଣ୍ଟ ସିଷ୍ଟମ ପାଇଁ ସ୍ମାର୍ଟ ଫୋନ୍ ତଥା ଇଣ୍ଟରନେଟ୍‌ର ଆବଶ୍ୟକତା ରହିଛି। ଭାରତରେ ଏକ ଚତୁର୍ଥାଂଶରୁ କମ୍ ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ଅଛି। ଦେଶରେ ବେଗଗାମୀ ଏବଂ ନିର୍ଭରଶୀଳ ଇଣ୍ଟରନେଟ୍ ସେବା ପାଇବା ବ୍ୟୟବହୁଳ ଏବଂ ଦୁରୂହ। ସରକାରୀ ୱାଇ-ଫାଇ ହଟ୍‌ସ୍ପଟ୍ ଓ ମୋବାଇଲ ଫୋନ୍ ବ୍ୟାଟେରୀ ଚାର୍ଜିଂ ଷ୍ଟେସନର ସଂଖ୍ୟା ମଧ୍ୟ ଅତି ସୀମିତ। ଏହାଛଡ଼ା ସାଇବର

ସିକ୍ୟୁରିଟି ଏକ ବଡ଼ ଚିନ୍ତାର ବିଷୟ। ଏଭଳି ଅବସ୍ଥାରେ ଇ-ଟ୍ରାଂଜାକ୍‌ସନ୍ କଲେ ଆପଣଙ୍କ ଅର୍ଥ କେତେ ସୁରକ୍ଷିତ ତାହା ଜାଣିବା ମୁସ୍କିଲ୍। ଜଣକ କାର୍ଡ ଯଦି କ୍ଲୋନ୍ (ନକଲି) ହୋଇଗଲା ସେ ବିଚାରା ତାହାର କଷ୍ଟାର୍ଜିତ ଧନ ଫେରିପାଇବାକୁ କେତେକାଳ ଯେ ଅପେକ୍ଷା କରିବ ତାହା କହିବା କଷ୍ଟକର। ୨୦୧୬ ଅକ୍ଟୋବରରେ ଦେଶର ୩୦ ଲକ୍ଷରୁ ଅଧିକ ଏଟିଏମ୍ ଡେବିଟ୍‌କାର୍ଡର ଗୋପନୀୟତା ପ୍ରଘଟ ହୋଇଯିବା କଥା ପ୍ରଚାର ହେବାପରେ ଗ୍ରାହକମାନଙ୍କୁ ନିଜର ପିନ୍ ବଦଳାଇବାକୁ ପରାମର୍ଶ ଦିଆଯାଇଥିଲା। ମାସକ ପରେ ବିମୁଦ୍ରାୟନ ଯୋଗୁଁ ଯେତେବେଳେ ଏଟିଏମ୍ କାର୍ଡ ବ୍ୟବହାର ବଢ଼ିଲା ସେତେବେଳେ ନେଟ୍‌ୱାର୍କ ଅତ୍ୟଧିକ ଚାପ ସମ୍ଭାଳିପାରିଲା ନାହିଁ। ଫଳରେ ଏଟିଏମ୍‌ଗୁଡ଼ିକ ଅଚଳ ହୋଇଗଲା ଏବଂ ଲୋକଙ୍କୁ ଲମ୍ୱାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଲା।

ସରକାର ବାରମ୍ୱାର କହୁଛନ୍ତି ଯେ ବିମୁଦ୍ରାୟନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୁର୍ନୀତିର ମୁକାବିଲା କରିବା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳଙ୍କୁ ପାଣ୍ଠି ଯୋଗାଣ ଦୁର୍ନୀତିର ଏକ ପ୍ରମୁଖ ଉତ୍ସ। ତେବେ ଉଚ୍ଚସ୍ତରୀୟ ଦୁର୍ନୀତିରେ ନଗଦ ଟଙ୍କା କାରବାର ପ୍ରାୟତଃ ହୁଏନାହିଁ। ତେଣୁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ହେଲେ ପ୍ରଥମେ ରାଜନୈତିକ ଦଳଙ୍କୁ ପାଣ୍ଠି ଯୋଗାଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ପଡ଼ିବ। ତା' ନ ହେଲେ ଏହି ପ୍ରୟାସ ବିଫଳ ହୋଇପାରେ। ଦ୍ୱିତୀୟତଃ ମୁଦ୍ରା ବିହୀନ ଅର୍ଥନୀତି ପାଇଁ ଲୋକଙ୍କୁ ସଚେତନ କରାଇବା ସହ ଆବଶ୍ୟକ ମୌଳିକ ଭିତ୍ତିଭୂମିକୁ ଅଗ୍ରାଧିକାର ଭିତ୍ତିରେ ତିଆରି କରିବାକୁ ହେବ। ସବୁ ସୁବିଧାସୁଯୋଗ ରାତାରାତି ହୋଇଯିବ ନାହିଁ, ଏଥିପାଇଁ ସମୟ ଲୋଡ଼ା। ତେଣୁ ସରକାରଙ୍କୁ ଲୋକଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ତାହାର ଦୂରୀକରଣ କିପରି ଯଥାଶୀଘ୍ର କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ।

**ଉପସଂହାର :** ଶତପ୍ରତିଶତ ନଗଦହୀନ ସମାଜ ଗଠନ ଆଦୌ ସମ୍ଭବ ନୁହେଁ। ଏହାସତ୍ତ୍ୱେ କମ୍ ନଗଦ ଭିତ୍ତିକ ଅର୍ଥନୀତି ପ୍ରବର୍ତ୍ତନ କରି ଧୀରେ ଧୀରେ ଆଗେଇ ଚାଲିଲେ ଶେଷରେ ପ୍ରାୟ ସମ୍ପୂର୍ଣ୍ଣ ନଗଦମୁକ୍ତ ସମାଜ ଓ ଅର୍ଥନୀତି ଗଠନ ଲକ୍ଷ୍ୟ ସାଧିତ ହୋଇପାରିବ। ସେହି ପ୍ରକ୍ରିୟାରେ ନଗଦର ପ୍ରାବଲ୍ୟ ରହିବ। ଗ୍ରାମାଞ୍ଚଳ ଓ ସୁବିଧା ସୁଯୋଗ ନଥିବା ଅଞ୍ଚଳରେ ନୂଆ ଟେକ୍‌ନୋଲୋଜିକୁ ପହଞ୍ଚାଇବା ସହ ଲୋକଙ୍କୁ ନଗଦ ଉପରେ ଅଧିକ ଭରସା ନ କରି ଇ-ଟ୍ରାନ୍‌ଜାକ୍‌ସନ୍ ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ନଗଦ ପ୍ରସାରଣ କମିଗଲେ ଲୋକଙ୍କର ନୋଟ୍ ପ୍ରତି ଆଗ୍ରହ ଓ ଝୁଙ୍କ କ୍ରମଶଃ କମିବ ଏବଂ ସେମାନେ ଇ-ବ୍ୟବସ୍ଥା ଆଡ଼େ ଦୃଷ୍ଟି ଦେବେ। ନୋଟ୍ କାରବାର ଉପରେ କଟକଣା ଓ ଏହାର ସୀମିତ ବ୍ୟବହାର ଫଳରେ କଳାଧନକୁ ରୋକିବା ସହ ସମାନ୍ତରାଳ ଅର୍ଥନୀତି ଏବଂ ଟଙ୍କାର ଦୁରୁପଯୋଗକୁ ନିୟନ୍ତ୍ରିତ କରିହେବ। ନଗଦହୀନ ଅର୍ଥନୀତି ମଧ୍ୟ ବିଭିନ୍ନ ଅପରାଧକୁ କମାଇବାରେ ସହାୟକ ହେବା ସହ ନକଲି ନୋଟ୍ ପ୍ରସାରଣକୁ ନିୟନ୍ତ୍ରିତ କରିବ। ନଗଦମୁକ୍ତ ଅର୍ଥନୀତି ଓ ସମାଜ ଗଠନ କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମିର ଯେତିକି ଗୁରୁତ୍ୱ ରହିଛି, ସାଇବର ସିକ୍ୟୁରିଟି, ଅନ୍‌ଲାଇନ୍ ଠକେଇ, ଲୋକଙ୍କୁ ବ୍ୟାଙ୍କ ବ୍ୟବସ୍ଥାରେ ସାମିଲ କରିବା, ବ୍ୟାପକ ଜନ ସଚେତନତା ସୃଷ୍ଟି ତଥା ଲୋକଙ୍କ ଅସୁବିଧା ଦୂର କରିବାର ବ୍ୟବସ୍ଥା ଆଦିର ସେତିକି ଗୁରୁତ୍ୱ ରହିଛି।

ଲେଖକ ଶ୍ରୀ ସାହୁ ନୂଆଦିଲ୍ଲୀସ୍ଥିତ ଆର୍ଥିକ ଅଭିବୃଦ୍ଧି ପ୍ରତିଷ୍ଠାନର ଜଣେ ଆସୋସିଏଟ୍ ପ୍ରଫେସର, ସହଲେଖକ ଶ୍ରୀ ଆରୋରା ସେହି ପ୍ରତିଷ୍ଠାନର ଜଣେ ଗବେଷକ।

## ବିମୁଦ୍ରୀକରଣ : ଏକ ନୂତନ ଯୁଗର ସୂର୍ଯ୍ୟୋଦୟର ସୂଚନା

ନୂଆବର୍ଷ ୨୦୧୭ ଅବ୍ୟବହିତ ପୂର୍ବରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଶର ଆର୍ଥିକ ପ୍ରଗତି ପାଇଁ ଏକ ନୂତନ ଯୁଗର ସୂର୍ଯ୍ୟୋଦୟର ସୂଚନା ଦେଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିମୁଦ୍ରୀକରଣ ପରେ ଦେଶର ପ୍ରଗତିର ନୂଆ ଯୁଗ ଆସିବ । ଦେଶର ଗରିବ ଓ ମଧ୍ୟମ ବର୍ଗ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ଯୋଜନାର ସୁଦୂରପ୍ରସାରୀ ଲାଭ ମିଳିବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶରେ ଗୃହନିର୍ମାଣ, କୃଷକ, କ୍ଷୁଦ୍ର ବ୍ୟବସାୟୀ, କ୍ଷୁଦ୍ର ଶିଳ୍ପ, ମହିଳା, ବରିଷ୍ଠ ନାଗରିକମାନଙ୍କୁ ଲାଭ ମିଳିବା ସହ ଯୁବବର୍ଗ ପାଇଁ ରୋଜଗାରର ବ୍ୟାପକ ସୁଯୋଗ ସୃଷ୍ଟି ହେବ । ସେହିପରି ସାମାଜିକ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି କହିବା ସହ ସେ କହିଛନ୍ତି ଯେ, ବିଶେଷ ଭାବରେ ସାରା ଦେଶରେ ଗର୍ଭବତୀ ମହିଳା ମାନଙ୍କର ପଞ୍ଜୀକରଣ, ପ୍ରସବ, ପୁଷ୍ଟିକର ଖାଦ୍ୟ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁହାର ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରଙ୍କର ବିମୁଦ୍ରୀକରଣ ଯୋଜନାକୁ ଦେଶର ଜନତା ଭରପୁର ସମର୍ଥନ ଦେଇଛନ୍ତି । ବିମୁଦ୍ରୀକରଣ ପରେ ନଗଦ ନୁହେଁ, କ୍ୟାସଲେସ କାରବାର ପାଇଁ ଦେଶବାସୀଙ୍କ ମନରେ ସକାରାତ୍ମକ ପରିବର୍ତ୍ତନ ଆସିଛି ।

# ବିମୁଦ୍ରାୟନ: ନିର୍ବାଚନରେ କଳାଧନର ମୁକାବିଲା

ଏସ୍.ୱାଇ. କ୍ୟୁରେଶି

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ଅଚଳ ଘୋଷଣା ଉପଯୁକ୍ତ ସମୟରେ ଠିକ୍ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଛି। ଯେଉଁ ଦଳ ଓ ନେତାମାନେ ବସ୍ତାବସ୍ତା ଟଙ୍କା ଧରି ନିର୍ବାଚନରେ ଖେଳ ଖେଳିବାକୁ ପ୍ରସ୍ତୁତ ହେଉଥିଲେ ସେମାନଙ୍କ ବୁଦ୍ଧି ବଣା ହୋଇଗଲା। ସେ ଟଙ୍କା କ'ଣ କରିବେ ସେମାନେ ସେ ବାଟ ମଧ୍ୟ ପାଇଲେ ନାହିଁ। ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରେ ଯେ ଆସନ୍ନ ନିର୍ବାଚନ ଉପରେ ଏହି ବିମୁଦ୍ରାୟନ ପଦକ୍ଷେପର ଏକ ଭଲ ପ୍ରଭାବ ପଡ଼ିବ। କାରଣ କଳାଧନ ବାଣ୍ଟି ଭୋଟ୍ କିଣିବାକୁ ପ୍ରୟାସ ଚାଲିଥିବାବେଳେ ଏହା ଏକ ଶକ୍ତ ଧକ୍କା ପାଇଛି। ସେହିଭଳି ନିର୍ବାଚନବେଳେ ସୀମା ଆରପାରିରୁ ବିପୁଳ ପରିମାଣରେ ଆସି କାମରେ ଲାଗୁଥିବା ନକଲି ନୋଟ୍‌ର ପ୍ରଭାବ ମଧ୍ୟ ଶୂନ ହୋଇଯିବ।

**ଭା**ରତୀୟ ରାଜନୀତି ଦୀର୍ଘକାଳ ଧରି ନିର୍ବାଚନରେ ଧନବଳର ବ୍ୟାପକ ପ୍ରଭାବ ଦେଖିଆସିଛି। ଟଙ୍କା ଦେଇ ଭୋଟରଙ୍କୁ ପ୍ରଭାବିତ କରିବା ସହ ନିର୍ବାଚନ ଜିତିବା ଘଟଣାର ଅନେକ ପ୍ରୟାସ କରାଯାଇଛି। ଭାରତରେ ନିର୍ବାଚନର ପୂର୍ବରାତିରେ ଟଙ୍କା ଓ ମଦ ବଣ୍ଟା ଲୋକ ପ୍ରତିନିଧିଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ ଏକଥା ପାରମ୍ପରିକ ବିଚାର ଓ ଅନୁଭୂତି କୁହେ। ବର୍ଷବର୍ଷର ବିପୁଳ ପ୍ରମାଣ କହେ ଯେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନରେ ବ୍ୟବହୃତ ହେଉଥିବା ବସ୍ତାବସ୍ତା ନୋଟ୍ ଭିତରେ ମୁକ୍ତ ଓ ଅବାଧ ନିର୍ବାଚନ ବନ୍ଧା ପଡ଼ିଯାଏ।

ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ ରିଫର୍ମ (ଏଡିଆର) ନାମକ ଏକ ସଂସ୍ଥାର ଅନୁଶୀଳନ ଅନୁସାରେ ୨୦୧୧ରେ ହୋଇଥିବା ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ପୁଡୁଚେରୀ ଓ ଆସାମ ବିଧାନସଭା ନିର୍ବାଚନରେ ୫୭୬ ଜଣ କୋଟିପତି ପ୍ରାର୍ଥୀ ଥିଲେ। ଏମାନଙ୍କ ସଂଖ୍ୟା ମୋଟ୍ ପ୍ରାର୍ଥୀଙ୍କ ସଂଖ୍ୟାର ୧୬ ଶତାଂଶ। ସେମାନଙ୍କ ମଧ୍ୟରୁ ୫୦ଭାଗ ଆୟକର ରିଟର୍ଣ୍ଣ ଦାଖଲ କରି ନଥିଲେ। ଏହିସ୍ଥିତି ଅନ୍ୟ ରାଜ୍ୟରେ ମଧ୍ୟ ଅଲଗା ହୋଇ ନ'ପାରେ।

ନିର୍ବାଚନରେ ବୁଣାଯାଉଥିବା ଦୁର୍ନୀତିର ମଞ୍ଜି ସମୟକ୍ରମେ ଦେଶର ପ୍ରଶାସନରେ ଦୁର୍ନୀତିକୁ ଜନ୍ମଦିଏ। ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଯେତେବେଳ ନିର୍ବାଚନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି, ସେମାନେ କ୍ଷମତାକୁ ଆସିବା ପରେ ବିପୁଳ ପାଣ୍ଠି ସଂଗ୍ରହ କରିବାକୁ ବିଭିନ୍ନ ଅନୈତିକ ପନ୍ଥାର ଆଶ୍ରୟ ନିଅନ୍ତି। ଏହି ପାଣ୍ଠି ସଂଗ୍ରହ ଅଭିଯାନ ଶେଷରେ ରାଜନେତା ଓ ଅମଲାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସୃଷ୍ଟି କରେ। ଏଭଳି ଏକ ଅସାଧୁ ମେଣ୍ଟରେ ଯେତେବେଳ ସରକାରର ଦୁଇ ପ୍ରମୁଖ ବିଭାଗ ସାମିଲ ହୁଅନ୍ତି ସେତେବେଳେ ଦୁର୍ନୀତି ବଢ଼େ ଓ ବିଭିନ୍ନ ସ୍ତରକୁ ସଂପ୍ରସାରିତ ହୁଏ। ଏପରିକି ଚାନ୍ଦା ଆଦାୟ କରୁଥିବା କନଷ୍ଟେବଳ ବା ପଟୱାରୀ ସ୍ତରର ତଳିଆ କର୍ମଚାରୀ ଖୋଲାଖୋଲି କହନ୍ତି ଉପର ପର୍ଯ୍ୟନ୍ତ ଦେବାକୁ ହେବ।

**ରାଷ୍ଟ୍ରଦ୍ୱାରା ନିର୍ବାଚନ ପାଇଁ ପାଣ୍ଠି ଯୋଗାଣ:** ନିର୍ବାଚନରେ ବିପୁଳ ଅର୍ଥ ବ୍ୟୟ ଘଟଣାରେ ରାଜନେତାମାନେ ଯେ ଖୁସୀ ଏମିତି କିଛି ନୁହେଁ। ସେମାନେ ମଧ୍ୟ ଏ ନେଇ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ତେବେ ଏ ନେଇ ଏକ ସମାଧାନ ସୂତ୍ର ବାହାର କରିବାକୁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଉନାହିଁ। ମନେ ହେଉଛି ଏ ନେଇ ରାଜନେତାଙ୍କ ଉଦ୍‌ବେଗ କେବଳ କଥାରେ, କାମରେ ନୁହେଁ। ସଂସଦୀୟ ବିତର୍କରେ ଏ ସମ୍ପର୍କରେ ବହୁ ବିଚାର ଆଲୋଚନା ପରେ କମିଟିମାନ ଗଠିତ ହୋଇଛି। ମାତ୍ର ସମାଧାନ ସୂତ୍ର ବିଷୟରେ ଗୋଟିଏ କଥା ଶୁଣାଯାଉଛି ଯେ ନିର୍ବାଚନ ଖର୍ଚ୍ଚ ଦେଶ ବହନ କଲେ ଏ ସମସ୍ୟାର ସମାଧାନ ହୋଇପାରିବ।

୧୯୯୯ରେ ଏ ସମ୍ପର୍କରେ ଗଠିତ ଇନ୍ଦ୍ରଜିତ ଗୁପ୍ତ କମିଟିରେ ଡକ୍ଟର ମନମୋହନ ସିଂହ ଓ ସୋମନାଥ ଚାଟାର୍ଜୀଙ୍କ ଭଳି ତୁଙ୍ଗ ନେତାମାନେ ସଦସ୍ୟ ଥିଲେ। ଏହି କମିଟି କେବଳ ରାଷ୍ଟ୍ରଦ୍ୱାରା ନିର୍ବାଚନ ପାଇଁ ଆଂଶିକ ପାଣ୍ଠି ଯୋଗାଣ ସପକ୍ଷରେ ମତ ଦେଇଥିଲେ। ଏଥି ସହିତ କମିଟି ଏକ ସର୍ତ୍ତ ରଖିଥିଲେ ଯେ ସବୁ ରାଜନୈତିକ ଦଳରେ ଏଥିପାଇଁ ଆଭ୍ୟନ୍ତରୀଣ ବାସ୍ତବ ଗଣତାନ୍ତ୍ରିକ ବ୍ୟବସ୍ଥା ରହିବା ଉଚିତ। ମାତ୍ର ଏହି ପ୍ରସ୍ତାବ ପ୍ରତି

କୌଣସି ଦଳର ଆଗ୍ରହ ପ୍ରକାଶ ପାଇଲା ନାହିଁ।

ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଭୋଟରଙ୍କୁ ଟଙ୍କା ଲାଞ୍ଚ ଦେବା ଘଟଣାରେ ଘୋର ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ମୁଁ ମୁଖ୍ୟ ନିର୍ବାଚନ କମିଶନର ଦାୟିତ୍ୱ ଗ୍ରହଣ କରିବା ବେଳେ ମୋର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଦୁଇଟି ଆହ୍ୱାନକୁ ଗ୍ରହଣ କରିଥିଲି। ସେ ଦୁଇଟି ହେଲା ନିର୍ବାଚନରେ ଅର୍ଥର ଦୁରୁପଯୋଗକୁ ରୋକିବା ଓ ଭୋଟରଙ୍କ ଅନାଗ୍ରହ ଦୂର କରିବା । ଏଥିପାଇଁ ଦୁଇଟି ବିଭାଗ ସୃଷ୍ଟି କରାଯାଇ ଏହାର ନିରାକରଣ ପାଇଁ ପ୍ରୟାସ କରାଯାଇଥିଲା। ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଥିଲା। ନିର୍ବାଚନରେ ରେକର୍ଡ ସଂଖ୍ୟକ ଭୋଟରଙ୍କ ଅଂଶଗ୍ରହଣ ସହିତ ଭୋଟରଙ୍କୁ ବଣ୍ଟାଯିବାକୁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କା, ବିପୁଳ ପରିମାଣର ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଆମର କଠୋର ପଦକ୍ଷେପ ଯୋଗୁଁ ବେଆଇନ୍ ଉପାୟ ଅବଲମ୍ବନ କରି ନିର୍ବାଚିତ ହୋଇଥିବା ଉତ୍ତରପ୍ରଦେଶର ଜଣେ ବିଧାୟକ ଅଯୋଗ୍ୟ ହୋଇ ପଦ ହରାଇଥିବାବେଳେ ଝାଡ଼ଖଣ୍ଡର ଦୁଇଟି ଆସନର ରାଜ୍ୟସଭା ନିର୍ବାଚନରେ ଭୋଟ୍‌ଗ୍ରହଣକୁ ବାତିଲ କରାଯାଇଥିଲା। ଏହା ସହିତ ଭୋଟ ପାଇଁ ଟଙ୍କା ନ'ଦେବାକୁ ଆମେ ଭୋଟର ସଚେତନତା ଶିକ୍ଷା କାର୍ଯ୍ୟକ୍ରମ ହାତକୁ ନେଇ ସାଧାରଣରେ ଏକ ଜାଗରଣ ସୃଷ୍ଟି କରିଥିଲୁ।

୨୦୧୧ରୁ ପ୍ରତିବର୍ଷ ନଭେମ୍ବର ୨୫କୁ ଜାତୀୟ ଭୋଟର୍ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ନୂଆ ଭୋଟରମାନଙ୍କ ନାମ ପଞ୍ଜିକରଣ କରାଯାଇ ସେମାନଙ୍କୁ ନୀତି ସମ୍ମତ ଭୋଟ ଦାନ ସମ୍ପର୍କରେ ଶପଥ ପାଠ କରାଯାଇଥାଏ। ଏହା ବିଶ୍ୱରେ ଏ ଧରଣର ସବୁଠୁ ବଡ଼ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ପ୍ରାୟ ୧୪କୋଟି ନୂଆ ଭୋଟର୍ ନୀତିପୂର୍ଣ ଭୋଟ ଦାନ ସମ୍ପର୍କରେ ଶପଥ ନେଇଛନ୍ତି। ନିର୍ବାଚନରେ ଖର୍ଚ୍ଚ ନିୟନ୍ତ୍ରଣ ଉପରେ ନଜର ରଖିବାକୁ ଏକ ଅତି ତତ୍ପର ଓ କ୍ରିୟାଶୀଳ ଡିଭିଜନ ନିର୍ବାଚନ ଆୟୋଗ ସୃଷ୍ଟି କରିଛନ୍ତି। ଏହାଛଡ଼ା ଭୋଟରଙ୍କୁ ଶିକ୍ଷାଦାନ, ଗଣମାଧ୍ୟମ ଓ ନାଗରିକ ସାମାଜିକ ସମ୍ପୃକ୍ତି ବୃଦ୍ଧି ପାଇଁ ଏକ ଡିଭିଜନ ମଧ୍ୟ ଖୋଲାଯାଇଛି। ଏସବୁ ପଦକ୍ଷେପ ଫଳରେ ନିର୍ବାଚନରେ ମନଇଚ୍ଛା ଅର୍ଥବ୍ୟୟ, ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଓ ବେଆଇନ କାର୍ଯ୍ୟ କରିବା କ୍ରମଶଃ ପ୍ରାର୍ଥୀଙ୍କ ପକ୍ଷେ ଦୁରୂହ ହେଉଛି। ଏସବୁ ସତ୍ତ୍ୱେ ଦୁଃଖର ସହ କହିବାକୁ ପଡୁଛି ଯେ ନିର୍ବାଚନରେ କଳାଧନର ପ୍ରଭାବ ଏବେ ମଧ୍ୟ ବଳବତ୍ତର ରହିଛି। ଏ କଥା ସତ ଯେ ବିନା ଟଙ୍କାରେ ନିର୍ବାଚନ ଲଢ଼ି ଗଣତନ୍ତ୍ରକୁ ଚଳାଇ ହେବ ନାହିଁ। ତେବେ ଏହାର ଅର୍ଥ ନୁହେଁ ଯେ ଟଙ୍କା ବା ଧନବଳରେ ସମଗ୍ର ପ୍ରକ୍ରିୟାକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ କାହାକୁ ସୁଯୋଗ ଦେବା। ଏହା ହେଲେ କେବଳ ଧନାଢ୍ୟ ଲୋକେ ନିର୍ବାଚନରେ ଲଢ଼ିବା ସହ ସମଗ୍ର ରାଜନୈତିକ ବ୍ୟବସ୍ଥାକୁ ଅପହରଣ କରିନେବେ। ତେଣୁ ଏଥିପାଇଁ ଆଇନର ବ୍ୟବସ୍ଥା କରାଯାଇଛି ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀଙ୍କ ପାଇଁ ଖର୍ଚ୍ଚ ସୀମା ଧାର୍ଯ୍ୟ ହୋଇଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ହେଲା ଗୋଟିଏ ନିର୍ବାଚନରେ ଏକ ରାଜନୈତିକ ଦଳ ମୋଟ କେତେ ଟଙ୍କା ଖର୍ଚ୍ଚ କରିପାରିବ ତାହାର ସୀମା ଧାର୍ଯ୍ୟ ହୋଇନାହିଁ। ଏହାର ସୁଯୋଗ ନେଇ ରାଜନୈତିକ ଦଳମାନେ ନିର୍ବାଚନର ଆର୍ଥିକ ଶୃଙ୍ଖଳାକୁ ବିଗାଡ଼ିବା ସହ ନିଜନିଜ ମଧ୍ୟରେ ଟଙ୍କା ଖର୍ଚ୍ଚର ପ୍ରତିଯୋଗିତା କରନ୍ତି। ୨୦୧୪ ସାଧରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳପକ୍ଷରୁ ପ୍ରଚାରରେ ୩୦ହଜାର କୋଟି ଟଙ୍କା ବ୍ୟୟ କରାଯାଇଥିଲା। ଏହି ବିପୁଳ ଅର୍ଥ କେଉଁଠୁ ଆସେ ? କମ୍ପାନୀ ଚାନ୍ଦା, କ୍ଷୁଦ୍ର ଚାନ୍ଦା, ସଭ୍ୟ ଚାନ୍ଦା, ଦଳର ସ୍ଥାୟୀ ଜମା ଉପରେ ମିଳୁଥିବା ସୁଧ, ଭଡ଼ା ଓ ଅନ୍ୟାନ୍ୟ ଦଳୀୟ ରାଜସ୍ୱରୁ ଏହି ଅର୍ଥ ଆସୁଥିବ। ମାତ୍ର ବ୍ୟତିକ୍ରମ ହେଉଛି ଯେ ଏସବୁ ସୂତ୍ର ଓ ଅର୍ଥ ସଂଗ୍ରହ ସମ୍ପର୍କରେ କୌଣସି ସ୍ୱଚ୍ଛତା ବା ସ୍ପଷ୍ଟ ତଥ୍ୟ ନଥାଏ। ଏପରିକି ରାଜନୈତିକ ଦଳମାନେ ସେମାନଙ୍କ ମୋଟ୍ ପାଣ୍ଠିର ୭୫-୮୦ ଶତାଂଶ ନଗଦ ଟଙ୍କା ଆକାରରେ ଦାନରେ ମିଳିଥିବା ଦର୍ଶାଇଥାନ୍ତି ଯାହାର ସୂତ୍ର ଦେବାକୁ ସେମାନେ ବାଧ୍ୟ ନୁହଁନ୍ତି। ଏହା ଏକ ଗୁରୁତର ଘଟଣା। ଏଭଳି ଦାନ ବିଦେଶରୁ ଆସିପାରିଥାଏ କିମ୍ବା ଅପରାଧ, ନିଶା କାରବାର କିମ୍ବା ରିୟଲ ଇଷ୍ଟେଟ୍ ମାଫିଆଙ୍କଠାରୁ ମଧ୍ୟ ଏହା ଦାନ ଆକାରରେ ମିଳିପାରିଥାଏ।

ଆମେରିକାର କୂଟନୈତିକ କେବଲ ସଂସ୍ଥା ଉଇକୀଲିକ୍ସ ପକ୍ଷରୁ କୁହାଯାଇଛି ଯେ ଭାରତରେ ଭୋଟ ପାଇଁ ନୋଟ୍ ପ୍ରଦାନ ନିର୍ବାଚନ ବ୍ୟବସ୍ଥାରେ ଏକ ନିୟମିତ ଘଟଣା। ତାମିଲନାଡୁର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗୀ ୨୦୦୯ର ଏକ ଉପନିର୍ବାଚନରେ ପ୍ରତି ଭୋଟରଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ବାଣ୍ଟିଥିଲେ ବୋଲି ଏକ ତଥ୍ୟାଭିଜ୍ଞ ସୂତ୍ରକୁ ଉଦ୍ଧାର କରି ଏହି ସଂସ୍ଥା ଖବର ପ୍ରଘଟ କରିଥିଲା। ନିଜର ବିଜୟ ପରେ ସେହି ରାଜନେତା କହିଥିଲେ ଯେ ଏହା ଥିଲା ତାଙ୍କର ନିଶ୍ଚିତ ବିଜୟ ସୂତ୍ର। ତିରୁମଙ୍ଗଲମ୍ ଫର୍ମୁଲା ଭାବେ କୁଖ୍ୟାତ ଏହି ଘଟଣା ଏବେ ମଧ୍ୟ ଆମ ପାଇଁ ଏକ ବଡ଼ ଆହ୍ୱାନ ହୋଇରହିଛି।

୨୦୧୪ ନିର୍ବାଚନରେ ନିର୍ବାଚନ କମିଶନ ପ୍ରାୟ ୩୦୦କୋଟି ହିସାବ ବହିର୍ଭୁତ ଟଙ୍କା ଜବତ କରିଥିଲେ। ସେ ବର୍ଷ ସବୁ ବିଧାନସଭା ଆସନରେ ଧରପଗଡ଼ କରାଯାଇ ଟଙ୍କା ଜବତ ହେବା ଘଟଣା ଏକ ରେକର୍ଡ। ସେ ବର୍ଷ ବିହାରରୁ ସର୍ବାଧିକ ୧୯କୋଟି ଟଙ୍କା ଜବତ କରାଯାଇଥିଲା। ପରେ ତାମିଲନାଡୁ ବିଧାସସଭା ନିର୍ବାଚନବେଳେ ହିସାବ ବହିର୍ଭୁତ ଜବତ ଟଙ୍କା ପରିମାଣ ୧୦୦କୋଟିରୁ ଅଧିକ ଥିଲା।

**ରାଜନେତାଙ୍କ ପ୍ରତି ସାଧାରଣ ଲୋକଙ୍କ ଧାରଣା:** ରାଜନେତାମାନେ ପ୍ରାୟତଃ ଦୁର୍ନୀତିଗ୍ରସ୍ତ ବୋଲି ସର୍ବସାଧାରଣରେ ଏକ ଧାରଣା ରହିଛି। ନେତାମାନଙ୍କର ଏଭଳି ଭାବମୂର୍ତ୍ତି ଗଣତନ୍ତ୍ର ପାଇଁ ଭଲ ନୁହେଁ। ଏକଦା ଦେଶରେ ସାଧୁ ସଚ୍ଚୋଟ ନେତାଙ୍କର ଏକ ଲମ୍ବା ତାଲିକା ଥିଲା। ଏବେ ସେଥିରେ ବ୍ୟତିକ୍ରମ ଦେଖାଯାଉଛି। ଭାରତ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ରର ମର୍ଯ୍ୟାଦା ଲାଭ କରିବା ପଛରେ ଆମର ସାଧୁ ସଚ୍ଚୋଟ ନେତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

୨୦୦୮ରେ ବିଶ୍ୱରେ ଯେଉଁ ବଡ଼ ଆର୍ଥିକ ସଂକଟ ସୃଷ୍ଟି ହେଲା ତାହାର ପ୍ରଭାବ

**୨୦୧୬ରେ ହୋଇଥିବା ବିଧାନସଭା ନିର୍ବାଚନରେ ବିପୁଳ ଅର୍ଥ ବ୍ୟୟ ଘଟଣାରେ ତାମିଲନାଡୁର ଦୁଇଟି ଆସନର ନିର୍ବାଚନ ଆମେ ବାତିଲ କରିଥିଲୁ। ନିର୍ବାଚନରେ କଳା ଟଙ୍କାର ବ୍ୟବହାର ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ନିର୍ବାଚନ କମିଶନକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଲା। ଅର୍ଥ ଦୁରୁପଯୋଗର ଆବଶ୍ୟକ ପ୍ରମାଣ ମିଳିବା କ୍ଷେତ୍ରରେ ନିର୍ବାଚନକୁ ବାତିଲ କରିବା ପାଇଁ କମିଶନ ସରକାରଙ୍କୁ ଜଣାଇ ଏଥି ପାଇଁ ସ୍ଥାୟୀ ଆଇନଗତ କ୍ଷମତା ଲୋଡ଼ିଥିଲେ। ଏହି ପ୍ରସ୍ତାବକୁ ଆଇନମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଦେଇଥିଲେ ହେଁ ମୋର ବିଶ୍ୱାସ ନିର୍ବାଚନକୁ କଳା ଟଙ୍କାର ପ୍ରଭାବରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଏହି ପ୍ରସ୍ତାବକୁ ଅନୁମୋଦନ କରିବେ।**

ଭାରତରେ ବିଶେଷ ଅନୁଭୂତ ହୋଇ ନଥିଲା। ରିୟଲ ଇଷ୍ଟେଟ୍ ସହିତ ବିଭିନ୍ନ କ୍ଷେତ୍ରରେ ଯେଉଁ ବିପୁଳ କଳାଧନ ଭାରତରେ ମହଜୁଦ ଥିଲା ତାହା ଦେଶରେ ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବକୁ ପ୍ରତିହତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କଲା ବୋଲି ବାରମ୍ବାର କୁହାଯାଉଛି। ମାତ୍ର ଭାରତୀୟ ନିର୍ବାଚନରେ କଳାଟଙ୍କାର ସେଭଳି ଉତ୍ତମ ପ୍ରବାହ ଆଦୌ ଦେଖାଯାଉନାହିଁ, ବରଂ ଏହା ବ୍ୟବସ୍ଥାକୁ ଅଧିକ ବିଗାଡ଼ିଛି।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ଅଚଳ ଘୋଷଣା ଉପଯୁକ୍ତ ସମୟରେ ଠିକ୍ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଛି। ଯେଉଁ ଦଳ ଓ ନେତାମାନେ ବସ୍ତାବସ୍ତା ଟଙ୍କା ଧରି ନିର୍ବାଚନରେ ଖେଳ ଖେଳିବାକୁ ପ୍ରସ୍ତୁତ ହେଉଥିଲେ ସେମାନଙ୍କ ବୁଦ୍ଧି ବଣା ହୋଇଗଲା। ସେ ଟଙ୍କା କ'ଣ କରିବେ ସେମାନେ ସେ ବାଟ ମଧ୍ୟ ପାଇଲେ ନାହିଁ। ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରେ ଯେ ଆସନ୍ନ ନିର୍ବାଚନ ଉପରେ ଏହି ବିମୁଦ୍ରାୟନ ପଦକ୍ଷେପର ଏକ ଭଲ ପ୍ରଭାବ ପଡ଼ିବ। କାରଣ କଳାଧନ ବାଣ୍ଟି ଭୋଟ୍ କିଣିବାକୁ ପ୍ରୟାସ ଚାଲିଥିବାବେଳେ ଏହା ଏକ ଶକ୍ତ ଧକ୍କା ପାଇଛି। ସେହିଭଳି ନିର୍ବାଚନବେଳେ ସୀମା ଆରପାରିରୁ ବିପୁଳ ପରିମାଣରେ ଆସି କାମରେ ଲାଗୁଥିବା ନକଲି ନୋଟ୍‌ର ପ୍ରଭାବ ମଧ୍ୟ ଶୂନ ହୋଇଯିବ।

ପୂର୍ବରୁ ବିଭିନ୍ନ ସ୍ଥାନରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ପ୍ରକ୍ରିୟା ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଭୋଟ ଗ୍ରହଣ ତାରିଖର ପାଖାପାଖି ଆରମ୍ଭ ହେଉଥିଲା। ନିର୍ବାଚନ କମିଶନଙ୍କ ପକ୍ଷରୁ ଆଗୁଆ ଚଢ଼ଉ ହେବାରୁ ଏହି ଟଙ୍କା ବଣ୍ଟନ ପ୍ରକ୍ରିୟାକୁ ଚତୁରତା ସହ ଭୋଟର୍ ଦିନେ ଦୁଇ ଦିନ ଆଗକୁ ଗଡ଼େଇ ଦେଉଥିଲେ। ଏବେ ଠିକଣା ସମୟରେ ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଭୋଟ୍ ପାଇଁ ନୋଟ୍ ବଣ୍ଟନ ପ୍ରକ୍ରିୟା ବିଶେଷ ଭାବେ ପ୍ରଭାବିତ ହେବ।

ମୋ ବହି 'ଆନ୍ ଅନ୍‌ଡେଟେଡ୍ ୱାଣ୍ଡର - ଦି ମେକିଂ ଅଫ୍ ଦି ଗ୍ରେଟ୍ ଇଣ୍ଡିଆନ୍ ଇଲେକସନ୍'ରେ ମୁଁ ନିର୍ବାଚନରେ କଳାଧନର ଦୁରୁପଯୋଗ ଓ ବଣ୍ଟନ ସଂକ୍ରାନ୍ତ ୪୦ଟି ବିଭିନ୍ନ ଉପାୟ ସମ୍ପର୍କରେ ଉଲ୍ଲେଖ କରିଛି। ଏବେ ମଧ୍ୟ ମୁଁ ନିଃସନ୍ଦେହ ଯେ ପରିବର୍ତ୍ତିତ ପରିସ୍ଥିତିରେ ରାଜନେତା ଓ ବିଭିନ୍ନ ରାଜନୈତିକ ଦଳ ଅର୍ଥବଣ୍ଟନର ନୂଆ କୌଶଳ ବାହାର କରିବାକୁ ସମର୍ଥ। ତେବେ ନିକଟ ଭବିଷ୍ୟତରେ ଏହା କରାଯିବାର ସମ୍ଭାବନା କମ୍ ଏବଂ ନିକଟରେ ଥିବା ନିର୍ବାଚନରେ କଳାଧନର ପ୍ରଭାବ ସେତେ ପଡ଼ିବ ନାହିଁ।

ବିମୁଦ୍ରାୟନର ଲାଭକୁ ମଜବୁତ୍ କରିବାବେଳେ ନିର୍ବାଚନ ସମୟର ଶିକ୍ଷାକୁ ବିଚାରକୁ ନେବାକୁ ହେବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିମୁଦ୍ରାୟନ ପଦକ୍ଷେପ ଘୋଷଣାର ଅଳ୍ପଦିନ ପରେ ଏକ ଖବରକାଗଜ ଲେଖାରେ ମୁଁ ଦର୍ଶାଇଥିଲି ଯେ ପରିବର୍ତ୍ତିତ ବ୍ୟବସ୍ଥାରେ ବ୍ୟାଙ୍କ ଅଧିକାରୀଙ୍କ ସହଯୋଗ ଓ ସଲାସୁତୁରାରେ ଏକ ବେଆଇନ ଅର୍ଥକାରବାର ଶିଙ୍ଘ ମୁଣ୍ଡ ଟେକିପାରେ। ମୋର ସେ ଆଶଙ୍କା ସତ୍ୟ ପ୍ରମାଣିତ ହୋଇଛି। ଅନୁଭୂତି ଆଧାରରେ ମୁଁ ଏହି ଅନୁମାନ କରିଥିଲି। ଏକଦା ନିର୍ବାଚନ ଆୟୋଗର ଏକ ଭିଜିଲାନ୍ସ ଟିମ୍ ଏକ ଗାଡ଼ିକୁ ଧରିଲା ଏବଂ ଏଥିରେ ୨କୋଟି ଟଙ୍କା ଥିଲା। ପଚାରିବାରୁ ଗାଡ଼ିରେ ଥିବା ଲୋକେ କହିଲେ ଏହି ଟଙ୍କା ଏଟିଏମ୍‌ରେ ଭର୍ତ୍ତି ହେବାକୁ ଯାଉଛି। ତେଣୁ ଆମେ କ୍ଷମାମାଗି ସେ ଗାଡ଼ିକୁ ଛାଡ଼ିଦେଲୁ। ପରଦିନ ଚାରିକୋଟି ଟଙ୍କା ନେଇଯାଉଥିବା ଆଉ ଏକ ଗାଡ଼ିକୁ ଧରିବାରୁ ଏକା ଉତ୍ତର ମିଳିଲା। ଏହା ପରେ ୧୧କୋଟି ଟଙ୍କା ଯାଉଥିବା ଏକ ଗାଡ଼ିକୁ ଧରିବାରୁ ସମାନ ଉତ୍ତର ମିଳିବାରୁ ଆମେ ଏହାର ତଦନ୍ତ କଲୁ। ଆମେ ଏକଥା ତତ୍‌କାଳୀନ ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଡି. ସୁବ୍ବା ରାଓଙ୍କୁ ଜଣାଇବା ପରେ ବେଆଇନ ଅର୍ଥ କାରବାର ଓ ଚାଲାଣ ସଂକ୍ରାନ୍ତ ତଥ୍ୟ ଜଣାପଡ଼ିଲା ଏବଂ ଘଟଣାର ତଦନ୍ତ ହେଲା।

୨୦୧୬ରେ ହୋଇଥିବା ବିଧାନସଭା ନିର୍ବାଚନରେ ବିପୁଳ ଅର୍ଥ ବ୍ୟୟ ଘଟଣାରେ ତାମିଲନାଡୁର ଦୁଇଟି ଆସନର ନିର୍ବାଚନ ଆମେ ବାତିଲ କରିଥିଲୁ। ନିର୍ବାଚନରେ କଳା ଟଙ୍କାର ବ୍ୟବହାର ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ନିର୍ବାଚନ କମିଶନକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଲା। ଅର୍ଥ ଦୁରୁପଯୋଗର ଆବଶ୍ୟକ ପ୍ରମାଣ ମିଳିବା କ୍ଷେତ୍ରରେ ନିର୍ବାଚନକୁ ବାତିଲ କରିବା ପାଇଁ କମିଶନ ସରକାରଙ୍କୁ ଜଣାଇ ଏଥି ପାଇଁ ସ୍ଥାୟୀ ଆଇନଗତ କ୍ଷମତା ଲୋଡ଼ିଥିଲେ। ଏହି ପ୍ରସ୍ତାବକୁ ଆଇନମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଦେଇଥିଲେ ହେଁ ମୋର ବିଶ୍ୱାସ ନିର୍ବାଚନକୁ କଳା ଟଙ୍କାର ପ୍ରଭାବରୁ ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଏହି ପ୍ରସ୍ତାବକୁ ଅନୁମୋଦନ କରିବେ।

ବିଜେପିର ଆର୍ଥିକ ବ୍ୟାପାର ସେଲ୍‌ର ମୁଖ୍ୟ ଗୋପାଳକୃଷ୍ଣ ଅଗ୍ରୱାଲାଙ୍କ ମତରେ ବିମୁଦ୍ରାୟନ ପଦକ୍ଷେପର ପ୍ରଭାବ ଆସନ୍ତା ନିର୍ବାଚନରେ ପରିଲକ୍ଷିତ ହେବ ଏବଂ କଳାଧନର ଦୁରୁପଯୋଗ ଯଥେଷ୍ଟ ହ୍ରାସ ପାଇବ। ତେବେ ଅର୍ଥ ପ୍ରସାରଣ କ୍ଷେତ୍ରରେ ଏହା ବିଶେଷ ସଫଳ ହେବନାହିଁ। ପ୍ରାର୍ଥୀ ବା ଦଳ ଅତିବେଶୀରେ ନିର୍ବାଚନରେ ଆଖିବୁଜା

ଅର୍ଥ ବ୍ୟୟରୁ ନିବୃତ୍ତ ରହିବେ। ଯେପର୍ଯ୍ୟନ୍ତ ନିର୍ବାଚନ ସଂସ୍କାର ପ୍ରସ୍ତାବ ଗୃହୀତ ନ'ହୋଇଛି ଓ ରାଜନୈତିକ ଦଳଙ୍କ ଚାନ୍ଦା ସଂଗ୍ରହ ବ୍ୟବସ୍ଥା ସ୍ୱଚ୍ଛ ନ'ହୋଇଛି ସେପର୍ଯ୍ୟନ୍ତ ନିର୍ବାଚନରେ ଅର୍ଥ ବଳର ପ୍ରଭାବକୁ ରୋକିବା ସମ୍ଭବ ହେବନାହିଁ। ନିର୍ବାଚନ ଗତିବିଧି ଉପରେ ନଜର ରଖୁଥିବା ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରାଇଟସ୍ (ଏଡିଆର୍)ର ଡକ୍ଟର ତ୍ରିଲୋଚନ ଶାସ୍ତ୍ରୀ କହନ୍ତି ଯେ ସାଂପ୍ରତିକ ବିମୁଦ୍ରାୟନ ପଦକ୍ଷେପ ଯୋଗୁଁ ନିର୍ବାଚନରେ ଟଙ୍କା ବାଣ୍ଟିବା ପାଇଁ ଅର୍ଥର ଅଭାବ ରହିବ। ତେବେ ଏବାବଦରେ ଲୋକଙ୍କୁ ମନେଇବା ପାଇଁ ସରକାରୀ ରାଜକୋଷରୁ ଭବିଷ୍ୟତରେ ବିଭିନ୍ନ ପ୍ରକାର ଛାଡ଼, ଘୋଷଣା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବାର ପ୍ରତିଶ୍ରୁତି ବିଭିନ୍ନ ଦଳଙ୍କ ପକ୍ଷରୁ ଦିଆଯିବ। ରାଜନୈତିକ ଦଳଙ୍କ ପ୍ରତିଶ୍ରୁତି ଓ ଭୋଟରଙ୍କୁ ଆକୃଷ୍ଟ କରିବା ଭଳି ଘୋଷଣା ସମ୍ପର୍କରେ ନର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କର ଏକ ନିର୍ଦ୍ଦେଶାବଳୀ ରହିଛି। ଏସବୁ ଘୋଷଣା ବା ପ୍ରତିଶ୍ରୁତି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ କରୁଛି କି ନାହିଁ ସେଥିପ୍ରତି ନଜର ରଖିବାକୁ ହେବ।

ବିମୁଦ୍ରାୟନ ପଦକ୍ଷେପ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବା ପାଇଁ ମୂଳତଃ ଉଦ୍ଦିଷ୍ଟ ନଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ ଏହାର କିଛି ଭଲ ପ୍ରଭାବ ନିର୍ବାଚନ ସଂସ୍କାର ପ୍ରକ୍ରୀୟା ଉପରେ ପଡ଼ିବ। ସେହିଭଳି ନଗଦ କାରବାରର ପରିସର ନୋଟ୍ ଅଭାବରୁ ସୀମିତ ହୋଇଯାଇଥିବାରୁ ସରକାର ଏବେ ଇ-ବ୍ୟାଙ୍କିଙ୍ଗ୍, ଇ-ଓ୍ୱାଲେଟ ଆଦି ବିକଳ୍ପ ଡିଜିଟାଲ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି। ଏହା କଳାଧନ ବିଲୋପ ପ୍ରୟାସରେ ଏକ ଉତ୍ତମ ପଦକ୍ଷେପ ଭାବେ ପ୍ରମାଣିତ ହେବାକୁ ଯାଉଛି। ଜଣେ ରିକ୍ସାବାଲା କିମ୍ବା ପରିବାବାଲାକୁ ଯେତେବେଳେ ନଗଦ କାରବାର ନ'କରିବାକୁ କୁହାଯାଉଛି, ସେତେବେଳେ ଏକ ଦୃଢ଼ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଗଠନ ନିମନ୍ତେ ଏହା ବାଟ ଫିଟାଇବ। ଫଳରେ ଅଧିକରୁ ଅଧିକ ଲୋକେ ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇପାରିବେ।

ରାଜନୈତିକ ଦଳଙ୍କୁ କୋଡ଼ିଏ ହଜାର ଟଙ୍କାରୁ କମ୍ ଚାନ୍ଦା ନୋଟ୍‌ରେ ଦେବାକୁ ଏବେ ଯେଉଁ ଦାବି ଉଠୁଛି ତାହାକୁ ସିଧାସଳଖ ଅଗ୍ରାହ୍ୟ କରାଯିବା ଉଚିତ। ଏହା ହେଲେ ରାଜନୈତିକ ଦଳଙ୍କ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ହେଉଥିବା ୮୦ ଶତାଂଶ ଅସ୍ୱଚ୍ଛ କାରବାର ଦୂର ହୋଇପାରିବ। କାରଣ ଅଧିକାଂଶ ରାଜନୈତିକ ଦଳ ନଗଦ ଆକାରରେ ପାଉଥିବା ଚାନ୍ଦାକୁ ୨୦ ହଜାର ଟଙ୍କା ଠାରୁ କମ୍ ଆକାରରେ କ୍ଷୁଦ୍ରକ୍ଷୁଦ୍ର ପରିମାଣରେ ଦର୍ଶାଇଥାନ୍ତି। ଏଭଳି ବ୍ୟବସ୍ଥାରେ ବିଭିନ୍ନ ଦଳ ବାର୍ଷିକ ହାରାହାରି ଏକ ହଜାର କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରିଥାନ୍ତି। ଆଉ ଏକ ଘଟଣାକ୍ରମରେ ନଭେମ୍ବର ଆଠ ତାରିଖ ପରଠାରୁ ନିଜ ବ୍ୟାଙ୍କ କାରବାର ତଥ୍ୟ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ତାଙ୍କ ଦଳର ସାଂସଦମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ନାନା ପ୍ରଶ୍ନ ଉଠୁଛି। ମୋ ମତରେ ଏହି ପଦକ୍ଷେପକୁ ସମାଲୋଚନା କରିବା ପରିବର୍ତ୍ତେ ଏହାକୁ ରାଜନୈତିକ ନେତାଙ୍କ ଆର୍ଥିକ ସ୍ୱଚ୍ଛତାର ପ୍ରମାଣ ଦିଗରେ ପ୍ରଥମ ପଦକ୍ଷେପ ଭାବେ ସ୍ୱାଗତ କରାଯିବା ଉଚିତ। ଆଉ ଏକ ଉତ୍ତମ ପଦକ୍ଷେପ ହେଲା ବେନାମୀ ସମ୍ପତ୍ତି କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ ନିଷ୍ପତ୍ତି। ନିର୍ବାଚନରେ ବ୍ୟବହୃତ କଳାଧନ ଉପରେ ମଧ୍ୟ ଏହାର ଭଲ ପ୍ରଭାବ ପଡ଼ିବ। ନିର୍ବାଚନରେ କଳାଧନ ଉତ୍ସରୁ ସବୁଠୁ ଅଧିକ ଅର୍ଥ ଆସି ବ୍ୟବହୃତ ହୋଇଥାଏ।

ବିମୁଦ୍ରାୟନ ଭଳି ଅଭୂତପୂର୍ବ ପଦକ୍ଷେପ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କ୍ଷେତ୍ରରେ ଏକ ପରୋକ୍ଷ ଆଶୀର୍ବାଦ ଭାବେ ପରିଗଣିତ ହେବାକୁ ଯାଉଛି ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚନରେ ନଗଦବିହୀନ କାରବାର ଓ ଖର୍ଚ୍ଚ ଦ୍ୱାରା ପ୍ରାର୍ଥୀଙ୍କ ପ୍ରକୃତ ଅର୍ଥ ଖର୍ଚ୍ଚର ପରିମାଣ ଜଣାପଡ଼ିବ ଏବଂ ନିର୍ବାଚନରେ ଅର୍ଥବଳ ଓ କଳାଧନର ଦୁରୁପଯୋଗକୁ ରୋକିହେବ। ମୁଁ ଆଶା କରୁଛି ଦୀର୍ଘକାଳ ଧରି ପଡ଼ିରହିଥିବା ନିର୍ବାଚନ ସଂସ୍କାର ପଦକ୍ଷେପର କାର୍ଯ୍ୟକାରିତା ପାଇଁ ସମୟ ଆସିଯାଇଛି।

ଲେଖକ ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର।

# ବରିଷ୍ଠ ପେନସନ ବୀମା ଯୋଜନା -୨୦୧୭

ଗତ ଜାନୁୟାରୀ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବରିଷ୍ଠ ପେନସନ୍ ବୀମା ଯୋଜନା ୨୦୧୭କୁ କାର୍ଯ୍ୟୋତ୍ତର ଭାବେ ଅନୁମୋଦନ ମିଳିଛି। ବିତୀୟ ସମାବେଶ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ଏହା ଏକ ଅଂଶବିଶେଷ।

ବଜାରରେ ଅସ୍ଥିରତା କାରଣରୁ ୬୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକମାନଙ୍କ ଭବିଷ୍ୟତ ସୁଧ ଏବଂ ଆୟ ପ୍ରଭାବିତ ନହେବା ଏବଂ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ଲାଗି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଦଶବର୍ଷ ପାଇଁ ବାର୍ଷିକ ୮ ପ୍ରତିଶତ ସୁଧ ରିଟର୍ଣ୍ଣ ଗ୍ୟାରେଣ୍ଟି ସହ ବରିଷ୍ଠ ନାଗରିକଙ୍କୁ ସୁନିଶ୍ଚିତ ପେନସନ୍ ଯୋଗାଇ ଦିଆଯିବ। ଏଥିରେ ମାସିକ/ତ୍ରୈମାସିକ/୬-ମାସିଆ କିମ୍ବା ବାର୍ଷିକ ପେନସନ୍ ଉଠାଇବାର ସୁବିଧା ମଧ୍ୟ ମିଳିବ। ଏଲ୍‌ଆଇସି ପକ୍ଷରୁ ମିଳୁଥିବା ରିଟର୍ଣ୍ଣ ଏବଂ ୮% ସୁନିଶ୍ଚିତ ରିଟର୍ଣ୍ଣ ମଧ୍ୟରେ ରହିଥିବା ଆର୍ଥିକ ତାରତମ୍ୟ ଭାରତ ସରକାର ବାର୍ଷିକ ସବ୍‌ସିଡି ଭିତ୍ତିରେ ବହନ କରିବେ। ଏହି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଏକ ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନେ ଏହାର ଗ୍ରାହକ ହୋଇପାରିବେ।

# ଭାରତରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଓ ସ୍ୱଳ୍ପ ନଗଦ ଅର୍ଥନୀତି

**ଜି.ରଘୁରାଜ**

**ଋ**ଣ, ଦେୟ ଅଥବା ପ୍ରାପ୍ୟ ପ୍ରଦାନ ଆଦି ଏକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ଯେଉଁଠି ଦେୟର ମାଧ୍ୟମ ହିସାବରେ ଅର୍ଥ ମୁଖ୍ୟତଃ ବ୍ୟବହୃତ ହୋଇଥାଏ। ଏଥିରେ ନଗଦ ଟଙ୍କାକୁ ସିଧାସଳଖ ହସ୍ତାନ୍ତର କରାଯାଇପାରେ ବା ଟଙ୍କା ବଦଳରେ ସେଇ ମୂଲ୍ୟର ବୈଧ ହୁଣ୍ଡି ଅଥବା ଅନ୍ୟାନ୍ୟ ବୈଧ ବ୍ୟବସ୍ଥା ଚେକ୍, ଡ୍ରାଫ୍ଟ, ମନିଅର୍ଡର ବା ଅନ୍ୟାନ୍ୟ ବ୍ୟାଙ୍କ ଅନୁମୋଦିତ ପଦ୍ଧତିର ସାହାଯ୍ୟ ନିଆଯାଇପାରେ। ଏସବୁ ଭାରତୀୟ ଅର୍ଥ ପ୍ରଦାନ ବ୍ୟବସ୍ଥାର ଅଂଶ ବିଶେଷ ହୋଇଥିଲେ ମଧ୍ୟ ନଗଦ ଅର୍ଥରେ ସବୁଠୁ ଅଧିକ ନେଣଦେଣ ହୁଏ। ତେବେ ଆଧୁନିକ ଦେୟ ବ୍ୟବସ୍ଥା ବା ପେମେଣ୍ଟ ସିଷ୍ଟମରେ ନଗଦ କାରବାର ନ'କରି ଦେୟକୁ ଏକ ନୂଆ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଉଛି ଯେଉଁଠି କେବଳ ନଗଦ ବଦଳରେ ଟଙ୍କାର ପରିମାଣ ପ୍ରେରକ ପାଖରୁ ଯାଇ ଗ୍ରାହକ ପାଖରେ ପହଞ୍ଚିବ। ଏଥିରେ ନଗଦ ଟଙ୍କାର ଆବଶ୍ୟକତା ରହିବ ନାହିଁ।

ପାରମ୍ପରିକ କାଗଜ ଭିତ୍ତିକ ଅର୍ଥ ପ୍ରଦାନ ବ୍ୟବସ୍ଥାରେ ନଗଦ ସହ ବିଭିନ୍ନ ପ୍ରକାର ଚେକ୍, ଡିମାଣ୍ଡ ଡ୍ରାଫ୍ଟ, ପେମେଣ୍ଟ ଅର୍ଡର, ବ୍ୟାଙ୍କର୍ସ ଚେକ୍, ଡିଭିଡେଣ୍ଡ ୱାରେଣ୍ଟ, ଇଣ୍ଟରେଷ୍ଟ ୱାରେଣ୍ଟ, ଟ୍ରାଭେଲର୍ସ ଚେକ୍, ଗିଫ୍ଟ ଚେକ୍, ଡେବିଟ୍ ନୋଟ୍, ରିଫଣ୍ଡ ଅର୍ଡର ଆଦି ନଗଦ ବିହୀନ ଫଣ୍ଡ୍ ଟ୍ରାନ୍ସଫର ବ୍ୟବସ୍ଥା ବ୍ୟାଙ୍କ ଜରିଆରେ କରାଯାଇଥିଲା। ଏସବୁ ଆନ୍ତଃବ୍ୟାଙ୍କ ପେମେଣ୍ଟ ସିଷ୍ଟମର ଅନ୍ତର୍ଗତ। କ୍ଲିୟରିଂ ବ୍ୟବସ୍ଥାରେ ବ୍ୟାଙ୍କ ସମୂହ ଏସବୁ ଚେକ୍‌କୁ ଗ୍ରହୀତାର ଆକାଉଣ୍ଟରେ ଅର୍ଥରାଶୀ ଆକାରରେ ଜମା କରୁଥିଲେ। ଏବେ ମଧ୍ୟ ଏହି ନଗଦହୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ଏବଂ ଏହାର ବିଭିନ୍ନ ସୁବିଧା ଲୋକେ ପାଉଛନ୍ତି।


ତେବେ ଆଧୁନିକ ସୂଚନା ପ୍ରଯୁକ୍ତିର ବିକାଶ ଏବଂ ବ୍ୟାଙ୍କ ବ୍ୟବସ୍ଥାରେ ଏସବୁର ଉପଯୋଗ ପରେ ନୂଆ ପେମେଣ୍ଟ ବା ଦେୟ ବ୍ୟବସ୍ଥାମାନ ବାହାରିଛି। ଏଥିରେ ନଗଦର ଆବଶ୍ୟକତା କମିଛି ଏବଂ ଟଙ୍କା ପାଖରେ ରଖିବା ଦରକାର ପଡୁନାହିଁ। ନୂଆ ବ୍ୟବସ୍ଥାରେ ବ୍ୟାଙ୍କ ସୁବିଧା ନ ଥିବା କ୍ଷେତ୍ରରେ ମଧ୍ୟ ଟେଲିକମ୍ ସେବା ମାଧ୍ୟମରେ ଟଙ୍କା ପ୍ରେରଣ କରାଯାଇପାରୁଛି। ଏହା ଇଲେକଟ୍ରୋନିକ୍ ପେମେଣ୍ଟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ। ୧୯୮୬ରେ ରିଜର୍ଭ ବ୍ୟାଙ୍କ ମ୍ୟାଗନେଟିକ୍ ଇଂକ୍ କ୍ୟାରେକ୍ଟର ରେକଗ୍ନିସନ ବ୍ୟବସ୍ଥା ବା ଏମ୍‌ଆଇସିଆରକୁ ଅନୁମୋଦନ କରିଥିଲା। ଏହା ପରେ ୧୯୯୦ ଦଶକରେ ରିଜର୍ଭ ବ୍ୟାଙ୍କ କାଗଜବିହୀନ ଇଲେକଟ୍ରୋନିକ୍ କ୍ଲିୟରିଂ ସର୍ଭିସ୍ (ଇସିଏସ୍-ସିଆର) ବ୍ୟସ୍ଥା ପ୍ରଚଳନ କଲା। ଏହି ବ୍ୟବସ୍ଥାରେ ପ୍ରଥମ କରି ଜଣେ ପ୍ରେରକ ବା ଅର୍ଥ ପ୍ରଦାନକାରୀ ବ୍ୟାଙ୍କ ଜରିଆରେ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଦେୟ ଦେଇପାରିଲା। ଏହାପରେ ଆସିଲା ଇଲେକ୍‌ଟ୍ରୋନିକ୍ ଇସିଏସ୍-ଡିଆର। ଏଥିରେ ଟଙ୍କା ପୈଠକାରୀ ଟଙ୍କା ପାଇବାକୁ ଥିବା ବ୍ୟକ୍ତିକୁ ନିଜ ଆକାଉଣ୍ଟରୁ ନିଜ ବରାଦ ଅନୁସାରେ ଅର୍ଥ ଦେବାକୁ ବ୍ୟାଙ୍କକୁ ଅନୁମତି ଦେଲା। ଏହାଦ୍ୱାରା ପ୍ରେରକର ଜମାରୁ ବ୍ୟାଙ୍କ ଧାର୍ଯ୍ୟ ଅର୍ଥ ପାଇବାକୁ ଥିବା ବ୍ୟକ୍ତିକୁ ଦେବାରେ ସକ୍ଷମ ହେଲା। ବିଭିନ୍ନ ସେବା ପାଇଁ ଯଥା ବିଜୁଳି, ପାଣି, ପ୍ରିମିୟମ ଓ ଟେଲିଫୋନ୍ ବିଲ୍ ଆଦି ପ୍ରାପ୍ୟ ଦେବା କ୍ଷେତ୍ରରେ ଏହି ସୁବିଧା ମୁଖ୍ୟତଃ ଉପଯୋଗ ହେଲା। ଏହାପରେ ଆସିଲା ଇଲେକ୍‌ଟ୍ରୋନିକ୍ ଫଣ୍ଡ୍

୧୯୮୬ରେ ରିଜର୍ଭ ବ୍ୟାଙ୍କ ମ୍ୟାଗନେଟିକ୍ ଇଂକ୍ କ୍ୟାରେକ୍ଟର ରେକଗ୍ନିସନ ବ୍ୟବସ୍ଥା ବା ଏମ୍‌ଆଇସିଆରକୁ ଅନୁମୋଦନ କରିଥିଲା। ଏହା ପରେ ୧୯୯୦ ଦଶକରେ ରିଜର୍ଭ ବ୍ୟାଙ୍କ କାଗଜବିହୀନ ଇଲେକଟ୍ରୋନିକ୍ କ୍ଲିୟରିଂ ସର୍ଭିସ୍ (ଇସିଏସ୍-ସିଆର) ବ୍ୟସ୍ଥା ପ୍ରଚଳନ କଲା। ଏହି ବ୍ୟବସ୍ଥାରେ ପ୍ରଥମ କରି ଜଣେ ପ୍ରେରକ ବା ଅର୍ଥ ପ୍ରଦାନକାରୀ ବ୍ୟାଙ୍କ ଜରିଆରେ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଦେୟ ଦେଇପାରିଲା। ଏହାପରେ ଆସିଲା ଇଲେକ୍‌ଟ୍ରୋନିକ୍ ଇସିଏସ୍-ଡିଆର। ଏଥିରେ ଟଙ୍କା ପୈଠକାରୀ ଟଙ୍କା ପାଇବାକୁ ଥିବା ବ୍ୟକ୍ତିକୁ ନିଜ ଆକାଉଣ୍ଟରୁ ନିଜ ବରାଦ ଅନୁସାରେ ଅର୍ଥ ଦେବାକୁ ବ୍ୟାଙ୍କକୁ ଅନୁମତି ଦେଲା। ଏହାଦ୍ୱାରା ପ୍ରେରକର ଜମାରୁ ବ୍ୟାଙ୍କ ଧାର୍ଯ୍ୟ ଅର୍ଥ ପାଇବାକୁ ଥିବା ବ୍ୟକ୍ତିକୁ ଦେବାରେ ସକ୍ଷମ ହେଲା।

ଟ୍ରାନ୍ସଫର ବ୍ୟବସ୍ଥା ବା ଇଏଫ୍‌ଟି। ଏଥିରେ ଇଲେକଟ୍ରୋନିକ୍ ନିର୍ଦ୍ଦେଶ ଦ୍ୱାରା ଗୋଟିଏ ବ୍ୟାଙ୍କର ଖାତାଧାରୀ ଅନ୍ୟ ବ୍ୟାଙ୍କର ଖାତାଧାରୀଙ୍କୁ ଦେୟ ଦେବାକୁ ସକ୍ଷମ ହେଲା। ୨୦୦୪ରେ ଆରମ୍ଭ ହେଲା ଜାତୀୟ ଇଲେକଟ୍ରୋନିକ୍ସ ପାଣ୍ଠି ବଦଳ ବ୍ୟବସ୍ଥା ବା ଏକ ବୈପ୍ଳବିକ ରୂପ ଦେଲା। ଏହା ମାଧ୍ୟମରେ ଇଣ୍ଟରନେଟ୍ ସେବାର ଉପଯୋଗ କରି କାର୍ଡଧାରୀ ବିଭିନ୍ନ ପ୍ରକାର ଦେୟ ଦେଇପାରିଲେ ଏବଂ ପିଏସ୍‌ଓ ମେସିନ୍‌ରେ ନିଜ କାର୍ଡ ସ୍ୱାପ କରି ଦୋକାନ ବଜାରରୁ ଜିନିଷ କିଣିବାର ସୁବିଧା ପାଇଲେ। ମଧ୍ୟରେ ଏହାର ଦେୟ ଉପରେ ଉପଯୋଗକାରୀଙ୍କୁ ପାଉଣା ଦେବାକୁ ହୋଇଥାଏ।

ଯେକୌଣସି ଆନ୍ତଃବ୍ୟାଙ୍କ ପେମେଣ୍ଟ ବ୍ୟବସ୍ଥାରେ ଏକ ବିଶ୍ୱସ୍ତ କେନ୍ଦ୍ରୀୟ ପକ୍ଷ ରହନ୍ତି ଯେ କି ଦୁଇ ପକ୍ଷ ମଧ୍ୟରେ କାରବାରକୁ ସମ୍ପନ୍ନ

## ଭାରତରେ ପ୍ରଚଳିତ ପେମେଣ୍ଟ ସିଷ୍ଟମ୍





ଏନ୍‌ଇଏଫ୍‌ଟି। କୋର୍ ବ୍ୟାଙ୍କି ବ୍ୟବସ୍ଥା ଆରମ୍ଭ ହେବାପରେ ଏହି ସେବାର ପ୍ରସାର ଓ ପରିସର ବଢ଼ିଲା। ଏହାପରେ କାର୍ଡ ଭିତ୍ତିକ କାରବାର ଦେଣନେଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ବ୍ୟାଙ୍କ ସମୂହ ମଧ୍ୟରେ ଇଲେକ୍‌ଟ୍ରୋନିକ୍ ସମ୍ପର୍କ ସ୍ଥାପନ ହେବାପରେ ଜଣେ ଆକାଉଣ୍ଟଧାରୀ ଯେକୌଣସି ବ୍ୟାଙ୍କରୁ ଅର୍ଥ କାରବାର କରିବାର ସୁବିଧା ପାଇଲା। ଏହା ଫଳରେ ଟଙ୍କା ଜମା ଓ ଉଠାଣ ପାଇଁ ନିଜସ୍ୱ ବ୍ୟାଙ୍କ ଶାଖାକୁ ଗ୍ରାହକଙ୍କ ଯିବା ଆସିବା କ୍ରମଶଃ ହ୍ରାସ ପାଇଲା। ଶେଷରେ ଏଟିଏମ୍ କାର୍ଡ ଟଙ୍କା ଉଠାଣ ଓ ଜମା ବ୍ୟବସ୍ଥାକୁ

ଏନ୍‌ଇଏଫ୍‌ଟି ମୁଖ୍ୟତଃ ଖୁଚୁରା ଅର୍ଥ ପ୍ରଦାନ ଆବଶ୍ୟକତା ପୂରଣ କରୁଥିବାରୁ ରିଜର୍ଭବ୍ୟାଙ୍କ ଅଧିକ ପରିମାଣର ଦେୟ ପ୍ରଦାନ ପାଇଁ ୨୦୦୪ରେ ରିୟଲଟାଇମ୍ ଗ୍ରସ୍ ସେଟେଲ୍‌ମେଣ୍ଟ ସିଷ୍ଟମ ବା ଆରଟିଜିଏସ୍ ବ୍ୟବସ୍ଥା ୨୦୦୪ ମାର୍ଚ୍ଚରେ ଆରମ୍ଭ କଲା। ଏହି ବ୍ୟବସ୍ଥାକୁ ଆର୍ଥିକ କମ୍ପାନୀ, ବ୍ୟାଙ୍କର ଫଣ୍ଡ ମ୍ୟାନେଜର ଏବଂ ଅଧିକ ଅର୍ଥ ଦେଣନେଣ କରୁଥିବା ଗ୍ରାହକ ଅଧିକ ସଂଖ୍ୟାରେ ବ୍ୟବହାର କଲେ। ଏହା ଏକ ଆନ୍ତଃ-ବ୍ୟାଙ୍କ ଅର୍ଥ ଦେୟ ବ୍ୟବସ୍ଥା। ମୋଟ୍ କାରବାର ଭିତ୍ତିରେ ନିର୍ଦ୍ଦିଷ୍ଟ ସମୟସୀମା କରିଥାନ୍ତି। ଯଥା ଗୋଟିଏ ପଟରେ ପ୍ରେରକ, ଅନ୍ୟପଟରେ ଗ୍ରାହକ ଓ ମଝିରେ ବ୍ୟାଙ୍କ। ଏ କ୍ଷେତ୍ରରେ ଏହି ବ୍ୟାଙ୍କ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ। ଏଠି ରିଜର୍ଭ ବ୍ୟାଙ୍କ ଦୁଇ ପକ୍ଷ ମଧ୍ୟରେ ସମାଧାନକାରୀ ସଂସ୍ଥା। ୨୦୦୭ରେ ପେମେଣ୍ଟ ଅଫ୍ ସେଟେଲମେଣ୍ଟ ଆଇନ ପ୍ରଣିତ ହେବାପରେ ଅର୍ଥ କାରବାର ସମାଧାନ କ୍ଷେତ୍ରରେ ରିଜର୍ଭବ୍ୟାଙ୍କକୁ କ୍ଷମତା ମିଳିଛି। ନେସ୍‌ନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଓ କ୍ଲିୟରିଂ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିସିଆଇଏଲ୍) ଏହି ଦୁଇ ସଂସ୍ଥାକୁ ରିଜର୍ଭ

ବ୍ୟାଙ୍କ ପେମେଣ୍ଟ ସିଷ୍ଟମ ବ୍ୟବସ୍ଥା ପ୍ରଚଳନ ଓ ପରିଚାଳନା ପାଇଁ ଅନୁମତି ଦେଇଛି। ଏନ୍‌ପିସିଆଇ ସର୍ବାଧିକ ସଂଖ୍ୟକ ଖୁଚୁରା ପେମେଣ୍ଟ କାରବାର କଥା ବୁଝୁଥିବାବେଳେ ନେସ୍‌ନାଲ ଫାଇନାନ୍‌ସିଆଲ୍ ସୁଇଚ୍‌କୁ ପରିଚାଳନା କରୁଛି। ଏହି ବ୍ୟବସ୍ଥା ଅଧୀନରେ ସବୁ ବ୍ୟାଙ୍କର ଏଟିଏମ୍ କାର୍ଯ୍ୟ କରୁଛି। ଏନ୍‌ପିସିଆଇ ବିଭିନ୍ନ ପ୍ରକାର ପେମେଣ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଦାୟିତ୍ୱ ନେଇଛି। ସେଗୁଡ଼ିକ ହେଲା – ଇମିଡିଏଟ୍ ପେମେଣ୍ଟ ସିଷ୍ଟମ (ଆଇଏମ୍‌ପିଏସ୍) ନ୍ୟାସନାଲ୍ ଅଟୋମେଟେଡ୍ କ୍ଲିୟରିଂ ହାଉସ୍ (ଏନ୍‌ଏସିଏଚ୍), ଚେକ୍ ଟର୍ଣ୍ଣକେସନ ସିଷ୍ଟମ (ଇମେଜ ଭିତ୍ତିକ ପ୍ରୋସେସିଂ ଜରିଆରେ ଚେକ୍ କ୍ଲିୟରିଂ) ବା ସିଟିଏସ୍, ଆଧାର ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା (ଏଇପିଏସ୍), ଏକୀକୃତ ପେମେଣ୍ଟ ବ୍ୟବସ୍ଥା ବା ୟୁପିଆଇ *୯୯୮ ଭିତ୍ତିକ ଅନ୍‌ଷ୍ଟ୍ରକଚର୍‌ଡ ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା, ରୁପେ ଡେବିଟ୍‌କାର୍ଡ ଏବଂ ୟୁପିଆଇ। ଏହାଛଡ଼ା ଏନ୍‌ପିସିଆଇ ମଧ୍ୟ ଭାରତ ବିଲ୍ ପେମେଣ୍ଟ ସିଷ୍ଟମ୍‌କୁ କାର୍ଯ୍ୟକାରୀ କରୁଛି ଏବଂ ଏହା ମାଧ୍ୟମରେ ଲୋକେ ସରକାରୀ ସେବା ବାବଦ ଦେୟ ପୈଠ କରୁଛନ୍ତି। ଏସବୁ ଛଡ଼ା ଦେଶରେ ଏକାଧିକ ପେମେଣ୍ଟ ସର୍ଭିସ୍ ଯୋଗାଣକାରୀ ୱାଲେଟ୍ ସେବା ଯୋଗାଉଛନ୍ତି। ସେଗୁଡ଼ିକ ମଧ୍ୟରେ ପେଟିଏମ୍, ବିଲଡେସ୍କ; ସିସି ଆଭେନ୍ୟୁ, ଇନ୍‌ଷ୍ଟାମୋଜୋ, ପେପଲ୍, ସାଇଟ୍ରସ ପେ, ଡାଇରେକପେ, ପେୟୁମନି, ଇ ପେ ଓ ପେନେଜ୍ ଅନ୍ୟତମ। ସେହିଭଳି ପରିବହନ, ବିପଣନ ଓ ଡେଲିଭର ସେବା ପ୍ରଦାନ କ୍ଷେତ୍ରରେ କେତେକ କ୍ଲୋଜ୍‌ଡ ପେମେଣ୍ଟ ବ୍ୟବସ୍ଥା ପ୍ରଚଳିତ ଯେଉଁଠି ପ୍ରିପେଡ୍ କାର୍ଡ ଜରିଆରେ ପେମେଣ୍ଟ ସୁବିଧା ଯୋଗାଇ ଦିଆଯାଉଛି।

**୨୦୦୭ ପେମେଣ୍ଟ ଆଣ୍ଡ୍ ସେଟେଲମେଣ୍ଟ ସିଷ୍ଟମ ଆଇନ୍‌ର ଭାଗ ୨(୧)ଅନୁସାରେ ପେମେଣ୍ଟ ସିଷ୍ଟମର ସଂଜ୍ଞା:** ପେମେଣ୍ଟ ସିଷ୍ଟମ ଅର୍ଥ ଏହା ଏକ ବ୍ୟବସ୍ଥା ଯାହା ପ୍ରଦାନକାରୀ ଓ ଉପଭୋକ୍ତା ମଧ୍ୟରେ ସଂପନ୍ନ ହେବ। ଏଥିରେ ଉଭୟଙ୍କ ମଧ୍ୟରେ କାରବାର ସେବା ଓ ଦେୟ ଚୂଡ଼ାନ୍ତ ହେବ ଏବଂ ଏଥିରେ ଷ୍ଟକ୍ ଏକ୍ସଚେଞ୍ଜ




ସଂକ୍ରାନ୍ତ କୌଣସି କାରବାର ହେବନାହିଁ।

ବ୍ୟାଖ୍ୟା : ଏହି ଧାରାର ଉଦ୍ଦେଶ୍ୟ ହେଲା – କ୍ରେଡିଟ୍‌କାର୍ଡ କାରବାର, ଡେବିଟ୍‌କାର୍ଡ କାରବାର, ସ୍ମାର୍ଟ କାର୍ଡ କାରବାର ଏବଂ ଏଭଳି ସମାନ ବ୍ୟବସ୍ଥାରେ ଟଙ୍କା ଟ୍ରାନ୍ସଫର ବ୍ୟବସ୍ଥାଠୁ ପେମେଣ୍ଟ ସିଷ୍ଟମ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ।

ପେମେଣ୍ଟ୍ ସିଷ୍ଟମ୍ ବ୍ୟବସ୍ଥା ରିଜର୍ଭ ବ୍ୟାଙ୍କର ଅନୁମତି ବିନା ଚାଲିପାରିବ ନାହିଁ; ଏଥିପାଇଁ ଆବଶ୍ୟକ ନୀତିନିୟମକୁ ସଂପୃକ୍ତ ପକ୍ଷ ପାଳନ କରିବାକୁ ବାଧ୍ୟ। ଆରଟିଜିଏସ୍, ଏନ୍‌ଇଏଫ୍‌ଟି, ଇସିଏସ୍ (ଡିଆର, ସିଆର୍) ସିଧାସଳଖ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ। ଅନ୍ୟ ପେମେଣ୍ଟ ସେଟେଲମେଣ୍ଟ ବ୍ୟବସ୍ଥାଗୁଡ଼ିକ ରିଜର୍ଭବ୍ୟାଙ୍କର ଅନୁମତିକ୍ରମେ ସ୍ୱାଧୀନଭାବେ ପରିଚାଳିତ ହେଉଥିଲେ ହେଁ ସେମାନେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ।

**ରିଜର୍ଭ ବ୍ୟାଙ୍କର ପେମେଣ୍ଟ ସିଷ୍ଟମ ଭିଜନ ୨୦୧୫-୧୮:** କମ୍ ନଗଦରେ ଉଚ୍ଚମାନର ପେମେଣ୍ଟ ବ୍ୟବସ୍ଥା ଯୋଗାଣ। ଏଥିପାଇଁ ଏକ ଦୃଢ଼ ନୀତି ନିୟମ ଓ ନିୟନ୍ତ୍ରଣ ବ୍ୟବସ୍ଥା, ଉତ୍ତମ ଭିତ୍ତିଭୂମି ନିର୍ମାଣ, ସଫଳ ତଦାରଖ ବ୍ୟବସ୍ଥା ଓ ଗ୍ରାହକ ସ୍ୱାର୍ଥଅନୁକୂଳ ନୀତି ପ୍ରଣୟନ ଉପରେ ଗୁରୁତ୍ୱ।

ଦେଶର ଯେଉଁ ଅଞ୍ଚଳରେ ବ୍ୟାଙ୍କ ସେବା

**ଯେକୌଣସି ଆନ୍ତଃବ୍ୟାଙ୍କ ପେମେଣ୍ଟ ବ୍ୟବସ୍ଥାରେ ଏକ ବିଶ୍ୱସ୍ତ କେନ୍ଦ୍ରୀୟ ପକ୍ଷ ରହନ୍ତି ଯେ କି ଦୁଇ ପକ୍ଷ ମଧ୍ୟରେ କାରବାରକୁ ସମ୍ପନ୍ନ କରିଥାନ୍ତି। ଯଥା ଗୋଟିଏ ପଟରେ ପ୍ରେରକ, ଅନ୍ୟପଟରେ ଗ୍ରାହକ ଓ ମଝିରେ ବ୍ୟାଙ୍କ। ଏ କ୍ଷେତ୍ରରେ ଏହି ବ୍ୟାଙ୍କ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ। ଏଠି ରିଜର୍ଭ ବ୍ୟାଙ୍କ ଦୁଇ ପକ୍ଷ ମଧ୍ୟରେ ସମାଧାନକାରୀ ସଂସ୍ଥା। ୨୦୦୭ରେ ପେମେଣ୍ଟ ଅଫ୍ ସେଟେଲମେଣ୍ଟ ଆଇନ ପ୍ରଣିତ ହେବାପରେ ଅର୍ଥ କାରବାର ସମାଧାନ କ୍ଷେତ୍ରରେ ରିଜର୍ଭବ୍ୟାଙ୍କକୁ କ୍ଷମତା ମିଳିଛି। ନେସ୍‌ନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଓ କ୍ଲିୟରିଂ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିସିଆଇଏଲ୍) ଏହି ଦୁଇ ସଂସ୍ଥାକୁ ରିଜର୍ଭ ବ୍ୟାଙ୍କ ପେମେଣ୍ଟ ସିଷ୍ଟମ ବ୍ୟବସ୍ଥା ପ୍ରଚଳନ ଓ ପରିଚାଳନା ପାଇଁ ଅନୁମତି ଦେଇଛି।**

ନାହିଁ ସେଠାକୁ ବ୍ୟାଙ୍କ ସେବାର ପ୍ରସାରଣ ସହିତ ଲୋକଙ୍କୁ ନୂତନ ପେମେଣ୍ଟ ବ୍ୟବସ୍ଥାର ଲାଭ ଯୋଗାଇଦେବାର ଆବଶ୍ୟକତା ରହିଛି। ଏହା ଫଳରେ ଲୋକେ ବ୍ୟାଙ୍କ ବ୍ୟବସ୍ଥାର ପରିସରଭୁକ୍ତ ହେବା ସହ ନଗଦମୁକ୍ତ ଅର୍ଥନୀତିର ଲାଭ ପାଇପାରିବେ। ଏବେ ମୋବାଇଲ୍ ଟେଲିଫୋନ୍ ଓ ଅନ୍ୟାନ୍ୟ ଯନ୍ତ୍ରଦ୍ୱାରା ଲୋକଙ୍କୁ ଇ-ଟ୍ରାନ୍‌ଜାକସନ୍‌ର ଲାଭ ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହାଦ୍ୱାରା ବ୍ୟାଙ୍କ ନ ଥିବା ଅଞ୍ଚଳର ଲୋକେ ମଧ୍ୟ ମୁଦ୍ରାହୀନ କାରବାରର ସୁଯୋଗ ପାଇପାରିବେ। ଇପେମେଣ୍ଟର ଯଥେଷ୍ଟ ସୁବିଧାସୁଯୋଗ ସତ୍ତ୍ୱେ ଏହାର କେତେକ ଦିଗ ବିପଦପ୍ରବଣ। ସେଥିପ୍ରତି ଆବଶ୍ୟକ ସୁରକ୍ଷା ପଦକ୍ଷେପ ଲୋଡ଼ା। ତା' ନ ହେଲେ ହ୍ୟାକର ବା ଅସାଧୁ ଲୋକ ସାଧାରଣ ଲୋକଙ୍କ କଷ୍ଟାର୍ଜିତ ଧନକୁ ଲୁଟିନେବାର ଆଶଙ୍କା ରହିଛି।

**ସମ୍ଭାବ୍ୟ ବିପଦ**

**ଆନ୍ତଃ ବ୍ୟାଙ୍କ ପେମେଣ୍ଟ ବ୍ୟବସ୍ଥା କାହିଁକି ?**

- ସୁବିଧାଜନକ ?
- ନିରାପଦ ?
- ଖାତା ଖୋଲିବା ?
- ସୁଧ ଆୟ ?
- ବିଶ୍ୱାସଯୋଗ୍ୟ ?
- ଆଗକୁ ବେପାର କରିବା / କାରବାର ?

**ଏହି ପେମେଣ୍ଟ ବ୍ୟବସ୍ଥାରେ ଥିବା ବିପଦ**

- ବିଶ୍ୱସନୀୟତା ପ୍ରତି ବିପଦ
- ବୁଡ଼ିଯିବାର ଭୟ
- ଆଇନ୍‌ଗତ ବିପଦ
- ପରିଚାଳନାଗତ ବିପଦ
- ବ୍ୟବସ୍ଥାଗତ ବିପଦ


**ଯେକୌଣସି ଆନ୍ତଃବ୍ୟାଙ୍କ ପେମେଣ୍ଟ ବ୍ୟବସ୍ଥାରେ ଏକ ବିଶ୍ୱସ୍ତ କେନ୍ଦ୍ରୀୟ ପକ୍ଷ ରହନ୍ତି ଯେ କି ଦୁଇ ପକ୍ଷ ମଧ୍ୟରେ କାରବାରକୁ ସମ୍ପନ୍ନ କରିଥାନ୍ତି। ଯଥା ଗୋଟିଏ ପଟରେ ପ୍ରେରକ, ଅନ୍ୟପଟରେ ଗ୍ରାହକ ଓ ମଝିରେ ବ୍ୟାଙ୍କ। ଏ କ୍ଷେତ୍ରରେ ଏହି ବ୍ୟାଙ୍କ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ। ଏଠି ରିଜର୍ଭ ବ୍ୟାଙ୍କ ଦୁଇ ପକ୍ଷ ମଧ୍ୟରେ ସମାଧାନକାରୀ ସଂସ୍ଥା। ୨୦୦୭ରେ ପେମେଣ୍ଟ ଅଫ୍ ସେଟେଲମେଣ୍ଟ ଆଇନ ବ୍ୟାଙ୍କ ପେମେଣ୍ଟ ସିଷ୍ଟମ ବ୍ୟବସ୍ଥା ପ୍ରଚଳନ ଓ ପରିଚାଳନା ପାଇଁ ଅନୁମତି ଦେଇଛି।**


**ନିକଟରେ ବିମୁଦ୍ରାୟନ ଯୋଗୁଁ ହୋଇଥିବା ନଗଦବିହୀନ କାରବାରରେ ଇଲେକ୍‌ଟ୍ରୋନିକ୍ କାରବାର ବ୍ୟବସ୍ଥାରେ ୩୦ ରୁ ୪୫% ବୃଦ୍ଧି ପରିଲକ୍ଷିତ ହୋଇଛି। ତାହାର ଏକ ତଥ୍ୟ ଚିତ୍ର ନିମ୍ନରେ ପ୍ରଦାନ କରାଗଲା।**

| | ପେମେଣ୍ଟ ସିଷ୍ଟମ | କାରବାର ପରିମାଣ (ନିୟୁତରେ) | କାରବାର ବିଲିୟନ ଟଙ୍କାରେ |
|---|---|---|---|
| | **୨୦୧୫-୧୬** | | |
| ୧ରୁ ୪ | ଏସ୍‌ଆଇଏଫ୍‌ଏମ୍ ଆଇ ଆରଟିଜିଏସ୍ + ସିବିଏଲ୍‌ଓ, ଜି-ସେକ୍, ଫରେକସ | ୧୦୧.୪ | ୧୫,୪୫୬୭୨ |
| ୫ ରୁ ୭ | ପେପର - ସିଟିଏସ୍, ଏମ୍‌ଆଇସିଆର୍, ଅଣଏମ୍‌ଆଇସିଆର୍ | ୧୦୯୬.୪ | ୮୧୮୬୧ |
| ୮ | ଇସିଏସ୍ ଡିଆର | ୨୨୪.୮ | ୧୬୫୨ |
| ୯ | ଇସିଏସ୍ - ସିଆର୍ | ୩୯.୦ | ୧୦୫୯ |
| ୧୦ | ଏନ୍‌ଇଏଫ୍‌ଟି | ୧୨୫୨.୯ | ୮୩୨୭୩ |
| ୧୧ | ଇମିଡିଏଟ୍ ପେମେଣ୍ଟ ସର୍ଭିସ (ଆଇଏମ୍‌ପିଏସ୍) | ୨୨୦.୮ | ୧୬୨୨ |
| ୧୨ | ଜାତୀୟ ଅଟୋମେଟିକ୍ କ୍ଲିୟରିଂ ହାଉସ୍ (ଏନ୍‌ଏସିଏଚ୍) | ୧୪୦୪.୧ | ୩୮୦୨ |
| ୧୩ | କ୍ରେଡିଟ୍ କାର୍ଡ | ୭୮୫.୭ | ୨୪୦୭ |
| ୧୪ | ଡେବିଟ୍ କାର୍ଡ | ୧୧୭୩.୫ | ୧୫୮୯ |
| ୧୫ | ପ୍ରିପେଡ୍ ପେମେଣ୍ଟ ଇନ୍‌ଷ୍ଟ୍ରୁମେଣ୍ଟ୍‌ସ (ପିପିଆଇ) | ୭୪୮.୦ | ୪୮୮ |
| | ମୋଟ | ୭୦୪୬.୬ | ୧୭,୨୩୪୨୫ |

ବିଭିନ୍ନ ବର୍ଷରେ ଏନ୍.ଇ.ଏଫ୍.ଟି ଜରିଆରେ ହୋଇଥିବା କାରବାର ସଂପର୍କରେ ତଥ୍ୟ ନିମ୍ନରେ ପ୍ରଦତ୍ତ ହୋଇଛି ।

| ବର୍ଷ<br>ଏପ୍ରିଲ୍- ମାର୍ଚ୍ଚ | ଏନ୍ଇଏଫ୍ଟି<br>ନିୟୁତରେ ପରିମାଣ | ଏନ୍ଇଏଫ୍ଟି<br>ବିଲିୟନରେ ମୂଲ୍ୟ |
|---|---|---|
| ୨୦୦୬-୦୭ | ୮ | ୪୭୮ |
| ୨୦୦୭-୦୮ | ୧୪ | ୧୩୩୨ |
| ୨୦୦୮-୦୯ | ୨୫ | ୩୨୧୬ |
| ୨୦୦୯-୧୦ | ୪୧ | ୬୬୩୬ |
| ୨୦୧୦-୧୧ | ୧୩୨ | ୯୩୨୮ |
| ୨୦୧୧-୧୨ | ୨୨୬ | ୧୭୮୩୯ |
| ୨୦୧୨-୧୩ | ୩୯୨ | ୨୮୮୮୯ |
| ୨୦୧୩-୧୪ | ୬୫୮ | ୪୩୫୭୦ |
| ୨୦୧୪-୧୫ | ୯୨୪ | ୫୯୫୭୯ |
| ୨୦୧୫-୧୬ | ୧୨୪୫ | ୮୨୮୦୬ |




ଲେଖକ ଭାରତୀୟ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟକରୁଥିବା ଜଣେ ବ୍ୟାଙ୍କର ।

# ଡ଼ିଜିଟାଲ ଅର୍ଥନୀତି ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ସମୃଦ୍ଧିକରଣ

**ସଂଦୀପ ଦାସ**

**୨**୦୧୬ ନଭେମ୍ବରରେ ପ୍ରଧାନମନ୍ତ୍ରୀ ପାଞ୍ଚଶହ ଓ ଏକହଜାର ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିବାବେଳେ କହିଥିଲେ ଯେ ଏହି ପଦକ୍ଷେପ କେବଳ ଭାରତକୁ ଏକ ନଗଦବିହୀନ ଅର୍ଥନୀତି ଆଡ଼କୁ ମୁହାଁଇବ ନାହିଁ, ବରଂ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଏହି ବିମୁଦ୍ରାୟନ ପଦକ୍ଷେପର ଦୁଇ ମାସରୁ ଅଧିକ ସମୟ ପରେ ଦେଶର ଗ୍ରାମାଞ୍ଚଳରେ ନଗଦ ଟଙ୍କା କାରବାର ପରିବର୍ତ୍ତେ ବିଭିନ୍ନ ବିକଳ୍ପ ଲୋକେ ଆପଣେଇବା ଲକ୍ଷ୍ୟ କରାଯାଉଛି। ଏବେ ଗ୍ରାମାଞ୍ଚଳରେ ମୋବାଇଲ ବ୍ୟାଙ୍କିଙ୍ଗ ସେବା, ଆଧାରଭିତ୍ତିକ ଅର୍ଥ କାରବାର ବ୍ୟବସ୍ଥା, ପିଏସଓ ଓ ୟୁଏସ୍ଏସ୍‌ଡିର ଉପଯୋଗ ବୃଦ୍ଧି ପାଇଛି ଯାହା ଉଲ୍ଲେଖନୀୟ। ସଂକ୍ଷେପରେ କହିଲେ ଲୋକେ ଏବେ ଇ-ୱାଲେଟ ବା ଇଲେକ୍‌ଟ୍ରୋନିକ୍ ବଟୁଆର ବ୍ୟବହାର ଶିଖିବା ଆରମ୍ଭ କଲେଣି।

ସରକାର ଗ୍ରାମାଞ୍ଚଳରେ ନଗଦମୁକ୍ତ ଅର୍ଥନୀତି ପ୍ରବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରୟାସ କରୁଛନ୍ତି। ଏମ୍‌ଜିନରେଗାରେ କାମ କରୁଥିବା ଶ୍ରମିକଙ୍କଠାରୁ ପ୍ରାରମ୍ଭ କରି ଗୋପାଳକ, ଚାଷୀ, ବିଭିନ୍ନ ସମବାୟ ସମିତିର ସଦସ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କର ଦେୟ ଇ-ଟ୍ରାଞ୍ଜାକ୍‌ସନ ବ୍ୟବସ୍ଥାରେ ପ୍ରଦାନ କରାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ସେମାନଙ୍କ ପ୍ରାପ୍ୟ ସିଧାସଳଖ ଜମା ହେଉଛି ଏବଂ ସେମାନେ ତାହାକୁ ନିଜର ଆବଶ୍ୟକତା ଅନୁସାରେ ଉଠାଇ ଖର୍ଚ୍ଚ କରୁଛନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିଥିବା ବ୍ୟକ୍ତି ରୁପେକାର୍ଡ ଜରିଆରେ ନିଜର କାରବାର କରିବାର ସୁବିଧା ପାଇଛନ୍ତି। ଏବେ ଜନଧନ ଯୋଜନାରେ ସାରା ଦେଶରେ ୧୯କୋଟି ୫୦ଲକ୍ଷ ରୁପେ କାର୍ଡ ଖାତାଧାରୀଙ୍କୁ ଯୋଗାଇ ଦିଆଯାଇଛି। ଜନଧନ ଯୋଜନାର ଖାତାଧାରୀଙ୍କୁ ଦେଶର ଗ୍ରାମାଞ୍ଚଳରେ ମୁଦ୍ରାବିହୀନ ଅର୍ଥନୀତିର ବାହକ କରିବାକୁ ଅର୍ଥମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି।

**ଦୁଗ୍ଧ ଉଦ୍ୟୋଗ ଆଗରେ :** ବିମୁଦ୍ରାୟନ ପରବର୍ତ୍ତୀ ଅବସ୍ଥାରେ ଡିଜିଟାଲ ଟ୍ରାଞ୍ଜାକ୍‌ସନର ଗୁରୁତ୍ୱ ବଢ଼ିବାରୁ ଦେଶର ବିଭିନ୍ନ ଉଦ୍ୟୋଗରେ ଏହାର ବ୍ୟବହାର ଓ ଉପଯୋଗ ବୃଦ୍ଧି ପାଇଛି। ତେବେ ଦୁଗ୍ଧ ସମବାୟ ଓ ଦୁଗ୍ଧ ଉଦ୍ୟୋଗଟି ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଛି। ଏହି ଉଦ୍ୟୋଗଟି ସୁସଂଗଠିତ ଏବଂ ଚାଷୀମାନେ ସମବାୟ ବ୍ୟବସ୍ଥାରେ ଆବଦ୍ଧ। ତେଣୁ ଦୁଗ୍ଧ ବିକିବା ପରେ ସେମାନଙ୍କୁ ସେମାନଙ୍କ ପାଉଣା ସମବାୟ ପକ୍ଷରୁ ନଗଦ ବଦଳରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଇଦିଆଯାଉଛି। ଏକ ହିସାବ ଅନୁସାରେ ୨୦୧୬ ନଭେମ୍ବର ୧୦ ରୁ ୨୦୧୭ ଜାନୁୟାରୀ ମଧ୍ୟରେ ଦୁଗ୍ଧଚାଷୀମାନଙ୍କର ବ୍ୟାଙ୍କ ଜମାଖାତା ସଂଖ୍ୟା ତିନିଲକ୍ଷରୁ ଅଧିକ ହୋଇଛି।

ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡିଡିବି), ଦିଲ୍ଲୀ ମିଲ୍କ ସ୍କିମ୍ ସମେତ ସବୁ ରାଜ୍ୟ ଦୁଗ୍ଧ ସଂଘ ଓ ମହାସଂଘ ଗୋପାଳକ ବା ଦୁଗ୍ଧ ଯୋଗାଉଥିବା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସେମାନଙ୍କ ଦେୟ ପ୍ରଦାନ ବ୍ୟବସ୍ଥା ଯଥାଶୀଘ୍ର କରିବାକୁ କୃଷିମନ୍ତ୍ରଣାଳୟର ପଶୁଧନ ବିଭାଗ ନିର୍ଦ୍ଦେଶ ଦେଇଛି। ଦେଶର ସର୍ବବୃହତ୍ ଦୁଗ୍ଧ ସମବାୟ 'ଅମୁଲ'କୁ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଦିଆଯାଇ ଏହାର ସମସ୍ତ ୨୯ଲକ୍ଷ ଚାଷୀ ସହଯୋଗୀଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଦେୟ ପ୍ରଦାନ କରିବାକୁ କୁହାଯାଇଛି। ତେଣୁ ଅମୁଲର ସବୁ ସଦସ୍ୟଙ୍କ

ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡିଡିବି), ଦିଲ୍ଲୀ ମିଲ୍କ ସ୍କିମ୍ ସମେତ ସବୁ ରାଜ୍ୟ ଦୁଗ୍ଧ ସଂଘ ଓ ମହାସଂଘ ଗୋପାଳକ ବା ଦୁଗ୍ଧ ଯୋଗାଉଥିବା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସେମାନଙ୍କ ଦେୟ ପ୍ରଦାନ ବ୍ୟବସ୍ଥା ଯଥାଶୀଘ୍ର କରିବାକୁ କୃଷିମନ୍ତ୍ରଣାଳୟର ପଶୁଧନ ବିଭାଗ ନିର୍ଦ୍ଦେଶ ଦେଇଛି। ଦେଶର ସର୍ବବୃହତ୍ ଦୁଗ୍ଧ ସମବାୟ 'ଅମୁଲ'କୁ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଦିଆଯାଇ ଏହାର ସମସ୍ତ ୨୯ଲକ୍ଷ ଚାଷୀ ସହଯୋଗୀଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଦେୟ ପ୍ରଦାନ କରିବାକୁ କୁହାଯାଇଛି। ତେଣୁ ଅମୁଲର ସବୁ ସଦସ୍ୟଙ୍କ ପାଇଁ ଏବେ ବ୍ୟାଙ୍କ ଖାତା ଖୋଲିବା ବାଧ୍ୟତାମୂଳକ ହୋଇଛି।

> ଖାଦ୍ୟ ସୁରକ୍ଷା ଯୋଜନାରେ ଦେଶର ୮୨କୋଟି ଲୋକ ଅନ୍ତର୍ଭୁକ୍ତ। ଏବେ ସେମାନଙ୍କୁ ଏହି ଯୋଜନାରେ ୫୦ ରୁ ୫୫ ନିୟୁତ ଟନ୍ ଚାଉଳ ଓ ଗହମ ଅତି ରିଆତି ମୂଲ୍ୟରେ ଯୋଗାଇ ଦିଆଯାଉଛି। ସେମାନେ କମ୍ ମୂଲ୍ୟରେ ଖାଦ୍ୟ ସାମଗ୍ରୀ କିଣୁଥିଲେ ହେଁ ଦେଶବ୍ୟାପୀ ଏବାବଦରେ ଯେଉଁ ବିପୁଳ ନଗଦ ଅର୍ଥ ଦରକାର ହେଉଛି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ତାହାକୁ ଦୂର କରିପାରିବ। ସମସ୍ତ ପ୍ରକାର ସରକାରୀ ଦେଣନେଣ ଡିଜିଟାଲ ବ୍ୟବସ୍ଥାରେ କରିବାକୁ ଖାଦ୍ୟ ଓ ଖାଉଟୀକଲ୍ୟାଣ ମନ୍ତ୍ରଣାଳୟ ମଧ୍ୟ ଏହାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଚାଷୀଙ୍କଠାରୁ କିଣୁଥିବା ଶସ୍ୟ ଓ ଚାଷୀଙ୍କୁ ଦିଆଯାଉଥିବା ସହାୟକ ମୂଲ୍ୟ ବାବଦରେ ସିଧାସଳଖ ଅର୍ଥ ନ'ଦେଇ ଡିଜିଟାଲ ବ୍ୟବସ୍ଥାରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରେରଣ କରୁଛି। ଏହି ବ୍ୟବସ୍ଥା ପଞ୍ଜାବ ଓ ହରିୟାଣାରେ କାର୍ଯ୍ୟକାରୀ ହୋଇଛି।

ପାଇଁ ଏବେ ବ୍ୟାଙ୍କ ଖାତା ଖୋଲିବା ବାଧ୍ୟତାମୂଳକ ହୋଇଛି। ଗୁଜରାଟ ସମବାୟ ଦୁଗ୍ଧ ମହାସଂଘ (ଜିସିଏମ୍ଏମ୍ଏଫ୍)ର ପରିଚାଳନା ନିର୍ଦ୍ଦେଶକ ଆର.ଏସ୍. ସୋଢ଼ି କହନ୍ତି ଯେ ବିମୁଦ୍ରାୟନ ପରେ ତାଙ୍କ ସଂସ୍ଥା ଦୁଗ୍ଧ ଚାଷୀଙ୍କ ପାଇଁ ଆଠ ଲକ୍ଷ ନୂଆ ବ୍ୟାଙ୍କ ଜମା ଖତା ଖୋଲିଛି। ଏବେ ମୋଟ୍ ୧୯ଲକ୍ଷ ଦୁଗ୍ଧ ଯୋଗାଣକାରୀ ଚାଷୀଙ୍କୁ ଦୁଗ୍ଧ ବାବଦ ସେମାନଙ୍କ ଦେୟ ବ୍ୟାଙ୍କ ଜରିଆରେ ଦିଆଯାଉଛି। ଯେଉଁସବୁ ଆଦିବାସୀ ଅଞ୍ଚଳରେ ବ୍ୟାଙ୍କ ଶାଖା ନାହିଁ ସେଠାକାର ଚାଷୀଙ୍କ ସୁବିଧା ପାଇଁ ସେସବୁ ଅଞ୍ଚଳରେ ବ୍ୟାଙ୍କ ଶାଖା ଖୋଲିବାକୁ ଦୁଗ୍ଧ ମହାସଂଘ ଉଦ୍ୟମ କରୁଛି। ଦୁଧ କ୍ରୟ ବାବଦରେ ଅମୁଲ ସଂସ୍ଥା ଚାଷୀଙ୍କୁ ସାପ୍ତାହିକ ପ୍ରାୟ ୪୫୦ କୋଟି ଟଙ୍କା ଦେଇଥାଏ। ସେଥିମଧ୍ୟରୁ ଏବେ ପ୍ରାୟ ୩୧୦ କୋଟି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଦିଆଯାଉଛି। ଚେନ୍ନଇର ଏକ ବଡ଼ ଘରୋଇ ଦୁଗ୍ଧ ବିପଣନକାରୀ ସଂସ୍ଥା ଏହାର ୩ ଲକ୍ଷ ସଦସ୍ୟ (ଦୁଗ୍ଧ ଯୋଗାଣକାରୀ)ଙ୍କୁ ପ୍ରତି ୧୦ ଦିନରେ ପ୍ରାୟ ୭୫କୋଟି ଟଙ୍କା ଡିଜିଟାଲ ବ୍ୟବସ୍ଥାରେ ଦେଉଛି। ଏହି ଅର୍ଥ ସଂପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେଉଛି। କେବଳ ସରକାରୀ ନୁହେଁ ଘରୋଇ କ୍ଷେତ୍ରରେ ମଧ୍ୟ ଇ-ପେମେଣ୍ଟ ପ୍ରତି ଆଗ୍ରହ ବଢୁଛି।

ଏନ୍‌ଡିଡିବିର ଜଣେ ଅଧିକାରୀଙ୍କ କହିବା କଥା ଯେ ଦୁଗ୍ଧ ସମବାୟଗୁଡ଼ିକ ସହ ସଂପୃକ୍ତ ଚାଷୀମାନଙ୍କୁ ଦୈନିକ ୧୨୦କୋଟି ଟଙ୍କା ଦୁଗ୍ଧ କ୍ରୟ ବାବଦରେ ଦେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ସାତ ଦିନରେ କିମ୍ବା ୧୦ ଦିନରେ ଏହି ଟଙ୍କା ଏକାଥରେ ଦେବାର ବ୍ୟବସ୍ଥା ପ୍ରଚଳିତ। ନଗଦ ଆକାରରେ ଚାଷୀଙ୍କୁ ଏହି ଦେୟ ପ୍ରଦାନ କରିବା ପାଇଁ ବିପୁଳ ନୋଟ୍‌ର ଆବଶ୍ୟକତା ପଡ଼େ ଯାହା ଏକ ସମସ୍ୟାବହୁଳ କାର୍ଯ୍ୟ। ଏବେ ଡିଜିଟାଲ ବ୍ୟବସ୍ଥାର ପ୍ରଚଳନ ଫଳରେ ସେ ସମସ୍ୟା ଯଥେଷ୍ଟ କମିଯାଇଛି। ସାରା ଦେଶରେ ୨୨ଟି ସମବାୟ ସହ ସଂପୃକ୍ତ ଦୁଗ୍ଧ ଚାଷୀଙ୍କ ସଂଖ୍ୟା ଏକ କୋଟି। ସେମାନଙ୍କ ମଧ୍ୟରୁ ୬୦ ରୁ ୭୦ ଶତାଂଶ ଚାଷୀଙ୍କର ବ୍ୟାଙ୍କ ଆକାଉଣ୍ଟ ରହିଛି। ଏବେ ବିମୁଦ୍ରାୟନ ପରବର୍ତ୍ତୀ ସ୍ଥିତିରେ ବ୍ୟାଙ୍କ ଖାତା ବିଶେଷ ଜରୁରୀ ହୋଇଥିବାରୁ ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ ତୁରନ୍ତ ଖାତା ଖୋଲିବାକୁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ଏହି ଅଧିକାରୀଜଣକ କହିଛନ୍ତି।

**ଖାଦ୍ୟ ମନ୍ତ୍ରଣାଳୟର ପ୍ରୟାସ :** ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସମଗ୍ର ଦେଶରେ ପ୍ରାୟ ପାଞ୍ଚଲକ୍ଷ ସୁଲଭମୂଲ୍ୟ ଦୋକାନ ରହିଛି। ଏସବୁ ଦୋକାନରେ ନୋଟ୍‌ମୁକ୍ତ କାରବାର ପାଇଁ କେନ୍ଦ୍ର ଖାଦ୍ୟ ଓ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀ ଏସବୁ ଦୋକାନରୁ ରିଆତି ମୂଲ୍ୟରେ ଖାଦ୍ୟ ଶସ୍ୟ କିଣିବା ବେଳେ ଟଙ୍କା ବଦଳରେ ରୁପେ କାର୍ଡ ବା ଆଧାରକାର୍ଡ ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରି ନିଜର ଦେୟ ପ୍ରଦାନ କରିପାରିବେ। ଖାଦ୍ୟ ନିରାପତ୍ତା ବ୍ୟବସ୍ଥାରେ ଜଣେ ହିତାଧିକାରୀ ଯେଉଁସବୁ ଖାଦ୍ୟ ଶସ୍ୟ ରିଆତି ମୂଲ୍ୟରେ ପାଏ ସେଥିପାଇଁ ତାଙ୍କୁ ମାସିକ ମାତ୍ର ୭୫ ରୁ ୯୦ ଟଙ୍କା ଦେବାକୁ ପଡ଼ିଥାଏ। ଏତେ କମ୍ ପରିମାଣର ଅର୍ଥ ପାଇଁ ଡିଜିଟାଲ ବ୍ୟବସ୍ଥାର ଉପଯୋଗ ଜରୁରୀ ମନେ ହେଉ ନଥିଲେ ହେଁ ସରକାର ଏହାକୁ ଡିଜିଟାଲ ବ୍ୟବସ୍ଥାରୁ ବାଦ ଦେବାକୁ ଅନାଗ୍ରହୀ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ଏହି ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକ ହିତାଧିକାରୀ ମାସିକ ୫ କିଲୋଗ୍ରାମ ଚାଉଳ କିମ୍ବା ଗହମ କିଲୋପିଛା ଯଥାକ୍ରମେ ୩ ଓ ୨ ଟଙ୍କା ମୂଲ୍ୟରେ ପାଉଛନ୍ତି। ଓଡ଼ିଶା, ଛତିଶଗଡ଼ ଓ ତାମିଲନାଡୁ ଭଳି ରାଜ୍ୟରେ ଏହି ରିଆତି ଖାଦ୍ୟ ଶସ୍ୟ ଉପରେ ରାଜ୍ୟ ସରକାର ଆହୁରି ଅଧିକ ରିଆତି ଦେଉଛନ୍ତି। ଆନ୍ଧ୍ର ସରକାର ରାଜ୍ୟର ସମସ୍ତ ୨୯,୦୮୨ ସୁଲଭ ମୂଲ୍ୟ ଦୋକାନରେ ପିଓଏସ୍ ମେସିନ୍ ଲଗାଇ ସାରିଲେଣି। ହିତାଧିକାରୀ ନିଜର ଆଧାରକାର୍ଡ ଭିତ୍ତିକ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପିଓଏସ୍ ମାଧ୍ୟମରେ ଡିଜିଟାଲ ଟ୍ରାଞ୍ଜାକ୍‌ସନଦ୍ୱାରା ନିଜର ଦେୟ ପ୍ରଦାନ କରୁଛନ୍ତି ଓ ନଗଦ ଟଙ୍କାର ଆଶ୍ୟକତା ଦୂର ହୋଇଛି। ସମଗ୍ର ଦେଶରେ ଏବେ ୫,୨୭,୭୫୦ ସୁଲଭମୂଲ୍ୟ ଦୋକାନ ରହିଛି। ସେଥିମଧ୍ୟରୁ ୩୩% ଦୋକାନରେ ଏବେ ପିଓଏସ୍ ମେସିନ୍ ରହିଛି ଓ ତାହା ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସହ ସଂପୃକ୍ତ। କର୍ଣ୍ଣାଟକ, ମହାରାଷ୍ଟ୍ର, ହରିୟାଣା, ରାଜସ୍ଥାନ ଓ ଓଡ଼ିଶାରେ ଲୋକଙ୍କୁ ପଡ଼ିସାମଗ୍ରୀ ପାଇଁ ଦେୟ ଦେବା କ୍ଷେତ୍ରରେ ପିଏସ୍‌ଓ ମେସିନ୍‌ର ଉପଯୋଗ ମଧ୍ୟ କରାଗଲାଣି। ଜନଧନ ଯୋଜନାର କାର୍ଡଧାରୀଙ୍କୁ ମଧ୍ୟ ଏହି ଡିଜିଟାଲ କାରବାର ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି।

ବିମୁଦ୍ରାୟନ ପରେ ନଗଦ ଟଙ୍କା ଅଭାବରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ଯୋଗାଣ ପ୍ରକ୍ରିୟା ବ୍ୟାହତ ହୋଇଥିଲା।

ଦେଶରେ ରେସନ୍‌କାର୍ଡଧାରୀଙ୍କ ସଂଖ୍ୟା ୨୪ କୋଟି। ଡିଜିଟାଲ ବ୍ୟବସ୍ଥାର ଉପଯୋଗ ଦ୍ୱାରା ୭୪ ଶତାଂଶ କାର୍ଡଧାରୀ ଏବେ ବିନାନଗଦରେ ନିଜର ଖାଦ୍ୟ ସାମଗ୍ରୀ କିଣିପାରିବେ। ସୂଚନାଯୋଗ୍ୟ ଯେ ଖାଦ୍ୟ ସୁରକ୍ଷା ଯୋଜନାରେ ଦେଶର ୮୨କୋଟି ଲୋକ ଅନ୍ତର୍ଭୁକ୍ତ। ଏବେ ସେମାନଙ୍କୁ ଏହି ଯୋଜନାରେ ୫୦ ରୁ ୫୫ ନିୟୁତ ଟନ୍ ଚାଉଳ ଓ ଗହମ ଅତି ରିଆତି ମୂଲ୍ୟରେ ଯୋଗାଇ ଦିଆଯାଉଛି। ସେମାନେ କମ୍ ମୂଲ୍ୟରେ ଖାଦ୍ୟ ସାମଗ୍ରୀ କିଣୁଥିଲେ ହେଁ ଦେଶବ୍ୟାପୀ ଏବାବଦରେ ଯେଉଁ ବିପୁଳ ନଗଦ ଅର୍ଥ ଦରକାର ହେଉଛି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ତାହାକୁ ଦୂର କରିପାରିବ। ସମସ୍ତ ପ୍ରକାର ସରକାରୀ ଦେଣନେଣ ଡିଜିଟାଲ ବ୍ୟବସ୍ଥାରେ କରିବାକୁ ଖାଦ୍ୟ ଓ ଖାଉଟୀକଲ୍ୟାଣ ମନ୍ତ୍ରଣାଳୟ ମଧ୍ୟ ଏହାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଚାଷୀଙ୍କଠାରୁ କିଣୁଥିବା ଶସ୍ୟ ଓ ଚାଷୀଙ୍କୁ ଦିଆଯାଉଥିବା ସହାୟକ ମୂଲ୍ୟ ବାବଦରେ ସିଧାସଳଖ ଅର୍ଥ ନ'ଦେଇ ଡିଜିଟାଲ ବ୍ୟବସ୍ଥାରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରେରଣ କରୁଛି। ଏହି ବ୍ୟବସ୍ଥା ପଞ୍ଜାବ ଓ ହରିୟାଣାରେ କାର୍ଯ୍ୟକାରୀ ହୋଇଛି। ଏହାଛଡ଼ା ଖାଦ୍ୟ ଓ ଖାଉଟୀକଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମରେ କାମ କରୁଥିବା ଠିକା କର୍ମଚାରୀମାନଙ୍କୁ ଡିଜିଟାଲ ବ୍ୟବସ୍ଥାରେ ଦେୟ ପ୍ରଦାନ କରିବା ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି। ନିକଟରେ ମନ୍ତ୍ରଣାଳୟ ପକ୍ଷରୁ ଚାଷୀଙ୍କଠାରୁ ୭୦୩ କୋଟି ଟଙ୍କା ମୂଲ୍ୟର ଡାଲି ସଂଗ୍ରହ କରାଯାଇଥିଲା ଏବଂ ସେବାବଦ ଅର୍ଥ ଚାଷୀଙ୍କୁ ଡିଜିଟାଲ ଟ୍ରାଞ୍ଜାକ୍‌ସନ ବ୍ୟବସ୍ଥାରେ ଯୋଗାଇ ଦିଆଯାଇଛି।

**ଏମ୍‌ଜିନରେଗାରେ ନଗଦମୁକ୍ତ ବ୍ୟବସ୍ଥା :** ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମ୍ୟ ନିଯୁକ୍ତି ଯୋଜନା (ଏମ୍‌ଜିନରେଗା)ରେ କାମ କରୁଥିବା ଶ୍ରମିକମାନଙ୍କୁ ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ପାଇଁ ବର୍ଷକ ତଳେ ପ୍ରୟାସ ଆରମ୍ଭ ହୋଇଥିଲା। ତେଣୁ ଏସବୁ ଶ୍ରମିକଙ୍କ ପାଇଁ ବ୍ୟାଙ୍କ ଖାତା ଖୋଲିବାର ବ୍ୟବସ୍ଥା କରାଯାଇଥିଲା। ଫଳରେ ସେମାନଙ୍କୁ ମଜୁରିବାବଦ ନଗଦ ଟଙ୍କା ନ'ଦେଇ ସେମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ସେସବୁକୁ ଜମା କରାଯାଉଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହି ଯୋଜନାରେ ୨୫କୋଟି ଶ୍ରମିକଙ୍କୁ ୩୨,୦୦୦କୋଟିରୁ ଅଧିକ ଟଙ୍କା ମଜୁରି ବାବଦରେ ଡିଜିଟାଲ ବ୍ୟବସ୍ଥାରେ ପ୍ରଦାନ କରାଯାଇଛି।

**ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱ :** ଡିଜିଟାଲ କାରବାର ସମ୍ପର୍କରେ ଲୋକଙ୍କୁ ଶିକ୍ଷିତ ଓ ସଚେତନ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଏକ କୋଟି ଲୋକଙ୍କୁ ଏ ସମ୍ପର୍କରେ ତାଲିମ ଦେଇ ପ୍ରଶିକ୍ଷିତ କରିବାର ଲକ୍ଷ୍ୟ ରଖାଯାଇଛି। ସବୁପ୍ରକାର ଡିଜିଟାଲ କାରବାର ବିଷୟରେ ଲୋକଙ୍କୁ ଅବଗତ କରାଯିବ ଏବଂ ତା'ମଧ୍ୟରୁ ଯେଉଁଟି ସେମାନଙ୍କ ପାଇଁ ସହଜ ତଥା ସୁବିଧାଜନକ ହେବ ତାହାକୁ ଗ୍ରହଣ କରିବାକୁ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ନେବା ପାଇଁ ଇତିମଧ୍ୟରେ ୪୦ ଲକ୍ଷରୁ ଅଧିକ ଗ୍ରାମୀଣ ଲୋକ ଓ ଏକ ଲକ୍ଷ ୨୦ ହଜାର ବ୍ୟବସାୟୀ ନିଜର ନାମ ପଞ୍ଜିକୃତ କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଡିଜିଟାଲ କାରବାର କ୍ଷେତ୍ରରେ ସଚେତନତା ସୃଷ୍ଟି ପର୍ଯ୍ୟାୟ ଅତିକ୍ରମ କରି ଆମେ ଏବେ ଲୋକଙ୍କୁ ଏହାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଅବଗତ କରିବାର ପର୍ଯ୍ୟାୟରେ ପହଞ୍ଚିଛୁ। ଏଥିପାଇଁ ଲୋକଙ୍କୁ ଆବଶ୍ୟକ ଡିଜିଟାଲ ସାକ୍ଷରତା ସେବା ଯୋଗାଇଦେବାକୁ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଇତିମଧ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ସାଧାରଣ ସେବାକେନ୍ଦ୍ରମାନ ସ୍ଥାପନ କରାଯାଇଛି।

ପ୍ରଧାନମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ଦେଶରେ ତତ୍କାଳ ଏକ ମୁଦ୍ରାହୀନ ସମାଜ ଗଠନ ସମ୍ଭବ ନୁହେଁ। ତେଣୁ କମ୍ ନଗଦ ଅର୍ଥ ବ୍ୟବହାର କରି କ୍ରମଶଃ ଏକ ମୁଦ୍ରାହୀନ ସମାଜ ଗଠନ ପାଇଁ ସମସ୍ତେ ପ୍ରୟାସୀ ହେବାକୁ ସେ ନିବେଦନ କରିଛନ୍ତି। ଏକ ଡିଜିଟାଲ ଅର୍ଥନୀତି କିପରି କାର୍ଯ୍ୟ କରେ ସେ ସମ୍ପର୍କରେ ଶିଖିବାକୁ ଓ ତାହାର ଜ୍ଞାନକୌଶଳ ଓ ମାଧ୍ୟମ ବିଷୟରେ ଅବଗତ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ସରକାର ଯେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଯେଉଁ ପ୍ରୟାସ ସବୁ ଚାଲିଛି ସେଥିରୁ ପ୍ରତୀତ ହେଉଛି ଯେ ସ୍ୱଳ୍ପ ନଗଦର ଗ୍ରାମୀଣ ଭାରତ ଅର୍ଥନୀତି ନିର୍ମାଣ କ୍ଷେତ୍ରରେ ଏକ ଉତ୍ତମ ମୂଳଦୁଆ ପଡ଼ିଛି।

ଲେଖକ ଦିଲ୍ଲୀନିବାସୀ ଜଣେ ସାମ୍ବାଦିକ।

## ଆଇଆଇଏମ୍ ବିଲ୍‌କୁ କ୍ୟାବିନେଟ୍ ଅନୁମୋଦନ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତ ଜାନୁୟାରୀ ୨୪ ତାରିଖରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ବିଲ, ୨୦୧୭କୁ ଅନୁମୋଦନ ମିଳିଛି। ଏହି ବିଲ୍ କ୍ୟାବିନେଟ୍ ମଞ୍ଜୁରି ପାଇବା ପରେ ଦେଶରେ ଥିବା ଆଇଆଇଏମ୍‌ଗୁଡ଼ିକ ଏଣିକି ଅତୀବ ଗୁରୁତ୍ୱ ବହନ କରୁଥିବା ଉତ୍କର୍ଷ ପ୍ରତିଷ୍ଠାନ ଭାବେ ପରିଗଣିତ ହେବେ। ଏହାଦ୍ୱାରା ସେମାନେ ନିଜ ନିଜ ବିଦ୍ୟାର୍ଥୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବାର ଅଧିକାର ହାସଲ କରିବେ। ଏହି ବିଲ୍ ଆଇଆଇଏମ୍‌କୁ ପର୍ଯ୍ୟାପ୍ତ ପରିମାଣର ଉତ୍ତରଦାୟିତ୍ୱ ସହ ସମ୍ପୂର୍ଣ୍ଣ ସ୍ୱୟଂଶାସନ କ୍ଷମତା ପ୍ରଦାନ କରିବ। ଏଣିକି ଏସବୁ ସଂସ୍ଥାର ପରିଚାଳନା ଦାୟିତ୍ୱ ବୋର୍ଡ ଏବଂ ଅଧ୍ୟକ୍ଷଙ୍କ ଉପରେ ନ୍ୟସ୍ତ ରହିବ ଏବଂ ବୋର୍ଡ ଦ୍ୱାରା ସଂସ୍ଥାର ନିର୍ଦ୍ଦେଶକ ଚୟନ କରାଯିବ। ସେହିପରି ପରିଚାଳନା ବୋର୍ଡରେ ଅଧିକ ସଂଖ୍ୟାରେ ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ରହିପାରିବେ ବୋଲି ଉପରୋକ୍ତ ବିଲ୍‌ରେ ବ୍ୟବସ୍ଥା କରାଯାଇଛି।

# ଭ୍ରଷ୍ଟାଚାରମୁକ୍ତ ଅର୍ଥନୀତି ପାଇଁ ବିମୁଦ୍ରୀକରଣ

**ଅରୁଣ କୁମାର ପଣ୍ଡା**

ବିମୁଦ୍ରିକରଣ ଲୋକଙ୍କ ଭିତରେ ବ୍ୟାଙ୍କ କାରବାର ଅଭ୍ୟାସ ବୃଦ୍ଧି କରିବା ସହିତ ଭବିଷ୍ୟତରେ ଏକ 'କ୍ୟାସ୍‌ଲେସ୍' ବ୍ୟବସ୍ଥା ଆଡ଼କୁ ଦେଶକୁ ନେଇଯିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ । ସାଧାରଣ ଜୀବନଯାତ୍ରାରେ ନଗଦ ଟଙ୍କାର କମ୍ ବ୍ୟବହାର କାରଣରୁ ଅର୍ଥନୀତିରେ ଅତିରିକ୍ତ କ୍ୟାସ୍ ପ୍ରବେଶ କରିବ ଏବଂ ଆୟକର ଏବଂ ଅନ୍ୟ କର ସଂଗ୍ରହ ମଧ୍ୟ ବୃଦ୍ଧି ପାଇବ । ଏହା ସହିତ ଦୀର୍ଘସୂତ୍ରୀ ଜିଡ଼ିପି ହାରରେ ଅଭିବୃଦ୍ଧି ହେବ ଯାହାକି ଖୁବ୍ କମ୍ ବର୍ଷରେ ଆମେ ଦେଖିବାକୁ ପାଇବା । ୨୦୧୮ ବେଳକୁ ଜିଡିପିର ଅଭିବୃଦ୍ଧି ନିଶ୍ଚିତ ଭାବରେ ଆଖିଦୃଶିଆ ହୋଇପାରିବ ।

ହଜାର ଟଙ୍କିଆ ଏବଂ ପାଞ୍ଚଶହ ଟଙ୍କିଆ ନୋଟ୍ (ମୁଦ୍ରା)କୁ ହଠାତ୍ ଅଚଳ କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ପରେ ଭାରତ ଏବଂ ଭାରତ ବାହାର ରାଷ୍ଟ୍ରଙ୍କୁ ସ୍ତମ୍ଭୀଭୂତ କଲା । ଏହି ହଜାରେ ଏବଂ ପାଞ୍ଚଶହ ଟଙ୍କିଆ ମୁଦ୍ରା ଦେଶରେ ପ୍ରଚଳିତ କାଗଜ ଟଙ୍କାର ମୋଟ୍ ୮୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ଲୋକେ କ୍ରମାଗତ ଭାବେ ଦୀର୍ଘଦିନ ଧରି ବ୍ୟାଙ୍କ ଏବଂ ଏଟିଏମ୍ ଆଗରେ ଲମ୍ବାଧାଡ଼ିରେ ନିଜ ଟଙ୍କା ଉଠାଇବା କିମ୍ବା ବଦଳ କରିବା ପାଇଁ ହଇରାଣ ହେଉଥିବା ଦେଖିବାକୁ ମିଳିଲା । ଏହି ବିମୁଦ୍ରିକରଣକୁ କଷ୍ଟ ସହୁଥିବା ସାଧାରଣ ଜନତା ଅଧିକ ପ୍ରତିଶତ ସ୍ୱାଗତ କରିଥିବା ମଧ୍ୟ ଏକ ଆଶ୍ଚର୍ଯ୍ୟର କଥା । କେତେକଙ୍କ ମତରେ କେନ୍ଦ୍ର ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହା ଏକ ବିରାଟ ସଫଳତା । ଅନ୍ୟ ଶବ୍ଦରେ କହିବାକୁ ଗଲେ ବିମୁଦ୍ରିକରଣ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଆତଙ୍କବାଦ ବିରୋଧରେ ଏକ ଶକ୍ତିଶାଳୀ ଯୁଦ୍ଧ । ଅବଶ୍ୟ ସରକାରଙ୍କ ଏହି ପଦକ୍ଷେପ ଫଳରେ ଦୈନନ୍ଦିନ ଜୀବନ ଚଳାଇବା ପାଇଁ ସାଧାରଣ ଲୋକଙ୍କୁ ବିଶେଷ ଭାବରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ।

ଗତ ନଭେମ୍ବର ୮ ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ ମୋଦି ଏହି ଦୁଇ ନୋଟ୍‌କୁ ଅଚଳ କରାଗଲା ବୋଲି ଘୋଷଣା କରିବା ସମୟରେ ଗୋଟିଏ କଥା ବାରମ୍ବାର କହୁଥିଲେ- ଏହା ଦ୍ୱାରା ଲୋକଙ୍କୁ କିଛି ସମୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ପରନ୍ତୁ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ, କଳାଟଙ୍କା ଓ କଳାଧନ କବଳରୁ ଆମକୁ ମୁକ୍ତି ମିଳିବ । ମୋଦିଙ୍କ ଏହି ନିଷ୍ପତ୍ତିକୁ କେତେକ ରାଜନୈତିକ ଦଳ ବିରୋଧ କରୁଥିଲେ ମଧ୍ୟ ଏହାକୁ ସ୍ୱାଗତ କରିଥିବା ଦଳ ଓ ଲୋକଙ୍କ ସଂଖ୍ୟା କିଛି କମ୍ ନୁହେଁ । କଳାଟଙ୍କା ଉପରେ ମୋଦିଙ୍କ ଏହି ପ୍ରଚଣ୍ଡ ଆକ୍ରମଣକୁ ସେମାନେ ଖୋଲାଖୋଲି ଭାବରେ କେବଳ ସମର୍ଥନ ଜଣାଇନାହାନ୍ତି, ଏହି ଐତିହାସିକ ପଦକ୍ଷେପ ପାଇଁ ତାଙ୍କୁ ବଧେଇ ମଧ୍ୟ ଜଣାଇଛନ୍ତି ।

ବିମୁଦ୍ରିକରଣର ଅର୍ଥ ହେଲା ପ୍ରଚଳିତ ବ୍ୟାଙ୍କ ନୋଟ୍‌କୁ ଆଇନଗତ ମର୍ଯ୍ୟାଦାରୁ ମୁକ୍ତ କରିବା । ଏହା ହେଲା ହଜାରେ ଓ ପାଞ୍ଚଶହ ଟଙ୍କିଆ ନୋଟ୍‌ର 'ଲିଗାଲ୍ ଟେଣ୍ଡର୍' ସମାପ୍ତ ହେବା; ଅର୍ଥାତ୍ ପୁରୁଣା ପ୍ରଚଳିତ କାଗଜମୁଦ୍ରାକୁ ନୂଆ କାଗଜମୁଦ୍ରାରେ ବଦଳାଇବା । କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ବ୍ୟାଙ୍କ ମୁଦ୍ରା (କରେନ୍‌ସି)କୁ ଅଚଳ କରିବା ଏହା ପ୍ରଥମ ନୁହେଁ । ପୂର୍ବରୁ ପ୍ରାକ୍‌ସ୍ୱାଧୀନତା କାଳରେ ୧୯୪୬ରେ ତତ୍କାଳୀନ ଭାରତୀୟ ରିଜର୍ଭ ବ୍ୟାଙ୍କ ହଜାରେ ଏବଂ ଦଶହଜାର ଟଙ୍କିଆ ନୋଟ୍‌କୁ ଅଚଳ କରିଦେଇଥିଲେ । ୧୯୫୪ରେ ଅର୍ଥାତ୍ ଆଠବର୍ଷ ପରେ ପୁଣିଥରେ ୧୦୦୦, ୫୦୦୦ ଏବଂ ୧୦,୦୦୦ ବ୍ୟାଙ୍କ ନୋଟ୍ ପ୍ରଚଳନ କରାଗଲା । ପୁଣିଥରେ ୧୯୭୮ ମସିହାରେ କେନ୍ଦ୍ରରେ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ଥିବା ବେଳେ ଏହି ବ୍ୟାଙ୍କ ନୋଟ୍‌ଗୁଡ଼ିକର ଲିଗାଲ୍ ଟେଣ୍ଡର୍ ମର୍ଯ୍ୟାଦା ପ୍ରତ୍ୟାହାର କରି ନିଆଯାଇଥିଲା ।

ବିମୁଦ୍ରିକରଣର ସବୁଠାରୁ ବଡ଼ ଫାଇଦା ହେଲା ଲୋକେ ଏହା ଦ୍ୱାରା ଘରେ ବ୍ୟାଙ୍କ ନୋଟ୍ ନରଖି ଅଧିକରୁ ଅଧିକ ବ୍ୟାଙ୍କରେ ରଖିବା କିମ୍ବା ଅନ୍ୟ ଅର୍ଥନୈତିକ ସଂସ୍ଥାରେ ବିନିଯୋଗ କରିବା ପାଇଁ ପ୍ରୋତ୍ସାହିତ ହୁଅନ୍ତି । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଜମା ହେବା

କାରଣରୁ ପାଣ୍ଠି ସଂଗ୍ରହ ମୂଲ୍ୟ ହ୍ରାସ ପାଏ ଫଳରେ ବ୍ୟକ୍ତି, ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠାନକୁ ଦିଆଯାଉଥିବା ଋଣ ଉପରେ ସୁଧ ହାର ମଧ୍ୟ ହ୍ରାସ ପାଏ। ଭବିଷ୍ୟତରେ ରେପୋ ମୂଲ୍ୟରେ ହ୍ରାସ ଘଟିବ ବୋଲି ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ।

କେନ୍ଦ୍ର ସରକାରଙ୍କ ଘୋଷିତ ଜନଧନ ଯୋଜନା ଅନ୍ତର୍ଭୁକ୍ତ ଏକାଉଣ୍ଟ୍‌ଗୁଡ଼ିକରେ ଏବେ ନିରୁତ୍ସାହଜନକ ଜମା ରହିଛି । ବିମୁଦ୍ରିକରଣ ଫଳରେ ଜନଧନ ଖାତାଗୁଡ଼ିକରେ ଜମା ବଢ଼ିବ । ଅନେକ ଜନଧନ ଖାତାରେ ଶୂନ୍ୟ ଜମା ରହିଛି । ଏବେ ସେଗୁଡ଼ିକୁ ସଚଳ କରି ଜମା ରଖିବା ପାଇଁ ଲୋକେ ପ୍ରୋତ୍ସାହିତ ହେବେ । ମୋଦିଙ୍କ ନୋଟ୍ ଅଚଳ ଘୋଷଣା ପରେ ଦେଶରେ ଥିବା ପ୍ରାୟ ସର୍ବାଧିକ ଜନଧନ ଖାତାଗୁଡ଼ିକରେ ବିପୁଳ ଟଙ୍କା ଜମା ହେବା ଦେଖିବାକୁ ମିଳିଥିଲା । ଅବଶ୍ୟ କେତେକ କଳାଟଙ୍କା ମହଜୁଦକାରୀ ଲୋକଙ୍କର ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କ ଏକାଉଣ୍ଟ୍‌ରେ କମିଶନି ଲୋଭ ଦେଖାଇ କିଛି କଳାଟଙ୍କା ଜମା କରିବାରେ ସଫଳ ହୋଇଛନ୍ତି । ପରନ୍ତୁ ଜନଧନ ଟଙ୍କା ଉଠାଣରେ ଆଇନଗତ ଜଟିଳତା କାରଣରୁ କଳା କାରବାର ସଫଳ ହେଲାପରି ଲାଗୁ ନାହିଁ। କିନ୍ତୁ ବିମୁଦ୍ରିକରଣ ଲୋକଙ୍କ ଭିତରେ ବ୍ୟାଙ୍କ କାରବାର ଅଭ୍ୟାସ ବୃଦ୍ଧି କରିବା ସହିତ ଭବିଷ୍ୟତରେ ଏକ 'କ୍ୟାସ୍‌ଲେସ୍' ବ୍ୟବସ୍ଥା ଆଡ଼କୁ ଦେଶକୁ ନେଇଯିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ । ସାଧାରଣ ଜୀବନଯାତ୍ରାରେ ନଗଦ ଟଙ୍କାର କମ୍ ବ୍ୟବହାର କାରଣରୁ ଅର୍ଥନୀତିରେ ଅତିରିକ୍ତ କ୍ୟାସ୍ ପ୍ରବେଶ କରିବ ଏବଂ ଆୟକର ଏବଂ ଅନ୍ୟ କର ସଂଗ୍ରହ ମଧ୍ୟ ବୃଦ୍ଧି ପାଇବ । ଏହା ସହିତ ଦୀର୍ଘସୂତ୍ରୀ ଜିଡ଼ିପି ହାରରେ ଅଭିବୃଦ୍ଧି ହେବ ଯାହାକି ଖୁବ୍ କମ୍ ବର୍ଷରେ ଆମେ ଦେଖିବାକୁ ପାଇବା । ୨୦୧୮ ବେଳକୁ ଜିଡିପିର ଅଭିବୃଦ୍ଧି ନିଶ୍ଚିତ ଭାବରେ ଆଖିଦୃଶିଆ ହୋଇପାରିବ ।

ପ୍ରଧାନମନ୍ତ୍ରୀଙ୍କର ଏହି ପଦକ୍ଷେପକୁ ଅନେକ ସମାଲୋଚନା କରୁଥାଇପାରନ୍ତି, କିନ୍ତୁ ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟର ବହୁମୁଖୀ ବିକାଶ ପାଇଁ ଏହା ଭବିଷ୍ୟତରେ ସହାୟକ ହେବ, ଏଥିରେ ସଂଦେହ ନାହିଁ । ସରକାର ଅଚଳ କରାଯାଇଥିବା ନୋଟ୍‌ଗୁଡ଼ିକ ବଦଳ ପାଇଁ ତଥା ବ୍ୟାଙ୍କରେ ଜମା ପାଇଁ ଚଳିତବର୍ଷ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଯଦି ଡିସେମ୍ବର ୩୦ ଭିତରେ ଅଚଳ ନୋଟ୍ ଜମା ସମ୍ଭବ ହୋଇପାରିଲା ନାହିଁ, ତେବେ କେବଳ ରିଜର୍ଭ ବ୍ୟାଙ୍କରେ ଏହାକୁ ଜମା କରିବା ପାଇଁ ମାର୍ଚ୍ଚ ୩୧, ୨୦୧୭ ପର୍ଯ୍ୟନ୍ତ କେନ୍ଦ୍ର ସରକାର ସମୟ ଦେଇଛନ୍ତି । ଏହା ବ୍ୟତୀତ ନିତ୍ୟବ୍ୟବହାର୍ଯ୍ୟ ବିଲ୍ ପଇଠ, ପେଟ୍ରୋଲ୍ ପମ୍ପ, ସରକାରୀ ଡାକ୍ତରଖାନା, ମେଟ୍ରୋ ଷ୍ଟେସନ୍, ଉଡ଼ାଜାହାଜ, ରେଳଯାତ୍ରା ଟିକଟ କ୍ରୟ ଆଦିରେ ପୁରୁଣା (ଅଚଳ) ନୋଟ୍‌କୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଉପଯୋଗ କରାଯାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଅବଶ୍ୟ ପ୍ରତି ସପ୍ତାହରେ ମାତ୍ର ୨୪ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ୍‌ରୁ କାଢ଼ିହେବ ଏବଂ ଏହା ସାଧାରଣ ଜନତା, ବିଶେଷକରି ବେତନଭୋଗୀଙ୍କୁ ଯନ୍ତ୍ରଣା ଦେଇପାରେ, ପରନ୍ତୁ ଦେଶର ବୃହତ୍ତର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ବିପର୍ଯ୍ୟସ୍ତ ଅର୍ଥନୀତିକୁ ସମ୍ଭାଳିବା ସହିତ କଳାଧନ, ଟିକସ ଚୋରି ଏବଂ ଆତଙ୍କବାଦକୁ ରୋକିବା ଦୃଷ୍ଟିରୁ ମୋଦିଙ୍କ ବିମୁଦ୍ରିକରଣ ପଦକ୍ଷେପକୁ ଖୋଲାମତରେ ସ୍ୱାଗତ କରିବା ପାଇଁ ପ୍ରଧାନମନ୍ତ୍ରୀ କରିଥିବା ନିବେଦନକୁ ସାଧାରଣ ଲୋକେ ଗ୍ରହଣ କରିଥିବା ମନେହୁଏ । ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଟଙ୍କା ଉଠାଣ ଦୈନନ୍ଦିନ ଜୀବନ ଚର୍ଯ୍ୟା ପାଇଁ ଯଥେଷ୍ଟ ହୋଇ ନପାରେ, ପରନ୍ତୁ ଚେକ୍ , ଏନ୍‌ଇଏଫ୍‌ଟ, ଆର୍‌ଟିଜିଏସ୍, ଇ ଓ୍ୱାଲେଟ୍‌ସ ଆଦି କ୍ୟାସ୍‌ଲେସ୍ ବ୍ୟବସ୍ଥା ମାଧ୍ୟମରେ ଆମେ ସହଜରେ ଘର ଚଳାଇପାରିବା । ଅବଶ୍ୟ ଏଥିପାଇଁ ଆମକୁ ଅଭ୍ୟସ୍ତ ହେବାକୁ ଟିକେ ସମୟ ଲାଗିପାରେ। ପରନ୍ତୁ ଏହା ଅସମ୍ଭବ ନୁହେଁ ।

ଯେଭଳି ସ୍ୱାଧୀନତା ସଂଗ୍ରାମ ବେଳେ ସାଧାରଣ ଜନତାଙ୍କୁ ସବୁ କ୍ଷେତ୍ରରେ ଖୁବ୍ ହଇରାଣ ହରକତ ହେବାକୁ ପଡୁଥିଲା, ପୁଲିସ୍ ହାତରୁ ଲାଠିମାଡ଼ ଭଳି ଅନେକ ଅକଥନୀୟ ଅତ୍ୟାଚାର ସହିବାକୁ ପଡୁଥିଲା କିମ୍ବା କ୍ଷେତ୍ରବିଶେଷରେ ପ୍ରାଣବଳୀ ଦେବାକୁ ପଡୁଥିଲା। ତଥାପି ସେମାନଙ୍କ ମନରେ ବିଷାଦ କିମ୍ବା ଅବସାଦ ନଥିଲା । ଠିକ୍ ସେହିଭଳି ଦେଶକୁ କେତେକ ଅର୍ଥନୈତିକ ଅବ୍ୟବସ୍ଥାରୁ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ସାମିଲ ଜନତାଙ୍କୁ ସେହିଭଳି କଷ୍ଟ ଭୋଗ କରିବାକୁ ପଡ଼ିପାରେ । ଅଚଳ ନୋଟ୍ ବଦଳାଇବା କିମ୍ବା ଏଟିଏମ୍‌ରୁ ଟଙ୍କା ବାହାର କରିବା ପାଇଁ ଲୋକଙ୍କ ବାରମ୍ବାର ଘଣ୍ଟାଘଣ୍ଟା ଧରି ଲମ୍ବାଧାଡ଼ିରେ ଛିଡ଼ା ହେବାକୁ ପଡ଼ିଛି । ଛିଡ଼ା ହେବା ପରେ ବି କେତେକ ବିଫଳ ମନୋରଥ ହୋଇ ଫେରିଛନ୍ତି । ତଥାପି ସେମାନଙ୍କ ମନରେ ଅବଶୋଷ ନାହିଁ । କାରଣ ଦେଶର ବୃହତ୍ତର ସ୍ୱାର୍ଥ ପାଇଁ ବ୍ୟକ୍ତି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହେବ, ଏକଥା ସେମାନେ ଭଲ ଭାବରେ ବୁଝିଛନ୍ତି । ହଜାରେ ଓ ପାଞ୍ଚଶହ ଟଙ୍କିଆ ବ୍ୟାଙ୍କ୍ ନୋଟ୍ ଅଚଳ ହେବା ପରେ ପ୍ରାୟ ସର୍ବତ୍ର ବେପାର ମାନ୍ଦା ହେଲା; କାରଣ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟ ବସ୍ତୁ କିଣିବା ପାଇଁ ଲୋକଙ୍କ ପାଖରେ ନଗଦ ଟଙ୍କା ନଥିଲା । ମୋ ଘର ପାଖ କୃଷକ ବଜାରକୁ ୯ ତାରିଖ ସକାଳ ୮ଟା ବେଳେ ଗଲି କିଛି ପରିବା କିଣିବା ପାଇଁ; ଦେଖିଲି ବଜାରରେ ଗହଳି ନାହିଁ । ଦୋକାନୀମାନେ ପସରା ମେଲାଇ ବସିଛନ୍ତି, କିନ୍ତୁ ଗ୍ରାହକଙ୍କ ସଂଖ୍ୟା ସେ ତୁଳନାରେ ଖୁବ୍ କମ୍ । ବେପାରୀ ହତାଶ, ଖାଉଟୀ ବି ହତାଶ। ପରନ୍ତୁ ବେପାରୀମାନଙ୍କ ଭିତରେ ନୈରାଶ୍ୟ ଦେଖିଲି ନାହିଁ, ସ୍ୱଳ୍ପ ବିଦ୍ୟାବୁଦ୍ଧିରେ ସେମାନେ ଚର୍ଚ୍ଚା କରୁଥାନ୍ତି– ଯାହା ହୋଇଛି ଭଲ ହୋଇଛି; ଏବେ ଆତଙ୍କବାଦୀ ଓ କଳାଧନଧାରୀ ସବୁ ଜବତ ହେବେ।

ଦେଶରେ କଳାଟଙ୍କାର ବ୍ୟାପକତା କେତେ ତାହା ଗତ କିଛିଦିନ ଭିତରେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଘଟଣାଗୁଡ଼ିକରୁ ଜଣାପଡ଼ିବ। ଗତ ନଭେମ୍ବର ୧୧ ତାରିଖ ଦିନ ଉତ୍ତରପ୍ରଦେଶର ମିର୍ଜାପୁରରେ ଗଙ୍ଗାନଦୀ ପାଣିରେ ପୁଳାପୁଳା ପାଞ୍ଚଶହ ଏବଂ ହଜାରେ ଟଙ୍କିଆ ବ୍ୟାଙ୍କ୍ ନୋଟ୍ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ୍ ସେ ନୋଟ୍‌ସବୁକୁ ଜବତ

କରିଥିଲା । ଲୋକେ କହନ୍ତି- ପାପ ଅର୍ଜିତ କଳାଟଙ୍କାକୁ ଗଙ୍ଗାଜଳରେ ଧୋଇ ପୁଣ୍ୟ ଅର୍ଜନ ପାଇଁ ଏହି ପ୍ରୟାସ । କେବଳ ସେତିକି ନୁହେଁ, ଦେଶର ବିଭିନ୍ନ ସ୍ଥାନରେ ବିଡ଼ାବିଡ଼ା ଅଚଳ ନୋଟ୍ ପୋଡ଼ି ଦିଆଯିବା କିମ୍ବା ଫିଙ୍ଗିଦିଆଯିବାର ଖବର ମିଳିଛି । କଳାଟଙ୍କାଧାରୀମାନେ ସାପ-ଚୁଚୁନ୍ଦ୍ରା ସ୍ଥିତିରେ ମାନସିକ ଦୁଃଶ୍ଚିନ୍ତା ଭିତରେ ନିଦ୍ରାହୀନ ଭାବରେ ରହିଥିବା ବେଳେ ସାଧାରଣ ଲୋକେ ସୁଖନିଦ୍ରାରେ ଅଛନ୍ତି । ଗତ ନଭେମ୍ବର ଆଠ ତାରିଖରେ ବଡ଼ଟଙ୍କା ଅଚଳ ଘୋଷଣା ବେଳେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାରେ କହିଥିଲେ– ଆତଙ୍କବାଦୀମାନେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏମାନଙ୍କୁ ଅର୍ଥ ଯୋଗାଉଛି କିଏ ? ସୀମା ସେପଟେ ଥିବା ଆମର ଶତ୍ରୁଦେଶ ଜାଲ୍‌ନୋଟ୍ ଏବଂ କଳାଧନ ଦ୍ୱାରା ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି । ଏହା ବାରମ୍ବାର ପ୍ରମାଣିତ ହୋଇଛି । ଗୋଇନ୍ଦା ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାରତ ବିରୋଧରେ ଅର୍ଥନୈତିକ ଯୁଦ୍ଧ ଓ ଆତଙ୍କି କାର୍ଯ୍ୟ ପାଇଁ ପାକିସ୍ତାନ ଜାଲ୍‌ନୋଟ୍‌କୁ ଅସ୍ତ୍ର କରିଥିଲା । ଆମ ଦେଶରେ ଯେତିକି ପରିମାଣର ହଜାରେ ଟଙ୍କିଆ ନୋଟ୍ ଛପା ଯାଉଥିଲା, ତା'ର ଦୁଇଗୁଣା ନୋଟ୍ ଭାରତରେ ପ୍ରଚଳନ ହେଉଥିଲା । ମୁଖ୍ୟତଃ ଏହି ଜାଲ୍ ନୋଟ୍‌ଗୁଡ଼ିକ ପାକିସ୍ତାନର ପେଶାୱାରରେ ଅତ୍ୟାଧୁନିକ ମେସିନ୍‌ରେ ଛପାଯାଇ ବିଭିନ୍ନ ମାଧ୍ୟମ ଦେଇ ଭାରତକୁ ପଠାଯାଉଥିଲା । ଏହି ଛପାକାର୍ଯ୍ୟ ଜୀରୋ ଏରର୍‌ରେ ହେଉଥିଲା । ତେଣୁ ଜାଲ୍‌ନୋଟ୍ ପରଖିବା କାର୍ଯ୍ୟ ଅତ୍ୟନ୍ତ ଦୁରୂହ ବ୍ୟାପାର ଥିଲା । ଏବେ କେନ୍ଦ୍ର ସରକାର ଦୁଇ ହଜାରେ ଏବଂ ପାଞ୍ଚଶହ ଟଙ୍କା ଅଙ୍କର ଯେଉଁ ନୂଆ ନୋଟ୍ ଛାପିଛନ୍ତି, ସେଥିରେ କୋଡ଼ିଏ ପ୍ରକାରର ସୁରକ୍ଷା ବ୍ୟବସ୍ଥା ରହିଛି । ତେଣୁ ଏହାକୁ ନକଲି କରିବା ଅସମ୍ଭବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

ଏବେ ଦେଶରେ ଲୋକଙ୍କ ପାଖରେ ଥିବା ନଗଦ ଟଙ୍କାର ପରିମାଣ ହେଉଛି ୧୫ଲକ୍ଷ ୯୩ ହଜାର ୮୯୬ କୋଟି ଟଙ୍କା । ଏତେ ଟଙ୍କାକୁ ନୂଆଟଙ୍କାରେ ବଦଳ କରିବା କାଠିକର ପାଠ; କିନ୍ତୁ ଏହା ସୁରୁଖୁରୁରେ ଚାଲିଛି । ପାଖାପାଖି ସାତଲକ୍ଷ କୋଟି ବେଆଇନ୍ ଟଙ୍କାର ହିସାବ ଆୟକର ବିଭାଗ ପାଖକୁ ଆସିଲାଣି । ସୁଇସ୍ ବ୍ୟାଙ୍କ୍‌ରେ ଜମାଥିବା କଳାଟଙ୍କା ମଧ୍ୟରୁ ପ୍ରାୟ ୩ଲକ୍ଷ କୋଟି ଟଙ୍କା ସଂପର୍କରେ ତଥ୍ୟ ମିଳିଲାଣି । ମୋଦିଙ୍କ ଏହି ପଦକ୍ଷେପ ଫଳରେ ଭାରତରେ ଜନକଲ୍ୟାଣ ଏବଂ ଦାରିଦ୍ର୍ୟଦୂରୀକରଣ ଯୋଜନାରେ ସଂସ୍କାର ଆସିବ । ଲୋକେ ବ୍ୟାଙ୍କ ଏକାଉଣ୍ଟ ଏବଂ କାର୍ଡ ମାଧ୍ୟମରେ ଦେଣନେଣ କରିବାକୁ ପ୍ରୋତ୍ସାହିତ ହେବେ । ଗ୍ରାମାଞ୍ଚଳରେ ମଧ୍ୟ ଏ ନେଇ ସଚେତନତା ସୃଷ୍ଟି ହେଲାଣି । ବିମୁଦ୍ରିକରଣ ଦ୍ୱାରା ଦୁର୍ନୀତି, ଭ୍ରଷ୍ଟାଚାର ହ୍ରାସ ପାଇବ ଏବଂ ଆମେରିକା ପରି ସବୁ କ୍ଷେତ୍ରରେ ଅର୍ଥନୈତିକ ସୁଫଳ ମିଳିବ । ନିର୍ବାଚନ ବେଳେ ରାଜନୈତିକ ଦଳମାନେ ଚାନ୍ଦା ନିଅନ୍ତି ଏବଂ ମତଦାତାଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବାଣ୍ଟନ୍ତି । ଏହିସବୁ ଟଙ୍କା କଳାଧନ ପରିସରଭୁକ୍ତ । ମୋଦିଙ୍କ ଏହି ପଦକ୍ଷେପ ଦ୍ୱାରା ନିର୍ବାଚନରେ କଳାଟଙ୍କା କାରବାର ପ୍ରତିହତ ହେବ ।

ଧୀରେଧୀରେ ସ୍ଥିତି ସୁଧୁରିବାରେ ଲାଗିଛି । ବିମୁଦ୍ରିକରଣ ଦ୍ୱାରା ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ଏବଂ ସାଧାରଣ ଲୋକେ ଏକ ସ୍ୱଚ୍ଛ ଅର୍ଥନୈତିକ ଶାସନର ଅର୍ଥାତ୍ ସୁରାଜ ଏବଂ ସ୍ୱରାଜ୍ୟର ଅନୁଭବ କରିପାରିବେ ଏଭଳି ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ । ଏବେ ଯାହା ହୋଇଛି ଭଲ ହୋଇଛି ଏବଂ ଭବିଷ୍ୟତରେ ଆହୁରି ଭଲ ହେବ । ଦେଶ ପାଇଁ ଏକ ସ୍ୱଚ୍ଛ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାର କର୍ତ୍ତିମାନ ସ୍ଥାପନ ହେବ– ଏଭଳି ସକାରାତ୍ମକ ଆଶା କରାଯାଇପାରେ ।

**କେନ୍ଦ୍ର ସରକାରଙ୍କ ଘୋଷିତ ଜନଧନ ଯୋଜନା ଅନ୍ତର୍ଭୁକ୍ତ ଏକାଉଣ୍ଟ୍‌ଗୁଡ଼ିକରେ ଏବେ ନିରୁତ୍ସାହଜନକ ଜମା ରହିଛି । ବିମୁଦ୍ରିକରଣ ଫଳରେ ଜନଧନ ଖାତାଗୁଡ଼ିକରେ ଜମା ବଢ଼ିବ । ଅନେକ ଜନଧନ ଖାତାରେ ଶୂନ୍ୟ ଜମା ରହିଛି । ଏବେ ସେଗୁଡ଼ିକୁ ସଚଳ କରି ଜମା ରଖିବା ପାଇଁ ଲୋକେ ପ୍ରୋତ୍ସାହିତ ହେବେ । ମୋଦିଙ୍କ ନୋଟ୍ ଅଚଳ ଘୋଷଣା ପରେ ଦେଶରେ ଥିବା ପ୍ରାୟ ସର୍ବାଧିକ ଜନଧନ ଖାତାଗୁଡ଼ିକରେ ବିପୁଳ ଟଙ୍କା ଜମା ହେବା ଦେଖିବାକୁ ମିଳିଥିଲା । ଅବଶ୍ୟ କେତେକ କଳାଟଙ୍କା ମହଜୁଦକାରୀ ଲୋକଙ୍କର ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କ ଏକାଉଣ୍ଟ୍‌ରେ କମିଶନି ଲୋଭ ଦେଖାଇ କିଛି କଳାଟଙ୍କା ଜମା କରିବାରେ ସଫଳ ହୋଇଛନ୍ତି ।**

ଲେଖକ ଜଣେ ବରିଷ୍ଠ ସ୍ତମ୍ଭକାର ।

## କୃଷି ଋଣ ଉପରେ ଦୁଇ ମାସର ସୁଧ ଛାଡ଼ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତ ଜାନୁୟାରୀ ୨୪ ତାରିଖରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଚାଷୀଙ୍କୁ ଋଣ ଉପରେ ସୁଧ ଛାଡ଼ ପ୍ରସ୍ତାବକୁ କାର୍ଯ୍ୟୋତର ଭାବେ ଅନୁମୋଦନ ମିଳିଛି । ଏହାଦ୍ୱାରା ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ଚାଷୀମାନେ ୨୦୧୬ ନଭେମ୍ବର ଏବଂ ଡିସେମ୍ବର ମାସ ପାଇଁ ସୁଧ ଛାଡ଼ର ସୁବିଧା ପାଇବେ । ଏହାଛଡ଼ା ନାବାର୍ଡ ପକ୍ଷରୁ ସମବାୟ ବ୍ୟାଙ୍କଗୁଡ଼ିକୁ ଯୋଗାଇ ଦିଆଯାଇଥିବା ଅତିରିକ୍ତ ଋଣ ଉପରେ ମଧ୍ୟ ସୁଧ ଛାଡ଼ର ସୁବିଧା ମିଳିପାରିବ । ସାରା ଦେଶରେ ସମବାୟ ବ୍ୟାଙ୍କରୁ ସ୍ୱଳ୍ପକାଳୀନ ଋଣ ନେଇଥିବା କୃଷକମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ।

# ବିମୁଦ୍ରାୟନ : ସ୍ୱଳ୍ପ ନଗଦ ଅର୍ଥନୀତି ଆଡ଼କୁ ପାଦେ

**ଡି.ଏସ୍. ମଲ୍ଲିକ**

**କ**ଳାଧନ, ଦୁର୍ନୀତି, ବେଆଇନ ଅର୍ଥ କାରବାର ଓ ଆତଙ୍କବାଦ ବିରୋଧରେ ଭାରତ ସରକାର ୨୦୧୬ ନଭେମ୍ବର ଆଠ ତାରିଖ ମଧ୍ୟ ରାତ୍ରୀରୁ ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରି ଏକ ସଂଗଠିତ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରଥମତଃ ନଭେମ୍ବର ଆଠ ତାରିଖ ମଧ୍ୟରାତ୍ରୀରୁ ୫୦୦ ଶହ ଓ ଏକ ହଜାର ଟଙ୍କିଆ ନୋଟ୍ ସବୁକୁ ଅଚଳ କରାଗଲା । ଏହି ନିଷ୍ପତ୍ତିର ପଛରେ ଥିଲା ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣର ରାସ୍ତାକୁ ବନ୍ଦ କରିବା । ଏହା ଫଳରେ ଯେଉଁମାନେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଉଥିଲେ ଏବଂ ନକଲି ନୋଟ୍ ଛାପି ଆତଙ୍କବାଦର ପ୍ରସାର କରୁଥିଲେ ତାହାକୁ ନିୟନ୍ତ୍ରଣ କରିବା ଥିଲା ମୁଖ୍ୟ ଲକ୍ଷ୍ୟ । କେବଳ ସେତିକି ନୁହେଁ ଗୁପ୍ତଚର ବୃତ୍ତି, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ, ଅସ୍ତ୍ରଶସ୍ତ୍ର ଓ ନିଶା ଦ୍ରବ୍ୟର ଚୋରା କାରବାର ଆଦିରେ ବିନିଯୋଗ ହେଉଥିବା କଳାଧନକୁ ନଷ୍ଟ କରିବା ସହ ଦେଶରେ ଚାଲିଥିବା ସମାନ୍ତରାଳ ଅର୍ଥନୀତିକୁ ଧ୍ୱଂସ କରିବା ଥିଲା ଏହି ପଦକ୍ଷେପର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ।

ବିମୁଦ୍ରାୟନ ପଦକ୍ଷେପ ଯୋଗୁଁ ସୃଷ୍ଟ ନୋଟ୍ ଅଭାବ ପରିସ୍ଥିତିର ମୁକାବିଲା ପାଇଁ ସରକାର ରିଜର୍ଭବ୍ୟାଙ୍କର ସୁପାରିସ ଅନୁସାରେ ନୂଆ ଦୁଇ ହଜାର ଟଙ୍କିଆ ଓ ପାଞ୍ଚଶହ ଟଙ୍କିଆ ନୋଟ୍ ଛପାଇଛନ୍ତି ।

ଚାଷୀଙ୍କ ସ୍ୱାର୍ଥ ନଜରରେ ରଖି ସରକାର ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ଉପଯୋଗୀ ସାମଗ୍ରୀ କିଣିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣ୍ଠି ବନ୍ଦୋବସ୍ତ କରିଛନ୍ତି । ସେହିଭଳି ବ୍ୟବସାୟୀଙ୍କ ସୁବିଧା ପାଇଁ ସେମାନଙ୍କୁ ସପ୍ତାହକୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ବ୍ୟାଙ୍କରୁ ଉଠାଇବାର ସୁବିଧା ଯୋଗାଇଦିଆଯାଇଛି ।

୨୦୧୪ ମଇ ମାସରେ ଏହି ସରକାର କଳାଧନ ବିରୋଧରେ ତାଙ୍କର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ଏହି ଅଭିଯାନର ପ୍ରଥମ ପଦକ୍ଷେପ ସ୍ୱରୂପ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍ଆଇଟି) ଗଠନ କରାଯାଇଥିଲା ।

ବିଦେଶରେ ଥିବା ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ଦେବାକୁ ୨୦୧୫ରେ ଏକ ଆଇନ ପ୍ରଣୟନ ହୋଇଥିଲା । ୨୦୧୬ ଅଗଷ୍ଟରେ ବେନାମୀ ଅର୍ଥକାରବାରକୁ ନିୟନ୍ତ୍ରଣ କରିବା ପାଇଁ କଠୋର ନୀତି ନିୟମ ଲାଗୁ ହେଲା । ଦେଶର ଯେଉଁ ଲୋକମାନେ କଳାଧନ ଠୁଳ କରିଥିଲେ ସେମାନଙ୍କୁ ନିଜର ଆୟ ପ୍ରକାଶ କରିବାକୁ ଏକ ଯୋଜନା ୨୦୧୬ରେ ସରକାର ଘୋଷଣା କଲେ । ଏହି ଯୋଜନାରେ ୬୭,୦୦୦କୋଟି ଟଙ୍କାରୁ ଅଧିକ ଆୟ ସମ୍ପର୍କରେ ସରକାରଙ୍କୁ ସୂଚନା ମିଳିଲା ।

ଗତ ଅଢ଼େଇ ବର୍ଷ ମଧ୍ୟରେ ସରକାର କଳାଧନ ବିରୋଧରେ ଆରମ୍ଭ କରିଥିବା ଅଭିଯାନରୁ ଉପରୋକ୍ତ ସୁଫଳ ସବୁ ମିଳିଛି । ଏହା ଫଳରେ ମୋଟ୍ ଏକ ଲକ୍ଷ ୨୫ ହଜାର କୋଟି ଟଙ୍କାର କଳାଧନ ଠାବ ହୋଇଛି । ଅନ୍ୟ ପକ୍ଷରେ କଳାଧନ ବିରୋଧୀ ଅଭିଯାନ ସହିତ ସରକାର ସମାନ୍ତରାଳ ଭାବେ ନଗଦ ଅର୍ଥ କାରବାରକୁ ସଂକୁଚିତ କରିବା ଉଦ୍ଦେଶ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଓ ଇ-ପେମେଣ୍ଟକୁ ନିରନ୍ତର ପ୍ରୋତ୍ସାହିତ କରୁଛନ୍ତି । ସରକାରୀ ଦେଣନେଣ କ୍ଷେତ୍ରରେ ଡିଜିଟାଲ୍ ପେମେଣ୍ଟକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି । ସମସ୍ତ ପ୍ରକାର ସରକାରୀ ଦେୟକୁ ଡିଜିଟାଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଅର୍ଥ ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ

ଇ-ପେମେଣ୍ଟର ପରିସର ବୃଦ୍ଧି କରିବାକୁ ସରକାରଙ୍କ ସମସ୍ତ ବିଭାଗର ଅଧିକାଂଶ କର୍ମଚାରୀଙ୍କୁ ସେମାନଙ୍କ ବେତନ ଇ-ପେମେଣ୍ଟ ଜରିଆରେ ଦିଆଯାଉଛି । ସଂପୃକ୍ତ କର୍ମଚାରୀଙ୍କ ବେତନ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯିବାର ବ୍ୟବସ୍ଥା ହୋଇଛି । ବ୍ୟକ୍ତିଗତ ଦେଣନେଣରେ ଅଧିକରୁ ଅଧିକ ଏଟିଏମ୍ ଓ ଡେବିଟ୍ କାର୍ଡ ବ୍ୟବହାର କରିବାକୁ କର୍ମଚାରୀଙ୍କୁ ଉତ୍ସାହିତ କରାଯାଉଛି । ନଗଦ ଅର୍ଥ ବ୍ୟବହାରକୁ ନିରୁତ୍ସାହିତ କରି ଇ-ପେମେଣ୍ଟ ବା କାରବାର କରିବାକୁ କର୍ମଚାରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଦିଚ୍ଛାଦୂତମାନଙ୍କୁ ନିଯୁକ୍ତି ଦିଆଯାଉଛି । ଏହି କାର୍ଯ୍ୟକୁ ପ୍ରୋତ୍ସାହିତ ଓ ବ୍ୟାପକ କରିବାକୁ ସବୁ ମନ୍ତ୍ରଣାଳୟ, ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସଂସ୍ଥାଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ଯୋଗାଣକାରୀ, ଠିକାଦାର ଓ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ୫୦୦୦ ଟଙ୍କାରୁ ଅଧିକ ଅର୍ଥ ସରକାରଙ୍କ ପକ୍ଷରୁ ଦେବାକୁ ଥିଲେ ତାହା ଇ-ପେମେଣ୍ଟ ଜରିଆରେ ହିଁ ହେବ ଏବଂ ଏହା ବାଧ୍ୟତାମୂଳକ।

ଇ-ପେମେଣ୍ଟର ପରିସର ବୃଦ୍ଧି କରିବାକୁ ସରକାରଙ୍କ ସମସ୍ତ ବିଭାଗର ଅଧିକାଂଶ କର୍ମଚାରୀଙ୍କୁ ସେମାନଙ୍କ ବେତନ ଇ-ପେମେଣ୍ଟ ଜରିଆରେ ଦିଆଯାଉଛି। ସଂପୃକ୍ତ କର୍ମଚାରୀଙ୍କ ବେତନ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଯିବାର ବ୍ୟବସ୍ଥା ହୋଇଛି। ବ୍ୟକ୍ତିଗତ ଦେଣନେଣରେ ଅଧିକରୁ ଅଧିକ ଏଟିଏମ୍ ଓ ଡେବିଟ୍ କାର୍ଡ ବ୍ୟବହାର କରିବାକୁ କର୍ମଚାରୀଙ୍କୁ ଉତ୍ସାହିତ କରାଯାଉଛି। ନଗଦ ଅର୍ଥ ବ୍ୟବହାରକୁ ନିରୁତ୍ସାହିତ କରି ଇ-ପେମେଣ୍ଟ ବା କାରବାର କରିବାକୁ କର୍ମଚାରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଦିଚ୍ଛାଦୂତମାନଙ୍କୁ ନିଯୁକ୍ତି ଦିଆଯାଉଛି।

ଅର୍ଥମନ୍ତ୍ରୀ ନଗଦ ମୁକ୍ତ କାରବାରକୁ ସଂକୁଚିତ କରିବା ସହ ଅର୍ଥନୀତିକୁ ସଂପ୍ରସାରିତ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ସେଥିପାଇଁ ସେ ଡିଜିଟାଲ ମୁଦ୍ରା ଉପରେ ଜୋର୍ ଦେଉଛନ୍ତି। ଏହାଛଡ଼ା ନଗଦମୁକ୍ତ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କ ଉଦ୍ୟୋଗ ଏନ୍‌ଇଏଫ୍‌ଟି, ମୋବାଇଲ ୱାଲେଟ୍, ପ୍ରି-ପେଡ୍ କାର୍ଡ, କ୍ୟୁଆର୍ କୋଡ୍, ପେ-ରୋଲ୍ କାର୍ଡ, ଡେବିଟ୍ ଓ କ୍ରେଡିଟ୍ କାର୍ଡ, ୟୁପିଆଇ ଭଳି ବିକଳ୍ପ ଇ-ଟ୍ରାନଜାକ୍ସନ୍ ବ୍ୟବସ୍ଥା ଯୋଗାଇ ଦେଉଛନ୍ତି। ସହରାଞ୍ଚଳ ବ୍ୟତୀତ ଅର୍ଦ୍ଧ ସହର ଓ ଗ୍ରାମାଞ୍ଚଳରେ ଇ-ପେମେଣ୍ଟକୁ ଲୋକପ୍ରିୟ ତଥା ବ୍ୟାପକ କରିବା ପାଇଁ ବ୍ୟାଙ୍କ ସମୂହ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ବିଜ୍ଞାପନ ଅଭିଯାନ, ସଚେତନତା କାର୍ଯ୍ୟକ୍ରମ ଆଦି ହାତକୁ ନିଆଯାଇଛି।

ଏସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ନଗଦମୁକ୍ତ କାରବାରକୁ ପ୍ରୋତ୍ସାହିତ କରିବା ସହ ଲୋକଙ୍କୁ ଇ-ପେମେଣ୍ଟ ସହ ପରିଚିତ କରିବା। ଲୋକେ ଯେପରି ସହଜରେ ନୂଆ ବ୍ୟବସ୍ଥାକୁ ଗ୍ରହଣ କରିପାରିବେ ତା' ଉପରେ ଆବଶ୍ୟକ ଗୁରୁତ୍ୱ ଦିଆଯାଉଛି। ଏହି ବ୍ୟବସ୍ଥାର ଅନ୍ୟ ଏକ ଲକ୍ଷ୍ୟ ହେଲା ସବୁ ଲୋକଙ୍କୁ ସ୍ୱଚ୍ଛ ଆର୍ଥିକ ବ୍ୟବସ୍ଥାରେ ସଂଶ୍ଳିଷ୍ଟ କରିବା। ଟଙ୍କା ବିହୀନ ଦେଣନେଣ କ୍ଷେତ୍ରରେ ପିଏସ୍‌ଓ ଏକ ନୂଆ ମାଧ୍ୟମ। ପଏଣ୍ଟ ଅଫ୍ ସେଲ୍ ବା ପିଏସ୍‌ଓ ଯନ୍ତ୍ର ମାଧ୍ୟମରେ କ୍ରେତା ବିକ୍ରେତା ନିଜ ନିଜର ଅର୍ଥ ବିନା ନଗଦରେ କାରବାର କରିପାରିବେ। ଏହି ଯନ୍ତ୍ର ଆମଦାନୀ ଉପରେ କୌଣସି ମୌଳିକ ସୀମା ଶୁଳ୍କ ଓ ଅତିରିକ୍ତ ଶୁଳ୍କ ପଡ଼ିବ ନାହିଁ। ଦେଶରେ ଏଭଳି ଯନ୍ତ୍ର ତିଆରି କରିବାକୁ ନିର୍ମାତାମାନଙ୍କୁ ସାମଗ୍ରୀ ଆମଦାନୀ କ୍ଷେତ୍ରରେ ଟିକସ ଓ ଶୁଳ୍କ ରିଆତି ଦିଆଯାଇଛି। ଏହା ୨୦୧୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ସରକାର ଦେଶର ବିଭିନ୍ନ ଭାଗରେ ଦଶ ଲକ୍ଷ ପିଓଏସ୍ ଟର୍ମିନାଲ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ୟାଙ୍କ ସମୂହ ମଧ୍ୟ ଇତିମଧ୍ୟରେ ୬ଲକ୍ଷ ପିଓଏସ୍ ମେସିନ୍ କିଣିବାକୁ ବରାଦ ଦେଇସାରିଲେଣି। ଖୁବ୍ ଶୀଘ୍ର ଆଉ ଚାରିଲକ୍ଷ ଏଭଳି ମେସିନ୍ କିଣିବାକୁ ବରାଦ ଦେବାର ନିଷ୍ପତ୍ତି ହୋଇଛି। ସାରା ଦେଶରେ ଏବେ ପ୍ରାୟ ୧୫ ଲକ୍ଷ ପିଓଏସ୍ ମେସିନ୍ କାର୍ଯ୍ୟ କରୁଛି।

ଅସଂଗଠିତ କ୍ଷେତ୍ରର ଶ୍ରମିକକମାନଙ୍କ ସୁବିଧା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରମାନଙ୍କ ମିଳିତ ସହଯୋଗରେ ଡିଜିଟାଲ୍ ଦେଣନେଣ ପ୍ରୟାସ ଆରମ୍ଭ ହୋଇଛି। ଏଭଳି ଶ୍ରମିକମାନଙ୍କର ଶିବିର କରି ଯେଉଁମାନଙ୍କର ବ୍ୟାଙ୍କ ଖାତା ନାହିଁ ସେମାନଙ୍କର ବ୍ୟାଙ୍କ ଖାତା ଖୋଲାଯିବାର ବ୍ୟବସ୍ଥା କରାଯାଉଛି। ଏ ପର୍ଯ୍ୟନ୍ତ ସମଗ୍ର ଦେଶରେ ଏଭଳି ୨,୭୩,୯୧୯ ଶିବିର ଅୟୋଜନ କରାଯାଇ ୨୪ଲକ୍ଷ ୫୪ ହଜାର ଶ୍ରମିକଙ୍କର ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି।

ଜନଧନ ଖାତାଧାରୀଙ୍କ ସମେତ ମୋଟ ୩୦କୋଟି ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ୩୦କୋଟି ରୁପେ ଡେବିଟ୍‌କାର୍ଡ ପ୍ରଦାନ କରାଯାଇସାରିଲାଣି। ମାତ୍ର ୧୨ଦିନ ମଧ୍ୟରେ ରୁପେ କାର୍ଡ ବ୍ୟବହାରକାରୀଙ୍କ ସଂଖ୍ୟାରେ ୩୦୦ ଶତାଂଶ ଅଭିବୃଦ୍ଧି ଘଟିଛି। ଏହା ଏକ ଡେବିଟ୍ କାର୍ଡ ହୋଇଥିବାରୁ ସରକାର ଏହା ଉପରୁ ଟିକସ ଉଠାଇଦେଇଛନ୍ତି। ଜାତୀୟ ଅସୁଲି ପରିଷଦ (ଏନ୍‌ପିସିଆଇ) ରୁପେ କାର୍ଡକୁ ବ୍ୟବହାର ଟିକସରୁ ରିଆତି ଦେଇଛନ୍ତି। ବିଭିନ୍ନ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଡେବିଟ୍ କାର୍ଡ ଓ ରୁପେ କାର୍ଡ ବ୍ୟବହାର କ୍ଷେତ୍ରରେ ଟିକସ ବ୍ୟବସ୍ଥାକୁ ସାମୟିକ ଉଚ୍ଛେଦ କରି ଲୋକଙ୍କୁ ଇ-ପେମେଣ୍ଟ ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ଇ-ୱାଲେଟର ପ୍ରସାର ବଢ଼ାଇବା ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ମାସିକ କାରବାର ସୀମା ୧୦ ହଜାରରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ରିଜର୍ଭ ବ୍ୟାଙ୍କ ସମାନ ଧରଣର ସୁବିଧା ଯୋଗାଇ ଦେଉଛନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ଇ-ଟିକଟ କ୍ରୟ କ୍ଷେତ୍ରରେ ସଂରକ୍ଷିତ ଦ୍ୱିତୀୟ ଶ୍ରେଣୀ ଓ ଉଚ୍ଚଶ୍ରେଣୀ ଟିକଟ ବୁକିଂରେ ସେବାକର (୨୦ ଓ ୪୦ ଟଙ୍କା) ସାମୟିକ ଉଠାଇଦେଇଛି। ଏହା ଫଳରେ ଟିକସ କାଉଣ୍ଟରର ଭିଡ଼ ହ୍ରାସ ପାଇବ। ଦୈନିକ ହାରାହାରି ଇ-ଟିକଟ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୫୮ ଶତାଂଶ ଥିବାବେଳେ କାଉଣ୍ଟରରୁ ଟଙ୍କା ଦେଇ ଟିକଟ କିଣୁଥିବା ଯାତ୍ରୀଙ୍କ ସଂଖ୍ୟା ୪୨ ଶତାଂଶ ଅଛି। ଏସବୁ ପଦକ୍ଷେପ ଦ୍ୱାରା ଲୋକେ ନଗଦମୁକ୍ତ କାରବାର ପାଇଁ ଅଧିକରୁ ଅଧିକ ଉତ୍ସାହିତ ହେବେ ବୋଲି ଆଶା କରାଯାଏ।

ଇ-ବ୍ୟବସ୍ଥାରେ ବ୍ୟାଙ୍କିଙ୍ଗ ଓ ଦେୟ କ୍ଷେତ୍ରରେ ଏବେ ଟେଲି ବ୍ୟବହାର ପିଛା ଯେଉଁ ଦେଢ଼ ଟଙ୍କାର ଚାର୍ଜ ଦେବାକୁ ପଡୁଥିଲା ତାହାକୁ ୫୦ ପଇସାକୁ ହ୍ରାସ କରିବାକୁ ଟ୍ରାଇ ନିଷ୍ପତ୍ତି ନେଇଛି। ସେହିଭଳି ୟୁଏସଏସ୍‌ଡି ଚାର୍ଜକୁ ୫୦ ପଇସାରୁ ଅଧିକ ହ୍ରାସ କରିବାକୁ ଟେଲିକମ୍ କମ୍ପାନୀଗୁଡ଼ିକ ରାଜି ହୋଇଛନ୍ତି। ଏହା ଫଳରେ ସ୍ମାର୍ଟ ଫୋନ୍‌ରେ ଡିଜିଟାଲ ଅର୍ଥ କାରବାର ଶସ୍ତା ହେବ ଓ ଗରିବ ଲୋକେ ଉପକୃତ ହେବେ। ଏବେ ସାରା ଦେଶରେ ୬୫ ଶତାଂଶ ସ୍ମାର୍ଟ ଫୋନ୍ ବ୍ୟବହୃତ ହେଉଛି।

ଟଙ୍କା ନେଣଦେଣ ପାଇଁ ଟୋଲ୍ ଗେଟ୍‌ଗୁଡ଼ିକରେ ବହୁ ବିଳମ୍ବ ହେବାରୁ ସମୟ ଓ ଇନ୍ଧନ ଅପଚୟ ହେଉଛି। ତେଣୁ ନୂଆ ଗାଡ଼ିଗୁଡ଼ିକୁ ଇ-କାରବାର ଅନୁକୂଳ କରିବା ପାଇଁ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ସେହିଭଳି ସମସ୍ତ ପ୍ରକାର

ଦେଣନେଣର ସବୁ ସରକାରୀ ସଂସ୍ଥା, ରାଷ୍ଟ୍ରାୟତ୍ତ ଉଦ୍ୟୋଗଙ୍କୁ ଇଣ୍ଟରନେଟ୍ ବ୍ୟାଙ୍କିଂ, ଏକୀକୃତ ଦେୟ ବ୍ୟବସ୍ଥା, କାର୍ଡ, ଆଧାର ଆଦି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ଯେଉଁଠି କ୍ରେଡିଟ୍ / ଡେବିଟ୍ କାର୍ଡ, ମୋବାଇଲ୍ ଫୋନ୍ ଆପ୍ଲିକେସନ, ଇ-ୱାଲେଟ୍ ଆଦି ବ୍ୟବହାର କରାଯାଇପାରିବ।

୧) ଇ-ପେମେଣ୍ଟ ବ୍ୟବସ୍ଥାରେ ତେଲ ପକାଇଲେ କ୍ରେତାଙ୍କୁ ପ୍ରଚଳିତ ମୂଲ୍ୟ ଉପରେ ୦.୭୫ ଶତାଂଶ ରିଆଡି ଦେବାକୁ ତୈଳକମ୍ପାନୀଗୁଡ଼ିକ ଘୋଷଣା କରିଛନ୍ତି। ଏବେ ଦୈନିକ ସାଢ଼େ ଚାରିକୋଟି ଲୋକ ପେଟ୍ରୋଲ ଡିଜେଲ ଆଦି କିଣୁଛନ୍ତି ଏବଂ ସେମାନେ ଏହି ବ୍ୟବସ୍ଥାରେ ଉପକୃତ ହେବେ। ଏକ ହିସାବ ଅନୁସାରେ ଦେଶରେ ଦୈନିକ ୧୮୦୦ କୋଟି ଟଙ୍କାର ପେଟ୍ରୋଲିୟମ ସାମଗ୍ରୀ ବିକ୍ରି ହେଉଛି ଏବଂ ସଂପୃକ୍ତ କାରବାର ମଧ୍ୟରୁ ୨୦ ଶତାଂଶ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ କରାଯାଉଛି। ଗତ ନଭେମ୍ବର ମାସରେ ଏହି ଡିଜିଟାଲ କ୍ରୟ ୪୦ ଶତାଂଶକୁ ବଢ଼ିଛି ଏବଂ ଦୈନିକ ୩୬୦ କୋଟି ଟଙ୍କାର ଦେୟ ଡିଜିଟାଲ ବ୍ୟବସ୍ଥାରେ କ୍ରେତା ଦେଇଛନ୍ତି। ପେଟ୍ରୋଲିୟମ ପଦାର୍ଥର ଡିଜିଟାଲ ବିକ୍ରି ପରିମାଣକୁ ଆହୁରି ବଢ଼ାଇ ବାର୍ଷିକ ଏବାବଦରେ ୨ ଲକ୍ଷ କୋଟି ଟଙ୍କାର ମୁଦ୍ରାହୀନ କାରବାର କରିବାର ଲକ୍ଷ୍ୟ ରଖାଯାଇଛି।

୨) ଗ୍ରାମାଞ୍ଚଳରେ ଡିଜିଟାଲ ପେମେଣ୍ଟକୁ ଲୋକପ୍ରିୟ କରିବା ଲକ୍ଷ୍ୟରେ ସରକାର ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଶହଜାରରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ଏକ ଲକ୍ଷ ଗାଁରେ ଦୁଇଟି ଲେଖାଏଁ ପିଓଏସ୍ ଯନ୍ତ୍ର ସ୍ଥାପନ କରିବାକୁ ନାବାର୍ଡ ଯୋଗ୍ୟ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛି। ଏହି ଯନ୍ତ୍ର ସେବା ସମବାୟ ସମିତି, ଦୁଗ୍ଧ ସମବାୟ, କୃଷିଜାତ ବଜାର ଆଦିରେ ସ୍ଥାପନ କରାଯିବ। ଏହାକୁ ବ୍ୟବହାର କରି ଚାଷୀ ଓ ଗ୍ରାମାଞ୍ଚଳ ଲୋକେ ସହଜରେ ବିନା ନଗଦରେ ଦେଣନେଣ କରିପାରିବେ।

୩) ଚାଷୀଙ୍କୁ ରୁପେ କିଷାନ କାର୍ଡ ଯୋଗାଇଦେବାକୁ ଗ୍ରାମ୍ୟ ଆଞ୍ଚଳିକ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାର ନାବାର୍ଡ ମାଧ୍ୟମରେ ଅର୍ଥ ଯୋଗାଇ ଦେବେ। ଏହା ଫଳରେ ଦେଶର ୪କୋଟି ୩୨ ଲକ୍ଷ କିଷାନକାର୍ଡଧାରୀ ପିଏସ୍ଓ, କ୍ଷୁଦ୍ର ଏଟିଏମ୍ ଓ ଏଟିଏମ୍‌ରେ ଡିଜିଟାଲ କାରବାର କରିବାର ସୁବିଧା ପାଇବେ।

୪) ୨୦୧୭ ଜାନୁୟାରୀ ପହିଲାରୁ ସହରତଳି ରେଳ ଯାତ୍ରା ପାଇଁ ମାସିକିଆ ଅଥବା ସିଜିନ୍ ଟିକଟର ଡିଜିଟାଲ କ୍ରୟ କ୍ଷେତ୍ରରେ ୦.୫ ଶତାଂଶ ଡିସ୍କାଉଣ୍ଟ ପ୍ରଦାନର ବ୍ୟବସ୍ଥା କରାଯାଇଛି। ରେଳଯାତ୍ରୀ ଅଧିକରୁ ଅଧିକ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆପଣେଇଲେ ନିକଟ ଭବିଷ୍ୟତରେ ବାର୍ଷିକ ନଗଦ କାରବାର ପରିମାଣ ୧୦୦୦କୋଟି ଟଙ୍କା ହ୍ରାସ ପାଇବ।

୫) ଅନ୍‌ଲାଇନରେ ଟିକଟ କରୁଥିବା ସବୁ ରେଳଯାତ୍ରୀଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମାର ସୁବିଧା ମିଳିବ। ଦୈନିକ ପ୍ରାୟ ୧୪ ଲକ୍ଷ ଲୋକ ରେଳ ଟିକଟ କିଣିଥା'ନ୍ତି ଏବଂ ସେଥିମଧ୍ୟରୁ ୫୮ ଶତାଂଶ ଅନ୍‌ଲାଇନ୍‌ରେ ଡିଜିଟାଲ ବ୍ୟବସ୍ଥାରେ ଟିକଟ କିଣନ୍ତି। ଆଶା କରାଯାଉଛି ଯେ ଖୁବ୍ କମ୍ ଦିନରେ ଅନ୍‌ଲାଇନ୍ ଟିକଟକ୍ରେତାଙ୍କ ସଂଖ୍ୟା ଆଉ ୨୦ ଶତାଂଶ ବଢ଼ିବ। ଫଳରେ ଦୈନିକ ୧୧ଲକ୍ଷ ଅନ୍‌ଲାଇନ୍ ଟିକଟଧାରୀ ରେଳଯାତ୍ରୀ ଦୁର୍ଘଟଣା ବିମା ସୁବିଧା ପାଇବେ।

୬) କ୍ୟାଟରିଂ, ରହଣି, ରିଟାୟାରିଂ ରୁମ୍ ଓ ରେଳବାଇର ଅନ୍ୟାନ୍ୟ ଦେୟଯୁକ୍ତ ସେବା ପାଇବା ପାଇଁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଉପଯୋଗ କରାଗଲେ ୫ ଶତାଂଶ ରିଆଡିର ସୁବିଧା କରାଯାଇଛି।

୭) ସେହିଭଳି ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ବୀମା କମ୍ପାନୀଗୁଡ଼ିକ ସାଧାରଣ ବୀମା ପଲିସି କ୍ଷେତ୍ରର ୧୦ଶତାଂଶ ଓ ନୂଆ ପଲିସି ଉପରେ ୮ ଶତାଂଶ ରିଆଡି ଦେବାକୁ ନିଷ୍ପତ୍ତି ନେଇଛନ୍ତି।

୮) ଡିଜିଟାଲ ବ୍ୟବସ୍ଥାରେ ପୈଠ ଦେୟ ଉପରେ ଟ୍ରାନ୍‌ଜାକ୍‌ସନ୍ ଫି / ଏମ୍‌ଡିଆର ଯେପରି ଉପଭୋକ୍ତାଙ୍କ ଉପରେ ନ' ପଡ଼େ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରୀ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦିକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ନୀତି ଆପଣାଇ ଡିଜିଟାଲ କାରବାରକୁ ଉତ୍ସାହିତ କରିବାକୁ ରାଜ୍ୟ ସରକାରଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି।

୯) ବ୍ୟବସାୟୀମାନେ ପିଓଏସ୍ ଟର୍ମିନାଲ୍ / ମାଇକ୍ରୋ ଏଟିଏମ୍, ମୋବାଇଲ୍ ପିଓଏସ୍ ଆଦି ପାଇଁ ମାସିକ ଭଡ଼ା ବାବଦରେ ଏକଶହ ଟଙ୍କାରୁ ଅଧିକ ଦେବେ ନାହିଁ। ଏଥିପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବ୍ୟାଙ୍କ ସମୂହ ପକ୍ଷରୁ ପ୍ରାୟ ସାଢ଼େ ଛ'ଲକ୍ଷ ଏଭଳି ଡିଜିଟାଲ ମେସିନ୍ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯାଇଛି। ଡିଜିଟାଲ ଅର୍ଥ କାରବାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏସବୁ ପଦକ୍ଷେପ ନିଆଯାଇଛି।

୧୦) କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ଡିଜିଟାଲ୍ ଟ୍ରାନ୍‌ଜାକ୍ସନ ଉପରେ କୌଣସି ଏମ୍‌ଡିଆର କିମ୍ବା ସେବା ଟିକସ ପଡ଼ିବ ନାହିଁ।

୧୧) ରାଜପଥର ଟୋଲ୍ ଗେଟ୍‌ରେ ମୋଟରଗାଡ଼ି ଚଳାଚଳ ବାବଦ ଟୋଲ୍ ଡିଜିଟାଲ୍ ବ୍ୟବସ୍ଥାରେ ପ୍ରଦାନ ପାଇଁ ଆରଏଫ୍‌ଆଇଡି କାର୍ଡ / ଫାଷ୍ଟ୍ୟାଗ୍ ପ୍ରଚଳନର ବ୍ୟବସ୍ଥା କରାଯାଇଛି। ଏହାକୁ ବ୍ୟବହାର କଲେ ଚଳିତ ଆର୍ଥିକ ବର୍ଷରେ ୧୦ ଶତାଂଶ ରିଆଡିର ସୁବିଧା ମିଳିବ।

ପୁରୁଣା ଏକ ହଜାର ଓ ପାଞ୍ଚଶହ ଟଙ୍କିଆ ନୋଟ୍‌କୁ ସରକାର ଅଚଳ ଘୋଷଣା କରିବା ପରେ ନଗଦମୁକ୍ତ ଅର୍ଥ ବ୍ୟବସ୍ଥାକୁ ସଂପ୍ରସାରିତ ତଥା ସୁସଂହତ କରିବା ପାଇଁ ଉପରବର୍ଣ୍ଣିତ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ବେଶ୍ ଉଲ୍ଲେଖଯୋଗ୍ୟ। ଏହା ଦେଶରେ ଡିଜିଟାଲ ଦେଣନେଣ କାରବାରକୁ ପ୍ରୋତ୍ସାହିତ କରିବା ସହ ଅର୍ଥନୀତିରେ ନଗଦ ନୋଟ୍‌ର ବ୍ୟବହାରକୁ ଯଥେଷ୍ଟ କମାଇବ। ଏହା ଫଳରେ ନିକଟ ଭବିଷ୍ୟତରେ ଲୋକେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ଆର୍ଥିକ ଦୃଷ୍ଟିରୁ ସାକ୍ଷର ହୋଇପାରିବେ ବୋଲି ଆଶା।

ଲେଖକ କେନ୍ଦ୍ରସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ରସୂଚନା କାର୍ଯ୍ୟାଳୟରେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।

# ସ୍ୱଳ୍ପ ନଗଦ ଭିତ୍ତିକ ଅର୍ଥନୀତି: ସାଇବର୍ ସୁରକ୍ଷା ପ୍ରସଙ୍ଗ

**ଡକ୍ଟର ବି. ଏମ୍. ମେହଟ୍ରେ**

**ପ୍ର**ଯୁକ୍ତିଗତ ଉନ୍ନତି ଆଧୁନିକ ସମାଜରେ ବହୁ ସୁବିଧା ହାତପାହାନ୍ତାରେ ଉପଲବ୍ଧ କରାଇଛି । ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହେଲା 'ଏନି ହୋୟାର ଏନି ଟାଇମ୍' ବା ଯେ କୌଣସି ସ୍ଥାନରେ ଯେକୌଣସି ସମୟରେ ଉବଲବ୍ଧତା । ଏହାର ଅର୍ଥ ହେଲା ସାଇବର ଦୁନିଆରେ ଜଣେ ନିଜର କାର୍ଯ୍ୟକୁ ଯେକୌଣସି ସମୟରେ ଯେକୌଣସି ସ୍ଥାନକୁ ନେଇ କରିପାରିବ । ଉଦାହରଣ ସ୍ୱରୂପ ଟିକେଟ ବୁକ୍ କରିବା, ବିଲ୍ ଜମା କରିବା, ଅନ୍‌ଲାଇନ୍ ମାଧ୍ୟମରେ ଜିନିଷ କିଣିବା ଆଦି ବ୍ୟବସାୟ ସମ୍ପର୍କିତ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ ଯେକୌଣସି ସମୟରେ ଯେକୌଣସି ସ୍ଥାନରେ କରାଯାଇପାରିବ । ଏହିସବୁ ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ କାରବାର କରିବା ପ୍ରକ୍ରିୟା ପ୍ରଥମେ ୨୦୦୧ ମସିହାରେ ହାଇଦ୍ରାବାଦଠାରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା । ଏକ ଇଲେକ୍‌ଟ୍ରୋନିକ୍ ଇକୋ ସିଷ୍ଟମ୍ ସ୍ଥାପନ କରାଯାଇ ପ୍ରଥମେ ଘରୋଇ ପାଣି ବିଲ୍ ଏହା ମାଧ୍ୟମରେ ଜମା କରାଯାଇଥିଲା । ଏହି ଇକୋ ସିଷ୍ଟମ୍‌ରେ ଆନ୍ଧ୍ର ବ୍ୟାଙ୍କ୍, ଜଳ ବୋର୍ଡ, ଆଇଡିଆରବିଟି ଏବଂ ସିଏମ୍‌ସି ଲିମିଟେଡ୍ ଅନ୍ତର୍ଭୁକ୍ତ ଥିଲେ । ଆନ୍ଧ୍ରବ୍ୟାଙ୍କ୍‌ର ଜଣେ ପାଶବୁକ୍‌ଧାରୀଙ୍କୁ ଏକ ଇ-ଚେକ୍ ମାଧ୍ୟମରେ ଜଳ ବୋର୍ଡର ବିଲ୍ ଦେବାକୁ ଦିଆଯାଇଥିଲା ଏବଂ ଜଳବୋର୍ଡ ଆନ୍ଧ୍ର ବ୍ୟାଙ୍କ୍ ସହଯୋଗରେ ଏହି ଚେକ୍ ଗ୍ରହଣ କରି ଆବଶ୍ୟକୀୟ ମୂଲ୍ୟର ଦେୟ ନେଇଥିଲେ ।

ସୁରକ୍ଷିତ ସୂଚନା ପ୍ରଯୁକ୍ତିର ଲକ୍ଷ୍ୟ ହେଲା ଲୋକଙ୍କ ତଥ୍ୟକୁ ଗୋପନ ରଖିବା, ସାଧୁତା ବଜାୟ ରଖିବା ଏବଂ ସୂଚନା ଉବଲବ୍ଧ କରାଇବା । ଏହି ତିନିଟି ବୈଶିଷ୍ଟ୍ୟକୁ ସୁରକ୍ଷା




ଲକ୍ଷ୍ୟ ବା ସୁରକ୍ଷା ସେବା ବୋଲି ମଧ୍ୟ କୁହାଯାଏ । ସୁରକ୍ଷାର ଅନ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ବିଶ୍ୱାସଯୋଗ୍ୟତା, ସତ୍ୟତା, ପ୍ରାଧୀକୃତ ହିସାବ ରଖିବା ଏବଂ ଅସ୍ୱୀକାର ନକରିବା ଆଦି ଅନ୍ତର୍ଭୁକ୍ତ ।

ସୂଚନା ସୁରକ୍ଷା ଲକ୍ଷ୍ୟକୁ ସୁନିଶ୍ଚିତ କରିବା ପାଇଁ ସାଇବର ସୁରକ୍ଷା ହେଉଛି ଏକ ପ୍ରକ୍ରିୟା, କୌଶଳ ଓ କାର୍ଯ୍ୟପଦ୍ଧତି । ସୂଚନା ସୁରକ୍ଷା ବା ସାଇବର ସୁରକ୍ଷାକୁ ବୁଝାଉଥିବା ଅନ୍ୟ ଶବ୍ଦଗୁଡ଼ିକ ହେଲା ସୂଚନା ପ୍ରଯୁକ୍ତି ସୁରକ୍ଷା, ଡିଜିଟାଲ୍ ସୁରକ୍ଷା, ଇଲେକ୍‌ଟ୍ରୋନିକ୍ ସୁରକ୍ଷା, ସିଷ୍ଟମ୍ ସୁରକ୍ଷା ଓ ଇଣ୍ଟରନେଟ୍ ସୁରକ୍ଷା ।

ଅନଲାଇନ୍ ବ୍ୟାଙ୍କିଙ୍ଗ୍‌ର ଏକ ଉଦାହରଣ ନିଆଯାଉ । ଉପଭୋକ୍ତାଙ୍କ ଆକାଉଣ୍ଟର ସବିଶେଷ ବିବରଣୀ (ଯେପରିକି ନାମ, ଠିକଣା, ବ୍ୟାଙ୍କ୍ ବାଲାନ୍‌ସ୍ ଏବଂ ବ୍ୟାଙ୍କ୍ କାରବାର) ବ୍ୟାଙ୍କ୍ ଓ ଉପଭୋକ୍ତାଙ୍କ ପାଇଁ ଜରୁରୀ । ଏହି ସୂଚନାଗୁଡ଼ିକ ଅନ୍ୟମାନଙ୍କଠାରୁ ଗୋପନ ରଖାଯିବା ଆବଶ୍ୟକ ଏବଂ ଏହା କେବଳ ବ୍ୟାଙ୍କ୍‌ର ସ୍ୱିକୃତୀପ୍ରାପ୍ତ ବା ଡେଜିଗ୍‌ନେଟେଡ୍ ଅଧିକାରୀ ଓ ଉପଭୋକ୍ତାଙ୍କ


ସୂଚନା ସୁରକ୍ଷା ଲକ୍ଷ୍ୟକୁ ସୁନିଶ୍ଚିତ କରିବା ପାଇସାଇବର ସୁରକ୍ଷା ହେଉଛି ଏକ ପ୍ରକ୍ରିୟା, କୌଶଳ ଓ କାର୍ଯ୍ୟପଦ୍ଧତି । ସୂଚନା ସୁରକ୍ଷା ବା ସାଇବର ସୁରକ୍ଷାକୁ ବୁଝାଉଥିବା ଅନ୍ୟ ଶବ୍ଦଗୁଡିକ ହେଲା ସୂଚନା ପ୍ରଯୁକ୍ତି ସୁରକ୍ଷା, ଡିଜିଟାଲ୍ ସୁରକ୍ଷା, ଇଲେକ୍‌ଟ୍ରୋନିକ୍ ସୁରକ୍ଷା, ସିଷ୍ଟମ୍ ସୁରକ୍ଷା ଓ ଇଣ୍ଟରନେଟ୍ ସୁରକ୍ଷା । ଅନଲାଇନ୍ ବ୍ୟାଙ୍କିଙ୍ଗ୍‌ର ଏକ ଉଦାହରଣ ନିଆଯାଉ । ଉପଭୋକ୍ତାଙ୍କ ଆକାଉଣ୍ଟର ସବିଶେଷ ବିବରଣୀ (ଯେପରିକି ନାମ, ଠିକଣା, ବ୍ୟାଙ୍କ୍ ବାଲାନ୍‌ସ୍ ଏବଂ ବ୍ୟାଙ୍କ୍ କାରବାର) ବ୍ୟାଙ୍କ୍ ଓ ଉପଭୋକ୍ତାଙ୍କ ପାଇଁ ଜରୁରୀ । ଏହି ସୂଚନାଗୁଡିକ ଅନ୍ୟମାନଙ୍କଠାରୁ ଗୋପନ ରଖାଯିବା ଆବଶ୍ୟକ ଏବଂ ଏହା କେବଳ ବ୍ୟାଙ୍କ୍‌ର ସ୍ୱିକୃତୀପ୍ରାପ୍ତ ବା ଡେଜିଗ୍‌ନେଟେଡ୍ ଅଧିକାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ସୀମିତ ରହିବା ଜରୁରୀ ।



ପୂର୍ବତନ ଅଧ୍ୟକ୍ଷ, ଇସ୍ରୋ

ମଧ୍ୟରେ ସୀମିତ ରହିବା ଜରୁରୀ। ଏହି ତଥ୍ୟ ପ୍ରକାଶ ହେବା ବା ଲିକ୍ ହେବା ଘଟଣା (ଅନ୍ୟକେହି ଏ ସମ୍ପର୍କିତ ତଥ୍ୟ ହାସଲ କଲେ ବା ଏସବୁ ତଥ୍ୟ ଜାଣିପାରିଲେ)କୁ ସୁରକ୍ଷା ଭଙ୍ଗ ବା ସିକ୍ୟୁରିଟି ବ୍ରିଚ୍ ବୋଲି କୁହାଯାଏ। ସେହିପରି ବ୍ୟାଙ୍କ୍ ଓ ଏହାର ଉପଭୋକ୍ତାଙ୍କ ମଧ୍ୟରେ ହେଉଥିବା ବାର୍ତ୍ତାଳାପ ମଧ୍ୟ ସୁରକ୍ଷିତ ରହିବା ଆବଶ୍ୟକ। ବ୍ୟାଙ୍କ୍ ଦେଉଥିବା ତଥ୍ୟ ଉପଭୋକ୍ତାଙ୍କ ନିକଟରେ ଓ ଉପଭୋକ୍ତା ଦେଉଥିବା ତଥ୍ୟ କେବଳ ବ୍ୟାଙ୍କ୍ ନିକଟରେ ହିଁ ପହଂଚିବା ଆବଶ୍ୟକ ଏବଂ ଏହାକୁ ଅନ୍ୟ କେହି ଯେପରି ନଜାଣିପାରନ୍ତି ସେଥିପ୍ରତି ଦୃଷ୍ଟି ଦେବା ଉଚିତ୍। ଏହାକୁ ତଥ୍ୟ ବା ବାର୍ତ୍ତା ବିଶ୍ୱସନୀୟତା ବୋଲି କୁହାଯାଏ। ଏହି ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ଦ୍ୱାରା ବ୍ୟବହାର କରାଯାଇଥାଏ। ଏହା ପ୍ରଥମଥର ବ୍ୟବହାର କରିବା ବେଳେ ରେଜିଷ୍ଟ୍ରେସନ୍ ବା ପଂଜୀକରଣ ସମୟରେ ପ୍ରଦାନ କରାଯାଇଥାଏ। ଥରେ ପଂଜୀକରଣ କରିଥିବା ବ୍ୟକ୍ତି ଏହି ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ତଥ୍ୟ ବା ନିଜ ଆକାଉଣ୍ଟ ବ୍ୟବହାର କରିପାରିଥାଆନ୍ତି। ବର୍ତ୍ତମାନ ଇଣ୍ଟରନେଟ୍‌ରେ ଉପଲବ୍ଧ ହେଉଥିବା ଅଧିକାଂଶ ଆପ୍ଲିକେସନ୍ ହେଉଛି ୱେବ୍ ଆପ୍ଲିକେସନ୍। ଏକ ସୁରକ୍ଷିତ ବା ଏନକ୍ରିପଟେଡ୍ ମେକାନିଜିମ୍ ମାଧ୍ୟମରେ ଏହିସବୁ ସିଷ୍ଟମକୁ ଲଗ୍ ଇନ୍ କରାଯାଇଥାଏ। ବ୍ୟାଙ୍କର ନାମ ସହିତ ସବୁଜ ରଙ୍ଗର ଲକ୍ କରାଯାଇଥାଏ। ଏହାର ସବୁଠାରୁ ଜଣାଶୁଣା ଉଦ୍ୟମ ହେଉଛି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ନିକଟକୁ ୩୦ ମିଲିୟନ୍ ଡଲାରର ଲଟେରୀ ଉଠିଥିବା ମେଲ୍ (ବା ଏହିଭଳି ଲୋଭନୀୟ ମେଲ୍) ପଠାଇବା। ଥରେ ଯଦି ଆପଣ ଏଭଳି ମେଲ୍ ର ଉତ୍ତର ଦିଅନ୍ତି ତେବେ ସେମାନେ ଆପଣଙ୍କୁ ପ୍ରଲୋଭନ ଦେଖାଇ ନିଜ ସମ୍ପର୍କିତ ଗୋପନୀୟ ତଥ୍ୟ ମାଗିବେ ବା ରେଜିଷ୍ଟ୍ରେସନ୍ ଫି ଦେବା ପାଇଁ ବାଧ୍ୟ କରିବେ। ଏହିସବୁ ମାଧ୍ୟମରେ ତଥ୍ୟ ଚୋରି କରିବାକୁ ଫିସିଙ୍ଗ୍ କୁହାଯାଏ। ଅନ୍ୟ ପଦ୍ଧତି ଯେପରିକି ସୋସିଆଲ୍ ଇଂଜିନିୟରିଂ, ସ୍କାନିଙ୍ଗ୍,

## ସୂଚନା ପ୍ରଯୁକ୍ତି ଲକ୍ଷ୍ୟ – ବିଭିନ୍ନ ଦୃଷ୍ଟିକୋଣ




ତଥ୍ୟକୁ ବିଶ୍ୱାସଯୋଗ୍ୟ ଓ ଗେପାନୀୟ ରଖିବାର ଏକ ମାଧ୍ୟମ ହେଉଛି ଏନ୍‌କ୍ରିପ୍‌ସନ୍। ଏନ୍‌କ୍ରିପ୍‌ସନ୍ ହେଉଛି ଏକ ସାଙ୍କେତିକ ପଦ୍ଧତି ଯାହା ମାଧ୍ୟମରେ ସ୍ୱଚ୍ଛ ଅକ୍ଷରଗୁଡ଼ିକୁ ଗାଣିତିକ ସୂତ୍ର ମାଧ୍ୟମରେ ଅସ୍ୱଚ୍ଛ ଭାବରେ ଲେଖାଯାଇଥାଏ। ଏହି ଅସ୍ୱଚ୍ଛ ଚିତ୍ରଟିକୁ ଗ୍ରହଣ କରୁଥିବା ବ୍ୟକ୍ତି ସମାନ ଧରଣର ସାଙ୍କେତିକ ପଦ୍ଧତି (ଗାଣିତିକ) ଦ୍ୱାରା ପଢ଼ିପାରିଥାଆନ୍ତି। "ଉପଲବ୍ଧତା" ସେବା ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ଉପଭୋକ୍ତା ବ୍ୟବହାର କରିପାରୁଥିବା ସୂଚନା ପ୍ରଦାନ କରିଥାଏ। ଏହା ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ଇଣ୍ଟରନେଟ୍ ଏବଂ ସାଇବର୍ ସ୍ପେଶ୍‌ରେ କମ୍ପ୍ୟୁଟର ଓ ଅନ୍ୟ ଡିଜିଟାଲ୍ ଯନ୍ତ୍ରକୁ ଏକ ଚିହ୍ନ ପରଖି ନେବା ଆବଶ୍ୟକ। ଏହି ଲକ୍ ସିମ୍ବଲ୍ ସୂଚାଇଥାଏ ଯେ ଆପଣ ଏକ ସୁରକ୍ଷିତ ସିଷ୍ଟମ୍‌ରେ ଲଗ୍ ଇନ୍ କରିଛନ୍ତି।

କୌଣସି ସିଷ୍ଟମ୍‌କୁ ଲଗ୍ ଇନ୍ କରିବାକୁ ହେଲେ ଏକ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ଆବଶ୍ୟକ। ପାସ୍‌ୱାର୍ଡ ହେଉଛି ଏକ ତାଲା ଓ ଚାବି ପରି। ଏହାକୁ କାହା ସହ ଆଦାନପ୍ରଦାନ ନକରି ନିଜ ନିକଟରେ ସୁରକ୍ଷିତ ରଖିବା ଜରୁରୀ। କାରଣ କମ୍ପ୍ୟୁଟରରେ ବ୍ୟବହାରକାରୀ କହିଲେ ୟୁଜର୍ ଆଇଡି ଓ ପାସ୍‌ୱାର୍ଡକୁ ବୁଝାଇଥାଏ। ଯାହା ପାଖରେ ଏହି ସୂଚନା ଉପଲବ୍ଧ ଥିବ ସିଏ ହିଁ ସେହି ସିଷ୍ଟମର ପ୍ରକୃତ ମାଲିକ। ସାଇବର ଅପରାଧି ବା ହ୍ୟାକର୍‌ମାନଙ୍କ ଦ୍ୱାରା ଏହିସବୁ ତଥ୍ୟ ଚୋରି କରିବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ ସିଷ୍ଟମରେ ଥିବା ଦୁର୍ବଳତା ବା ଅସୁରକ୍ଷିତ ପାସ୍‌ୱାର୍ଡ ଆଦି ଠାବ କରି ସେଗୁଡ଼ିକୁ ଚୋରି କରିବା ଆଦି ମାଧ୍ୟମରେ ମଧ୍ୟ ସିଷ୍ଟମ୍ ଗୁଡ଼ିକରୁ ତଥ୍ୟ ଚୋରି ହୋଇଥାଏ। ତଥ୍ୟ ଚୋରି କରିବା ଓ ଅନ୍ୟ କାହାର ସିଷ୍ଟମ୍ ବ୍ୟବହାର କରିବାର ଏଭଳି ପଦକ୍ଷେପକୁ ସାଇବର୍ ଆଟାକ୍ ବୋଲି କୁହାଯାଇଥାଏ। ସାଇବର୍ ଆଟାକ୍‌କୁ ପ୍ରତିହତ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନିଆଯାଉଛି। ସାଇବର ସିକ୍ୟୁରିଟି ଅପରେଟିଙ୍ଗ ସିଷ୍ଟମ୍‌ର ବଡ ସେଟ୍‌ଅପ୍‌ମାନ ପ୍ରତିଷ୍ଠା କରାଯାଉଛି ଯାହା ସୁରକ୍ଷା ସମ୍ପର୍କିତ ଘଟଣାଗୁଡ଼ିକ ପ୍ରତି ଦୃଷ୍ଟି ଦେବା ସହ ସତର୍କ ମଧ୍ୟ କରାଇଦେଇଥାଏ। ସାବଧାନତା ସଙ୍କେତ ଆସିଲେ ଏଥିପ୍ରତି ସିଷ୍ଟମ୍ ଆଡମିନିଷ୍ଟ୍ରେଟର୍‌ମାନେ ଧ୍ୟାନ ଦେବା

ଆବଶ୍ୟକ କାରଣ ଅଧିକାଂଶ ସମୟରେ ମିଥ୍ୟା ଆଲର୍ଟ ସଙ୍କେତ ମଧ୍ୟ ଆସିଥାଏ। ଡାଟା, ଆପ୍ଲିକେସନ୍, ହଷ୍ଟ, ନେଟଓ୍ୱର୍କ ଏବଂ ଭିତ୍ତିଭୂମି ଆଦିର ସୁରକ୍ଷା ପାଇଁ ବିଭିନ୍ନସ୍ତରର ପ୍ରତିରୋଧ ବ୍ୟବସ୍ଥା ତିଆରି କରାଯିବା ଆବଶ୍ୟକ। ଚିତ୍ର ୩ରେ ଏସଂପର୍କରେ ବିଶେଷ ଭାବେ ଦର୍ଶାଯାଇଛି।

ସାଇବର ସୁରକ୍ଷା ବ୍ୟବସ୍ଥା ବ୍ୟକ୍ତି, ପ୍ରଣାଳୀ ଓ ପ୍ରଯୁକ୍ତିବିଦ୍ୟା (ପିପିଟି ବା ପିପୁଲ୍, ପ୍ରୋସେସ୍ ଓ ଟେକ୍ନୋଲୋଜି) ଦ୍ୱାରା ପରିଚାଳିତ। ସାଇବର୍ ସୁରକ୍ଷା ପ୍ରସଙ୍ଗ ପ୍ରଯୁକ୍ତି ବିଦ୍ୟା ଅପେକ୍ଷା ଏଥିରେ ଅନ୍ତର୍ଭୁକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ଅଧିକ ନିର୍ଭର କରେ। କାରଣ ଯେଉଁପ୍ରକାର ପ୍ରଯୁକ୍ତିବିଦ୍ୟା ଇନଷ୍ଟଲ୍ କରାଯାଇଥିବ ସିଷ୍ଟମ୍ ସେହିଭଳିଭାବେ କାର୍ଯ୍ୟ କରିବ ମାତ୍ର ବ୍ୟକ୍ତିବିଶେଷ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ବ୍ୟବହାର କରିଥାଆନ୍ତି।

ସାଇବର୍ ସୁରକ୍ଷା ଏକ ଦକ୍ଷତା ଭିତ୍ତିକ ପ୍ରଯୁକ୍ତି ଏବଂ ଏହା ଅପରେଟିଙ୍ଗ ସିଷ୍ଟମ୍, କମ୍ପ୍ୟୁଟର ନେଟଓ୍ୱର୍କ ଓ ଆପ୍ଲିକେସନ୍ ଆଦି ଭିତ୍ତିଭୂମି ଉପରେ ପର୍ଯ୍ୟବେଶିତ ଯାହାକି ପ୍ରୋଗ୍ରାମିଙ୍ଗ୍ ଲାଙ୍ଗୁଏଜ୍ ବ୍ୟବହାର କରି ତିଆରି କରାଯାଇଥାଏ। ଆମ ଯୁବ ବୈଜ୍ଞାନିକମାନେ ଏ କ୍ଷେତ୍ରରେ କାର୍ଯ୍ୟ କରିବା ସହ ବୃତ୍ତିଗତ କ୍ୟାରିୟର୍ ତିଆରି କରିବା ପାଇଁ ବହୁ ସୁଯୋଗ ରହିଛି। ଏହି ସୁଯୋଗ ବିଶ୍ୱବ୍ୟାପୀ ଉପଲବ୍ଧ କାରଣ ସମଗ୍ର ବିଶ୍ୱ ସାଇବର୍ ସ୍ପେଶ୍ ଉପରେ ନିର୍ଭରଶୀଳ ଏବଂ ସମସ୍ତେ ସାଇବର୍ ସୁରକ୍ଷା ପ୍ରତି ସଚେତନ।

**ସୁରକ୍ଷିତ ପାସ୍‌ଓ୍ୱାର୍ଡ ପାଇଁ କେତେକ ପ୍ରସ୍ତାବ:**

– ଏହା ୮ରୁ ୧୦ ସଂଖ୍ୟାବିଶିଷ୍ଟ ବା ତାହାଠାରୁ ଅଧିକ ସଂଖ୍ୟାବିଶିଷ୍ଟ ହେବା ଆବଶ୍ୟକ। ଏଥିରେ ଉଭୟ ସଂଖ୍ୟା ଓ ଅକ୍ଷର ରହିବା ଆବଶ୍ୟକ।

– ଏଥିରେ ଇଂରାଜୀର ବଡ ଓ ସାନ ଅକ୍ଷର ଉଭୟ ରହିବା ଆବଶ୍ୟକ।

– ପାସ୍‌ଓ୍ୱାର୍ଡରେ ଯେଉଁସବୁ ସ୍ପେଶାଲ୍ ଚିହ୍ନଗୁଡିକ ଗୃହୀତ ହେଉଥିବ ସେଗୁଡିକୁ ମଧ୍ୟ ବ୍ୟବହାର କରାଯିବା ଆବଶ୍ୟକ।

**କୌଣସି ସିଷ୍ଟମ୍‌କୁ ଲଗ୍ ଇନ୍ କରିବାକୁ ହେଲେ ଏକ ୟୁଜର୍ ଆଇଡି ଓ ପାସ୍‌ଓ୍ୱାର୍ଡ ଆବଶ୍ୟକ। ପାସ୍‌ଓ୍ୱାର୍ଡ ହେଉଛି ଏକ ତାଲା ଓ ଚାବି ପରି। ଏହାକୁ କାହା ସହ ଆଦାନପ୍ରଦାନ ନକରି ନିଜ ନିକଟରେ ସୁରକ୍ଷିତ ରଖିବା ଜରୁରୀ। କାରଣ କମ୍ପ୍ୟୁଟରରେ ବ୍ୟବହାରକାରୀ କହିଲେ ୟୁଜର୍ ଆଇଡି ଓ ପାସ୍‌ଓ୍ୱାର୍ଡକୁ ବୁଝାଇଥାଏ। ଯାହା ପାଖରେ ଏହି ସୂଚନା ଉପଲବ୍ଧ ଥିବ ସିଏ ହିଁ ସେହି ସିଷ୍ଟମର ପ୍ରକୃତ ମାଲିକ। ସାଇବର ଅପରାଧି ବା ହ୍ୟାକର୍‌ମାନଙ୍କ ଦ୍ୱାରା ଏହିସବୁ ତଥ୍ୟ ଚୋରି କରିବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରାଯାଇଥାଏ। ଏହାର ସବୁଠାରୁ ଜଣାଶୁଣା ଉଦ୍ୟମ ହେଉଛି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ନିକଟକୁ ୩୦ ମିଲିୟନ୍ ଡଲାରର ଲଟେରୀ ଉଠିଥିବା ମେଲ୍ (ବା ଏହିଭଳି ଲୋଭନୀୟ ମେଲ୍) ପଠାଇବା। ଥରେ ଯଦି ଆପଣ ଏଭଳି ମେଲ୍ ର ଉତ୍ତର ଦିଅନ୍ତି ତେବେ ସେମାନେ ଆପଣଙ୍କୁ ପ୍ରଲୋଭନ ଦେଖାଇ ନିଜ ସମ୍ପର୍କିତ ଗୋପନୀୟ ତଥ୍ୟ ମାଗିବେ ବା ରେଜିଷ୍ଟ୍ରେସନ୍ ଫି ଦେବା ପାଇଁ ବାଧ୍ୟ କରିବେ। ଏହିସବୁ ମାଧ୍ୟମରେ ତଥ୍ୟ ଚୋରି କରିବାକୁ ଫିସିଙ୍ଗ୍ କୁହାଯାଏ।**

– ନିଜେ ବ୍ୟବହାର କରୁଥିବା ବିଭିନ୍ନ ଭାଷାକୁ ମିଶାଇ ପାସ୍‌ଓ୍ୱାର୍ଡ ତିଆରି କରିବା ଆବଶ୍ୟକ, ଯାହାକୁ ଅନ୍ୟମାନେ ଅନୁମାନ କରିବା କଠିନ ।

– ନିୟମିତ ବ୍ୟବଧାନରେ ପାସଓ୍ୱାର୍ଡ ବଦଳାଇବା ଆବଶ୍ୟକ।

– ନାମ, ଠିକଣା, ଜନ୍ମତାରିଖ ଇତ୍ୟାଦି ପାସ୍‌ଓ୍ୱାର୍ଡରେ ବ୍ୟବହାର କରିବା ଉଚିତ୍ ନୁହେଁ କାରଣ ଏଗୁଡିକୁ ଅନୁମାନ କରିବା ସହଜ।

– ଅଭିଧାନରେ ରହିଥିବା ଶବ୍ଦଗୁଡିକୁ ବ୍ୟବହାର କରିବା ଉଚିତ୍ ନୁହେଁ।

– ସମାଧାନ ମଧ୍ୟ ବ୍ୟବହାର କରିବା ଉଚିତ୍ ନୁହେଁ।

**ବ୍ୟକ୍ତିବିଶେଷ (ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ୍ ଇଣ୍ଟରନେଟ୍ ବ୍ୟବହାରକାରୀ) ଙ୍କ ପାଇଁ ସୁରକ୍ଷିତ ବ୍ୟବହାର ସମ୍ପର୍କିତ କେତେକ ସୂଚନା**

- ନିୟମିତ ବ୍ୟବଧାନରେ ଇଲେକ୍‌ଟ୍ରୋନିକ୍ ଯନ୍ତ୍ର (ଡେସ୍କଟପ୍, ଲାପଟପ୍, ମୋବାଇଲ୍) ଅପଡେଟ୍ କରିବା ଆବଶ୍ୟକ
- ପାସଓ୍ୱାର୍ଡ ଦେବା ଆବଶ୍ୟକ
- ଅଫିସିଆଲ୍ ଓ୍ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରିବା ଉଚିତ୍
- ଆଡମିନିଷ୍ଟ୍ରେଟର୍‌ଙ୍କ ସହାୟତା ନେବା ଆବଶ୍ୟକ
- କମ୍ପ୍ୟୁଟର ବା ମୋବାଇଲ୍ ବ୍ୟବହାର ପରେ ବନ୍ଦ କରିବା ଆବଶ୍ୟକ
- ଏନ୍‌କ୍ରିପ୍ଟ ବା ସାଙ୍କେତିକ ପଦ୍ଧତି ବ୍ୟବହାର କରିବା ଆବଶ୍ୟକ
- ୟୁଏସବି ଡ୍ରାଇଭ୍ (ପେନ୍ ଡ୍ରାଇଭ୍ ବା ଅନ୍ୟ କୌଣସି ବାହ୍ୟ ତଥ୍ୟ ନେବା ଆଣିବା ଯନ୍ତ୍ର) ବ୍ୟବହାର ସମୟରେ ସତର୍କ ରହିବା ଆବଶ୍ୟକ
- ସମ୍ବେଦନଶୀଳ ବ୍ୟବହାର (ଯେପରିକି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍) ଆଦି କାର୍ଯ୍ୟ କରିବା ସମୟରେ ନିଜସ୍ୱ କମ୍ପ୍ୟୁଟର ବ୍ୟବହାର କରିବା ଆବଶ୍ୟକ
- ନିୟମିତ ବ୍ୟବଧାନରେ ବ୍ୟାକଅପ୍ ନେବା ଆବଶ୍ୟକ
- ସୋସିଆଲ୍ ନେଟଓ୍ୱାର୍କ ବା ଗଣମାଧ୍ୟମରେ କୌଣସି ତଥ୍ୟ ସେୟାର୍ କରିବା ସମୟରେ ବାରମ୍ବାର ଭାବିଚିନ୍ତି ନିଷ୍ପତ୍ତି ନେବା ଆବଶ୍ୟକ

ଅନୁଷ୍ଠାନ/ସିଷ୍ଟମ, ନେଟଓ୍ୱର୍କ ଆଡମିନିଷ୍ଟ୍ରେଟରମାନଙ୍କ ପାଇଁ ସୁରକ୍ଷା ସମ୍ପର୍କିତ ସୂଚନା

- ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ ସିକ୍ୟୁରିଟି ପଲିସି ଅନୁମୋଦିତ କରାଇନେବା ଆବଶ୍ୟକ
- ଅନୁଷ୍ଠାନର ସମସ୍ତ କର୍ମଚାରୀ ସିକ୍ୟୁରିଟି ପଲିସି ପଢିଥିବା ଓ ବୁଝିଥିବା ଆବଶ୍ୟକ
- ସୁରକ୍ଷା ସମ୍ପର୍କିତ ପଦକ୍ଷେପଗୁଡିକୁ ସମୟ ସମୟରେ ତଦାରଖ କରିନେବା

ଆବଶ୍ୟକ

● ନିୟମିତଭାବେ ସୁରକ୍ଷା କବଚ ଦେବା ଆବଶ୍ୟକ

● ଡାଟା ସେଣ୍ଟର ଓ ଦୁର୍ବିପାକ ପ୍ରବଣ ପରିବେଶ ମଧ୍ୟରେ ତାରତମ୍ୟ ରଖିବା ଆବଶ୍ୟକ

● ନିୟମିତ ଭାବେ ସିଷ୍ଟମ୍ ବ୍ୟାକ୍‌ଅପ୍ ନେବା ସହ ସୁରକ୍ଷିତ ଭାବେ ଡାଟାଗୁଡ଼ିକୁ ରଖିବା ପାଇଁ ଟେଷ୍ଟ୍ ବ୍ୟାକ୍‌ଅପ୍ ମଧ୍ୟ ନେବା ଆବଶ୍ୟକ

● ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ପାଇଁ ଉଚିତ୍ ପାସୱାର୍ଡ ପଲିସି ଲାଗୁ କରିବା ଆବଶ୍ୟକ

● ଆଇଡିଆରବିଟିର ୨୦୧୬ ମସିହାର ସାଇବର ସିକ୍ୟୁରିଟି ପଲିସିର ୱେବସାଇଟ୍ ଡବ୍ଲୁ ଡବ୍ଲୁ ଡବ୍ଲୁ. ଆଇଡିଆରବିଟି.ଏସି.ଆଇଏନ୍ ଅନୁସାରେ ସୁରକ୍ଷା ନିୟମ କାର୍ଯ୍ୟକାରୀ କରିବା ଆବଶ୍ୟକ।

ଏହି ନିବନ୍ଧଟିରେ ସାଇବର୍ ସୁରକ୍ଷା ସମ୍ପର୍କରେ ଏକ ସଂକ୍ଷିପ୍ତ ଉପକ୍ରମ ସହ ଏହାଦ୍ୱାରା କି ଲାଭ ହେବ ଏବଂ ଜଣଙ୍କୁ ସୁରକ୍ଷା ସମ୍ପର୍କିତ କି କି ପଦକ୍ଷେପ ନେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା ଦିଆଯାଇଛି। ବିଶେଷକରି ଏହା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଏବଂ ବର୍ତ୍ତମାନର ସ୍ୱଳ୍ପ ନଗଦ କାରବାର ଭିତ୍ତିକ ଅର୍ଥନୀତି ଯୁଗ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ ଯୁବ ଇଂଜିନିୟରମାନଙ୍କ ପାଇଁ ମଧ୍ୟ ସାଇବର ସିକ୍ୟୁରିଟି କ୍ଷେତ୍ରରେ କ୍ୟାରିୟର କରିବା ପାଇଁ ଏହା ଏକ ସୁଯୋଗ।

ବ୍ୟାଙ୍କିଂ ଟେକ୍ନୋଲୋଜି ସଂପର୍କିତ ଅନୁଷ୍ଠାନରେ ଲେଖକ ଜଣେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ।

# ନୂଆଦିଲ୍ଲୀରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ

ସବୁ ସମ୍ଭାବନା ସତ୍ତ୍ୱେ ଓଡ଼ିଶା ବିକାଶର ସବୁ ମାପଦଣ୍ଡରେ ପଛୁଆ ହୋଇ ରହିବା ବିଡମ୍ବନାର ବିଷୟ ବୋଲି ନୂଆଦିଲ୍ଲୀଠାରେ ଗତ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ପ୍ରବାସୀ ଓଡ଼ିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଓଡ଼ିଶାରେ ବ୍ୟାପକ ସମ୍ଭାବନା ଅଥବା ଦୃଷ୍ଟିରୁ ଓଡ଼ିଶା କାହିଁକି ପ୍ରଗତିର ଦୌଡ଼ରେ ଆଗଧାଡ଼ିକୁ ଯିବ ନାହିଁ ସେଥିପାଇଁ ତାଙ୍କୁ କିଛି କାରଣ ଦେଖାଯାଉ ନାହିଁ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଓଡ଼ିଶାର ଗୌରବମୟ ଇତିହାସ, ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ, କଳା-ଭାସ୍କର୍ଯ୍ୟର ଏନ୍ତୁଡିଶାଳ, ନୌବାଣିଜ୍ୟର ସମୃଦ୍ଧ ପରମ୍ପରା ଓ ବିଶ୍ୱ ଅର୍ଥନୀତିରେ ଏକ ସମୟରେ ପ୍ରମୁଖ ସ୍ଥାନ ରଖୁଥିବା କଳିଙ୍ଗ ଆଧୁନିକ ଯୁଗରେ ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସୁଦୀର୍ଘ ବେଳାଭୂମି, କୃଷି ଉପଯୋଗୀ ପ୍ରଶସ୍ତ କ୍ଷେତ୍ର, ମଧୁର ଜଳର ଅମାପ ଭଣ୍ଡାର ଓ ପରିଶ୍ରମୀ ମାନବ ସମ୍ବଳ ଓଡ଼ିଶା ପାଖରେ ରହିଛି । ଆମେ ମାନୁ ବା ନମାନୁ ଏତେ ସମ୍ଭାବନାକୁ ଉପଯୋଗ ନକରିବା କାରଣରୁ ଆମେ ବିକାଶର ମାପଦଣ୍ଡରେ ପଛରେ ରହିଛୁ ।

ଭୁବନେଶ୍ୱର ଦେଶର ଏକନମ୍ବର ସ୍ମାର୍ଟ ସିଟି । ମାତ୍ର ଓଡ଼ିଶାରେ ନଗଡା, ଦାନ ମାଝୀ ତଥା ମାଲକାନଗିରିର ଜାପାନୀ ଜ୍ୱର ମଧ୍ୟ ଓଡ଼ିଶାରେ ରହିଛି । ଓଡ଼ିଶାର ସାଢ଼େ ଚାରିକୋଟି ଜନସଂଖ୍ୟାର ୨.୫ କୋଟି ୩୫ ବର୍ଷ ବୟସରୁ କମ୍ । ଏକକୋଟି ଯୁବକଙ୍କ ଦୁଇକୋଟି ହାତକୁ ଆମକୁ ରୋଜଗାରର ସୁଯୋଗ ଦେବାକୁ ପଡିବ । ପ୍ରବାସୀ ଓଡ଼ିଆ ମାନଙ୍କୁ ସେମାନଙ୍କର ଅନୁଭବକୁ ଓଡ଼ିଆ ଯୁବ ପିଢ଼ୀ ସହ ଯୋଡ଼ିବାର ଆବଶ୍ୟକତା ରହିଛି । ଶ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ପୂର୍ବ ଭାରତର ବିକାଶ ବିନା ଭାରତର ସମ୍ପୂର୍ଣ୍ଣ ବିକାଶ ହୋଇପାରିବ ନାହିଁ ଆଧାରରେ ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ରେଳପଥ, ସଡ଼କପଥ, ଅନ୍ତର୍ଦେଶୀୟ ଜଳପଥ, ପ୍ରଭୃତି ଭିତିଭୂମି ତଥା ମାନବ ସମ୍ବଳ ବିକାଶ ପାଇଁ ଆଇଆଇଏମ୍, ଆଇଜର, ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଯୋଜନାର ଲାଭକୁ ଓଡ଼ିଶାରେ ସଦୁପଯୋଗର ଆବଶ୍ୟକତା ରହିଛି । କେବଳ ପେଟ୍ରୋଲିୟମ ବିଭାଗ ଓଡ଼ିଶାରେ ୧.୨ଲକ୍ଷ କୋଟି ପୁଞ୍ଜିନିବେଶ କରୁଛନ୍ତି । ପାରାଦ୍ୱୀପ କାହିଁକି ସିଙ୍ଗାପୁର ହୋଇପାରିବ ନାହିଁ ଏହାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି ।

# ନଗଦ ବିହୀନ ଅର୍ଥନୀତି ଓ କଳାଟଙ୍କା

ପ୍ରଫେସର ଦିବାକର ନାୟକ

> ବିମୁଦ୍ରାକରଣର ଲକ୍ଷ୍ୟ ଥିଲା, ବଜାରରୁ କଳାଟଙ୍କା କମାଇବା ସହିତ ଏହାର ଗଚ୍ଛିତ ଉପରେ ଅଙ୍କୁଶ ଲଗାଇବା। ସତ କହିବାକୁ ଗଲେ, ଏହି ଲକ୍ଷ୍ୟ କେତେକାଂଶରେ ପୂରଣ ହୋଇଛି। ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କ୍‌କୁ ୧୪ ଲକ୍ଷ ୧୨ ହଜାର କୋଟି ଟଙ୍କା ଆସିଛି। ଆଉ ଏକ ଲକ୍ଷ କୋଟି ଟଙ୍କା ଲୋକମାନଙ୍କ ପାଖରେ ଅଛି। ୨୦୧୭ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ୍‌ରେ ପଇଠ କରିବାର ସୁଯୋଗ ଅଛି। ଏଥିରୁ କିଛି ଅଂଶ କଳାଟଙ୍କା ବୋଲି ଭାବିବାକୁ ପଡ଼ିବ। ରିଜର୍ଭ ବ୍ୟାଙ୍କର ସୂଚନା ଅନୁଯାୟୀ ନଭେମ୍ବର ମାସ ୮ ତାରିଖ ସୁଦ୍ଧା ବଜାରରେ ଯେଉଁ ୧୫.୪୪ ଲକ୍ଷ କୋଟି ଟଙ୍କାର ପାଞ୍ଚ ଶହ ଓ ହଜାର ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା, ପ୍ରକୃତରେ ବଜାରରେ ଏହାର ପରିମାଣ ଅଧିକ ଥିଲା, ଯାହାକି ନକଲି ନୋଟ୍ ଥିଲା।

**ବି**ମୁଦ୍ରାୟନ ଦ୍ୱାରା ଅଚଳ ହୋଇଥିବା ସମସ୍ତ ଟଙ୍କାର ଶତକଡ଼ା ୬୭ ଭାଗ ଜାନୁୟାରୀ ମାସ ଶେଷ ସୁଦ୍ଧା ନୂଆ ନୋଟ୍ ଦ୍ୱାରା ପୂରଣ ହେବ ଏବଂ ଫେବୃୟାରୀ ମାସ ଶେଷ ସୁଦ୍ଧା ଶତକଡ଼ା ୯୦ ଭାଗ ନୂଆ ନୋଟ ଦ୍ୱାରା ପୂରଣ ହେବ। ଏହା ନିଶ୍ଚିନ୍ତ ଭାବରେ ଚଳନ୍ତି ନୋଟ୍‌ର ଅଭାବ ଦୂର କରିବ। ବଡ଼ କଥା ହେଲା, ଚଳନ୍ତି ନୋଟ୍‌ର ଅଭାବ ସମୟରେ ଯେଉଁ ଅସୁବିଧା ସୃଷ୍ଟି ହେଲା, ତାହା ଅର୍ଥବିହୀନ ପଦ୍ଧତି ଯାହାକୁ ଆମେ କ୍ୟାସ୍ ଲେସ୍ ଅର୍ଥନୀତି ବୋଲି କହୁ ତାହା ଅର୍ଥନୀତିରେ ଅଧିକ ପ୍ରବେଶ କରିଛି। ଏପରିକି ଗ୍ରାମାଞ୍ଚଳରେ ଏହାର ପ୍ରବେଶ ଆରମ୍ଭ ହେଲାଣି। ଏହା ବଜାର ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ, ଯାହାକି କଳାଟଙ୍କା କମାଇବାରେ ସାହାଯ୍ୟ କରିବ।

ନଭେମ୍ବର ମାସ ୮ ତାରିଖ ସୁଦ୍ଧା ଭାରତର ବଜାରରେ ପ୍ରଚଳିତ ସମସ୍ତ ନୋଟ୍‌ର ମୂଲ୍ୟର ପରିମାଣ ୧୭.୯ ଲକ୍ଷ କୋଟି, ସେଥି ମଧ୍ୟରୁ ପାଞ୍ଚ ଶହ ଓ ହଜାର ଟଙ୍କିଆ ନୋଟ୍‌ର ପରିମାଣ ୧୫ ଲକ୍ଷ କୋଟି ଟଙ୍କାର ନୂଆ ନୋଟ୍ ବଜାରକୁ ଆସିଛି। ଜାନୁୟାରୀ ମାସ ଶେଷ ସୁଦ୍ଧା ୧୦.୩ ଲକ୍ଷ କୋଟି ନୂଆ ନୋଟ୍ ବଜାରକୁ ଆସିଯିବ, ଅର୍ଥାତ୍ ନଭେମ୍ବର ମାସ ୮ ତାରିଖ ସୁଦ୍ଧା ଯେତେ ପରିମାଣର ପାଞ୍ଚ ଶହ ଓ ହଜାର ଟଙ୍କିଆ ନୋଟ୍ ବଜାରରେ ଥିଲା, ତା'ର ଶତକଡ଼ା ୬୭ ଭାଗ ଜାନୁୟାରୀ ମାସ ଶେଷ ସୁଦ୍ଧା ବଜାରରେ ପ୍ରଚଳିତ ହେବ। ଏହା ଭିତରେ ନଗଦ ବିହୀନ କାରବାର ବଜାରରେ ବଢ଼ିଯାଇଛି, ଫଳରେ ବିମୁଦ୍ରାକରଣ ଜନିତ ଅସୁବିଧା କମିଯିବ। ବର୍ତ୍ତମାନ ବହୁତ ଛୋଟ ଛୋଟ ଫଳ ଦୋକାନୀ, ମିଠା ଦୋକାନୀ ଓ ଔଷଧ ଦୋକାନୀ ମାନେ ନଗଦ ଟଙ୍କା ବିହୀନ କାରବାର ଆରମ୍ଭ କରିଦେଇଛନ୍ତି। ଏହା ନିଶ୍ଚିନ୍ତ ଶୁଭ ସଙ୍କେତ। ରିଜର୍ଭ ବ୍ୟାଙ୍କର ସୂଚନା ଅନୁଯାୟୀ ଫେବୃୟାରୀ ମାସ ଶେଷ ସୁଦ୍ଧା ୧୩.୮ ଲକ୍ଷ କୋଟିର ନୂଆ ନୋଟ୍ ବଜାରକୁ ଆସିଯିବ, ଯାହାଦ୍ୱାରା ସମସ୍ତ ସମସ୍ୟା କମିଯିବ। କେତେକଙ୍କ ମତରେ ଏହି ନୂଆ ନୋଟ୍ ସବୁ ସମସ୍ତଙ୍କ ପାଖକୁ ଯିବ ତ? ଯେଉଁ ମାନଙ୍କଠାରୁ ପୁରୁଣା ନୋଟ୍ ଆସିଥିଲା, ନିଶ୍ଚିନ୍ତ ଭାବରେ ଅର୍ଥନୀତିର ପ୍ରକ୍ରିୟାକରଣରେ ସେହିମାନଙ୍କ ପାଖକୁ ଆସ୍ତେ ଆସ୍ତେ ଯିବ।

ବିମୁଦ୍ରାକରଣର ଲକ୍ଷ୍ୟ ଥିଲା, ବଜାରରୁ କଳାଟଙ୍କା କମାଇବା ସହିତ ଏହାର ଗଚ୍ଛିତ ଉପରେ ଅଙ୍କୁଶ ଲଗାଇବା। ସତ କହିବାକୁ ଗଲେ, ଏହି ଲକ୍ଷ୍ୟ କେତେକାଂଶରେ ପୂରଣ ହୋଇଛି। ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କ୍‌କୁ ୧୪ ଲକ୍ଷ ୧୨ ହଜାର କୋଟି ଟଙ୍କା ଆସିଛି। ଆଉ ଏକ ଲକ୍ଷ କୋଟି ଟଙ୍କା ଲୋକମାନଙ୍କ ପାଖରେ ଅଛି। ୨୦୧୭ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ୍‌ରେ ପଇଠ କରିବାର ସୁଯୋଗ ଅଛି। ଏଥିରୁ କିଛି ଅଂଶ କଳାଟଙ୍କା ବୋଲି ଭାବିବାକୁ ପଡ଼ିବ। ରିଜର୍ଭ ବ୍ୟାଙ୍କ୍‌ର ସୂଚନା ଅନୁଯାୟୀ ନଭେମ୍ବର ମାସ ୮ ତାରିଖ ସୁଦ୍ଧା ବଜାରରେ ଯେଉଁ ୧୫.୪୪ ଲକ୍ଷ କୋଟି ଟଙ୍କାର ପାଞ୍ଚ ଶହ ଓ ହଜାର ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା, ପ୍ରକୃତରେ ବଜାରରେ ଏହାର ପରିମାଣ ଅଧବକ ଥିଲା, ଯାହାକି ନକଲି ନୋଟ୍ ଥିଲା। ବର୍ତ୍ତମାନ ଏହି ନକଲି ନୋଟ୍‌ର କିଛି ପ୍ରିଣ୍ଟିଙ୍ଗ୍ ପ୍ରେସ୍ ବିଦେଶରେ (ପାକିସ୍ଥାନ) ବନ୍ଦ୍ ହେଲାଣି ବୋଲି ସୂଚନା ମିଳୁଛି। ବିମୁଦ୍ରାକରଣର ଲକ୍ଷ୍ୟ ମଧ୍ୟ ଥିଲା, ନକଲି ନୋଟ୍ ବନ୍ଦ୍ କରିବା, ଯାହାକି

କେତେକାଂଶରେ ପୂରଣ ହୋଇଛି । ତୃତୀୟତଃ ବିମୁଦ୍ରାୟନ ନିଶ୍ଚିନ୍ତ ଭାବରେ ଆତଙ୍କବାଦ ବୃଦ୍ଧି ଉପରେ ଅଙ୍କୁଶ ଲଗାଇବ । ଏସବୁ ଆଲୋଚନା କରିବା ପୂର୍ବରୁ ଅନୁଧ୍ୟାନ କରିବା ଯେ, ବିମୁଦ୍ରାୟନ ଦେଶର ଅର୍ଥନୀତି ଉପରେ କିପରି ପ୍ରଭାବ ପକାଇଛି ଓ ଭବିଷ୍ୟତରେ ଏହାର ପ୍ରଭାବ କିପରି ରହିବ । କେତେକ ଅର୍ଥନୀତିଜ୍ଞଙ୍କ ମତରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ଶତକଡ଼ା ଏକରୁ ଦୁଇ ହାର କମିଯିବ । ବିମୁଦ୍ରାକରଣଦ୍ୱାରା ୧୫.୪୪ ଲକ୍ଷ କୋଟି ଟଙ୍କାର ବଡ଼ ନୋଟ୍ ନୂଆ ନୋଟ୍ ଦ୍ୱାରା ବଦଳିବ । ଏଥିରୁ ଏକ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ୍‌କୁ ଏପର୍ଯ୍ୟନ୍ତ ଫେରି ନାହିଁ । ମାର୍ଚ୍ଚ ମାସ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ୍‌କୁ କିଛି ଫେରିବ । ଫେବୃୟାରୀ ମାସ ଶେଷ ସୁଦ୍ଧା ୧୩.୮ ଲକ୍ଷ କୋଟିର ନୂଆ ନୋଟ୍ ବଜାରକୁ ଆସିଯାଇଥିବ । ସେହି ସମୟକୁ ମଧ୍ୟ ନଗଦ ଟଙ୍କା ବିହୀନ ଅର୍ଥାତ୍ କ୍ୟାସ୍‌ଲେସ୍ ପଦ୍ଧତି ଦ୍ୱାରା ବଜାରର କିଣାବିକା ବଢ଼ିଯାଇଥିବ । ତେଣୁ ଅର୍ଥନୀତିରେ ଯେଉଁ ପ୍ରଭାବ ପଡ଼ିଛି, ତାହା କମିଯିବ । କୃଷିରେ ପ୍ରଭାବ ପଡ଼ି ନାହିଁ ବୋଲି ଜଣାପଡୁଛି, କାରଣ ରବି ଋତୁରେ ଫସଲ ଚାଷ ଅଞ୍ଚଳ ବଢ଼ିଛି । ଯାହା ହେଉନା କାହିଁକି ଏହାର ପ୍ରଭାବ କିପରି ପଡ଼ିଛି, ତାହା ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଓ ମେ ମାସରେ ଜଣାପଡ଼ିବ । ବଡ଼କଥା ହେଲା, ଏହା କଳାଟଙ୍କା ରୋକିବାରେ ଅଙ୍କୁଶ ଲଗାଇବା ସହିତ ଆତଙ୍କବାଦୀଙ୍କ ଉପରେ ବହୁତ ପ୍ରଭାବ ପକାଇଛି ।

ବିମୁଦ୍ରାୟନ ପରେ ଆୟକର ବିଭାଗର ହିସାବ ଅନୁଯାୟୀ ପାଞ୍ଚ ହଜାର କୋଟି ଟଙ୍କାରୁ ଅଧିକ ଅଘୋଷିତ ଅର୍ଥ ଓ ୫୪୯ କୋଟି ଟଙ୍କାର ସୁନା ଜବତ ହୋଇଛି । ବହୁତ କଳାଟଙ୍କା ନଦୀନାଳରେ ଭସାଇ ଦିଆଯିବାର ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହାର ହିସାବ ନାହିଁ । ବ୍ୟାଙ୍କିଙ୍ଗ୍ ଋଣ ବଢ଼ିଛି, ଆୟକର ଆଦାୟ ବଢ଼ିଛି । କେନ୍ଦ୍ରୀୟ ଟିକସ ଆଦାୟ ମଧ୍ୟ ଶତକଡ଼ା ୨୬.୨୫ ହାର ବଢ଼ିଛି । ଅବକାରୀ ଶୁଳ୍କ ଶତକଡ଼ା ୪୩.୫ ହାର, ସେବା ଟିକସ ଶତକଡ଼ା ୨୬.୭ ହାର ଓ କଷ୍ଟମ୍‌ସ ଶୁଳ୍କ ଶତକଡ଼ା ୫.୬ ହାର ବୃଦ୍ଧି ପାଇଛି ।

ବିମୁଦ୍ରାୟନ ପରେ ନଗଦ ଅର୍ଥ ବିହୀନ ଅର୍ଥନୀତି ପଦ୍ଧତି ଉପରେ ଜାତୀୟ ସରକାର ଜୋର୍ ଦେଇଛନ୍ତି । ଏହାର ମୂଳ ଲକ୍ଷ୍ୟ ହେଉଛି କଳାଟଙ୍କା କାରବାର କମାଇବା ସହିତ କଳାଟଙ୍କା ଠୁଳକାରୀଙ୍କ ଉପରେ ଅଙ୍କୁଶ ଲଗାଇବା । ଏହା ଉପରେ ବହୁତ ବିତର୍କ ଚାଲିଛି । ଏହାର ପ୍ରଭାବ ପଡ଼ିବ ତ ? ଏହା ସରକାରଙ୍କ ଲକ୍ଷ୍ୟ ପୂରଣ କରିବାପାଇଁ ସାହାଯ୍ୟ କରିବ ତ ? ନିଶ୍ଚିନ୍ତ ଭାବରେ ନଗଦ ଅର୍ଥ ବିହୀନ ଅର୍ଥନୀତି କଳାଟଙ୍କା ଠୁଳ କରିବାରେ ଅଙ୍କୁଲ ଲଗାଇବ । ଏହା ଆଲୋଚନା କରିବା ପୂର୍ବରୁ କେତେକ କଳାଟଙ୍କା ଠୁଳକାରୀ କିପରି ଆୟକର କିମ୍ୱା ରାଜ୍ୟର ଭିଜିଲାନ୍ସ ବିଭାଗଦ୍ୱାରା ଧରା ପଡ଼ିଛନ୍ତି, ତାହା ଜାଣିବା ଉଚିତ । ତାମିଲ୍‌ନାଡୁର ଜଣେ ପ୍ରଶାସକଙ୍କ ଘରୁ କୋଟି କୋଟି ଟଙ୍କା ଆୟକର ବିଭାଗଦ୍ୱାରା ଜବତ ହୋଇଥିଲା । ଓଡ଼ିଶାରୁ ମଧ୍ୟ ଜଣେ ଫରେଷ୍ଟ ଅଫିସରଙ୍କ ଘରୁ ରାଜ୍ୟ ଭିଜିଲାନ୍ସ ବିଭାଗ କୋଟି କୋଟି ଟଙ୍କା ଜବତ କରିଥିଲା । ଓଡ଼ିଶାରେ ଜଣେ ଅପରାଧିଙ୍କ ଘରୁ ମଧ୍ୟ କୋଟି କୋଟି ଟଙ୍କା ପୋଲିସ୍ ଜବତ କରିଥିଲା । ବିଭିନ୍ନ ବିମାନ ବନ୍ଦରରୁ ମଧ୍ୟ ପୋଲିସ୍ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି । ବିମୁଦ୍ରାୟନ ପରେ ପରେ କଳାଟଙ୍କା ଠୁଳକାରୀ ବ୍ୟସ୍ତ ହୋଇ ଜନଧନ ଖାତାରେ ବହୁତ ଟଙ୍କା ପଇଠ କରିଛନ୍ତି । ପଶ୍ଚିମବଙ୍ଗରେ କୃଷକ ସମବାୟ ସମିତି ଜରିଆରେ ତିରିଶ ଜଣ ଚାଷୀଙ୍କ ନାମରେ ଦୁଇ କୋଟି ଟଙ୍କା ଡିପୋଜିଟ୍ ହୋଇଛି । ବିମୁଦ୍ରାୟନର ଠିକ୍ ପରେ ପରେ ଅର୍ଥାତ୍ ନଭେମ୍ବର ମାସ ୯, ୧୦ ଓ ୧୧ ତାରିଖରେ ବହୁତ ସୁନା ଦୋକାନୀ ସୁନା ବିକ୍ରି କରିଥିଲେ । ଛୋଟ ଛୋଟ ବିଲ୍‌ଦ୍ୱାରା ଏହିସବୁ ସୁନା ବିକା ଯାଇଥିଲା, ଫଳରେ ପାନ୍ କାର୍ଡ଼ ଦରକାର ପଡ଼ି ନ ଥିଲା । ପଶ୍ଚିମବଙ୍ଗ ଓ ଉତ୍ତର ପୂର୍ବାଞ୍ଚଳରେ ପ୍ରାୟ ୪୦ଟି ଟ୍ରାନ୍ସପୋର୍ଟ କମ୍ପାନୀ ମିଥ୍ୟା ବିଲ୍ ମାଧ୍ୟମରେ ପ୍ରାୟ ଦଶ କୋଟି ଟଙ୍କାର ପୁରୁଣା ନୋଟ୍ ବଦଳାଇଛନ୍ତି । ଯାହାକୁ ବର୍ତ୍ତମାନ ଆୟକର ବିଭାଗ ଯାଞ୍ଚ କରୁଛି । ଏସବୁ ଯାହା ଆମେ ଆଲୋଚନା କଲେ ଜଣାଯାଏ ବିମୁଦ୍ରାୟନଦ୍ୱାରା ବହୁତ କଳାଟଙ୍କା ଯାହାର ଉତ୍ପାଦିକତା ଶକ୍ତି ନ ଥିଲା, ସେଥିରୁ କିଛି ଅଂଶ ନୂଆ ନୂଆ ଯୋଜନାପାଇଁ ସାମିଲ୍ ହେବ ।

ବର୍ତ୍ତମାନ ଆଲୋଚନା କରିବା ଯେ, ନଗଦ ଅର୍ଥ ବିହୀନ ପଦ୍ଧତି ଯାହାକୁ ଆମେ କ୍ୟାସ୍‌ଲେସ୍ ଅର୍ଥନୀତି କହୁଛୁ, ତାହା କଳାଟଙ୍କା କମେଇବାରେ କିପରି ସାହାଯ୍ୟ କରିବ । ଯଦିଓ ଏହା ଉପରେ ଅନୁଧ୍ୟାନ କରାଯାଇ ନାହିଁ, ତଥାପି ବିମୁଦ୍ରାୟନ ପରେ ଯେଉଁମାନଙ୍କଠାରୁ କଳାଟଙ୍କା ଜମଦ କରାଯାଇଛି, ସେସବୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଅଧିକାରୀଙ୍କ ପାଖରେ ହେଉ କିମ୍ୱା ବ୍ୟବସାୟୀଙ୍କ ପାଖରେ ହେଉ, କୋଟି କୋଟି ଟଙ୍କା ନିଜ ପାଖରେ ଠୁଳ କରି ରଖିବାର ନିୟମ ନାହିଁ । ଟଙ୍କା ବିହୀନ ପଦ୍ଧତି ଏହାକୁ ଯେ ସମ୍ପୂର୍ଣ୍ଣ ବନ୍ଦ କରିବ ତାହା ନୁହେଁ, ବରଂ କଳାଟଙ୍କା ଠୁଳ କରିବାପାଇଁ ଅଙ୍କୁଶ ଲଗାଇବ । ଛୋଟ ଛୋଟ ସ୍ତରରେ ଲାଞ୍ଚ କମିଯିବ । ଉଦାହରଣସ୍ୱରୂପ, ଆମେ କୌଣସି ବିଲ୍ ପଇଠ କଲାବେଳେ ଯଦି ବିଲ୍‌ଟି ୧୪୭ ଟଙ୍କା ହୋଇଯାଏ, ଆମେ ୧୫୦ ଟଙ୍କା ପଇଠ କରି ଅବଶିଷ୍ଟ ତିନି ଟଙ୍କା ବହୁତ ସମୟରେ ଖୁଚୁରା ଟଙ୍କା ଅଭାବର ଆଳ ଦେଖାଇ ଆମେ ଫେରି ପାଉ ନାହୁଁ । ଏହା କିନ୍ତୁ ଅର୍ଥବିହୀନ ପଦ୍ଧତିରେ ସମ୍ପୂର୍ଣ୍ଣ ବନ୍ଦ୍ ହୋଇଯିବ । ଏହିପରି ଅନେକ ଅଛି, ସମ୍ପୂର୍ଣ୍ଣ ଅର୍ଥବିହୀନ ପଦ୍ଧତି ପ୍ରଚଳିତ ହେଲେ ବଡ଼ ଅଧିକାର ହେଉ କିମ୍ୱା ବ୍ୟବସାୟୀଙ୍କ ପାଖରେ ହେଉ, ନଗଦ ଟଙ୍କାର ପରିମାଣ କମିଯିବ । ସରକାରୀ ସ୍ତରରେ ଶୁଳ୍କ ଆଦାୟ ବଢ଼ିବ । ଆୟକର ପଇଠ ବଢ଼ିଯିବ । ଅପରାଧୀମାନେ କଳାଟଙ୍କା ଠୁଳ କରିବାର ବାଟ କେତେକାଂଶରେ କମିଯିବ । ନକଲି ନୋଟ୍‌ର ପ୍ରଚଳିତ ବଜାରରେ କମିଯିବ । ସତ କହିବାକୁ ଗଲେ, ଟଙ୍କା ବିହୀନ ଅର୍ଥନୀତି ଏକ ସଭ୍ୟ ଓ ସୁସ୍ଥ ସଭ୍ୟତା ତିଆରି କରିବାରେ ସାହାଯ୍ୟ କରିବ ।

ପୂର୍ବତନ ପ୍ରଫେସର କୃଷି ଅର୍ଥନୀତି, କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଇମ୍ଫାଲ ଓ ପୂର୍ବତନ ଡିନ୍ କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର ।

# ସ୍ୱଳ୍ପ ନଗଦ ଭିତ୍ତିକ ଅର୍ଥନୀତି
# କଳାଧନ ଉପରେ ଏହାର ପ୍ରଭାବ

## ଟିମ୍‌ସି ଜୟପୁରିଆ

> ୨୦୧୬ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ଭାରତକୁ କଳାଟଙ୍କା ମୁକ୍ତ କରି ଏକ ନଗଦ କାରବାରବିହୀନ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ ମଧ୍ୟ ଭାରତରେ ବର୍ତ୍ତମାନ ମାତ୍ର ୫ ପ୍ରତିଶତ କାରବାର ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ କରାଯାଇ ଅଧିକ ପରିମାଣର ନଗଦଭିତ୍ତିକ କାରବାର କରାଯାଉଛି। ଏହି ଲକ୍ଷ୍ୟକୁ ଆଗକୁ ବଢାଇବା ଉଦ୍ଦେଶ୍ୟରେ ବିମୁଦ୍ରୀକରଣ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ "ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ୍ ଇନ୍ ଇଣ୍ଡିଆ: ଭିଜନ୍ ୨୦୧୮" ଶୀର୍ଷକ ଏକ ଡକ୍ୟୁମେଣ୍ଟ୍ ଉନ୍ମୋଚନ କରାଯାଇଛି। ଏହି ଡକ୍ୟୁମେଣ୍ଟରେ ଭାରତକୁ ଏକ ନଗଦମୁକ୍ତ ସମାଜ ଓ ଅର୍ଥନୀତିରେ ପରିଣତ କରିବା ଓ ଲୋକଙ୍କ ମଧ୍ୟରେ ଇଲେକ୍‌ଟ୍ରୋନିକ୍ କାରବାର ବୃଦ୍ଧି କରିବା ପାଇଁ ଉତ୍ସାହିତ କରିବା ନେଇ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରାଯାଇଛି।

ଏକ ଛାୟା ଅର୍ଥନୀତି ବିରୁଦ୍ଧରେ ଲଢେଇ କରିବା ପାଇଁ ଭାରତ ଗତ ନଭେମ୍ବର ଆଠ ତାରିଖରେ ନିଷ୍ପତ୍ତି ନେବା ପରେ ଦୈନନ୍ଦିତ ଅର୍ଥନୈତିକ କାରବାର ପାଇଁ ଲୋକେ ନଗଦ ଟଙ୍କାର ବିକଳ୍ପ ବ୍ୟବହାର କରିବା ଆରମ୍ଭ କଲେ। ଟଙ୍କା ପଇଠ କରିବାର ନୂତନ ମାଧ୍ୟମ ଯେପରିକି କ୍ରେଡିଟ୍/ଡେବିଟ୍ କାର୍ଡ, ଇଲେକ୍‌ଟ୍ରୋନିକ୍ ବଟୁଆ, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଦେଶବାସୀ ଟଙ୍କା ପଇଠ କରିବା ଦ୍ୱାରା ନଗଦ ଟଙ୍କାର କାରବାର ହ୍ରାସ ପାଇଛି।

ଦେଶକୁ କଳାଧନ ମୁକ୍ତ କରିବା ଏବଂ ଏକ ନଗଦ କାରବାର ବିହୀନ ଅର୍ଥନୀତି ପ୍ରଚଳନ କରାଇ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନର ସରକାର ସମସ୍ତ ପ୍ରକାର ଉଦ୍ୟମ ହାତକୁ ନେଇଛନ୍ତି। ଏହାଦ୍ୱାରା ସମସ୍ତ ଅର୍ଥନୈତିକ କାରବାର ସମ୍ପର୍କରେ ଜାଣିହେବ ଏବଂ ଟିକସ ଆଦାୟ ବୃଦ୍ଧି କରାଯିବା ସହିତ ଅନୁନ୍ନତ ଲୋକଙ୍କ ନିକଟରେ ଏହାର ଲାଭ ପହଂଚାଯାଇପାରିବ।

ପ୍ରାଇସ୍ ୱାଟରହାଉସ୍ କୁପର୍ସର ୨୦୧୫ ମସିହାର ଏକ ରିପୋର୍ଟ ଅନୁସାରେ ଭାରତରେ ଉପଭୋକ୍ତା ୯୮ ପ୍ରତିଶତ ନଗଦ କାରବାର କରିଥାଆନ୍ତି ଏବଂ ୬୮ ପ୍ରତିଶତ ଭଲ୍ୟୁମ୍ ଟର୍ମ ଅନୁସାରେ ଖର୍ଚ୍ଚ କରିଥାଆନ୍ତି ଯାହାକି ଚୀନ୍, ବ୍ରାଜିଲ୍ ଓ ଦକ୍ଷିଣ ଆଫ୍ରିକାର ଅର୍ଥନୀତି ତୁଳନାରେ ଢେର୍ ଅଧିକ।

ବିଶେଷଜ୍ଞ ଓ କେତେକ ଅର୍ଥନୀତିଜ୍ଞଙ୍କ ମତରେ ଅନ୍ତର୍ଭୁକ୍ତିକରଣ ଅର୍ଥନୀତି କ୍ଷେତ୍ରରେ ନଗଦ କାରବାର ପ୍ରତିରୋଧ ସୃଷ୍ଟି କରିଥାଏ। ଅଧିକ ପରିମାଣର ନଗଦ କାରବାର ହେବା ଦ୍ୱାରା ଟଙ୍କା ତିଆରି ପାଇଁ ମଧ୍ୟ ବହୁଳ ପରିମାଣର ଅର୍ଥ ଓ ସମ୍ବଳ ଖର୍ଚ୍ଚ କରିବାକୁ ପଡିଥାଏ।

ତେବେ କଳାଧନ ଭିତ୍ତିକ ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ଡିଜିଟାଲ କାରବାର ପ୍ରଚଳନ ପାଇଁ ଉଦ୍ୟମ କରାଯାଇଛି।

ଏହି କଳାଧନଭିତ୍ତିକ ସମାନ୍ତରାଳ ଅର୍ଥନୀତି ଯାହାର କୌଣସି ସ୍ୱଚ୍ଛତା ନାହିଁ ତାହା ସମାଜର ଏକ ବୃହତ୍ତ ଅଂଶ ମାଡିବସିଛି ଫଳରେ ଏହାକୁ ପ୍ରତିହତ କରିବା ପାଇଁ ଲୋକଙ୍କ ନିକଟରେ ନଗଦବିହୀନ କାରବାର ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ।

ଯଦି ସମସ୍ତ କାରବାର ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ କରାଯିବ ତେବେ ସମସ୍ତ କାରବାର ରେକର୍ଡ କରାଯାଇପାରିବ, ଏହା ଉପରେ ନଜର ରଖାଯାଇପାରିବ ଏବଂ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ଫଳରେ କଳାଧନଭିତ୍ତିକ ଅର୍ଥନୀତିକୁ ପ୍ରତିରୋଧ କରିହେବ ଯାହା ଟିକସ ବେସ୍ ଓ ଟିକସ ଆଦାୟରେ ପ୍ରତିରୋଧ ସୃଷ୍ଟି କରୁଛି, ଆତଙ୍କବାଦ ଓ ଡ୍ରଗ୍ସ କାରବାରକୁ ପ୍ରୋତ୍ସାହନ ଦେଉଛି ଏବଂ ନକଲି ମୁଦ୍ରା ପ୍ରଚଳନ ସହ ବହୁ ଅନୈତିକ କାରବାରକୁ ସୁଯୋଗ ଦେଉଛି।

ଏହା ରିୟଲ୍ ଇଷ୍ଟେଟ୍ ମୂଲ୍ୟକୁ ମଧ୍ୟ ବହୁ ପରିମାଣରେ ହ୍ରାସ କରିବ କାରଣ ଅଧିକାଂଶ କଳାଧନ ରିୟଲ୍ ଇଷ୍ଟେଟ୍ ବ୍ୟବସାୟରେ ବିନିଯୋଗ କରାଯାଇଥାଏ ଯାହା ରିୟଲ୍ ଇଷ୍ଟେଟ୍‌ର ମୂଲ୍ୟ ବୃଦ୍ଧି କରିଥାଏ।

୨୦୧୬ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ଭାରତକୁ କଳାଟଙ୍କା ମୁକ୍ତ କରି ଏକ ନଗଦ କାରବାରବିହୀନ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ ମଧ୍ୟ

ଭାରତରେ ବର୍ତ୍ତମାନ ମାତ୍ର ୫ ପ୍ରତିଶତ କାରବାର ଇଲେକ୍ଟ୍ରାନିକ୍ ମାଧ୍ୟମରେ କରାଯାଇ ଅଧିକ ପରିମାଣର ନଗଦଭିତ୍ତିକ କାରବାର କରାଯାଉଛି।

ଏହି ଲକ୍ଷ୍ୟକୁ ଆଗକୁ ବଢାଇବା ଉଦ୍ଦେଶ୍ୟରେ ବିମୁଦ୍ରୀକରଣ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ "ପେମେଣ୍ଟ ଆଣ୍ଡ ସେଟେଲମେ□ ସିଷ୍ଟମ୍ ଇନ୍ ଇଣ୍ଡିଆ: ଭିଜନ୍ ୨୦୧୮" ଶୀର୍ଷକ ଏକ ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଇଛି। ଏହି ଡକ୍ୟୁମେଣ୍ଟରେ ଭାରତକୁ ଏକ ନଗଦମୁକ୍ତ ସମାଜ ଓ ଅର୍ଥନୀତିରେ ପରିଣତ କରିବା ଓ ଲୋକଙ୍କ ମଧ୍ୟରେ ଇଲେକ୍ଟ୍ରୋନିକ୍ କାରବାର ବୃଦ୍ଧି କରିବା ପାଇଁ ଉତ୍ସାହିତ କରିବା ନେଇ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରାଯାଇଛି।

୨୦୧୫ ଅର୍ଥନୈତିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଟଙ୍କା ତିଆରି ଓ ଏହାର ପରିଚାଳନା ପାଇଁ ୨୭ ବିଲିୟନ୍ ଟଙ୍କା ଖର୍ଚ୍ଚ କରିଛି। ଅର୍ଥନୀତିଜ୍ଞଙ୍କ ମତରେ ଯେତେବେଳେ ସମଗ୍ର ବିଶ୍ୱ ଡିଜିଟାଲ୍ କାରବାର ଓ ପ୍ଲାଷ୍ଟିକ୍ ମନି (କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଆଦି) ବ୍ୟବହାର କରି ଆଗକୁ ଯାଉଛି ସେତେବେଳେ ଭାରତ ଟଙ୍କା ତିଆରି କ୍ଷେତ୍ରରେ ଏତେ ପରିମାଣର ଅର୍ଥ ଅପଚୟ କରିବା ଭାରତର ଅର୍ଥନୀତିକୁ ନିମ୍ନଗାମୀ କରୁଛି।

ଅର୍ଥମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସ୍ୱଚ୍ଛ ନଗଦ ଭିତ୍ତିକ ଅର୍ଥନୀତି ସବୁସ୍ଥାନରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ କରାଇବ। କାରଣ ଏଥିପାଇଁ କେବଳ ଡିଜିଟାଲ ମେସିନ୍ ବ୍ୟତୀତ କୌଣସି ବିରାଟ ଭିତ୍ତିଭୂମିର ଆବଶ୍ୟକତା ପଡିବ ନାହିଁ ଯାହାକି ସରକାର ଖୁବ୍ ସହଜରେ ଓ ସୁବିଧାରେ ଯୋଗାଇ ଦେଇପାରିବେ।

କେବଳ ଏତିକି ନୁହେଁ, ଡିଜିଟାଲ୍ ପଇଠ ବ୍ୟବସ୍ଥା ଦ୍ୱାରା କଳାଧନ କାରବାର ରୋକିବା ଉପରେ ଆହୁରି ମଧ୍ୟ ଅଙ୍କୁଶ ଲାଗାଯାଇପାରିବ। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକରେ ଡିଜିଟାଲ୍ ପଇଠ ବ୍ୟବସ୍ଥା ଲାଗୁ କରାଗଲେ ହିତାଧିକାରୀମାନଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ସମସ୍ତ ଅର୍ଥ ପହଂଚିଯିବ। ଥରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଟଙ୍କା ଗଲେ ସମସ୍ତ କାରବାର ସ୍ୱଚ୍ଛ ରହିବ। ହିତାଧିକାରୀ ନିଜର ଅର୍ଥ ସୁବିଧାରେ ପାଇପାରିବେ ଏବଂ କେଉଁ ଆକାଉଣ୍ଟ୍‌କୁ କେତେ ଟଙ୍କା ଗଲା ତାର ବିବରଣୀ ମଧ୍ୟ ରହିପାରିବ ଏବଂ ଦୁର୍ନୀତି ଆପେ ଆପେ କମିଯିବ। କାରଣ ହିତାଧୀକାରୀଙ୍କୁ ନିଜ ଅର୍ଥ ପାଇବା ପାଇଁ ଆଉ ମଧ୍ୟସ୍ଥମାନଙ୍କୁ କୌଣସି କମିଶନ୍ ଦେବାକୁ ପଡିବ ନାହିଁ।

ଏହି ପରିବର୍ତ୍ତନର ଧାରାକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ଡିଜିଟାଲ୍ ଅର୍ଥନୀତି ସମ୍ପର୍କରେ ଜାଣିବା ଓ କେବଳ ଗୋଟିଏ ମୋବାଇଲ୍ ଫୋନ୍ ମାଧ୍ୟମରେ କିପରି ବ୍ୟାଙ୍କିଙ୍ଗ୍ ସୁବିଧା ଓ ଟଙ୍କା ପଇଠ କରାଯାଇପାରୁଛି ସେ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି।

ସେ କହିଛନ୍ତି " ନିଜର ବ୍ୟାଙ୍କ୍ ଆକାଉଣ୍ଟ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌କୁ କିଭଳି ବ୍ୟବହାର କରିହେବ ସେ ସମ୍ପର୍କରେ ଶିଖିବା ଜରୁରୀ। ବିଭିନ୍ନ ବ୍ୟାଙ୍କର ଆପ୍‌କୁ କିଭଳି ନିଜ ଫୋନ୍‌ରେ ବ୍ୟବହାର କରିପାରିବ ସେ ସମ୍ପର୍କରେ ଜାଣିବା ସହିତ ନିଜର ବ୍ୟବସାୟକୁ କିଭଳି ବିନା ନଗଦ କାରବାରରେ ଚଳାଇ ହେବ ସେ ସମ୍ପର୍କରେ ଉଦ୍ୟମ କରିବା ଆବଶ୍ୟକ। କାର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଟଙ୍କା ଦେଣନେଣ ଓ ମୂଲ୍ୟ ପଇଠ କରିବାର ମାଧ୍ୟମକୁ ମଧ୍ୟ ଶିଖିବା ଆବଶ୍ୟକ।"

ଦେଶକୁ କଳାଧନ ମୁକ୍ତ କରିବା ପାଇଁ ନିଜଠାରୁ ଏହି ପରିବର୍ତ୍ତନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଲେଖିକା ଜଣେ ସାମ୍ବାଦିକା।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ବିମୁଦ୍ରାୟନ, ନଗଦମୁକ୍ତ ଅର୍ଥନୀତି ଓ ବିକାଶ

**ବି.କେ. ପଟ୍ଟନାୟକ**

**୨**୦୧୬ ନଭେମ୍ବର ଆଠ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ମୂଲ୍ୟ ନୋଟ୍‌ର ବିମୁଦ୍ରାୟନ ଦେଶର ଅର୍ଥନୀତିରେ ଏକ ଐତିହାସିକ ଘଟଣା। ଦେଶରେ କଳାଟଙ୍କାର କାୟା, ନକଲି ମୁଦ୍ରାର ପ୍ରଚଳନ, ଦୁର୍ନୀତି ଓ ଆତଙ୍କବାଦୀ କାର୍ଯ୍ୟରେ ଅର୍ଥବିନିଯୋଗ ଆଦି ଉପରେ ଏହି ପଦକ୍ଷେପର ପ୍ରଭାବ ସମ୍ପର୍କରେ ଅର୍ତନୀତିଜ୍ଞ, ବୁଦ୍ଧିଜୀବୀ, ସମାଜବିଜ୍ଞାନୀ, ରାଜନୀତିଜ୍ଞ ଓ ସାଧାରଣ ଜନତା ବିଭ୍ରାନ୍ତିରେ ଥିଲେ। ବିମୁଦ୍ରାୟନ ଏକ ପଦକ୍ଷେପ ଯାହା ମାଧ୍ୟମରେ ସରକାର ଦେଶରେ ପ୍ରଚଳିତ ମୁଦ୍ରାର ଆଂଶିକ ବା ସମୁଦାୟ ନୋଟ୍ ସବୁକୁ ଅଚଳ କରି ନୂଆ ମୁଦ୍ରା ପ୍ରଚଳନ ପାଇଁ ଅଧିକୃତ। କଳାଧନ ସମସ୍ୟାର ମୁକାବିଲା ପାଇଁ ମୁଖ୍ୟତଃ ଏହି ପଦକ୍ଷେପ ଗ୍ରହଣ କରାଯାଇଥାଏ। ବିମୁଦ୍ରାୟନ ସମ୍ପର୍କରେ ଅର୍ଥନୀତିରେ ବିଭିନ୍ନ ତତ୍ତ୍ୱ ରହିଛି। ଭାରତରେ କେବଳ ନୁହେଁ ବିଭିନ୍ନ ରାଷ୍ଟ୍ର ନିଜ ଦେଶରେ ଏହି ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରିଥିବାର ନଜରି ଅଛି। ଆମେରିକାରେ ୧୯୬୯ରେ, ଜାଇରେରେ ୧୯୯୦ରେ ଅଷ୍ଟ୍ରେଲିଆରେ ୧୯୯୬, ଜିମ୍ବାୱେ ଏବଂ ଉତ୍ତର କୋରିଆରେ ୨୦୧୦ରେ ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରାଯାଇ ପୁରୁଣା ନୋଟ୍‌କୁ ଅଚଳ କରି ନୂଆ ମୁଦ୍ରା ପ୍ରଚଳନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଅମେରିକା ଓ ଅଷ୍ଟ୍ରେଲିଆ ଭଳି ଦେଶର ଅର୍ଥନୀତିରେ ଯଥେଷ୍ଟ ପ୍ରଗତି ଆସିଥିବାବେଳେ ଅନ୍ୟତ୍ର ଏହା ସଫଳ ହୋଇନାହିଁ।

ଭାରତରେ ପ୍ରଥମ ବିମୁଦ୍ରାୟନ ପଦକ୍ଷେପ ୧୯୪୬ରେ ଗ୍ରହଣ କରାଯାଇଥିଲା। ଏହା ପରେ ୧୯୭୮ରେ ଦ୍ୱିତୀୟ ବାର ଏହି ପଦକ୍ଷେପ ସରକାର ନେଇଥିଲେ। ୧୯୭୮ରେ ବଡ଼ ମୂଲ୍ୟର ନୋଟ୍ ମୋଟ୍ ପ୍ରଚଳିତ ମୁଦ୍ରାର ମାତ୍ର ତିନି ଶତାଂଶ ଥିଲା। ୧୯୪୬ରେ ଅଚଳ ହୋଇଥିବା ମୋଟ ନୋଟ୍‌ର ମୂଲ୍ୟ ଥିଲା ମାତ୍ର ୧୪୩ କୋଟି ୯୭ ଲକ୍ଷ। ସେତେବେଳେ ଦେଶରେ ପ୍ରଚଳିତ ମୋଟ ନୋଟ୍‌ର ମୂଲ୍ୟ ଥିଲା ୧୨୩୫୯୩ କୋଟି। ୧୯୭୮ରେ ୧୦୦୦ ଓ ୫୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରାଯାଇଥିଲା। ୧୯୫୪ରେ ଏହି ମୁଦ୍ରା ପ୍ରଚଳନ ଆରମ୍ଭ ହୋଇଥିଲା। ସେତେବେଳେ ଅଚଳ ହୋଇଥିବା ବଡ଼ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ଥିଲା ୧୪୬ କୋଟି ଟଙ୍କା। ତେଣୁ ଲୋକଙ୍କ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ବିଶେଷ ପଡ଼ି ନଥିଲା। ପ୍ରତ୍ୟେକ୍ଷ ଟିକସ ଅନୁସନ୍ଧାନ କମିଟି ମଧ୍ୟ ଏକଥା ସ୍ୱୀକାର କରିଥିଲେ।

ତେବେ ୨୦୧୬ର ବିମୁଦ୍ରାୟନର ପ୍ରଭାବ ପ୍ରକାଣ୍ଡ ଥିଲା। ଏଥିରେ ଏକହଜାର ଓ ୫୦୦ ଟଙ୍କିଆ ନୋଟ୍‌କୁ ଅଚଳ କରାଯାଇଥିଲା ଯାହାର ପରିମାଣ ଥିଲା ମୋଟ ପ୍ରଚଳିତ ମୁଦ୍ରା ମୂଲ୍ୟର ୮୬ ଶତାଂଶ। ରିଜର୍ଭବ୍ୟାଙ୍କର ତଥ୍ୟ ଅନୁସାରେ ୨୦୧୬ ମାର୍ଚ୍ଚ ସୁଦ୍ଧା ଦେଶରେ ପ୍ରଚଳିତ ସମୁଦାୟ ମୁଦ୍ରାର ମୂଲ୍ୟ ଥିଲା ୧୬,୪୧୫ ବିଲିୟନ କୋଟି। (ଏକ ବିଲିୟନ = ୧୦୦କୋଟି) ସେଥିମଧ୍ୟରୁ ୫୦୦ ଟଙ୍କିଆ ନୋଟ୍ ସମୂହର ମୂଲ୍ୟ ମୋଟ ପ୍ରଚଳିତ ଅର୍ଥ ମୂଲ୍ୟର ୪୭.୮ ଶତାଂଶ ଥିବାବେଳେ ୧୦୦୦ଟଙ୍କିଆ ନୋଟ୍ ସମୂହର ମୂଲ୍ୟ ଥିଲା ୩୮.୬ ଶତାଂଶ। ମିଳିତ ଭାବେ ଏହି ଦୁଇ ବଡ଼ ନୋଟ୍‌ର ମୂଲ୍ୟ ଥିଲା ସମୁଦାୟ ପ୍ରଚଳିତ ନୋଟ୍ ମୂଲ୍ୟର ୮୬%।

୧୯୪୬ ଓ ୧୯୭୮ରେ ଭାରତର

ଭାରତରେ ପ୍ରଥମ ବିମୁଦ୍ରାୟନ ପଦକ୍ଷେପ ୧୯୪୬ରେ ଗ୍ରହଣ କରାଯାଇଥିଲା। ଏହା ପରେ ୧୯୭୮ରେ ଦ୍ୱିତୀୟ ବାର ଏହି ପଦକ୍ଷେପ ସରକାର ନେଇଥିଲେ। ୧୯୭୮ରେ ବଡ଼ ମୂଲ୍ୟର ନୋଟ୍ ମୋଟ୍ ପ୍ରଚଳିତ ମୁଦ୍ରାର ମାତ୍ର ତିନି ଶତାଂଶ ଥିଲା। ୧୯୪୬ରେ ଅଚଳ ହୋଇଥିବା ମୋଟ ନୋଟ୍‌ର ମୂଲ୍ୟ ଥିଲା ମାତ୍ର ୧୪୩ କୋଟି ୯୭ ଲକ୍ଷ। ସେତେବେଳେ ଦେଶରେ ପ୍ରଚଳିତ ମୋଟ ନୋଟ୍‌ର ମୂଲ୍ୟ ଥିଲା ୧୨୩୫୯୩ କୋଟି। ୧୯୭୮ରେ ୧୦୦୦ ଓ ୫୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରାଯାଇଥିଲା। ୧୯୫୪ରେ ଏହି ମୁଦ୍ରା ପ୍ରଚଳନ ଆରମ୍ଭ ହୋଇଥିଲା। ସେତେବେଳେ ଅଚଳ ହୋଇଥିବା ବଡ଼ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ଥିଲା ୧୪୬ କୋଟି ଟଙ୍କା। ତେଣୁ ଲୋକଙ୍କ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ବିଶେଷ ପଡ଼ି ନଥିଲା। ପ୍ରତ୍ୟେକ୍ଷ ଟିକସ ଅନୁସନ୍ଧାନ କମିଟି ମଧ୍ୟ ଏକଥା ସ୍ୱୀକାର କରିଥିଲେ।

ଅର୍ଥନୀତି, ଆର୍ଥିକ ଅଭିବୃଦ୍ଧିହାର ତଥା ଘରୋଇ ଓ ସେବାକ୍ଷେତ୍ରର ଭୂମିକା ୨୦୧୬ ତୁଳନାରେ ଅତି କମ୍ ଥିଲା। ସେତେବେଳେ ମଧ୍ୟ ଆୟକର ଦାତାଙ୍କ ସଂଖ୍ୟା ବର୍ତ୍ତମାନ ତୁଳନାରେ ଯଥେଷ୍ଟ କମ୍ ଥିଲା। ଏବେ ୧୧କୋଟିରୁ ଅଧିକ ପ୍ୟାନ୍‌କାର୍ଡଧାରୀ ଭାରତରେ ଅଛନ୍ତି ଏବଂ ଏହି ସଂଖ୍ୟା କ୍ରମଶଃ ବଢୁଛି। ୧୯୪୬ ଓ ୧୯୭୮ସରକାର ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରିବେ ବୋଲି ଲୋକଙ୍କୁ ଆଗରୁ ସୂଚନା ଥିଲା ଏଥର ଏହା ଅପ୍ରତ୍ୟାଶିତ ଭାବେ ଘୋଷଣା କରାଗଲା। ଫଳରେ ଆଗ ଦୁଇଥର ଲୋକେ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ଏବଂ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ନଥିଲେ। ତେବେ ପୂର୍ବ ଦୁଇ ଥର ହୋଇଥିବା ବିମୁଦ୍ରାୟନ ପଦକ୍ଷେପରେ ଅର୍ଥନୀତିକୁ ବିଶେଷ ସଫଳତା ମିଳିନଥିଲା। ୨୦୧୬ ବିମୁଦ୍ରାୟନ ପଦକ୍ଷେପର ବିଶେଷତ୍ୱ ହେଲା ଏହି ନିଷ୍ପତ୍ତିକୁ ଗୁପ୍ତ ରଖାଯାଇଥିଲା ଏବଂ ଅଚାନକ ଏହାକୁ ଘୋଷଣଶ କରାଗଲା। ଫଳରେ କଳାଟଙ୍କା ଓ ନକଲି ଟଙ୍କା ରଖିଥିବା ଲୋକ ତାହାକୁ ବଦଳାଇ ଧଳା କରିବାର ସୁଯୋଗ ପାଇଲେ ନାହିଁ।

ବିମୁଦ୍ରାୟନ ପଦକ୍ଷେପର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟଗୁଡ଼ିକ ହେଲା - ୧) ଅର୍ଥନୀତିରେ ମିଶିଥିବା କଳାଟଙ୍କାକୁ ନିକାଲି ବାହାର କରିବା, ୨) ଦୁର୍ନୀତିକୁ ରୋକିବା ଓ ୩) ଦେଶ ଭିତରେ ଓ ବାହାରେ ନକଲି ନୋଟ୍ କାରବାରର ଆଡ୍‌ଡା ଚଳାଇ ଆତଙ୍କବାଦ ଏବଂ ଦେଶବିରୋଧୀ କାର୍ଯ୍ୟକଳାପ ଚଳାଇଥିବା ଗୋଷ୍ଠୀଙ୍କ ସମାନ୍ତରାଳ ଆର୍ଥିକ ସାମ୍ରାଜ୍ୟକୁ ଭାଙ୍ଗି ସେମାନଙ୍କୁ ଜବତ କରିବା। ବିମୁଦ୍ରାୟନ ପଦକ୍ଷେପ ଘୋଷଣା କରିବା ଅବସରରେ ପ୍ରଧାନମନ୍ତ୍ରୀ ଜାତି ଉଦ୍ଦେଶ୍ୟରେ ଦେଇଥିବା ତାଙ୍କ ବାର୍ତ୍ତାରେ ଏହି ତିନିଟି ଲକ୍ଷ୍ୟ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ସର୍ବୋପରି ଏହି ପଦକ୍ଷେପ ବଳରେ ହିସାବ ବହିର୍ଭୂତ ଯେଉଁସବୁ କଳାଧନ ବ୍ୟାଙ୍କ ବ୍ୟବସ୍ଥାକୁ ଫେରିଲା ତାହା ଉପରେ ବଡ଼ଧରଣର ଟିକସ ଲଗାଇ ସରକାର ବିପୁଳ ଅର୍ଥ ପାଇଛନ୍ତି। ସେହି ଅର୍ଥକୁ ଗରିବଙ୍କ କଲ୍ୟାଣ, ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା କାମରେ ସରକାର ବିନିଯୋଗ କରିପାରିବେ। ଶେଷ କଥା ହେଲା ଏହି ପ୍ରକ୍ରିୟାରେ ଆର୍ଥିକ ସ୍ୱଚ୍ଛତା ଆସିବା ସହ ନିର୍ମଳ ଅଭିବୃଦ୍ଧି ଓ ବିକାଶରେ ସମତା ଲାଭ କରିହେବ

**ସୂଚନାଯୋଗ୍ୟ ଯେ ଟଙ୍କା ଛପା ଏବଂତାହାର ପରିବର୍ତ୍ତନ ବାବଦରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାବସାୟିକ ବ୍ୟାଙ୍କ ସମୂହଙ୍କୁ ବାର୍ଷିକ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଦେଶର ଜିଡିପି ବା ମୋଟ ଜାତୀୟ ଉତ୍ପାଦ ସହ କ୍ୟାସଲେସ ଅର୍ଥନୀତିର ଅନୁପାତ ମଧ୍ୟ ଆଉ ଏକ ସୂଚକାଙ୍କ। ସ୍ୱିଡେନରେ କ୍ୟାଶ-ଡିଜିପି ଅନୁପାତ ମାତ୍ର ୧.୭୩ ଶତାଂଶ। ଭାରତରେ ଏହା ୧୦.୮୬ ଭାଗ ତଥା ସ୍ୱିଡେନଠାରୁ ପ୍ରାୟ ନ'ଗୁଣ ଅଧିକ। ଉଚ୍ଚ ମୂଲ୍ୟର ମୁଦ୍ରା ଅଚଳ ହେବାଫଳରେ ଏହି କ୍ୟାସ-ଡିଜିପି ଅନୁପାତ ହ୍ରାସ ପାଇବ। ଷ୍ଟେଟବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତୀ ବୋଷଙ୍କ ମତରେ ବିମୁଦ୍ରାୟନ ପରେ ଆରମ୍ଭ ହୋଇଥିବା ପୁନଃ ମୁଦ୍ରାୟନ ବ୍ୟବସ୍ଥା ଶେଷରେ ଏହି ଅନୁପାତ ୧୦% ଠାରୁ ସାମାନ୍ୟ କମ୍‌ରେ ରହିପାରେ।**

ଯାବତୀୟ ଅସତ୍ ଉପାୟ ଅବଲମ୍ବନ କରି କଳାଧନ ଅର୍ଜନ କରାଯାଏ। ଦୁର୍ନୀତି, ଲାଞ୍ଚ, କଳାବଜାରୀ, ମହଯୁଦୀ, ଆତଙ୍କବାଦୀ କାର୍ଯ୍ୟ ନିଷିଦ୍ଧ ଦ୍ରବ୍ୟର ଚୋରା କାରବାର, ଅସ୍ତ୍ରଶସ୍ତ୍ରର ଚୋରାବେପାର, ବେଆଇନ ଅର୍ଥକାରବାର ଆଦି କଳାଧନର ପ୍ରମୁଖ ଉତ୍ସବ। ଅସତ୍ ଉପାୟରେ ଅର୍ଜିତ ଏହି ଧନକୁ ଲୋକେ ଲୁଚାଇ ରଖନ୍ତି ଓ ଆୟକର ପରିସରକୁ ଆଣନ୍ତି ନାହିଁ। ଖୁବ୍ କମ୍ ସଂଖ୍ୟକ ଲୋକ ଏହି ଉପାୟରେ କଳାଧନ ରୋଜଗାର କରନ୍ତି ଏବଂ ଏକ ସମାନ୍ତରାଳ ଅର୍ଥନୀତି ଚଳାଇ ଦେଶର ଅର୍ଥନୀତିକୁ କରାୟତ୍ତ କରିବାକୁ ଉଦ୍ୟମ କରିଥାନ୍ତି। ହିସାବ ନ ଥିବା ଏସବୁ ଟଙ୍କାରେ ଲୋକେ ଜମିଜମା, କୋଠାବାଡ଼ି, ଅଚଳ ସମ୍ପତ୍ତି, ଦାମୀ ଧାତୁ, ମୋତି ମାଣିକ୍ୟ ଓ ସୁନାରୁପାର ଦାମୀ ଗହଣା କିଣି ସମ୍ପତ୍ତି ବଢ଼ାଇଥାନ୍ତି। କଳାଧନର ପ୍ରଭାବ ବୃଦ୍ଧି ଅସମ ଅର୍ଥନୈତିକ ସ୍ଥିତି, ଦାରିଦ୍ର୍ୟ ଓ ନିଯୁକ୍ତିର ମୂଳ କାରଣ। ଆୟକୁ ଟିକସ ପରିସର ବାହାରେ ରଖି ଅର୍ଥ ଠୁଳ କରିବା ଦ୍ୱାରା କଳାଧନ ବଢ଼େ। ୧୯୭୧ ରେ ଗଠିତ ୱାନ୍‌ଚୁ କମିଟି ତାଙ୍କ ରିପୋର୍ଟରେ କଳାଧନକୁ ଦେଶର ଅର୍ଥନୀତିରେ କ୍ୟାନ୍‌ସର ବ୍ୟାଧି ବୋଲି ତୁଳନା କରିଥିଲେ। ଏହା କେବଳ ହିସାବ ବହିର୍ଭୂତ ଅର୍ଥ ନୁହେଁ, ସୁନା, ଅଳଙ୍କାର, କୋଠାବାଡ଼ି, ଭୂସମ୍ପତ୍ତି, ମଣିମାଣିକ୍ୟ ଆଦି କ୍ରୟରେ ବିନିଯୋଗ ହୋଇଥିବା ରାଶୀ ଓ ସେସବୁ ସମ୍ପତ୍ତିକୁ ବୁଝାଏ ବୋଲି କମିଟି ମତ ଦେଇଥିଲେ। ଏହି ସମସ୍ୟାର ମୁକାବିଲା ପାଇଁ ଉଚ୍ଚ ମୂଲ୍ୟର ନୋଟ୍ ସବୁକୁ ପ୍ରତ୍ୟାହାର କରିଦେବାକୁ କମିଟି ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କଳାଧନର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଭାବ ସମ୍ପର୍କରେ ୨୦୧୨ରେ କେନ୍ଦ୍ରୀୟ ପ୍ରତ୍ୟେକ୍ଷ ବୋର୍ଡ ଓ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ପ୍ରକାଶିତ ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ ଯୁକ୍ତି ଉପସ୍ଥାପିତ ହୋଇଥିଲା।

**ନଗଦବିହୀନ ଅର୍ଥନୀତି :** ଅର୍ଥ ବା ନଗଦବିହୀନ ଅର୍ଥନୀତିର ଅର୍ଥ ଅଧିକରୁ ଅଧିକ ଡିଜିଟାଲ କାରବାର ଓ ଯଥାସମ୍ଭବ କମ୍ ନଗଦ ନୋଟ ବ୍ୟବହାର। ଅନ୍ୟ ଅର୍ଥରେ ନୋଟ୍‌ର କମ୍ ଉପଲବ୍ଧତା ତଥା କମ୍ ବ୍ୟବହାର ଏବଂ କ୍ରୟବିକ୍ରୟ ଓ କାରବାରରେ ଅଧିକରୁ ଅଧିକ ଡିଜିଟାଲ ମାର୍ଗ ଅବଲମ୍ବନ କରିବା। ନଗଦ ଟଙ୍କା ପରିବର୍ତ୍ତେ ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କି ଆଦି ମାଧ୍ୟମରେ ଅଧିକରୁ ଅଧିକ ଉପଯୋଗ କ୍ୟାସଲେସ୍ ଅର୍ଥନୀତିର

ବିଶେଷତ୍ୱ। ବିକାଶଶୀଳ ରାଷ୍ଟ୍ରରେ ନଗଦ ଟଙ୍କାରେ କ୍ରୟ ବିକ୍ରୟ ଏକ ସର୍ବାଧିକ ଅନୁସୃତ ପନ୍ଥା। ମାତ୍ର ଉନ୍ନତ ଆମେରିକା ଓ ୟୁରୋପରେ ନଗଦ ପରିବର୍ତ୍ତେ ଲୋକେ ଡିଜିଟାଲ କାରବାର ଉପରେ ଅଧିକ ନିର୍ଭର କରନ୍ତି। ଆମେରିକାରେ ଏହା କାରବାରର ମୁଖ୍ୟ କରିହେବ ଏବଂ ସେବା ପ୍ରଦାନ ବ୍ୟବସ୍ଥା ତ୍ୱରିତ ଓ ସୁଗମ ହେବ। ଏହା ମଧ୍ୟ କଳାଧନ ଠୁଳ, ସମାନ୍ତରାଳ ଅର୍ଥନୀତିର ପ୍ରଚଳନ, ନକଲି ନୋଟ୍ ପ୍ରସାର, ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ବେଆଇନ ଅର୍ଥ କାରବାର ତଥା ଅର୍ଥର ଦୁରୁପଯୋଗକୁ ନିୟନ୍ତ୍ରିତ ଅର୍ଥନୀତିରେ ବିପୁଳ ନୋଟ୍ ଛପା ଜନିତ ପ୍ରଚୁର ବ୍ୟୟକୁ ରୋକି ହେବ। ନୋଟ୍ ଅଭାବରୁ ଚୋରି, ତସ୍କରୀ, ପକେଟମାର ଓ ଅନ୍ୟାନ୍ୟ ଅପରାଧ ମଧ୍ୟ ହ୍ରାସ ପାଇବ। ଏହା ଅଣ ଆନୁଷ୍ଠାନିକ ଅର୍ଥନୀତିର ମେରୁଦଣ୍ଡକୁ ଭାଙ୍ଗିଦେବ। ସର୍ବୋପରି ଅଧିକରୁ ଅଧିକ

**ଟେବୁଲ-୧ :ମୁଦ୍ରାହୀନ କାରବାର ଓ ଦୁର୍ନୀତିର ସ୍ଥିତି ସମ୍ପର୍କରେ କେତେକ ବଛାବଛା ରାଷ୍ଟ୍ରର ତାଲିକା।**

| ଦେଶ | ଅଣକ୍ୟାଶ୍ ପେମେଣ୍ଟ% | ଦୁର୍ନୀତି ପ୍ରବଣ ସୂଚକାଙ୍କ ୨୦୧୫ | ଦୁର୍ନୀତି ପ୍ରବଣ ଦେଶର ସ୍ଥାନ ୨୦୧୫) |
|---|---|---|---|
| ବେଲଜିୟମ | ୯୩ | ୭୭ | ୧୫ |
| ଫ୍ରାନ୍ସ | ୯୨ | ୭୦ | ୨୩ |
| କାନାଡା | ୯୦ | ୮୩ | ୯ |
| ବ୍ରିଟେନ | ୮୯ | ୮୧ | ୧୦ |
| ସ୍ୱିଡେନ | ୮୯ | ୮୯ | ୩ |
| ଅଷ୍ଟ୍ରେଲିଆ | ୮୬ | ୭୯ | ୧୩ |
| ନେଦରଲ୍ୟାଣ୍ଡସ | ୮୫ | ୮୭ | ୫ |
| ଆମେରିକା | ୮୦ | ୭୬ | ୧୬ |
| ଜର୍ମାନୀ | ୭୬ | ୮୧ | ୧୦ |
| ଦକ୍ଷିଣ କୋରିଆ | ୭୦ | ୫୬ | ୩୭ |
| ଭାରତ | ୨୨ | ୩୮ | ୭୬ |

ମାଧ୍ୟମ। ବିଶ୍ୱବ୍ୟାଙ୍କ ତାହାର ୨୦୧୬ ବିକାଶ ରିପୋର୍ଟରେ କହିଛି ଯେ ଅଭିବୃଦ୍ଧି ବଢ଼ାଇବା କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ଗୁରୁତ୍ୱ ଅଧିକ। ଏହାଦ୍ୱାରା ଦୁର୍ନୀତିକୁ ନିୟନ୍ତ୍ରଣ କରିପାରିବ। ଏହାଦ୍ୱାରା ଅର୍ଥନୀତି ସ୍ୱଚ୍ଛ ହେବା ସହ ସାମାଜିକ ନ୍ୟାୟ ପ୍ରତିଷ୍ଠା ସହଜ ହୋଇପାରିବ।

କମ୍ ନୋଟ୍ ପ୍ରଚଳନ ଦ୍ୱାରା ବଡ଼ ବଡ଼ ଲୋକେ ବ୍ୟାଙ୍କ ପରିସରକୁ ଆସିବା ସହ ଆନୁଷ୍ଠାନିକ ଅର୍ଥନୀତିରେ ସାମିଲ ହୋଇପାରିବେ ଏବଂ କଳାଧନ ସୃଷ୍ଟିର ଉତ୍ସ ବନ୍ଦ ହୋଇଯିବ।

**ଟେବୁଲ୍-୨: କ୍ୟାସ-ଡିଜିପି ଅନୁପାତ ଓ ବିଭିନ୍ନ ଦେଶ (ଶତାଂଶରେ)**

| ଦେଶ | ଶତାଂଶ |
|---|---|
| ସ୍ୱିଡେନ | ୧.୭୩ |
| ଦକ୍ଷିଣ ଆଫ୍ରିକା | ୨.୩୯ |
| ବ୍ରିଟେନ | ୩.୭୨ |
| ବ୍ରାଜିଲ | ୩.୮୨ |
| କାନାଡା | ୪.୦୮ |
| ଆମେରିକା | ୭.୯ |
| ସିଙ୍ଗାପୁର | ୯.୫୫ |
| ରୁଷିଆ | ୧୦.୫୬ |
| ଭାରତ | ୧୦.୮୬ |

ସୁଇଡେନ୍‌ରେ ୮୯ ଶତାଂଶ ଲୋକ ନଗଦମୁକ୍ତ କାରବାର ବା ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଉପଯୋଗ କରନ୍ତି। ଦୁର୍ନୀତି ମୁକ୍ତ ଦେଶ ତାଲିକାରେ ଏହାର ସ୍ଥାନ ତୃତୀୟରେ। ଭାରତରେ ମାତ୍ର ୨୨ ଶତାଂଶ ଲୋକ ନଗଦମୁକ୍ତ କାରବାର କରନ୍ତି ଏବଂ ବିଶ୍ୱ ଦୁର୍ନୀତି ତାଲିକାରେ ଭାରତର ସ୍ଥାନ ୭୬। ଆର୍ଥିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବା ସହ ଏହାର ଅଂଶ ବିଶେଷ ଭାବେ ଗଣ୍ୟ ହେବା। ବ୍ୟାଙ୍କ ବା ଡାକଘରେ ଆକାଉଣ୍ଟ ଖୋଲି ଲୋକେ ଦେଶର ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥାରେ ସହଜରେ ଅନ୍ତର୍ଭୁକ୍ତ ହୋଇପାରିବେ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ ୨୦୧୪ ସୁଦ୍ଧା ଭାରତର ମାତ୍ର

**ଟେବୁଲ୍ - ୩:ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ (ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ଖାତାଧାରୀଙ୍କ ଶତାଂଶ) – ୨୦୧୪**

| ପ୍ରକାର | ପ୍ରତିଶତ |
|---|---|
| ଆର୍ଥିକ ପ୍ରତିଷ୍ଠାନରେ ଥିବା ଆକାଉଣ୍ଟ | ୫୨.୮ |
| ଡେବିଟକାର୍ଡଧାରୀ | ୨୨.୧ |
| ଏଟିଏମ ଅର୍ଥ ଉଠାଣର ମୁଖ୍ୟ ମାଧ୍ୟମ | ୩୩.୧ |
| ଟଙ୍କା ଦେବାପାଇଁ ଡେବିଟ କାର୍ଡର ବ୍ୟବହାର | ୧୦.୭ |
| ଟଙ୍କା ଦେବାପାଇଁ କ୍ରେଡିଟ କାର୍ଡର ବ୍ୟବହାର | ୩.୪ |
| ଦେୟ ପୈଠ ପାଇଁ ଇଣ୍ଟରନେଟର ବ୍ୟବହାର | ୧.୨ |
| ବିତ୍ତୀୟ ଅନୁଷ୍ଠାନରେ ଜମା | ୧୪.୪ |
| ଆର୍ଥିକ ପ୍ରତିଷ୍ଠାନରୁ ଋଣ | ୬.୪ |

୫୨ ଶତାଂଶ ପ୍ରୌଢ଼ ବ୍ୟକ୍ତିବିଶେଷଙ୍କର ବ୍ୟାଙ୍କ କିମ୍ବା ଡାକଘରେ ଜମାଖାତା ଥିଲା। ସେମାନଙ୍କ ମଧ୍ୟରୁ ୧୦.୭ ଭାଗ ଡେବିଟ କାର୍ଡ, ୩.୪ ଭାଗ କ୍ରେଡିଟ କାର୍ଡ ଓ ୧.୨ ଶତାଂଶ ଇଣ୍ଟରନେଟ ବ୍ୟାଙ୍କିଂ ବ୍ୟବହାର କରୁଥିଲେ। ଏଥିରୁ ଜଣାଯାଏ ଯେ ଭାରତରେ ଡିଜିଟାଲ ଟ୍ରାଞ୍ଜାକସନ୍ ଅତି ସୀମିତ। ଏହାର ଦ୍ରୁତ ପ୍ରସାର ଲୋଡ଼ା।

ବ୍ୟବସ୍ଥାକୁ ସମୃଦ୍ଧ କରିବ । ବ୍ୟାଙ୍କଗୁଡ଼ିକର ଜମା ବଢ଼ିବା ସହ ସେମାନେ ଅଧିକରୁ ଅଧିକ ଋଣ ଦେଇ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବେ । ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଖୋଲିବା ସହ ବ୍ୟାଙ୍କ ସେବା ପ୍ରସାରିତ ହେବ । ବ୍ୟାଙ୍କରେ ଅଧିକ ଟଙ୍କା ଜମା ହେଲେ ଟିକସ ଯୋଗ୍ୟ ଜମା ଉପରୁ ସରକାର ଅଧିକ ଟିକସ ରାଜସ୍ୱ ପାଇ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେବେ । ଏହା ଅର୍ଥନୀତିରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ । ଏହା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସହ ଦରଦାମ ବୃଦ୍ଧିକୁ ରୋକିପାରିବ । ବିମୁଦ୍ରାୟନ ପ୍ରକ୍ରିୟାରୁ ମିଳିବାକୁ ଥିବା ବିପୁଳ କଳାଧନ ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ବିନିଯୋଗ ହେବ । ଦୁର୍ନୀତି ଓ ଅସତ୍ ଉପାୟରେ ଅର୍ଥ ରୋଜଗାରକୁ ଏହା ନିୟନ୍ତ୍ରିତ କରିବ । ଫଳରେ ଏକ ଦୁର୍ନୀତିମୁକ୍ତ ସମାଜ ଓ ଅର୍ଥନୀତି ପ୍ରତିଷ୍ଠା ହୋଇପାରିବ । ଶାସନତନ୍ତ୍ରରେ ଚାଲିଥିବା ଦୁର୍ନୀତି ହ୍ରାସ ପାଇବ । ରାଜନୀତିରୁ କଳାଟଙ୍କା ଓ ଅର୍ଥବଳର ପ୍ରଭାବ ଯଥେଷ୍ଟ କମିଯିବ । ଏହାଦ୍ୱାରା ବେଆଇନ ଅର୍ଥ କାରବାର ଏବଂ କଳାଧନର ଦୁରୁପଯୋଗକୁ ରୋକାଯାଇ ପାରିବ । ସମାନ୍ତରାଳ ଅର୍ଥନୀତିର ଆକାର ଯଥେଷ୍ଟ ସଂକୁଚିତ ହେବା ସହ ଲୋକେ ବିଭିନ୍ନ ସାମାଜିକ ଓ ଅନ୍ୟାନ୍ୟ କାର୍ଯ୍ୟରେ ଯେଉଁ ଆଖିବୁଜା ଟଙ୍କା ଉଡ଼ାଉଛନ୍ତି ତାହା ହ୍ରାସ ପାଇବ । ଏହା ସାମାଜିକ ଓ ସାଂସ୍କୃତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅନୈତିକ

ଏଥିରୁ ପ୍ରମାଣିତ ହୁଏ ଯେ ନଗଦମୁକ୍ତ ଅର୍ଥନୀତିରେ ଦୁର୍ନୀତି ନିୟନ୍ତ୍ରିତ ହୋଇଥାଏ।

ସୂଚନାଯୋଗ୍ୟ ଯେ ଟଙ୍କା ଛପା ଏବଂତାହାର ପରିବର୍ତ୍ତନ ବାବଦରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାବସାୟିକ ବ୍ୟାଙ୍କ ସମୂହଙ୍କୁ ବାର୍ଷିକ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଦେଶର ଜିଡିପି ବା ମୋଟ ଜାତୀୟ ଉତ୍ପାଦ ସହ କ୍ୟାସଲେସ ଅର୍ଥନୀତିର ଅନୁପାତ ମଧ୍ୟ ଆଉ ଏକ ସୂଚକାଙ୍କ। ସ୍ୱିଡେନରେ କ୍ୟାଶ-ଡିଜିପି ଅନୁପାତ ମାତ୍ର ୧.୭୩ ଶତାଂଶ। ଭାରତରେ ଏହା ୧୦.୮୬ ଭାଗ ତଥା ସ୍ୱିଡେନଠାରୁ ପ୍ରାୟ ନ'ଗୁଣ ଅଧିକ। ଉଚ୍ଚ ମୂଲ୍ୟର ମୁଦ୍ରା ଅଚଳ ହେବାଫଳରେ ଏହି କ୍ୟାସ-ଡିଜିପି ଅନୁପାତ ହ୍ରାସ ପାଇବ। ଷ୍ଟେଟବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତୀ ବୋଷଙ୍କ ମତରେ ବିମୁଦ୍ରାୟନ ପରେ ଆରମ୍ଭ ହୋଇଥିବା ପୁନଃ ମୁଦ୍ରାୟନ ବ୍ୟବସ୍ଥା ଶେଷରେ ଏହି ଅନୁପାତ ୧୦% ଠାରୁ ସାମାନ୍ୟ କମ୍‌ରେ ରହିପାରେ।

ମୁଦ୍ରାମୁକ୍ତ ଅର୍ଥନୀତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ଆର୍ଥିକ ଅନ୍ତର୍ନିବେଶ । ଏହାର ଅର୍ଥ ହେଲା ଲୋକମାନେ ଦେଶର

**ବିମୁଦ୍ରାୟନ, କ୍ୟାସଲେସ୍ ଅର୍ଥନୀତିର ସମ୍ଭାବନା ଓ ସୁବିଧା:** ବିମୁଦ୍ରାୟନର ସମ୍ଭାବ୍ୟ ଲାଭଗୁଡ଼ିକର ସମ୍ଭାବନା ବହୁତ । ସେଗୁଡ଼ିକ ହେଲା-ଟଙ୍କା ମହଜୁଦ ଓ ଲୁଚେଇ ରଖିବାର ସୁଯୋଗକୁ ସଂକୁଚିତ କରି ଅଧିକରୁ ଅଧିକ ଟଙ୍କାକୁ ଅର୍ଥ ବ୍ୟବସ୍ଥା ମଧ୍ୟକୁ ଆଣିବାରେ ସହାୟକ ହେବ । ଅର୍ଥ ସଞ୍ଚୟ ପ୍ରକ୍ରିୟା ଓ ବ୍ୟବସ୍ଥା ବୃଦ୍ଧିପାଇବ ଓ ଦେଶର ଅର୍ଥନୀତିରେ ପୁଞ୍ଜି ନିର୍ମାଣ ବଢ଼ିବ । ଲୋକଙ୍କ ମଧ୍ୟରେ ବ୍ୟାଙ୍କ କାରବାର ସାକ୍ଷରତା ବଢ଼ିବ ଓ ଲୋକେ ନଗଦ ପରିବର୍ତ୍ତେ ଡିଜିଟାଲ ବ୍ୟବସ୍ଥାର ଉପଯୋଗ ଅଧିକରୁ ଅଧିକ କରିବେ । ଏହି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହା ବ୍ୟାଙ୍କ

ସାମାଜିକ ବିକାଶକୁ ରୋକିବ । ଏହାଦ୍ୱାରା ଅର୍ଥନୀତି ସ୍ୱଚ୍ଛ ଓ ପରିଷ୍କାର ହେବ । ଦେଶର ଅଭିବୃଦ୍ଧି ହାର ବଢ଼ିବ ଏବଂ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ।

ଭାରତ ଭଳି ଦେଶରେ ଅଳ୍ପ ଦାରିଦ୍ର୍ୟ ଓ ସ୍ୱଳ୍ପ ଅଭିବୃଦ୍ଧି ହାରର ଆବଶ୍ୟକତା ରହିଛି; କାରଣ ଏହା ଲୋକଙ୍କ ସୁଖଶାନ୍ତି ବୃଦ୍ଧି ପାଇଁ ଲୋଡ଼ା । ଏଭଳି ବ୍ୟବସ୍ଥାରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ଅସମାନତା ହ୍ରାସ ପାଇବ । ସ୍ୱାଧୀନତାର ସତୁରୀ ବର୍ଷ ପରେ ମଧ୍ୟ ଭାରତରେ ଅଳ୍ପ ଲୋକଙ୍କ ହାତରେ ଅଧିକାଂଶ ଧନସମ୍ପତ୍ତି ରହିବ ଓ ଅନ୍ୟମାନେ ଗରିବ ରହିବେ ଏ କଥାକୁ ବରଦାସ୍ତ କରାଯାଇ ନ'ପାରେ । ଦେଶର ଆର୍ଥିକ ଅଭିବୃଦ୍ଧି ଓ ବିକାଶ ରଣନୀତିକୁ ବଦଳାଇବାର ସମୟ ଆସିଯାଇଛି । ସେ ଦିଗରେ ନିଷ୍ଠାର ସହ କାମ କରିବାକୁ ପଡ଼ିବ ।

**ପ୍ରସ୍ତାବନା :** ବିମୁଦ୍ରାୟନର ଲାଭକୁ ସୁସଂହତ କରିବା ପାଇଁ ଏଣିକି ନିୟମିତ ବ୍ୟବଧାନରେ ମଝିରେ ମଝିରେ ସରକାରଙ୍କୁ ବିମୁଦ୍ରାୟନ ପଦକ୍ଷେପ ନେବାକୁ ପଡ଼ିବ । ଟିକସ ବ୍ୟବସ୍ଥାକୁ ସମ୍ପ୍ରସାରିତ କରିବାକୁ ହେବ। ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆୟକର ବ୍ୟବସ୍ଥାରୁ ଛାଡ଼ କରାଯିବା ଉଚିତ । ଏହାଦ୍ୱାରା ସେମାନେ ନିଜ ବଳକା ଅର୍ଥକୁ ନିଜର ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଖର୍ଚ୍ଚ କରିପାରିବେ । ଟିକସ ବ୍ୟବସ୍ଥାକୁ ସରଳ କରିବା ସହ ଆୟ ଉତ୍ସରୁ ଟିକସ କାଟି ନେବାର ବ୍ୟବସ୍ଥା କରାଯିବା ଆବଶ୍ୟକ ।

ଅଣ ଆନୁଷ୍ଠାନିକ ଅର୍ଥନୀତିର ଆକାରକୁ ଯଥାସମ୍ଭବ ସଙ୍କୁଚିତ କରିବାକୁ ପଡ଼ିବ । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସବୁ କର୍ମଚାରୀ ଓ ବ୍ୟକ୍ତି ବିଶେଷଙ୍କୁ ଦିଆଯାଉଥିବା ଅର୍ଥ ଡିଜିଟାଲ ବ୍ୟବସ୍ଥାରେ କରାଯିବା ଆବଶ୍ୟକ। ଇଟ୍ରାଂଜାକସନ ଓ ଚେକ୍ ଆଦିର ବ୍ୟବହାରକୁ ଅଗ୍ରାଧିକାର ଦେବାକୁ ପଡ଼ିବ । ଡିଜିଟାଲ ବ୍ୟବସ୍ଥାରେ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାର ଉପରେ ଯେଉଁ ଦେୟ ଦେବାକୁ ପଡୁଛି ସରକାର ତାହାକୁ କମାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ । ଏହାଦ୍ୱାରା ବିପିଏଲ୍ କାର୍ଡଧାରୀ ଓ ଗରିବ ଲୋକେ ଏହି କାର୍ଡ ବ୍ୟବହାର ପାଇଁ ଅଧିକ ଆଗ୍ରହୀ ହେବେ। ଡିଜିଟାଲ କାରବାର ପାଇଁ କ୍ଷୁଦ୍ର ବ୍ୟବସାୟୀ, ବୁଲା ବିକାଳି, ଛୋଟ ଦୋକାନୀ, ପାନବାଲା ଆଦିଙ୍କୁ ସ୍ୱତନ୍ତ୍ର ରିଆତି ଦିଆଯିବା ଆବଶ୍ୟକ ।

ତେବେ ଦେଶର ଏକ ଲକ୍ଷ ଲୋକସଂଖ୍ୟା ପାଇଁ ମାତ୍ର ୦.୦୧ ବ୍ୟାଙ୍କ ଶାଖା ରହିଛି । ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ଏହା ଯଥେଷ୍ଟ କମ୍ । ତେଣୁ ଗ୍ରାମାଞ୍ଚଳ ସମେତ ଦେଶରେ ଆବଶ୍ୟକ ବ୍ୟାଙ୍କ ଶାଖା ଓ ବୀମା ଶାଖା ଖୋଲିବାକୁ ହେବ । ବ୍ୟାଙ୍କ ବ୍ୟବସ୍ଥାର ସୁପରିଚାଳନା ପାଇଁ ଏକ ଦୃଢ଼ ନିୟନ୍ତ୍ରକ ବ୍ୟବସ୍ଥା କରିବାକୁ ହେବ । ଡିଜିଟାଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଏହାର ନିରାପତ୍ତା ପ୍ରତି ଅଗ୍ରାଧିକାର ଦେବାକୁ ପଡ଼ିବ। ତା' ନ ହେଲେ ସାଇବର ଅପରାଧୀ ଲୋକଙ୍କ କଷ୍ଟାର୍ଜିତ ଧନ ଲୁଟି ନେବେ ।

ଡିଜିଟାଲ ସଚେତନତା ଓ ସାକ୍ଷରତା କ୍ୟାସ୍‌ଲେସ୍ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦୃଷ୍ଟିରୁ ସାରା ଦେଶରେ ବିଶେଷତଃ ଗ୍ରାମାଞ୍ଚଳରେ ସଚେତନତା ଅଭିଯାନକୁ ବ୍ୟାପକ କରିବା ସହ ବିଭିନ୍ନ ଗୋଷ୍ଠୀ, ବର୍ଗ ଓ ସଂଗଠନକୁ ଏଥିରେ ସାମିଲ କରିବାକୁ ହେବ । ଏଥିପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ । ତେବେ ଯାଇ ସ୍ୱଚ୍ଛ ଏବଂ ବଣ୍ଟନମୁଖୀ ଅଭିବୃଦ୍ଧି ହାର ହାସଲ କରାଯାଇ ପାରିବ ଓ ଅର୍ଥନୀତି ସମୃଦ୍ଧ ହେବ। ସର୍ବୋପରି ଏ କ୍ଷେତ୍ରରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ରହିବା ଆବଶ୍ୟକ ।

**ଉପସଂହାର** : କ୍ରିସିଲ ରିପୋର୍ଟ କହେ ଯେ ବିମୁଦ୍ରାୟନ ଭାରତୀୟ ଅର୍ଥନୀତିର ଚେହେରା ବଦଳାଇବାକୁ ସମର୍ଥ। ଏହା ଏକ ନୈତିକ ଓ ସ୍ୱଚ୍ଛ ବ୍ୟବସାୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ ବୋଲି ଅର୍ଥନୀତିଜ୍ଞ ମରୋଏଫ୍ ଗୁଲିଏନ ମତ ଦିଅନ୍ତି। ବିଶ୍ୱବ୍ୟାଙ୍କ ମଧ୍ୟ ଭାରତରେ ଡିଜିଟାଲ କାରବାର ଓ ଲେସକ୍ୟାଶ ଅର୍ଥନୀତିକୁ ସମର୍ଥନ କରୁଛି। ଭାରତରେ ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ଏହି ପ୍ରୟାସକୁ ସଫଳ କରିବ ବୋଲି ବିଶ୍ୱବ୍ୟାଙ୍କ ଆଶାବାଦୀ। ଏଥିରେ ଜନସହଯୋଗ ସହିତ ରାଜ୍ୟ ସରକାର, ଘରୋଇ ଓ କର୍ପୋରେଟ ଉଦ୍ୟୋଗସମୂହଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ। ତା' ନ ହେଲେ କ୍ୟାସଲେସ ଅର୍ଥନୀତି ସମ୍ଭବ ହୋଇପାରିବ ନାହିଁ।

ଲେଖକ ନୂଆଦିଲ୍ଲୀସ୍ଥିତ ସ୍କୁଲ ଅଫ୍ ଏକ୍ସଟେନସନ ଆଣ୍ଡ୍ ଡେଭଲପମେଣ୍ଟ ଷ୍ଟଡିଜ୍‌ର ଜଣେ ପ୍ରଫେସର।

# ଆପଣ ଜାଣନ୍ତି କି ?

## ବୈଧ ମୁଦ୍ରା (ଲିଗାଲ୍ ଟେଣ୍ଡର ମନି)

ଆଇନ୍ ଅନୁଯାୟୀ କୌଣସି ଦେଶର ମୁଦ୍ରା କିଣାବିକା ପାଇଁ ବିନିମୟର ମାଧ୍ୟମ ଭାବେ ବ୍ୟବହାର କରାଯିବା ସହ ଋଣ ପରିଶୋଧ ପାଇଁ ବ୍ୟବହାର କରାଯାଇପାରିବ। ଦେଶରେ ପ୍ରଚଳିତ ସମସ୍ତ ମୂଲ୍ୟର କାଗଜ ନୋଟ୍ ବୈଧ ମୁଦ୍ରା ଅନ୍ତର୍ଭୁକ୍ତ ହୋଇଥିବାବେଳେ ବିଭିନ୍ନ ମୂଲ୍ୟର ପଇସା ବା କଏନ୍‌ର ବୈଧତା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଥାଏ। ଏହାକୁ ଲଫୁଲ୍ ମନି ବା ଆଇନ୍‌ସମ୍ମତ ଟଙ୍କା ବୋଲି ମଧ୍ୟ କୁହାଯାଏ।

## ଟଙ୍କାର ବୈଧତା ଦୁଇପ୍ରକାରର

୧. ପରିମିତ ବୈଧ ମୁଦ୍ରା: କୌଣସି ମୂଲ୍ୟ ପ୍ରଦାନ ପାଇଁ ଏହି ମାଧ୍ୟମର ମୁଦ୍ରାକୁ ଏକ ସୀମା ମଧ୍ୟରେ ପ୍ରଦାନ କରିହେବ। ଅଧିକ ସଂଖ୍ୟାରେ ଏହି ପ୍ରକାରର ମୁଦ୍ରା ଗ୍ରହଣ କରିବାକୁ ଜଣେ ମନା କରିଦେଇପାରନ୍ତି ଏବଂ ଏଥିପାଇଁ ତାଙ୍କ ବିରୁଦ୍ଧରେ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। କଏନ୍ ବା ପଇସା ଏହି ପରିମିତ ବୈଧ ମୁଦ୍ରା ଅନ୍ତର୍ଭୁକ୍ତ।

୨. ଅପରିମିତ ବୈଧ ମୁଦ୍ରା: କୌଣସି ମୂଲ୍ୟ ପ୍ରଦାନ ପାଇଁ ଏହି ମାଧ୍ୟମର ଟଙ୍କା ପ୍ରଦାନ କରିବାର କୌଣସି ସୀମା ନାହିଁ। ଯଦି ଅଧିକ ପରିମାଣର ଏହି ଧରଣର ଟଙ୍କା ନେବାକୁ କେହି ମନା କରନ୍ତି ତେବେ ତାଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଭାରତରେ କାଗଜ ନୋଟ୍/ ଟଙ୍କା ଏହି ଅପରିମୀତ ବୈଧ ମୁଦ୍ରାର ଅନ୍ତର୍ଭୁକ୍ତ।

ଋଣ ପରିଶୋଧ ବା ବିନିମୟର ମାଧ୍ୟମ ଭାବେ ଗ୍ରହଣ କରିବାକୁ "ବୈଧ ମୁଦ୍ରା" ସେହି ଦେଶର ଆଇନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥାଏ । ଋଣ ପରିଶୋଧ ପରିପ୍ରେକ୍ଷୀରେ ଏହାକୁ ଗ୍ରହଣ କରିବା ବାଧ୍ୟତାମୂଳକ। କେନ୍ଦ୍ରୀୟ ବ୍ୟାଙ୍କ୍‌କୁ ଟଙ୍କା ପ୍ରଚଳନ କରିବା ପାଇଁ ସମସ୍ତ ଅଧିକାର ଦେଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଇନ୍ ୧୯୩୪ରେ କୁହାଯାଇଛି "ଭାରତର ଯେକୌଣସି ସ୍ଥାନରେ ସମସ୍ତ ବ୍ୟାଙ୍କ୍ ନୋଟ୍‌ଗୁଡ଼ିକୁ ବୈଧ ଭାବେ ବିବେଚନା କରାଯିବ ଏବଂ ଏଥିରେ ଲେଖାଥିବା ମୂଲ୍ୟ ଅନୁସାରେ ଏହାକୁ କାରବାର କରାଯାଇପାରିବ।" ନୋଟ୍‌ର ବୈଧତା ବା ରଦ୍ଦତା ଗୁରୁତ୍ୱପୂର୍ଣ୍ଣ କାରଣ କାଗଜ ନୋଟ୍‌ଗୁଡ଼ିକ ଏହାର ମୂଲ୍ୟ ସରକାରଙ୍କ ଜାଣତରେ ପ୍ରାପ୍ତ ହୋଇଥାନ୍ତି। ଗୋଟିଏ କାଗଜ ନୋଟ୍ ବଜାରରେ ମୁଦ୍ରାରୂପେ ପ୍ରଚଳିତ ହେବାକୁ ହେଲେ ଲୋକେ ଏହାକୁ ବିନା କୌଣସି ପ୍ରଶ୍ନରେ ଗ୍ରହଣ କରିବା ଆବଶ୍ୟକ। ଏକ ସରକାରୀ ଘୋଷଣା ଦ୍ୱାରା ଗୋଟିଏ କାଗଜ ନୋଟ୍‌ର ବୈଧତା ନେଇ ଘୋଷଣା ହେବା ଆବଶ୍ୟକ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏଥିରେ ଏହି ନୋଟ୍‌ଟି କାହାକୁ ପ୍ରଦାନ କରାଗଲେ ଧାରକକୁ ସମାନ ମୂଲ୍ୟର ଜିନିଷ ଦେବା ପାଇଁ 'ପେ ଦ ବିଅରର" ବା "ଧାରକକୁ ଦିଅ' ବୋଲି ଲେଖିଥାଆନ୍ତି। ଅବୈଧ ମୁଦ୍ରା: ଏହି ଧରଣର ଟଙ୍କାକୁ ସାଧାରଣତଃ ଗ୍ରହଣ କରାଯାଇଥାଏ ମାତ୍ର ଆଇନ୍‌ଗତ ଭାବେ ଏହା ଗ୍ରହଣ କରିବା ପାଇଁ କେହି ବାଧ୍ୟ ନୁହନ୍ତି। ଚେକ୍, ବ୍ୟାଙ୍କ୍ ଡ୍ରାଫ୍ଟ, ବିଲ୍ ଅଫ୍ ଏକ୍ସଚେଞ୍ଜ, ପୋଷ୍ଟାଲ୍ ଅର୍ଡର ଆଦି ବୈଧ ଟଙ୍କା ଅନ୍ତର୍ଭୁକ୍ତ ନୁହନ୍ତି ଏବଂ ଏଗୁଡ଼ିକ କେବଳ ଋଣଦାତା, ସୁଧଦାତା ଏବଂ ବିକ୍ରେତାଙ୍କ ଅନୁମତି ଅନୁସାରେ ସେମାନଙ୍କୁ ପ୍ରଦାନ କରାଯାଇପାରିବ। ଏହାକୁ ଇଚ୍ଛାଧିନ ଟଙ୍କା କୁହାଯାଏ କାରଣ ଏହା ଆଇନ୍‌ର ଅଧିସ୍ୱୀକୃତି ଲାଭ କରିନାହିଁ ଏବଂ ଏହାର ଗ୍ରହଣୀୟତା ବାଧ୍ୟତାମୂଳକ ନୁହେଁ।

## ଶକ୍ତି ସଂରକ୍ଷଣର ବାର୍ତ୍ତା ବିଶେଷ ଭାବରେ ପ୍ରସାରିତ ହେବା ଦରକାର : ରାଜ୍ୟପାଳ


ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ଆନୁକୂଲ୍ୟରେ ସଂରକ୍ଷଣ କ୍ଷମତା ମହୋତ୍ସବ ଆୟୋଜିତ ହେଉଛି । ଏକମାସ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ଗତ ଜାନୁଆରୀ ୧୬ ତାରିଖ ଦିନ ଭୁବନେଶ୍ୱର ଜୟଦେବ ଭବନଠାରେ ଶୁଭାରମ୍ଭ କରିଛନ୍ତି ରାଜ୍ୟପାଳ ଡ. ଏସ୍. ସି. ଜମୀର। ସଚେତନତା ଅଭିଯାନକୁ ଶୁଭାରମ୍ଭ କରି ରାଜ୍ୟପାଳ କହିଲେ ଯେ ସଂପ୍ରତି ପେଟ୍ରୋଲିୟମ ସାମଗ୍ରୀର ବ୍ୟବହାର ଏକ ଦେଶର ସମୃଦ୍ଧିର ପ୍ରମୁଖ ମାନକ ହୋଇଛି । ଅନ୍ୟ ଅଣପାରମ୍ପରିକ ଶକ୍ତି ଉତ୍ସର ଆବିଷ୍କାର ସତ୍ତ୍ୱେ ବି ପେଟ୍ରୋଲିୟମ କେବଳ ଭାରତରେ ନୁହେଁ; ସମଗ୍ର ପୃଥିବୀରେ ପ୍ରମୁଖ ଶକ୍ତି ଉତ୍ସ ଭାବରେ ବ୍ୟବହୃତ ହେଉଛି । ଏହି ଉତ୍ସର ବ୍ୟବହାର ଶୃଙ୍ଖଳିତ ହେବା ଦରକାର । ପେଟ୍ରୋଲିୟମ ଜାଳେଣିରେ ହାଇଡ୍ରୋକାର୍ବନ ରହିଛି ଏବଂ ଏଥିରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ଏହି ଗ୍ୟାସ୍ ସାଧାରଣ ଜୀବନ ଓ ପରିବେଶକୁ ପ୍ରଭାବିତ କରିବା ସହ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇଛି । ଏହି ଜାଳେଣିର ବ୍ୟବହାରରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହିତ ବିକଳ୍ପ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଯାହା କି ବାୟୁ ପ୍ରଦୂଷଣକୁ କମ୍ କରିପାରିବ । କୌଣସି ଅର୍ଥନୀତି କୋଇଲା, ପେଟ୍ରୋଲିୟମ, ବିଦ୍ୟୁତ୍ ଓ କାଠର ବ୍ୟବହାର ବିନା ତିଷ୍ଠିପାରିବ ନାହିଁ । ଶିଳ୍ପ ମଧ ଏହା ଉପରେ ନିର୍ଭରଶୀଳ । ଏହା କ୍ରମାଗତ କ୍ଷୟ ହେବାରେ ଲାଗିଛି; ଯାହା ଚିନ୍ତାର କାରଣ ହୋଇଛି । ଏହି ଶକ୍ତି ଉତ୍ସର ଉତ୍ପାଦନ କମିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବିକଳ୍ପ ଶକ୍ତି ଉତ୍ସର ଉପଯୋଗ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରକାଶନ ବିଭାଗ ଦ୍ୱାରା ଭାରତୀୟ ନ୍ୟାୟାଳୟଗୁଡ଼ିକର ଐତିହାସିକ କ୍ରମବିକାଶ ସମ୍ପର୍କିତ ପୁସ୍ତକ ପ୍ରକାଶିତ

ପ୍ରକାଶନ ବିଭାଗ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କ୍ରମବିକାଶ ସମ୍ପର୍କିତ ଏକ ପୁସ୍ତକ ନିକଟରେ ପ୍ରକାଶ କରିଛି। ସମ୍ବିଧାନ ଦିବସ ଅବସରରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଦିବସରେ ଭାରତର ପ୍ରଧାନ ବିଚାରପତି ଟି.ଏସ୍.ଠାକୁର ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆଇନ୍ ଓ ନ୍ୟାୟ ତଥା ଇଲେକଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ ରବି ଶଙ୍କର ପ୍ରସାଦ ଉପସ୍ଥିତ ଥିଲେ। ଏହି ପୁସ୍ତକଟିକୁ କଫି ଟେବୁଲ୍ ପୁସ୍ତକ ଭାବେ ଡିଜାଇନ୍ କରାଯାଇଛି ଏବଂ ଏଥିରେ ସଂରକ୍ଷିତ କରି ରଖିବା ଭଳି ବହୁ ବିରଳ ଫଟୋଚିତ୍ର ସାମିଲ୍ କରାଯାଇଛି।

"କୋର୍ଟସ୍ ଅଫ୍ ଇଣ୍ଡିଆ: ପାଷ୍ଟ୍ ଟୁ ପ୍ରେଜେଣ୍ଟ ଶୀର୍ଷକ ଏହି ପୁସ୍ତକଟିରେ ବିଶିଷ୍ଟ ବିଚାରପତି, ଆଇନଜୀବୀ, ପ୍ରଭାବଶାଳୀ ଆଇନଜ୍ଞଙ୍କ ଲେଖା ସ୍ଥାନୀତ ହୋଇଛି। ଏଥିପାଇଁ ସୁପ୍ରିମକୋର୍ଟ ଏକ ବିଶେଷଜ୍ଞ ସମ୍ପାଦନା ମଣ୍ଡଳୀ ବୋର୍ଡ ଗଠନ କରିଛନ୍ତି। ଭାରତରେ ପ୍ରଚଳିତ ବିଭିନ୍ନ ନ୍ୟାୟାଳୟର ପ୍ରକ୍ରିୟା, ଏହାର ଐତିହାସିକ ଭିତ୍ତିଭୂମି ଏବଂ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଏହି ପୁସ୍ତକରେ ଲେଖାଯାଇଛି। ଭାରତରେ ଥିବା ଆଇନ୍ ଓ ଆଇନ୍ ପ୍ରତିଷ୍ଠାନଗୁଡ଼ିକର ଇତିହାସ ସମ୍ପର୍କରେ ଏହି ପୁସ୍ତକ ସମ୍ୟକ୍ ସୂଚନା ଦିଏ। ଭାରତର କୋର୍ଟଗୁଡ଼ିକ ସରଳଭାବରେ ଏହାର ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ନାଗରିକମାନଙ୍କୁ ପରିଚିତ କରାଇବା ପାଇଁ ଚାହାନ୍ତି।

ଭାରତର ଉନ୍ନତ ସାଂସ୍କୃତିକ ଚିନ୍ତାଧାରା ଓ ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗ ଉପରେ ପ୍ରକାଶନ ବିଭାଗ ବହୁ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଉନ୍ମୋଚନ କରିଥାଏ। ଏହାର ଲକ୍ଷ୍ୟ ହେଲା କମ୍ ମୂଲ୍ୟରେ ଭଲ ପୁସ୍ତକର ପ୍ରକାଶନ ଓ ବିକ୍ରୀ କରି ସୂଚନା ବିତରଣ କରିବା।




**" କୋର୍ଟସ୍ ଅଫ୍ ଇଣ୍ଡିଆ - ପାଷ୍ଟ୍ ଟୁ ପ୍ରେଜେଣ୍ଟ" ପୁସ୍ତକ ସମ୍ବିଧାନ ଦିବସ ଅବସରରେ ଭାରତର ପ୍ରଧାନ ବିଚାରପତି ଟି.ଏସ୍ ଠାକୁରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆଇନ୍ ଓ ନ୍ୟାୟ ତଥା ଇଲେକଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ ରବି ଶଙ୍କର ପ୍ରସାଦ ଉପସ୍ଥିତ ଥିଲେ।**

# ଅନ୍ତର୍ଜାତୀୟ ପୁସ୍ତକ ପ୍ରଦର୍ଶନୀ ୨୦୧୭ରେ ପ୍ରକାଶନ ବିଭାଗର ଅଂଶଗ୍ରହଣ



ନୂଆଦିଲ୍ଲୀର ପ୍ରଗତୀ ମୈଦାନରେ ୨୦୧୭ ଜାନୁଆରୀ ୭ରୁ ୧୫ ପର୍ଯ୍ୟନ୍ତ ଆୟୋଜିତ ଅନ୍ତର୍ଜାତୀୟ ପୁସ୍ତକ ପ୍ରଦର୍ଶନୀରେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରକାଶନ ବିଭାଗ ଅଂଶଗ୍ରହଣ କରିଥିଲା। କଳା, ସଂସ୍କୃତି ଓ ଐତିହ୍ୟ ଉପରେ ପୁସ୍ତକ ପ୍ରକାଶ କରୁଥିବା ଏହି ବିଭାଗକୁ ପୁସ୍ତକ ପ୍ରଦର୍ଶନୀକୁ ଆସିଥିବା ଦର୍ଶକ ବେଶ୍ ପସନ୍ଦ କରିଥିଲେ।

ଭାରତୀୟ ପାନୋରାମାର ବିଭିନ୍ନ ଦିଗ ଯେପରିକି ଜାତୀୟ ନେତାମାନଙ୍କର ଆତ୍ମଜୀବନୀ, ଭାରତ ଇତିହାସ ଓ ସ୍ୱାଧୀନତା ସଂଗ୍ରାମ, ଜନସଂଖ୍ୟା ଓ ବାସସ୍ଥାନ, ବୃକ୍ଷଲତା ଓ ଜୀବଜନ୍ତୁ, ବିଜ୍ଞାନ, ପରିବେଶ ଏବଂ ଶିଶୁ ସାହିତ୍ୟ ଆଦିକୁ ପ୍ରକାଶନ ବିଭାଗ ସଂରକ୍ଷିତ କରି ରଖିବା ସହ ଏହାର ପ୍ରଦର୍ଶନ କରିଥାଏ। ପ୍ରକାଶନ ବିଭାଗ ଗାନ୍ଧିଜୀଙ୍କ ସୁବିଚାର ଉପରେ ବିଭିନ୍ନ ପୁସ୍ତକ ସମେତ ଇଂରାଜୀ ଭାଷାରେ ୧୦୦ ଭାଗ ବିଶିଷ୍ଟ ମହାତ୍ମାଗାନ୍ଧୀଙ୍କ ସାମଗ୍ରୀକ କୃତି ଏବଂ ହିନ୍ଦୀ ଭାଷାରେ ସଂପୂର୍ଣ୍ଣ ଗାନ୍ଧୀ ବାଙ୍ଗ୍‌ମୟ ପ୍ରକାଶ କରିଛି ଯାହାକୁ ଗାନ୍ଧୀଜୀଙ୍କ ଲେଖାର ସବୁଠାରୁ ବିସ୍ତୃତ ଓ ବିଶ୍ୱାସଯୋଗ୍ୟ ସମ୍ଭାର ବୋଲି ବିବେଚନା କରାଯାଏ।

ବିଭାଗ ଦ୍ୱାରା ପ୍ରକାଶିତ "ଭାରତ" ସିରିଜ୍ ଉପରେ ଥିବା ଲେଖା, ଆଧୁନିକ ଭାରତର ନିର୍ମାତାଙ୍କ ଉପରେ ଲେଖାର ସିରିଜ୍, ଏବଂ ନିକଟରେ ରାଷ୍ଟ୍ରପତି ଭବନ ଉପରେ ପ୍ରକାଶିତ ହୋଇଥିବା ପୁସ୍ତକ ଏବଂ "ଭାରତର ନ୍ୟାୟାଳୟ" ଉପରେ ଲେଖା ପୁସ୍ତକଗୁଡିକ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଇ-ବୁକ୍ ପ୍ରଦର୍ଶିତ କରିବା ପାଇଁ ଏହି ଷ୍ଟଲ୍‌ରେ ସ୍ୱତନ୍ତ୍ର ଇ-କିଓସ୍କମାନ ଖୋଲାଯାଇଥିଲା ଏବଂ ଇ-ବୁକ୍ ପ୍ରତି ମଧ୍ୟ ପାଠକ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଦର୍ଶକମାନେ ବିଭାଗ ଦ୍ୱାରା ପ୍ରକାଶିତ ଜର୍ଣ୍ଣାଲ୍ ଗୁଡିକର ବାର୍ଷିକ ଗ୍ରାହକ ହେବା ପାଇଁ ମଧ୍ୟ ଏଠାରେ ସୁଯୋଗ ପାଇଥିଲେ। ଶିଶୁ ସାହିତ୍ୟ, ଇତିହାସ, ସଂସ୍କୃତି ଓ ଅନ୍ୟ ସମସାମୟିକ ବିଷୟଗୁଡିକ ଉପରେ ୧୪ଟି ପୁସ୍ତକ ଏହି ପୁସ୍ତକ ମେଳା ସମୟରେ ଉନ୍ମୋଚନ କରାଯାଇଥିଲା। ଏଗୁଡିକ ମଧ୍ୟରେ ଲାଇଭ୍‌ସ୍ ଦାଟ୍ ଇନସ୍ପେୟାର୍ ଭଲ୍ୟୁମ୍-୧,୨,୩, ବନବାସୀ ବଚ୍ଛେ, ଉପହାର, ସାଂଚୀ କି ଗୁଡିଆ, ଭାରତ୍ କି ଲୋକ୍ କାହାନୀୟା, ବିବେକାନନ୍ଦ କି କାହାନୀ, ଭାରତ କା ଗୌରବ ଭାଗ-୨, ପର୍ଯ୍ୟାବରଣ ଓ ବିକାଶ, ଭାରତୀୟ ଲୋକ ସାହିତ୍ୟ, ପରମ୍ପରା ଓ ପରିଦୃଶ୍ୟ, ହିନ୍ଦୀ ଔର ଉସକୀ ଉପ୍‌ଭାଶାୟେଁ, ଆପନୀ ହିନ୍ଦୀ ସୱାଁରେ, ଆସାମ ଔର ମେଘାଳୟ କୀ ପ୍ରେସ୍ ପତ୍ରକାରୀତା, ଗଣେଷ ଶଙ୍କର ବିଦ୍ୟାର୍ଥୀ, ଜବାହାରଲାଲ୍ ନେହରୁ – ଶ୍ରଦ୍ଧାଞ୍ଜଳୀ ଆଦି ପୁସ୍ତକ ଅନ୍ୟତମ। ଏହି ଅବସରରେ "ଶିଶୁ ସାହିତ୍ୟ ଲେଖା କ୍ଷେତ୍ରରେ ସମସ୍ୟା", "ଅତୂଲ୍ୟ ଭାରତର ଚିତ୍ର", "ମହାତ୍ମାଗାନ୍ଧୀଙ୍କ ଉପରେ ସାହିତ୍ୟ: ଡିଜିଟାଲ୍ ଯୁଗରେ ଯୁବବର୍ଗଙ୍କ ଉପରେ ପ୍ରଭାବ" ଆଦି ଶୀର୍ଷକ ଆଲୋଚନାଚକ୍ରମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୁସ୍ତକ ମେଳାରେ ପ୍ରକାଶନ ବିଭାଗର ଅଂଶଗ୍ରହଣର ମହତ୍ୱପୂର୍ଣ୍ଣ ଦିଗ ହେଲା ଏଠାରେ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଭାରତ କୋଶ୍ ପୋର୍ଟାଲ୍ ମାଧ୍ୟମରେ ନଗଦବିହୀନ କାରବାର ସୁବିଧା ଉପଲବ୍ଧ କରାଯାଇଥିଲା। ଏଠାରେ ସମୁଦାୟ ବିକ୍ରୀର ୨୦% ଅର୍ଥ ଡେବିଟ୍/କ୍ରେଡିଟ୍ କାର୍ଡ ମାଧ୍ୟମରେ ପଇଠ କରାଯାଇଥିଲା। ଏହି ୯ ଦିନିଆ ପୁସ୍ତକମେଳାରେ ପ୍ରକାଶନ ବିଭାଗ ୧୭ ଲକ୍ଷ ଟଙ୍କାର ବହି ଓ ଜର୍ଣ୍ଣାଲ୍ ବିକ୍ରୀ କରିଥିଲା ଯାହା ବିଭାଗର ବିକ୍ରୀ ଇତିହାସରେ ସର୍ବାଧିକ ଥିଲା।



YOJANA (Odia) : Monthly
ISSN 0971-8346

February 2017

RNI No. 57203/93
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: Laxmi Art Printers, A-37, Refugee Colony, Laxmisagar, Bhubaneswar-6
Editor : Dr Girish Chandra Dash